୫୧ତମ ବର୍ଷ | ୨୪ ଏପ୍ରିଲ ୨୦୦୮ | ଦ୍ୱିତୀୟ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨


The future is full of possibilities for those who know how to prepare themselves for it.

*The future is full of possibilities for those who know how to prepare themselves for it.*

*– The Mother*

*ଭବିଷ୍ୟତ୍ ସେହିମାନଙ୍କ ପାଇଁ ସମ୍ଭାବନାପୂର୍ଣ୍ଣ ଯେଉଁମାନେ ଜାଣନ୍ତି ତାହା ନିମନ୍ତେ ନିଜକୁ କିପରି ପ୍ରସ୍ତୁତ କରିବାକୁ ହେବ ।*

*– ଶ୍ରୀମା*

(‘ନବଜ୍ୟୋତି’ ପତ୍ରିକାର ପ୍ରଥମ ପ୍ରକାଶନ ଉପଲକ୍ଷେ ମା’ଙ୍କ ପ୍ରଦତ୍ତ ବାଣୀ)

୫୧ତମ ବର୍ଷ          ୨୪ ଏପ୍ରିଲ ୨୦୦୮          ଦ୍ୱିତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ          ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୧୫ ଟଙ୍କା,   ବାର୍ଷିକ ଚାନ୍ଦା : ୬୦ ଟଙ୍କା,   ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୬୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଏପ୍ରିଲ, ୨୦୦୮]

**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ସଚ୍ଚିଦାନନ୍ଦ ଉପଲବ୍ଧି ଓ ଅତିମାନସ | ··· | ଶ୍ରୀଅରବିନ୍ଦ | ··· | ୫ |
| ଅତିମାନସ କ୍ରିୟାର କିଛି ଅନୁଭୂତି | ··· | ଶ୍ରୀମା | ··· | ୮ |
| ଯୋଗର ମନସ୍ତତ୍ତ୍ୱ | ··· | ଶ୍ରୀଅରବିନ୍ଦ | ··· | ୧୦ |
| ଆତ୍ମଦାନ କ୍ଷେତ୍ରରେ ବିରାଟ ବାଧା | ··· | ଶ୍ରୀମା | ··· | ୧୨ |
| ପୂର୍ଣ୍ଣସମତା | ··· | ଶ୍ରୀଅରବିନ୍ଦ | ··· | ୧୪ |
| ଚତୁର୍ଥ ମାତ୍ରାୟତନ | ··· | ଶ୍ରୀମା | ··· | ୧୬ |
| ଗୀତାର ଅସାମାନ୍ୟତା | ··· | ଶ୍ରୀଅରବିନ୍ଦ | ··· | ୧୯ |
| ଚିନ୍ତା ଉପରେ ପ୍ରଭୁତ୍ୱ | ··· | ଶ୍ରୀମା | ··· | ୨୦ |
| ସାଧକମାନଙ୍କ ସଙ୍ଗେ ଶ୍ରୀଅରବିନ୍ଦଙ୍କ ସାକ୍ଷାତ୍କାର | ··· | ··· | ··· | ୨୧ |
| ଯୋଗରେ ବାଧାବିଘ୍ନରୁହିଁ ମିଳେ ସମ୍ଭାବନାର ସୂଚନା | ··· | ଶ୍ରୀମା | ··· | ୨୪ |
| ସାଧନା ସଂପର୍କରେ ଶ୍ରୀଅରବିନ୍ଦଙ୍କ ସହ ପତ୍ରବିନିମୟ (୩୬) | ··· | ··· | ··· | ୨୫ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ପୁରାତନ ପରିବର୍ତ୍ତେ ନୂତନ ଆଲୋକ (୯) | ··· | ଶ୍ରୀଅରବିନ୍ଦ | ··· | ୨୭ |
| ଅଶ୍ୱିନୌ – ଇନ୍ଦ୍ର – ବିଶ୍ୱଦେବାଃ (ବେଦ-ରହସ୍ୟ) | ··· | ଶ୍ରୀଅରବିନ୍ଦ | ··· | ୩୨ |
| ଏକ ଅଭିନବ ମାନବ-ଗୋଷ୍ଠୀ | ··· | ଶ୍ରୀ ନଳିନୀକାନ୍ତ ଗୁପ୍ତ | ··· | ୩୭ |
| 'ନବଜ୍ୟୋତି କାର୍ଯ୍ୟାଳୟ' ସହିତ ମୋର ଅର୍ଦ୍ଧଶତାବ୍ଦୀର ସମ୍ପର୍କ (୨) | ··· | ଶ୍ରୀପତି ଦାସ | ··· | ୪୧ |

**ଜୀବନୀ ଓ ସ୍ମୃତିଚାରଣ**

| | | | | |
|---|---|---|---|---|
| ପଣ୍ଡିଚେରୀ : 'ତପସ୍ୟାର ଗୁହା' | ··· | ··· | ··· | ୪୫ |
| ଶ୍ରୁତି ଓ ସ୍ମୃତି (୩) | ··· | ଶ୍ରୀ ସନ୍ତୋଷ କୁମାର ରଥ | ··· | ୪୮ |

**ପ୍ରାଚୀନ ପରମ୍ପରା**

| | | | | |
|---|---|---|---|---|
| ବୌଦ୍ଧମାର୍ଗରେ ଶ୍ୱାସ-ପ୍ରଶ୍ୱାସର ସାଧନା | ··· | ··· | ··· | ୫୧ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ଗୁହ୍ୟବିଦ୍ୟା ସମ୍ବନ୍ଧରେ ଗଳ୍ପ | ··· | ଶ୍ରୀମା | ··· | ୫୪ |
| **ସମ୍ପାଦକୀୟ** | ··· | ··· | ··· | ୫୫ |


❖

## ବିଷୟଗୁଡ଼ିକର ମୂଳଗ୍ରନ୍ଥ ସୂଚନା

ପୃ : ୫ - ୭, (SABCL, Vol. - 22, p. 239 - 242); ପୃ : ୮ - ୯, (Notes on the Way, p. 202 -204); ପୃ : ୧୦ - ୧୧, (Essays Divine and Human, p. 92 - 95); ପୃ : ୧୨ - ୧୩, (Bulletin, Feb. 2008, p. 59 - 63); ପୃ : ୧୬ - ୧୮, ((Bulletin, April. 2001, p. 59 - 64); ପୃ : ୨୧-୨୩, (Evening Talks by A. B. Purani, Series -1, p. 34 - 38); ପୃ : ୨୫ - ୨୬, (Bulletin, April. 2001, p. 80 - 84)

There is no end to the wonders of the universe.

The more we get free from the limits of our small ego, the more these wonders disclose themselves to us.

– The Mother

ବିଶ୍ୱରେ ବିସ୍ମୟସବୁର କୌଣସି ଅନ୍ତ ନାହିଁ ।

ଆମେ ଯେତେ ଅଧିକ ଆମ କ୍ଷୁଦ୍ର ଅହଂର ସୀମାରୁ ମୁକ୍ତି ଲାଭ କରିବୁ, ଏହି ବିପୁଳ ବିସ୍ମୟସବୁ ସେତେ ଅଧିକ ଭାବରେ ଆମ ଆଗରେ ନିଜକୁ ଉଦ୍‌ଘାଟିତ କରିଦେବେ ।

– ଶ୍ରୀମା

*

We must learn to rely only on the Divine Grace and to call for its help in all circumstances; then it will work out constant miracles.

– The Mother

ଆମକୁ ଶିଖିବାକୁ ହେବ କେବଳ ଭଗବତ୍ କୃପା ଉପରେ ନିର୍ଭର କରିବା ପାଇଁ ଓ ସମସ୍ତ ପରିସ୍ଥିତିରେ ତାହାର ସହାୟତାକୁ ଆବାହନ କରିବା ପାଇଁ, ତା'ହେଲେ ଏହା ନିରନ୍ତର ଅଲୌକିକ କ୍ରିୟା ସମ୍ପନ୍ନ କରିବ ।

– ଶ୍ରୀମା



By remaining psychically open to the Mother, all that is necessary for work or Sadhana develops progressively, that is one of the chief secrets, the central secret of the Sadhana.

– Sri Aurobindo

ଚୈତ୍ୟଗତ ଭାବରେ ମା'ଙ୍କ ପ୍ରତି ଉନ୍ମୋଚିତ ହୋଇ ରହିବା ଦ୍ୱାରା କର୍ମ ପାଇଁ ବା ସାଧନା ପାଇଁ ଯାହାକିଛି ଆବଶ୍ୟକ ତାହା କ୍ରମଶଃ ଅଧିକରୁ ଅଧିକ ବିକଶିତ ହେବ, ଏହାହିଁ ହେଉଛି ସାଧନାର ପ୍ରଧାନ ରହସ୍ୟମାନଙ୍କ ଭିତରୁ ଅନ୍ୟତମ, ଏହାହିଁ ସାଧନାର କେନ୍ଦ୍ରୀୟ ଗୋପନ ରହସ୍ୟ ।

— ଶ୍ରୀଅରବିନ୍ଦ



# ସଚ୍ଚିଦାନନ୍ଦ ଉପଲବ୍ଧି ଓ ଅତିମାନସ

## ଶ୍ରୀଅରବିନ୍ଦ

ସଚ୍ଚିଦାନନ୍ଦ ଓ ନିମ୍ନତର ସୃଷ୍ଟିର ମଧ୍ୟବର୍ତ୍ତୀ ସ୍ଥଳରେ ରହିଛି ଅତିମାନସ । ଏକମାତ୍ର ଏହାରି ଭିତରେହିଁ ରହିଛି ଭଗବତ୍ ଚେତନାର ଆତ୍ମ-ନିର୍ଦ୍ଧାରଣକାରୀ ସତ୍ୟ, ଏବଂ ଏକ ସତ୍ୟ-ସୃଷ୍ଟି ନିମନ୍ତେ ଏହାର ପ୍ରୟୋଜନ ଅପରିହାର୍ଯ୍ୟ ।

ଅବଶ୍ୟ ଜଣେ ମନ, ପ୍ରାଣ ଓ ଶରୀରର ସମ୍ପର୍କ ଭିତରେ ସଚ୍ଚିଦାନନ୍ଦଙ୍କର ଉପଲବ୍ଧି ପାଇପାରେ — କିନ୍ତୁ ସେ କ୍ଷେତ୍ରରେ ଏହା ହୁଏ ଏପରି ଏକ ସ୍ଥିତିଶୀଳ ସ୍ଥିରତା ଯାହା ନିଜର ଉପସ୍ଥିତି ଦ୍ୱାରା ନିମ୍ନ-ପ୍ରକୃତିର ଆଶ୍ରୟଦାତା ହୋଇପାରେ କିନ୍ତୁ ତାହାକୁ ରୂପାନ୍ତରିତ କରିପାରେ ନାହିଁ । କେବଳ ଅତିମାନସହିଁ ନିମ୍ନ-ପ୍ରକୃତିକୁ ରୂପାନ୍ତରିତ କରିପାରେ ।

*

ସଚ୍ଚିଦାନନ୍ଦ ଚେତନା ନୁହେଁ, ଅତିମାନସ ଦିବ୍ୟଶକ୍ତିହିଁ ମନ, ପ୍ରାଣ ଓ ଶରୀରକୁ ରୂପାନ୍ତରିତ କରେ, ସଚ୍ଚିଦାନନ୍ଦ ଚେତନା ନିରପେକ୍ଷ ଭାବରେ ସବୁକିଛିକୁ ଆଶ୍ରୟ ଦେଇଥାଏ । କିନ୍ତୁ ସଚ୍ଚିଦାନନ୍ଦଙ୍କ ଅନୁଭୂତି ଦ୍ୱାରା, ବିଶୁଦ୍ଧ ସତ୍-ଚିତ୍-ଆନନ୍ଦର ଅନୁଭୂତି ଲାଭ ଦ୍ୱାରାହିଁ ଅତିମାନସ ଭିତରକୁ ଆରୋହଣ ଓ ଅତିମାନସର ଅବତରଣ (ଅନେକ ପରବର୍ତ୍ତୀ ଅବସ୍ଥାରେ) ସମ୍ଭବ ହୁଏ । କାରଣ ପ୍ରଥମେ ଆମକୁ ମାନସିକ, ପ୍ରାଣିକ ଓ ଦୈହିକ ଗଠନଗୁଡ଼ିକର ଗତାନୁଗତିକ ସୀମାବଦ୍ଧତା ଭିତରୁ ମୁକ୍ତ ହେବାକୁ ହେବ ଏବଂ ସଚ୍ଚିଦାନନ୍ଦର ଶାନ୍ତି, ସ୍ଥିରତା, ବିଶୁଦ୍ଧି ଏବଂ ବ୍ୟାପ୍ତିର ଅନୁଭୂତିହିଁ ପ୍ରଦାନ କରିଥାଏ ଏହି ମୁକ୍ତି ।

ଏକ ଶୂନ୍ୟତା ଭିତରକୁ ଚାଲିଯିବା ସଙ୍ଗେ ଅତିମାନସର ଆଦୌ କିଛି ସମ୍ପର୍କ ନାହିଁ । ଏହା ହେଉଛି ମନ ନିଜର ସୀମାଗୁଡ଼ିକୁ ଅତିକ୍ରମ କରିଯିବା ଏବଂ ଏକ ନେତିବାଚକ ଓ ଶାନ୍ତ ନୀରବତାର ଭାବକୁ ଅନୁସରଣ କରି ଏକ ବିରାଟ ଶୂନ୍ୟତାରେ ପହଞ୍ଚିଯିବା । ମନ ନିଜେ ଅଜ୍ଞାନତାରେ ରହିଥିବା ହେତୁ ପରମସତ୍ୟରେ ପ୍ରବେଶ କରିବା ପାଇଁ ଏହାକୁ ଆତ୍ମ-ବିଲୋପର ପଥ ଗ୍ରହଣ କରିବାକୁ ହୁଏ — ଅନ୍ତତଃ ସେ ଏହାହିଁ ମନେକରେ । କିନ୍ତୁ ଅତିମାନସ ସ୍ୱୟଂହିଁ ସତ୍ୟଚେତନା ଓ ଦିବ୍ୟଜ୍ଞାନ ହୋଇଥିବାରୁ, ସତ୍ୟରେ ପ୍ରବେଶ କରିବା ପାଇଁ ତାହାର ଆତ୍ମବିଲୋପର କୌଣସି ପ୍ରୟୋଜନ ନ ଥାଏ ।

*

ଅତିମାନସ ଚେତନାରେ କୌଣସି ସମସ୍ୟା ନାହିଁ — ସମସ୍ୟାଟି ସୃଷ୍ଟି ହୁଏ ମନ ଦ୍ୱାରା ତିଆରି ବିଭାଜନ ଦ୍ୱାରା । ଅତିମାନସ ଦିବ୍ୟ-ସତ୍ୟକୁ ଦେଖେ ଏକ ଅଦ୍ୱୈତ ସାମଗ୍ରିକ ସତ୍ୟ ରୂପେ ଏବଂ ସେହି ସମଗ୍ର ଭିତରେ ପ୍ରତିଟି ବସ୍ତୁ ତା'ର ନିଜ ନିଜର ଯଥାର୍ଥ ସ୍ଥାନରେ ରହିଥାଆନ୍ତି । ଅତିମାନସ ମଧ୍ୟ ଆଧ୍ୟାତ୍ମିକ, କିନ୍ତୁ ପ୍ରାଚୀନ ଯୋଗସବୁ ସଚ୍ଚିଦାନନ୍ଦରେ ପହଞ୍ଚନ୍ତି ଆଧ୍ୟାତ୍ମିକ ମାନସ ମଧ୍ୟ ଦେଇ ଏବଂ ସଚ୍ଚିଦାନନ୍ଦର ଚିରନ୍ତନ ଭାବେ ସ୍ଥିତିଶୀଳ ଏକ ବା କୈବଲ୍ୟ ଭିତରକୁ ବା ବରଂ ଶୁଦ୍ଧି, ଅଖଣ୍ଡ ଓ ଚିରନ୍ତନ ସତ୍ ଭିତରକୁ, ଅଥବା ତା' ନ ହେଲେ ଏକ ଶୁଦ୍ଧ, ନିର୍ବିଶେଷ ଓ ଚିରନ୍ତନ ଅନସ୍ତି ଭିତରକୁ ପ୍ରସ୍ଥାନ କରନ୍ତି । ଆମର ପନ୍ଥା ହେଉଛି ଆଧ୍ୟାତ୍ମିକ-ମାନସ ସ୍ତରରେ ସଚ୍ଚିଦାନନ୍ଦଙ୍କୁ ଉପଲବ୍ଧି କରିସାରି ତାହାଙ୍କୁ ପୁଣି ଅତିମାନସ ସ୍ତରରେ ଉପଲବ୍ଧି କରିବା ପାଇଁ ଅଗ୍ରସର ହେବା ।

ପରମ ଜଗଦତୀତ ସଚ୍ଚିଦାନନ୍ଦ ରହିଛନ୍ତି ସବୁକିଛିର ଊର୍ଦ୍ଧ୍ୱରେ । ଅତିମାନସକୁ ତାଙ୍କ ଆତ୍ମ-ସଚେତନତା ଓ ବିଶ୍ୱ-ସଚେତନତାର ଏକ ଶକ୍ତି ହିସାବରେ ବର୍ଣ୍ଣନା କରାଯାଇପାରେ କାରଣ ବିଶ୍ୱକୁ ଜାଣିହୁଏ ତା'ର ନିଜ ଭିତରେ, ବାହାରେ ନୁହେଁ । ତେଣୁ ପରମ ସଚ୍ଚିଦାନନ୍ଦଙ୍କ ଭିତରେ ସଚେତ ଭାବରେ ବାସ କରିବାକୁ ହେଲେ ଅତିମାନସ ମଧ୍ୟ ଦେଇହିଁ ଯିବାକୁ ହେବ । ଅଭିବ୍ୟକ୍ତ ସୃଷ୍ଟିରୁ ପୃଥକ୍ ହୋଇ ଯଦି ଜଣେ ଜଗଦତୀତ ସତ୍ୟରେହିଁ ରୁହେ ଆଉ କୌଣସି ସମସ୍ୟା ବା ସମାଧାନର ସ୍ଥାନ ନାହିଁ । କିନ୍ତୁ ଯଦି ଜଣେ ସେହି ଏକ ସମୟରେ ବିଶ୍ୱାତୀତ ଓ ବିଶ୍ୱଦୃଷ୍ଟି ଭିତରେ ବାସ କରିବାକୁ ଚାହେଁ ତେବେ ପରମ ସଚ୍ଚିଦାନନ୍ଦଙ୍କ ଭିତରେ ଅତିମାନସ ଚେତନା ଦ୍ୱାରାହିଁ ତାହା ସମ୍ଭବ । ତେଣୁ ଏ ସମ୍ପର୍କରେ କୌଣସି ପ୍ରଶ୍ନ ଉଠିବ କାହିଁକି ? ବିଶ୍ୱଜଗତ୍ ସମ୍ପର୍କରେ ପରମ ସଚ୍ଚିଦାନନ୍ଦଙ୍କ ଦୃଷ୍ଟି ବା ବର୍ଣ୍ଣନା ଏବଂ ତାହା ସମ୍ପର୍କରେ ଅତିମାନସ ଦୃଷ୍ଟି ବା ବର୍ଣ୍ଣନା ଭିତରେ

ପାର୍ଥକ୍ୟ ରହିବ କାହିଁକି ? ତୁମର ଅସୁବିଧାଟି ବୋଧହୁଏ ଆସୁଛି ଉଭୟ ବିଷୟରେ ତୁମେ କେବଳ ମନର ପରିଭାଷାରେହିଁ ଚିନ୍ତା କରୁଛ ।

ଅତିମାନସ ହେଉଛି ସମ୍ପୂର୍ଣ୍ଣ ପୃଥକ୍ ଏକ ଚେତନା, ଏହା ଯେ ଆଧ୍ୟାତ୍ମିକ-ମାନସଠାରୁ ଏକ ପୃଥକ୍, ଖାଲି ସେତିକି ନୁହେଁ, ଏପରିକି ଆଧ୍ୟାତ୍ମିକ-ମାନସଠାରୁ ମଧ୍ୟ ଉଚ୍ଚତର ଯେଉଁ ଚେତନାର ସ୍ତରଗୁଡ଼ିକ ଅଧ୍ୟାତ୍ମ-ମାନସ ଓ ଅତିମାନସ ଭିତରେ କ୍ରିୟା କରନ୍ତି, ସେଗୁଡ଼ିକଠାରୁ ମଧ୍ୟ ତାହା ପୃଥକ୍ । ଥରେ ଯଦି ଜଣେ ଅଧ୍ୟାତ୍ମାନସକୁ ଅତିକ୍ରମ କରି ଅତିମାନସରେ ଉପନୀତ ହୁଏ ତେବେ ସେ ଏପରି ଏକ ଚେତନାରେ ପ୍ରବେଶ କରେ, ଯେଉଁଠି ଅନ୍ୟାନ୍ୟ ସ୍ତରର ମାନଗୁଡ଼ିକ ଆଦୌ ପ୍ରଯୁଜ୍ୟ ହୁଏ ନାହିଁ ଏବଂ ଯେଉଁଠି ସେହି ସମାନ ସତ୍ୟ, ଉଦାହରଣସ୍ୱରୂପ ସଚ୍ଚିଦାନନ୍ଦ ଏବଂ ଏହି ବିଶ୍ୱର ସତ୍ୟ ସମ୍ପୂର୍ଣ୍ଣ ଭିନ୍ନ ଭାବରେ ପରିଦୃଷ୍ଟ ହୁଏ ଏବଂ ତାହାର ଏକ ଭିନ୍ନ ସକ୍ରିୟ ଗତିଶୀଳ ପରିଣାମ ମଧ୍ୟ ରହିଥାଏ । ଏହି ପରିଣାମଟି ଅପରିହାର୍ଯ୍ୟ ରୂପେ ଆସିଥାଏ ଏହି କାରଣରୁ ଯେ ଅତିମାନସର ରହିଥାଏ ଏକ ଅବିଭାଜିତ, ଅଖଣ୍ଡ ଜ୍ଞାନ ଯେତେବେଳେ ଅଧ୍ୟାତ୍ମାନସରେ ଯାତ୍ରାରମ୍ଭ ହୁଏ ବିଭାଜନ ଭିତରୁ ଏକ ଐକ୍ୟ ଦ୍ୱାରା ଏବଂ ମନ ଆରମ୍ଭ କରେ ବିଭାଜନକୁ ପ୍ରଥମ ତଥ୍ୟ ହିସାବରେ ଗ୍ରହଣ କରି, କାରଣ ତାହାହିଁ ତା'ର ଜ୍ଞାନର ସ୍ୱାଭାବିକ ପ୍ରକ୍ରିୟା ।

ସବୁଗୁଡ଼ିକ ସ୍ତରରେ ସଚ୍ଚିଦାନନ୍ଦଙ୍କ ସମ୍ପର୍କରେ ମୌଳିକ ଅନୁଭୂତି ହେଉଛି ସମାନ ଏବଂ ତାହା ହେଉଛି ବିଶୁଦ୍ଧ ସତ୍, ଚିତ୍, ଆନନ୍ଦ, ଏବଂ ମନ ଅନେକ ସମୟରେ ଏହି ଏକ ମାତ୍ର ସତ୍ୟରେହିଁ ସନ୍ତୁଷ୍ଟ ରହିଥାଏ ଏବଂ ଅନ୍ୟସବୁ କିଛିକୁ ଏକ ବିରାଟ ଭ୍ରମର ଅଂଶ ରୂପେ ମନେକରି ସେଗୁଡ଼ିକୁ ବାଦ୍ ଦେଇଥାଏ । କିନ୍ତୁ ଭଗବାନଙ୍କର ବା ଦିବ୍ୟ ଅସ୍ତିତ୍ୱର ଏକ ସକ୍ରିୟ, ଗତିଶୀଳ ଅନୁଭୂତି ରହିଛି (ଉଦାହରଣସ୍ୱରୂପ ଏକ ଓ ବହୁ, ବ୍ୟକ୍ତିକ ଓ ନୈର୍ବ୍ୟକ୍ତିକ, ଅସୀମ ଓ ସସୀମ ଆଦି) ଯାହାକି ପୂର୍ଣ୍ଣଜ୍ଞାନ ପାଇଁ ଅପରିହାର୍ଯ୍ୟ । ଉଚ୍ଚତର ସ୍ତରରେ, ମଧ୍ୟବର୍ତ୍ତୀ ଆଧ୍ୟାତ୍ମିକ ସ୍ତରରେ ବା ଅତିମାନସ ସ୍ତରରେ ଯେଉଁସବୁ ସକ୍ରିୟ ଅନୁଭୂତି ହୋଇଥାଏ ସେଗୁଡ଼ିକ ସହ ନିମ୍ନତର ସ୍ତରରେ ହେଉଥିବା ସକ୍ରିୟ ଅନୁଭୂତିଗୁଡ଼ିକ ସମାନ ନୁହେଁ । ଅତିମାନସ ବ୍ୟତୀତ ଅନ୍ୟାନ୍ୟ ସ୍ତରରେ ସମସ୍ତ ବିରୋଧଗୁଡ଼ିକୁ ଏକତ୍ର ରଖାଯାଇ ସେଗୁଡ଼ିକ ଭିତରେ କେବଳ ଏକ ସୁସଂଗତି ଅଣାଯାଇପାରେ, କିନ୍ତୁ ଅତିମାନସ ସ୍ତରରେ ସେଗୁଡ଼ିକ ପରସ୍ପର ସହ ଏକତ୍ରୀଭୂତ ଭାବରେ ମିଳିତ ଓ ଅବିଚ୍ଛେଦ୍ୟ ଭାବରେ ଏକ, ଏହା ନିଶ୍ଚୟ ଏକ ବିରାଟ ପାର୍ଥକ୍ୟ ।

ଏହି ବିଶ୍ୱ ହେଉଛି ସକ୍ରିୟ, ଗତିଶୀଳ – ଏହି ସକ୍ରିୟତା ଓ ଗତିଶୀଳତାକୁ ବାଦ୍ ଦେଲେ ସଚ୍ଚିଦାନନ୍ଦଙ୍କ ମୌଳିକ ଅନୁଭୂତି ହେବ ସ୍ଥିତିଶୀଳ । ସଚ୍ଚିଦାନନ୍ଦ ଓ ବିଶ୍ୱର ପୂର୍ଣ୍ଣ ସକ୍ରିୟ ଓ ଗତିଶୀଳ ସତ୍ୟ ତଥା ତାହାର ପରିଣାମକୁ ଅତିମାନସ ବ୍ୟତୀତ ଅନ୍ୟ କୌଣସି ଚେତନା ଦ୍ୱାରା ଧରିହୋଇ ପାରିବ ନାହିଁ, କାରଣ ଅନ୍ୟ ସମସ୍ତ (ନିମ୍ନତର) ସ୍ତରରେ କରଣଗୁଡ଼ିକ ନିକୃଷ୍ଟତର ଏବଂ ସେଇଥିପାଇଁ ସ୍ଥିତିଶୀଳ ଅନୁଭୂତିର ପୂର୍ଣ୍ଣତା ଓ ଅନ୍ୟାନ୍ୟ ସ୍ତରର ଅପେକ୍ଷାକୃତ ନିକୃଷ୍ଟ ଆଲୋକ ଓ ଶକ୍ତିର ଫଳସ୍ୱରୂପ ଗତିଶୀଳ ଶକ୍ତି ଓ ଜ୍ଞାନର ଯେଉଁ ଅପୂର୍ଣ୍ଣତା, ଏଦୁଇଟି ଭିତରେ ଏକ ପ୍ରଭେଦ ଦେଖାଦିଏ । ଏହି କାରଣରୁହିଁ ଅନ୍ୟାନ୍ୟ ଆଧ୍ୟାତ୍ମିକ ସ୍ତରସବୁର ଚେତନା, ଏପରିକି ଯଦି ବି ସେଗୁଡ଼ିକର ଅବତରଣ ଘଟେ, ତଥାପି ମଧ୍ୟ ପାର୍ଥିବ ଚେତନାରେ କୌଣସି ମୌଳିକ ପରିବର୍ତ୍ତନ ହୁଏ ନାହିଁ, ତାହା କେବଳ ପାର୍ଥିବ ଚେତନାକୁ କିଛିଟା ସଂଶୋଧିତ ବା ସମୃଦ୍ଧ କରିପାରେ । ମୌଳିକ ରୂପାନ୍ତର ପାଇଁ ଅତିମାନସ ଶକ୍ତି ଓ ପ୍ରକୃତିର ଅବତରଣ ସମ୍ପୂର୍ଣ୍ଣ ଅପରିହାର୍ଯ୍ୟ ।

ଦୁଇ ଶ୍ରେଣୀର ସଚ୍ଚିଦାନନ୍ଦ କଥା କୁହାଯାଇ ପାରିବ ନାହିଁ, କାରଣ ସଚ୍ଚିଦାନନ୍ଦ ସବୁ ସମୟରେ ସମାନ – କିନ୍ତୁ ଅନୁଭୂତି ଲାଭ କରୁଥିବା ଚେତନାର ମାତ୍ରାନୁଯାୟୀ ସଚ୍ଚିଦାନନ୍ଦ ଓ ବିଶ୍ୱ-ସମ୍ପର୍କରେ ଜ୍ଞାନର ତାରତମ୍ୟ ହୋଇପାରେ ।

ଭଗବାନଙ୍କ ସମ୍ପର୍କରେ ବ୍ୟକ୍ତିଗତ ଉପଲବ୍ଧି କେତେବେଳେ ସାକାର ରୂପେ ଆସିପାରେ ବା କେତେବେଳେ ଆକାର ବିହୀନ ରୂପରେ ଆସିପାରେ । ଆକାର ବିହୀନ ରୂପରେ ଆସିଲା ବେଳେ ଏହା ପ୍ରତ୍ୟେକ ବସ୍ତୁରେ ଏକ ଭଗବତ୍ ବ୍ୟକ୍ତିଙ୍କର ପ୍ରାଣବନ୍ତ ଦିବ୍ୟ ଉପସ୍ଥିତି ରୂପେ ଅନୁଭୂତ ହୁଏ । ସାକାର ରୂପରେ ଏହା ଆସିଥାଏ ସେହି ରୂପର ପ୍ରତିମୂର୍ତ୍ତି ନେଇ, ଯେଉଁ ରୂପରେ ତାଙ୍କୁ ପୂଜା କରାଯାଏ । ଭଗବାନ୍ ସର୍ବଦାହିଁ ତାଙ୍କ ଭକ୍ତ ଓ ଉପାସକମାନଙ୍କ ଆଗରେ ନିଜକୁ ପ୍ରକାଶ କରିପାରନ୍ତି । ଯେଉଁ ରୂପରେ ତାଙ୍କର ପୂଜା କରାଯାଏ, ବା ତାଙ୍କର ଅନ୍ୱେଷଣ କରାଯାଏ ବା ଉପାସ୍ୟ ସେହି ଇଷ୍ଟ ଦେବତାଙ୍କ ପାଇଁ ଯେଉଁ ରୂପ ଉପଯୁକ୍ତ ହୁଏ ସେହି ରୂପରେହିଁ ସାଧକ ତାଙ୍କର ଦର୍ଶନ ଲାଭ କରିଥାଏ । କିପରି ଭାବରେ ସେ ନିଜକୁ ପ୍ରକାଶ ଓ ଅଭିବ୍ୟକ୍ତ କରନ୍ତି ତାହା ନିର୍ଭର କରେ

ଅନେକଗୁଡ଼ିଏ ଜିନିଷ ଉପରେ ଏବଂ ତାଙ୍କର ବୈଚିତ୍ର୍ୟ ଏପରି ବହୁମୁଖୀ ଯେ ତାହାକୁ ଗୋଟିଏ କୌଣସି ନିର୍ଦ୍ଦିଷ୍ଟ ନିୟମ ବା ବିଧାନରେ ବାନ୍ଧିଦେଇ ହେବ ନାହିଁ । କେତେକ ସମୟରେ ଏହି ଦିବ୍ୟ ଉପସ୍ଥିତି ସାକାର ରୂପରେ ହୃଦୟ ମଧ୍ୟରେ ଦର୍ଶନ ଦେଇଥାଆନ୍ତି, କେତେକ ସମୟରେ ଅନ୍ୟାନ୍ୟ କେନ୍ଦ୍ରମାନଙ୍କ ଭିତରୁ ଯେକୌଣସିଟିରେ, କେତେକ ସମୟରେ ଉର୍ଦ୍ଧ୍ୱରେ ତାଙ୍କର ଦର୍ଶନ ଲାଭ ହୁଏ ଏବଂ ସେଠାରୁ ସେ ଆମକୁ ଚାଳନା କରୁଥାଆନ୍ତି ଏବଂ କେତେକ ସମୟରେ ମଧ୍ୟ ଆମ ବାହାରେ ଓ ସମ୍ମୁଖରେ ତାଙ୍କର ଦର୍ଶନ ମିଳେ ଏକ ଦେହଧାରୀ ଦିବ୍ୟବ୍ୟକ୍ତି ରୂପେ । ଏହାର ସୁବିଧା ସୁଯୋଗର ଦିଗଟି ହେଉଛି ତାଙ୍କ ସଙ୍ଗେ ଏକ ଅନ୍ତରଙ୍ଗ ସମ୍ପର୍କ ଏବଂ ତାଙ୍କର ନିରନ୍ତର ନିର୍ଦ୍ଦେଶନା ଲାଭ କିଂବା ଯଦି ନିଜ ଭିତରେ ତାଙ୍କର ଦର୍ଶନ ଓ ଅନୁଭୂତି ଲାଭ ହୁଏ, ତା'ହେଲେ ସେହି ନିରନ୍ତର ଦିବ୍ୟ ଉପସ୍ଥିତିର ଏକ ଅତ୍ୟନ୍ତ ଶକ୍ତିଶାଳୀ ଓ ସୁନିର୍ଦ୍ଦିଷ୍ଟ ଉପଲବ୍ଧି ମିଳେ । କିନ୍ତୁ ନିଜର ପୂଜା-ଆରାଧନା ଓ ଅନ୍ୱେଷଣର ଶୁଦ୍ଧତା ସମ୍ପର୍କରେ ଆମକୁ ଅତ୍ୟନ୍ତ ନିଶ୍ଚିତ ରହିବାକୁ ହେବ, କାରଣ ଏହି ଧରଣର ଦେହଧାରୀ ରୂପ ସଙ୍ଗରେ ସମ୍ପର୍କ ସ୍ଥାପନର ଅସୁବିଧା ବା ବିପଦର ଦିଗଟି ହେଉଛି ଅନ୍ୟ ଧରଣର ଶକ୍ତିସବୁ ମଧ୍ୟ ଏହି ରୂପର ଅନୁକରଣ କରିପାରନ୍ତି ବା ଏକ ଜାଲ୍ କଣ୍ଠସ୍ୱର ନେଇ ଭୁଲ୍ ନିର୍ଦ୍ଦେଶନାମାନ ଦେଇପାରନ୍ତି ଏବଂ ଏହା ଅଧିକତର ଶକ୍ତିପାଏ ଯଦି ଏହା ଏକ ଯଥାର୍ଥ ଶୁଦ୍ଧରୂପ ନ ହୋଇ ଏକ କଳ୍ପନା ଗଠିତ ମୂର୍ତ୍ତି ହୁଏ । କେହି କେହି ଏହି ଭାବରେ ବିପଥଗାମୀ ହୋଇ ଥାଆନ୍ତି କାରଣ ସେମାନଙ୍କ ଭିତରେ ଗର୍ବ, ଆତ୍ମବଡ଼ିମା ଓ କାମନାବାସନା ପ୍ରବଳ ରହିଥିଲା ଏବଂ ସେମାନଙ୍କ ଭିତରୁ ସୂକ୍ଷ୍ମତର ସେହି ଚୈତ୍ୟ ଅନୁଭୂତିଟିକୁ ହରଣ କରି ନେଇଥିଲା, ଯାହା ମାନସିକ ନୁହେଁ ଏବଂ ଯାହା ଏହି ଧରଣର ବିପଥଗମନ ଓ ବିଭ୍ରାନ୍ତି ଉପରେ ସଙ୍ଗେ ସଙ୍ଗେ ମା'ଙ୍କର ଆଲୋକକୁ ନିକ୍ଷେପ କରିପାରେ । ✣

# ସାର୍ବଭୌମ ରାଜକୀୟତା

## ଶ୍ରୀମା

ନିଜ ପାଇଁ କୌଣସି ଚିନ୍ତା ନ କରିବାରେ ଏକ ସାର୍ବଭୌମ ରାଜକୀୟତା ରହିଛି । କୌଣସି କିଛି ପାଇଁ ଆବଶ୍ୟକତା ରହିବାର ଅର୍ଥ ହେଉଛି ଏକ ଦୁର୍ବଳତାକୁ ପ୍ରଶ୍ରୟ ଦେବା; କୌଣସି କିଛିର ଦାବି ବା ଅଧିକାର ପାଇଁ ଇଚ୍ଛା ପ୍ରମାଣ କରେ ଯେ ଆମେ ଯାହା ଦାବି କରୁଛୁ ତାହାର ଅଭାବ ଆମ ଭିତରେ ଅଛି । କାମନା କରିବାର ଅର୍ଥ ହେଉଛି ଆମର କ୍ଲୀବତ୍ୱ; ଏହା ହେଉଛି ଆମର ସୀମାଗୁଡ଼ିକୁ ମାନିନେବା ଓ ସେଗୁଡ଼ିକୁ ଅତିକ୍ରମ କରିବା ପାଇଁ ଆମର ଅସାମର୍ଥ୍ୟକୁ ସ୍ୱୀକାର କରିନେବା ।

ଯଦି କେବଳ ନ୍ୟାୟୋଚିତ ଗର୍ବର ଦୃଷ୍ଟିକୋଣରୁ ବିଚାର କରାଯାଏ, ତେବେ ମନୁଷ୍ୟ ଏପରି ମହତ୍ ହେବା ଉଚିତ ଯେତେବେଳେ କି ସେ ତା'ର ସମସ୍ତ କାମନାକୁ ପରିତ୍ୟାଗ କରିଦେବ । ଜୀବନଠାରୁ ବା ସେହି ଜୀବନକୁ ସଂଜୀବିତ କରିଥିବା ପରମ ଚେତନାଠାରୁ ନିଜ ପାଇଁ କିଛି ମାଗିବା କେଡ଼େ ଅପମାନଜନକ । ଆମ ପାଇଁ ଏହା କେଡ଼େ ଅପମାନଜନକ ଓ ସେହି ଭଗବତୀ ଜନନୀଙ୍କ ବିରୋଧରେ କେଡ଼େ ଅଜ୍ଞାନମୟ ଅପରାଧ ! କାରଣ ସବୁ କିଛି ରହିଛି ଆମର ପହଞ୍ଚ ଭିତରେ; କେବଳ ଆମ ସତ୍ତାର ଅହଂଗ୍ରସ୍ତ ସୀମାହିଁ ଆମକୁ ବାଧା ଦେଉଛି ସମଗ୍ର ବିଶ୍ୱକୁ ସେହିଭଳି ସମ୍ପୂର୍ଣ୍ଣ ଓ ନିର୍ଦ୍ଦିଷ୍ଟ ଭାବରେ ଉପଭୋଗ କରିବା ପାଇଁ ଯେଉଁଭଳି ଆମେ ଆମର ଶରୀର ଓ ତା'ର ଆଶୁ ପରିବେଶଗୁଡ଼ିକ ଉପରେ ନିଜର ଅଧିକାର ଜାହିର ରଖିଥାଉ ।

(ବୁଲେଟିନ୍, ଫେବ୍ରୁଆରି ୨୦୦୮, ପୃଷ୍ଠା -୨୧)

রূপান্তরর পথ

# ଅତିମାନସ କ୍ରିୟାର କିଛି ଅନୁଭୂତି

## (୧୯ ନଭେମ୍ବର ୧୯୬୯)

ଶ୍ରୀମା

ଶିଷ୍ୟ : କିନ୍ତୁ ଆଗରୁ, ଅନେକ ସମୟରେ ଆପଣ ଯେତେବେଳେ ଏହି ଅତିମାନସ ଅନୁଭୂତି ବିଷୟରେ କୁହନ୍ତି, ଆପଣ ଏହାର ଦୁରନ୍ତ ଗତି ବିଷୟରେ କୁହନ୍ତି, ଏବଂ କୁହନ୍ତି ଯେ ସେହି ଏକ ସଙ୍ଗରେ ଏହା ମଧ୍ୟ ଯେପରି ସମ୍ପୂର୍ଣ୍ଣ ନିଶ୍ଚଳ । ଆପଣ ବରାବର ଏହା କହିଥାଆନ୍ତି ।

ଶ୍ରୀମା : କିନ୍ତୁ ତୁମେ ତ ଜାଣ, କେବେ କ'ଣ କହିଥାଏ, ଅଧିକାଂଶ ସମୟରେ ତାହା ମୋର ଆଉ ମନେ ନ ଥାଏ ।

ଶିଷ୍ୟ : ଆପଣ କୁହନ୍ତି ଯେ ଏହାର ସ୍ପନ୍ଦନ ଏତେ ଅଧିକ ଦ୍ରୁତ ଯେ ତାହାକୁ ପ୍ରାୟ ଧରି ହୁଏ ନାହିଁ, ଏହା ଯେପରି ଜମାଟ ବାନ୍ଧି ନିଶ୍ଚଳ ହୋଇଯାଏ ।

ଶ୍ରୀମା : ହଁ, ଏହା ପ୍ରକୃତରେ ଏକ ବିପୁଳ ଐଶ୍ୱର୍ଯ୍ୟ ଯାହା ଭିତରେ ଆଜି ସକାଳେ ମୁଁ ବେଶ୍ କେଇଘଣ୍ଟା କଟାଇଥିଲି ।

ଏବଂ ସେତେବେଳେ ସମସ୍ତ ଧାରଣା, ସମସ୍ତ ସମସ୍ତ ଧାରଣା, ସବୁକିଛି, ଏପରିକି ସବୁଠୁ ବୁଦ୍ଧିମତ୍ତା ପ୍ରସୂତ ଧାରଣାଗୁଡ଼ିକ ମଧ୍ୟ ମନେ ହେଲା ଯେପରି ଅତ୍ୟନ୍ତ ଶିଶୁସୁଲଭ । ଏହି ଅନୁଭୂତି ଏତେ ସୁସ୍ପଷ୍ଟ ଥିଲା ଯେ, ତାହା ସମ୍ପର୍କରେ ଆଉ କହିବାର କିଛି ନ ଥିଲା ।

ସମସ୍ତ ମାନୁଷୀ ପ୍ରତିକ୍ରିୟା, ଏପରିକି ଉଚ୍ଚତମ, ଶୁଦ୍ଧତମ ଓ ସବୁଠାରୁ ମହତ୍ ପ୍ରତିକ୍ରିୟାଗୁଡ଼ିକ ମଧ୍ୟ ମନେହେଲା ନିତାନ୍ତ ପିଲାଳିଆମି । ଶ୍ରୀଅରବିନ୍ଦ କୌଣସି ଏକ ସ୍ଥାନରେ ଏକ ବାକ୍ୟ ଲେଖିଥିଲେ ଯାହାକି ବାରବାର ସମସ୍ତ ସମୟ ଧରି ମୋ ମନକୁ ଆସୁଥିଲା, କେଉଁଠି ଲେଖିଥିଲେ, ମୋର ଠିକ୍ ମନେ ନାହିଁ, କିନ୍ତୁ ସେ ଏକ ଦୀର୍ଘ ବାକ୍ୟ ଲେଖିଥିଲେ ଯେଉଁଥିରେ ଏହା ଥିଲା ଯେ, ''ମୁଁ ଯେତେବେଳେ ଈର୍ଷାନ୍ୱିତ ହେବାର ଅନୁଭବ କରେ, ସେତେବେଳେ ଏହା ଜାଣେ ଯେ ସେହି ପୁରୁଣା ଲୋକଟି ଏବେ ବି ରହିଛି ।'' ସମ୍ଭବତଃ ତିରିଶ ବର୍ଷ ତଳେ, ହଁ, ପ୍ରାୟ ତିରିଶ ବର୍ଷ ତଳେ ମୁଁ ଏହା ପଢ଼ିଥିଲି – ଏବଂ ମୋର ମନେ ଅଛି ମୁଁ ଯେତେବେଳେ 'ଈର୍ଷାନ୍ୱିତ' କଥାଟି ପଢ଼ିଥିଲି, ମୁଁ ନିଜକୁ କହିଥିଲି ''ଶ୍ରୀଅରବିନ୍ଦ କିପରି 'ଈର୍ଷାନ୍ୱିତ' ହୋଇପାରନ୍ତି ?'' ଏବଂ ତିରିଶ ବର୍ଷ ପରେ ଆଜି ମୁଁ ବୁଝି ପାରୁଛି 'ଈର୍ଷାନ୍ୱିତ' ହେବା କଥାଟା ସେ କେଉଁ ଅର୍ଥରେ ଲେଖିଥିଲେ । ମଣିଷମାନେ ଯେଉଁ ଅର୍ଥରେ 'ଈର୍ଷାନ୍ୱିତ' ହେବା କଥା କୁହନ୍ତି ଏହା ଆଦୌ ତା' ନୁହେଁ, ଏହା ହେଉଛି ଚେତନାର ସମ୍ପୂର୍ଣ୍ଣ ଅନ୍ୟ ଏକ ଅବସ୍ଥା ମୁଁ ତାହା ପରିଷ୍କାର ଦେଖି ପାରିଲି ।

ଆଉ ଆଜି ସକାଳେ ସେକଥାଟି ପୁଣି ମୋ ପାଖକୁ ଫେରିଆସିଲା : ''ଏବଂ ମୁଁ ଯେତେବେଳେ ଈର୍ଷାନ୍ୱିତ ହୋଇଥିବାର ଅନୁଭବ କରେ, ମୁଁ ଜାଣେ ସେ ପୁରୁଣା ଲୋକଟି ଏବେ ମଧ୍ୟ ରହିଯାଇଛି ।'' ଆମେ 'ଈର୍ଷାନ୍ୱିତ' କହିଲେ ଯାହା ବୁଝୁ, ଶ୍ରୀଅରବିନ୍ଦଙ୍କ ପାଇଁ 'ଈର୍ଷାନ୍ୱିତ' ହେବାର ଅର୍ଥ ତାହା ନୁହେଁ।... ଏଇଟା ହେଉଛି ସେହି କ୍ଷୁଦ୍ରାତିକ୍ଷୁଦ୍ର ଅଣୁପରି ବସ୍ତୁ ଯାହାକୁ ଆମେ ବ୍ୟକ୍ତି ବୋଲି କହୁ; ଚେତନାର ସେହି ଅତି କ୍ଷୁଦ୍ର ଅଂଶ ଯେ କି ନିଜକୁ କେନ୍ଦ୍ରସ୍ଥଳରେ ବସାଏ, ଏବଂ ତା' ପାଇଁ ଏହାହିଁ ହେଉଛି ତା'ର ବୋଧ ବା ପ୍ରତ୍ୟକ୍ଷର କେନ୍ଦ୍ରସ୍ଥଳ, ଏବଂ ତା'ର ଫଳସ୍ୱରୂପ ସେ ଅନୁଭବ କରେ ଯେ ସବୁ ଜିନିଷଗୁଡ଼ିକ ଏହି ଭାବରେ ଆସୁଛି (ନିଜ ଆଡ଼କୁ ଇଙ୍ଗିତ) କିଂବା ଏହି ଭାବରେ ଚାଲିଯାଉଛି (ନିଜଠାରୁ ବାହାର ଆଡ଼କୁ ଇଙ୍ଗିତ) ଏବଂ ଯେଉଁସବୁ ଜିନିଷ ତା' ପାଖକୁ ଆସୁ ନାହିଁ, ତାହା ତାକୁ ଏହି ଧରଣର ଏକ ଅନୁଭୂତି ଦିଏ ଯାହାକୁ ଶ୍ରୀଅରବିନ୍ଦ କହିଛନ୍ତି 'ଈର୍ଷା' : ସେହି ବୋଧ, ଯେତେବେଳେ ଲାଗେ ଜିନିଷଗୁଡ଼ିକ କେନ୍ଦ୍ରୀକରଣ ଦିଗରେ ଭିତର ଆଡ଼କୁ ନ ଆସି ବିଚ୍ଛୁରଣ ଦିଗରେ ବାହାର ଆଡ଼କୁ ଯାଉଛନ୍ତି । ଏହାକୁହିଁ ସେ କହିଥିଲେ 'ଈର୍ଷାନ୍ୱିତ' ହେବା । ତେଣୁ ସେ କହିଥିଲେ, ''ମୁଁ ଯେତେବେଳେ ଈର୍ଷା ଅନୁଭବ କରେ (ସେ ଏହାହିଁ ବୁଝାଇବାକୁ ଚାହିଁଥିଲେ) ମୁଁ ଜାଣେ ଯେ ସେହି ପୁରୁଣା ଲୋକଟି ଏବେ ମଧ୍ୟ ରହିଛି;'' ଅର୍ଥାତ୍ ଚେତନାର ସେହି କ୍ଷୁଦ୍ରାତିକ୍ଷୁଦ୍ର ଅଂଶଟି ତଥାପି ତା'ର କେନ୍ଦ୍ରସ୍ଥଳରେ ଏବେ ମଧ୍ୟ ରହିପାରେ, ଯେତେବେଳେ କି ସେ ହୋଇଥାଏ ସମସ୍ତ କର୍ମର କେନ୍ଦ୍ର, ସମସ୍ତ ବୋଧ; ସମ୍ବେଦନ ବା ଇନ୍ଦ୍ରିୟାନୁଭୂତିର କେନ୍ଦ୍ର ।

(ନୀରବତା)

ହଁ, ମୁଁ ଲକ୍ଷ୍ୟ କରିଛି – ଯେତେବେଳେ ମୁଁ ମୋର ସମସ୍ତ ଜାଗତିକ, ଦୈହିକ କର୍ମଗୁଡ଼ିକ କରେ – ଲକ୍ଷ୍ୟ କରି ପାରିଛି ଯେ ଚେତନାର କୌଣସି ପରିବର୍ତ୍ତନ ନ ଘଟାଇ ଏହି ସମସ୍ତ କାମ କରାଯାଇପାରେ । ଏହା ମୋର ଚେତନାର ପରିବର୍ତ୍ତନ ଘଟାଏ ନାହିଁ । ମୋର ଚେତନାକୁ ଯାହା ଆବୃତ କରିଥିଲା ତାହା ହେଉଛି ଲୋକମାନଙ୍କ ସଙ୍ଗେ ଦେଖାସାକ୍ଷାତ୍ । ସେଇଟା ହେଲା ଯେତେବେଳେ ମୁଁ ଏଠାରେ ରହିବାକୁ ଆରମ୍ଭ କଲି ଏବଂ ପ୍ରତିଦିନ ମୁଁ ଯାହା କରି ଆସୁଛି ତାହା କରିବା ପାଇଁ : ଲୋକମାନଙ୍କ ଉପରେ ଦିବ୍ୟଚେତନାର ପ୍ରକ୍ଷେପଣ କାମଟି କରିବା ପାଇଁ । କିନ୍ତୁ ତାହା ଫେରି ଆସିଲା... (ତାହାକୁ କିପରି ଭାଷାରେ ବ୍ୟକ୍ତ କରାଯାଇ ପାରିବ ?), କୁହାଯାଇପାରେ ଯେ ଭିତରେ ନ ରହି ସୀମାରେଖାରେହିଁ ରହିଛି ତୁମେ ଯେତେବେଳେ ପ୍ରଶ୍ନ ପଚାରିଲ, ମୁଁ ଏହାକୁ ପ୍ରତ୍ୟକ୍ଷ କରିବା ଆରମ୍ଭ କରିଛି, କିନ୍ତୁ ସେହି ଅନୁଭୂତିଟି ଆଉ ନାହିଁ, ତାହା ବ୍ୟତୀତ, ସେହି 'ତତ୍' ବ୍ୟତୀତ ଆଉ କିଛି ବି ନାହିଁ ! କେବଳ ତାହାହିଁ ରହିଛି ଏବଂ ସବୁକିଛି, ସବୁକିଛି ବାହ୍ୟ ରୂପ, ଅର୍ଥ ଆଜି ସବୁକିଛି ବଦଳି ଯାଇଛି ।

ଏହା ନିଶ୍ଚୟ ଅତିମାନସ ଚେତନା; ମୋର ବିଶ୍ୱାସ ଏହା ହେଉଛି ଅତିମାନସ ଚେତନା ।

ଶିଷ୍ୟ : କିନ୍ତୁ ମୁଁ ଯଦି ଏପରି କୁହେ ବେଶ୍ ଭଲ ଭାବରେ ଏହି ଧାରଣା କରି ହେବ ଯେ ଯଥେଷ୍ଟ ଭାବରେ ବ୍ୟାପ୍ତ ଓ ତ୍ୱରିତ ବା କ୍ଷିପ୍ରଗତି ସମ୍ପନ୍ନ ଏକ ଚେତନା ଏହି ପଥର କେବଳ କିଛିଟା ଅଂଶ ନୁହେଁ, ପଥର ସମସ୍ତଟାକୁ ଏକ ସଙ୍ଗରେ ଦେଖି ପାରିବା ପାଇଁ ସମର୍ଥ ହୋଇପାରେ ।

ଶ୍ରୀମା : ହଁ, ହଁ ।

ଶିଷ୍ୟ : ସେତେବେଳେ ସମସ୍ତଟାହିଁ ହେବ ଏକ ଗତିଶୀଳ ପୂର୍ଣ୍ଣତା ।

ଶ୍ରୀମା : ହଁ ।

ଶିଷ୍ୟ : ସହଜ ଭାବରେ କହିଲେ ମନ୍ଦ ବୋଲି ଯାହା କୁହାଯାଏ, ତା' ହେଉଛି ନିଜର ଦୃଷ୍ଟିକୁ ଏକ ସଂକୀର୍ଣ୍ଣ କୋଣରେ ଆବଦ୍ଧ ରଖିବା, ସେତେବେଳେ ଆମେ କହୁ ''ଏଇଟା ମନ୍ଦ'', କିନ୍ତୁ ଜଣେ ଯଦି ସମଗ୍ର ପଥଟିକୁ ପୂରା ଦେଖେ ... ଏକ ସାମଗ୍ରିକ ଚେତନାରେ ମନ୍ଦ ବୋଲି କିଛି ନାହିଁ, ଏହା ସ୍ପଷ୍ଟ ।

ଶ୍ରୀମା : ସେଠାରେ କୌଣସି ବୈପରୀତ୍ୟ ନାହିଁ, କୌଣସି ବୈପରୀତ୍ୟ – ଏପରିକି କୌଣସି ବିରୋଧାଭାସ ନାହିଁ, ମୁଁ କହୁଛି କୌଣସି ବୈପରୀତ୍ୟ ନାହିଁ । ଏହା ହେଉଛି ସେହି ଐକ୍ୟ, ସେହି ଐକ୍ୟ ଭିତରେ ବାସ କରିବା । ଏବଂ ତାହାକୁ କୌଣସି ଚିନ୍ତା ବା ଶବ୍ଦ ଦ୍ୱାରା ବ୍ୟକ୍ତ କରି ହେବ ନାହିଁ । ମୁଁ ତୁମକୁ କହୁଛି ଏହା ହେଉଛି ଏକ ସୀମାହୀନ ବିଶାଳତା ଏବଂ ଆଲୋକ ... ଏକ ନିଷ୍କମ୍ପ ଆଲୋକ ଏବଂ ସେହି ସଙ୍ଗରେ ଏକ ସ୍ୱାଚ୍ଛନ୍ଦ୍ୟ ... ଯାହାକୁ ଠିକ୍ ଚିହ୍ନା ଯାଏ ନାହିଁ । ବର୍ତ୍ତମାନ ମୁଁ ଦୃଢ଼ ନିଶ୍ଚିତ ଯେ ଏହା ହେଉଛି ତାହାହିଁ, ସେହି ଅତିମାନସ ଚେତନା ।

ଏବଂ ଅବଶ୍ୟମ୍ଭାବୀ ରୂପେ, ନିଶ୍ଚିତ ଭାବରେ ତାହା କ୍ରମଶଃ ଏହି ବାହ୍ୟରୂପ ସବୁକୁ ପରିବର୍ତ୍ତିତ କରିବ ।

(ଦୀର୍ଘ ନୀରବତା)

*(ଅବଶିଷ୍ଟାଂଶ ଆଗାମୀ ସଂଖ୍ୟାରେ)*

(Notes on the Way – 202 - 204) ✢

> ସଂକ୍ଷେପରେ କହିବାକୁ ଗଲେ, ତୁମେ ତୁମ ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ କେବେ ବି ଭୁଲିଯାଅ ନାହିଁ । ସେହି ମହାନ୍ ଆବିଷ୍କାର ନିମନ୍ତେ ଜାଗ୍ରତ୍ ସଂକଳ୍ପ ସର୍ବଦା ତୁମର ସତ୍ତାର ଊର୍ଦ୍ଧ୍ୱରେ ଜ୍ୟୋତିଃ ଓ ଆଲୋକର ଏକ ବିରାଟ ପକ୍ଷୀ ତୁଲ୍ୟ ବିଚରଣ କରୁ ଏବଂ ତୁମର ପ୍ରତିଟି କ୍ରିୟା ଓ ଗତିବୃତ୍ତିକୁ ତାହା ସର୍ବଦା ପ୍ରଭାବିତ ଓ ସଞ୍ଚାଳିତ କରୁ ।
>
> – ଶ୍ରୀମା

# ଯୋଗର ମନସ୍ତତ୍ତ୍ୱ

## ଶ୍ରୀଅରବିନ୍ଦ

ଯୋଗର ଚାରୋଟି ଶକ୍ତି ଓ ଉଦ୍ଦେଶ୍ୟ ରହିଛି, ଶୁଦ୍ଧି, ମୁକ୍ତି, ପରମାନନ୍ଦ ଓ ପୂର୍ଣ୍ଣତା । ଯେ ଭଗବାନଙ୍କର ବିଶ୍ୱାତୀତ, ବିଶ୍ୱଗତ, ଲୀଳାମୟ ଓ ବ୍ୟକ୍ତିସତ୍ତା ମଧ୍ୟରେ ଏହି ଚାରିଟି ମହାନ୍ ଶକ୍ତିମତ୍ତାକୁ ଉପଲବ୍ଧି କରିଛନ୍ତି, ସେହିଁ ହେଉଛନ୍ତି ପୂର୍ଣ୍ଣ ଓ ପରମଯୋଗୀ ।

ଭଗବାନଙ୍କର ସମସ୍ତ ଅଭିବ୍ୟକ୍ତି ହେଉଛି ଅଖଣ୍ଡ ପରବ୍ରହ୍ମଙ୍କର ଅଭିବ୍ୟକ୍ତି ।

ଅଖଣ୍ଡ ପରବ୍ରହ୍ମ ଆମ ପାଇଁ ଅଜ୍ଞେୟ, ଏହାର କାରଣ ଏହା ନୁହେଁ ଯେ ଆମେ ଯାହା କିଛି, ତାହା କେବଳ ଏକ ଅସ୍ତିତ୍ୱହୀନ ଶୂନ୍ୟତା, ବରଂ ଆମେ ପ୍ରକୃତରେ ଯାହା ବା ଆପାତତଃ ଯାହା ସେ ସମସ୍ତ କିଛି ପରବ୍ରହ୍ମଙ୍କ ଛଡ଼ା ଅନ୍ୟ କିଛି ନୁହେଁ । ଏବଂ ଏହା ଏପରି ଏକ ଅନାଦି ଓ ଅନନ୍ତ ଅତି ଜାଗତିକ ସତ୍ୟ ଯାହାକୁ ଦେହ ମଧ୍ୟସ୍ଥ ଆତ୍ମାର ସର୍ବାଧିକ ସକ୍ଷମ ଓ ସୀମାହୀନ ଯନ୍ତ୍ରର ଉଚ୍ଚତମ ଓ ବିଶୁଦ୍ଧତମ କର୍ମ ପ୍ରଣାଳୀ ମଧ୍ୟ ଧରି ପାରିବ ନାହିଁ ।

ପରବ୍ରହ୍ମ ଭିତରେ ଜ୍ଞାନ ଆଉ ଜ୍ଞାନ ହୋଇ ରୁହେ ନାହିଁ, ଏବଂ ତାହା ହୋଇ ଉଠେ ଏକ ଅନିର୍ବଚନୀୟ ଏକାତ୍ମତା । ଯଦି ପାର ତୁମେ ନିଜେ ପରବ୍ରହ୍ମ ହୋଇଉଠ ଯଦି ପରସ୍ପରକୁ ସହ୍ୟ କରିପାରିବ, କିନ୍ତୁ କାହାକୁ ଜାଣିବାକୁ ଚେଷ୍ଟା କର ନାହିଁ, କାରଣ ଏହି ଦେହ ଓ ଏହି ସବୁ ଯନ୍ତ୍ର ନେଇ ତୁମେ ତହିଁରେ ସଫଳ ହୋଇ ପାରିବ ନାହିଁ ।

ବାସ୍ତବରେ ତୁମେ ପରବ୍ରହ୍ମ ହୋଇ ସାରିଛ, ସର୍ବଦା ତାହାହିଁ ହୋଇ ରହିଥିଲ ଓ ଭବିଷ୍ୟତରେ ତାହାହିଁ ହୋଇ ରହିବ । ଅନ୍ୟ କୌଣସି ଅର୍ଥରେ ପରବ୍ରହ୍ମ ହେବାକୁ ଗଲେ ତୁମକୁ ଏହି ସୃଷ୍ଟ ଜଗତ୍ ଓ ବିଶ୍ୱାତୀତ ଜଗତରୁ ମଧ୍ୟ ସମ୍ପୂର୍ଣ୍ଣ ରୂପେ ପ୍ରସ୍ଥାନ କରିବାକୁ ହେବ ।

ଏହି ଅଭିବ୍ୟକ୍ତିର ଜଗତରୁ ପ୍ରସ୍ଥାନ କରିବା ପାଇଁ କାହିଁକି ଏହି ବୁଭୁକ୍ଷାକୁ ସ୍ଥାନ ଦେବ, ସତେ ଯେପରି ଏହା ଏକ ମନ୍ଦ ଓ ଅଶୁଭର ଜଗତ୍ ? ମର୍ତ୍ତ୍ୟ ମଧ୍ୟରେ, ହେ ମାନସ-ପ୍ରତାରିତ ଅନ୍ତରାତ୍ମା, ତୁମ ଭିତରେ ଓ ଜଗତ୍ ଭିତରେ ସେହି 'ତତ୍' କ'ଣ ନିଜକୁ ଅଭିବ୍ୟକ୍ତ କରି ନାହିଁ, ଏବଂ ତୁମେ କ'ଣ ସେହି ପରାତ୍ପରଠାରୁ ଅଧିକତର ବିଜ୍ଞ, ଅଧିକତର ଶୁଦ୍ଧ ଓ ଅଧିକତର ଉତ୍କୃଷ୍ଟ ? ସେହି 'ତତ୍' ଯେତେବେଳେ ତୁମକୁ ପ୍ରତ୍ୟାହାର କରନ୍ତି, ସେତେବେଳେ ତୁମର ଏଠାରୁ ପ୍ରସ୍ଥାନ ଅବଶ୍ୟମ୍ଭାବୀ; କିନ୍ତୁ ଯେପର୍ଯ୍ୟନ୍ତ ତାଙ୍କର ଶକ୍ତି ତୁମ ଉପରେ ତାହା ଧାର୍ଯ୍ୟ କରି ନାହିଁ ତୁମର ପ୍ରସ୍ଥାନ ଅସମ୍ଭବ, ପ୍ରସ୍ଥାନ ପାଇଁ ମନ ଦ୍ୱାରା ଏପରି ଭୟାନକ ଚିତ୍କାର ଓ ବିଳାପ କର ନାହିଁ । ସୁତରାଂ ଜଗତ୍ ପ୍ରତି ବାସନାଯୁକ୍ତ ହୁଅ ନାହିଁ ବା ତାହାକୁ ପରିହାର କର ନାହିଁ, ସନ୍ଧାନ କର ଭଗବାନଙ୍କର ଆନନ୍ଦ, ଶୁଦ୍ଧି, ମୁକ୍ତି ଓ ମହାନତାର, ତାହା ଯେକୌଣସି ଅବସ୍ଥା, ଅନୁଭୂତି ବା ପରିସ୍ଥିତିରେ ହେଉ ନା କାହିଁକି ।

ତୁମ ଭିତରେ ଯେପର୍ଯ୍ୟନ୍ତ ବାସନା ରହିଛି, ତାହା ଆଉ ଜନ୍ମ ନ ନେବା ପାଇଁ ହେଉ ବା ମୁକ୍ତି ପାଇଁ ହେଉ, ସେ ପର୍ଯ୍ୟନ୍ତ ତୁମେ ପରବ୍ରହ୍ମଙ୍କୁ ପାଇ ପାରିବ ନାହିଁ । କାରଣ ସେହି ପରବ୍ରହ୍ମରେ କୌଣସି ବାସନା ନାହିଁ, ଜନ୍ମ ନେବା ପାଇଁ ନୁହେଁ ବା ଜନ୍ମ ନ ନେବା ପାଇଁ ନୁହେଁ, ଜଗତ୍ ପାଇଁ ନୁହେଁ ବା ଜଗତରୁ ପ୍ରସ୍ଥାନ ପାଇଁ ନୁହେଁ । ପରାତ୍ପର ତୁମର କୌଣସି ବାସନା ଦ୍ୱାରା ସୀମାବଦ୍ଧ ନୁହନ୍ତି, ଯେହେତୁ ସେ ତୁମ ଜ୍ଞାନର ଅନଧିଗମ୍ୟ ।

ଯଦି ତୁମେ ପରାତ୍ପର ବ୍ରହ୍ମଙ୍କୁ ଜାଣିବାକୁ ଚାହଁ ତା'ହେଲେ ଏହି ବିଶ୍ୱ ଜଗତରେ ବା ବିଶ୍ୱାତୀତ ଜଗତରେ ସେ ନିଜକୁ ଯେପରି ଅଭିବ୍ୟକ୍ତ କରିବାକୁ ଚାହାନ୍ତି, ସେହି ଭାବରେ ତାଙ୍କୁ ଜାଣ, କାରଣ ତାଙ୍କ ବିଶ୍ୱାତୀତତାର ଏହି ଜଗତ୍ ସଙ୍ଗେ ମଧ୍ୟ ଏକ ସଂବନ୍ଧ ରହିଛି ଏବଂ ସେ କେବଳ ପରାତ୍ପର ପରମ ନୁହନ୍ତି – ତା'ହେଲେ ସେ ଅଜ୍ଞେୟ ହୋଇ ରହିଥାଆନ୍ତେ । ଏହାହିଁ ହେଲା ବେଦାନ୍ତରେ କୁହାଯାଇଥିବା ଜ୍ଞେୟ ଓ ଅଜ୍ଞେୟର ଯୁଗପତ୍ ଶାଶ୍ୱତ ସତ୍ୟ ।

ପରବ୍ରହ୍ମ ସମ୍ପର୍କରେ ଆମର ଏପରି କହିବା ଉଚିତ ନୁହେଁ ଯେ ଏହା ଜଗଦତୀତ ବା ଜଗଦନ୍ତର୍ଗତ ବା ଜଗତ୍ ସହିତ ସମ୍ବନ୍ଧଯୁକ୍ତ ବା ସମ୍ବନ୍ଧହୀନ, କାରଣ ଜଗତ୍ ସମ୍ପର୍କରେ ଏହି ସମସ୍ତ ଭାବନା, ଅସ୍ତି ଓ ନାସ୍ତି, ଜଗତର ଅତୀତ ନା ଜଗତରେ ନିହିତ ବା ଜଗତ୍ ସହ ସମ୍ବନ୍ଧିତ – ଏସବୁଗୁଡ଼ିକ ହେଉଛି ମନର ଭାବନାର ପ୍ରକାଶ ଯାହାଦ୍ୱାରା ମନ ନିଜର ମୂଲ୍ୟାୟନକୁ ନେଇ ପରବ୍ରହ୍ମଙ୍କର ତତ୍ତ୍ୱଜ୍ଞାନକୁ ଉପସ୍ଥାପିତ କରେ

ଏବଂ ଆମେ ଏଥିଭିତରୁ କୌଣସିଟିକୁ, ଏପରିକି ସର୍ବଶ୍ରେଷ୍ଠ ବିଚାରକୁ ମଧ୍ୟ ସେହି ପରମଙ୍କର ସତ୍ୟ ଓ ବାସ୍ତବତା ବୋଲି ଗ୍ରହଣ କରିପାରିବୁ ନାହିଁ କାରଣ ସେହି ପରମବାସ୍ତବତା ସେହି ଏକ ସଙ୍ଗରେହିଁ ସର୍ବ ଓ ସର୍ବାତୀତ, ଶୂନ୍ୟତା ଓ ଶୂନ୍ୟତାର ଅତୀତ । ପରମପରାତ୍ପରଙ୍କ ସମ୍ପର୍କରେ ଜଗତରେ ଅଭିବ୍ୟକ୍ତ ଅନ୍ତରାତ୍ମା ଏକମାତ୍ର ଯେଉଁ ମନୋଭାବ ଗ୍ରହଣ କରିପାରେ ତା' ହେଉଛି ଏକ ଗଭୀର ଚିନ୍ତାଶୂନ୍ୟ ନୀରବତା ।

ପରବ୍ରହ୍ମ ସମ୍ପର୍କରେ ଆମେ ଜାଣୁ ଯେ ଏହା ବିଦ୍ୟମାନ, ଏପରି ଭାବରେ ବିଦ୍ୟମାନ ଯେ ଜଗତର କୌଣସି ବସ୍ତୁ ବା ଅବସ୍ଥା ସେହିଭଳି ବିଦ୍ୟମାନ ନୁହନ୍ତି, କାରଣ ଯଦି ଯେକୌଣସି ସମୟରେ ବା ଯେକୌଣସି ଦିଗରେ ଆମେ ଆମର ଅନ୍ତରାତ୍ମାର ଅନୁଭୂତି ବା ଭାବନାର ଅନୁଭୂତି ବା ଦେହଗତ ଅନୁଭୂତି ବା ଅନ୍ୟ କୌଣସି ମୌଳିକ ଅନୁଭୂତିକୁ ନେଇ ସେଗୁଡ଼ିକୁ ସେମାନଙ୍କର ଚରମ ସୀମାରେ ପହୁଞ୍ଚାଉ ସେତେବେଳେ ଆମେ ପହଞ୍ଚୁ 'ତତ୍'ର ସେହି ପ୍ରାନ୍ତ କିନାରାରେ ଏବଂ ଏହାକୁ ଅନୁଭବ କରୁ ଅଜ୍ଞେୟ ରୂପରେ ଏବଂ ଏହା ସମ୍ପର୍କରେ ଅଧିକ କୌଣସି ସତ୍ୟକୁ ଅନୁଭବ କରିବା ପାଇଁ ଆମର ଅସାମର୍ଥ୍ୟ ରୂପରେ ।

ଯେତେବେଳେ ତୁମର ଅନ୍ତରାତ୍ମା ବୁଡ଼ିଯାଏ ଗଭୀରତାରୁ ଆହୁରି ଅଧିକ ଗଭୀରତା ଭିତରକୁ, ପ୍ରସାରିତ ହୋଇଯାଏ ବ୍ୟାପ୍ତିରୁ ଆହୁରି ଅଧିକ ବ୍ୟାପ୍ତିରେ ଏବଂ ତା'ର ସତ୍ତାର ନୀରବତା ଭିତରେ ଅବସ୍ଥାନ କରେ ଏକ ଅଜ୍ଞାନ ଓ ଅଜ୍ଞେୟ ସତ୍ୟର ସମ୍ମୁଖରେ, ଯାହାଠାରୁ ଏବଂ ଯାହା ଆଡ଼କୁ ଏହି ଜଗତ୍ ଦେଖାଯାଏ ଏପରି ଏକ ବସ୍ତୁ ରୂପେ ଯାହାର କୌଣସି ଭୌତିକ ବାସ୍ତବତା ବା ମାନସିକ ବାସ୍ତବତା ନାହିଁ, ତଥାପି ତାହାକୁ ଏକ ସ୍ୱପ୍ନ ବା ମିଥ୍ୟା ବୋଲି ବର୍ଣ୍ଣନା କରାଯାଇ ପାରିବ ନାହିଁ, ସେତେବେଳେହିଁ ତୁମେ ଜାଣିବ ତୁମେ ଅବସ୍ଥାନ କରୁଛ ଏପରି କିଛିର ମଧ୍ୟରେ ଯାହା ପବିତ୍ରଠାରୁ ମଧ୍ୟ ଆହୁରି ପବିତ୍ର, ତୁମେ ଛିଡ଼ା ହୋଇଛ ଏପରି କିଛି ଦିବ୍ୟ ଆବରଣର ସମ୍ମୁଖରେ ଯାହାକୁ ବିଦୀର୍ଣ୍ଣ କରାଯାଇ ପାରିବ ନାହିଁ । ଏହି ମର୍ତ୍ତ୍ୟ ଶରୀରରେ ବା ଅନ୍ୟ କୌଣସି ଶରୀରରେ ତୁମେ ତାହାକୁ ବିଦୀର୍ଣ୍ଣ କରିପାରିବ ନାହିଁ, ଦେହସ୍ଥ ଆତ୍ମାର ଅବସ୍ଥାରେ ନୁହେଁ ବା ବିଶୁଦ୍ଧ ଆତ୍ମାର ଅବସ୍ଥାରେ ନୁହେଁ, ଜାଗ୍ରତ୍ ଅବସ୍ଥାରେ ନୁହେଁ ବା ସୁଷୁପ୍ତ ଅବସ୍ଥାରେ ନୁହେଁ, ବା ସମାଧି ଅବସ୍ଥାରେ ନୁହେଁ ବା ଅନ୍ୟ କୌଣସି ଅବସ୍ଥା ବା ପରିସ୍ଥିତିରେ ନୁହେଁ, କାରଣ ପରାତ୍ପର ବ୍ରହ୍ମରେ ପ୍ରବେଶ କରିବାକୁ ହେଲେ ତୁମକୁ ସମସ୍ତ ଅବସ୍ଥାର ଊର୍ଦ୍ଧ୍ୱ ଓ ପରପାରକୁ ଉଠିଯିବାକୁ ହେବ ।

ସେ ହେଉଛନ୍ତି ସେହି ଅଜଣା ଭଗବାନ୍ ଯାହାଙ୍କ ପାଇଁ କୌଣସି ବେଦୀ ପ୍ରତିଷ୍ଠାନ କରି ତାଙ୍କର ପୂଜା ନିବେଦନ କରାଯାଏ ନାହିଁ । ସମଗ୍ର ବିଶ୍ୱହିଁ ହେଉଛି ତାଙ୍କର ଏକମାତ୍ର ପୂଜାବେଦୀ, ଅସ୍ତିତ୍ୱହିଁ ତାଙ୍କର ଏକମାତ୍ର ପୂଜା । ଆମେ ଯେ ବିଦ୍ୟମାନ ରହିଛୁ, ଅନୁଭବ କରୁଛୁ, ଚିନ୍ତା କରୁଛୁ, ଅଥଚ ତାଙ୍କୁ ଅନୁଭବ କରୁ ନାହୁଁ, ଚିନ୍ତା କରୁ ନାହୁଁ, ତାଙ୍କର କର୍ମ କରୁ ନାହୁଁ, ତାଙ୍କ ପାଇଁ ଏହି ଅସ୍ତିତ୍ୱହିଁ ଯଥେଷ୍ଟ । ତାଙ୍କ ପାଇଁ ସନ୍ଥ ସଙ୍ଗେ ପାପୀ ସମାନ, ସକ୍ରିୟତା ସଙ୍ଗେ ନିଷ୍କ୍ରିୟତା ସମାନ, ମନୁଷ୍ୟ ସଙ୍ଗେ ଶାମୁକା ସମାନ, କାରଣ ଏ ସମସ୍ତହିଁ ସମାନ ଭାବରେ ତାଙ୍କରହିଁ ଅଭିବ୍ୟକ୍ତି । ଏଗୁଡ଼ିକ ସତ୍ୟ ଅନ୍ତତଃ ପରବ୍ରହ୍ମ ଓ ପରମପୁରୁଷଙ୍କ ପାଇଁ, ଯେ ହେଉଛନ୍ତି ଆମେ ଜାଣିଥିବା ସର୍ବୋଚ୍ଚ ସତ୍ୟର ଏବଂ ପରମପରାତ୍ପରଙ୍କ ସବୁଠୁ ନିକଟବର୍ତ୍ତୀ ।

କିନ୍ତୁ ସେହି ଆବରଣର ଅନ୍ତରାଳରେ ବିଦ୍ୟମାନ 'ତତ୍'ର ସ୍ୱରୂପ କ'ଣ, ଏବଂ ଆବରଣର ଅନ୍ତରାଳରେ ତାହା ନିଜକୁ ଓ ନିଜର ଅଭିବ୍ୟକ୍ତିସବୁକୁ କିପରି ଭାବରେ ଦେଖେ, ସେସମ୍ପର୍କରେ କୌଣସି ମନ କିଛି ବି କହିପାରିବ ନାହିଁ ବା ଧାରଣା କରିପାରିବ ନାହିଁ । ଏବଂ ଯେ ତାହା ପାଇଁ ଏକ ପୂଜାବେଦୀର ନିର୍ମାଣ ଓ ପ୍ରତିଷ୍ଠା କରେ ଏବଂ ଯେଉଁମାନେ ଜାଣନ୍ତି ଯେ ଏହା ସେମାନଙ୍କ ଜ୍ଞାନର ଅତୀତ, ସେମାନଙ୍କ ଆଗରେ ଯେ ଏହି ଅଜଣାକୁ ଜାଣେ ବୋଲି ଘୋଷଣା କରିବାର ଛଳନା କରେ, ଉଭୟ ସମାନ ଭାବରେ ଅଜ୍ଞ ଓ ଦାମ୍ଭିକ । ଭାବନାକୁ ବିଭ୍ରାନ୍ତ କର ନାହିଁ, ମନୁଷ୍ୟର ଅନ୍ତରାତ୍ମାକୁ ତା'ର ଅଗ୍ରଗମନର ପଥରେ ହତବୁଦ୍ଧି କର ନାହିଁ, ବରଂ ମହାବିଶ୍ୱ ଦିଗରେ ଦୃଷ୍ଟି ଫେରାଅ ଏବଂ ଜାଣ ଯେ ଏହା ମଧ୍ୟରେହିଁ ସେ, 'ତତ୍ ଦେବ ଏତତ୍' । କାରଣ ଏହି ଭାବରେ ଓ ଏହି ସମସ୍ତ ସର୍ତ୍ତ ଭିତରେହିଁ ସେ ସେମାନଙ୍କ ପାଖରେ ନିଜକୁ ଜ୍ଞାତବ୍ୟ କରି ଉପସ୍ଥାପିତ କରିଛନ୍ତି ଯେଉଁମାନେ ବିଶ୍ୱଗତ ହୋଇ ରହିଛନ୍ତି । ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅ ନାହିଁ, ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅ ନାହିଁ, କେହି ବଦ୍ଧ ନୁହନ୍ତି ବା କେହି ମୁକ୍ତ ନୁହନ୍ତି, କେହି ମୁକ୍ତ ହେବା ପାଇଁ ଅନ୍ୱେଷଣ ମଧ୍ୟ କରୁ ନାହାନ୍ତି । କେବଳ ଭଗବାନହିଁ ନିଜ ଆତ୍ମ-ସଚେତନତାର ବିପୁଳ ପ୍ରସାରିତ ସାମର୍ଥ୍ୟକୁ ନେଇ, ପରାମାୟାକୁ ନେଇ, ମହିମାନସ ଅସ୍ୟକୁ ନେଇ ଏଗୁଡ଼ିକ ସଙ୍ଗେ ଲୀଳାରତ ହୋଇ ରହିଛନ୍ତି, ଯାହାକୁ ଆମେ କହୁ ମହାବିଶ୍ୱ । ✢

# ଆତ୍ମଦାନ କ୍ଷେତ୍ରରେ ବିରାଟ ବାଧା

## (ସୂତ୍ରାବଳୀ ଉପରେ ଆଲୋଚନା)

## ଶ୍ରୀମା

''ନିର୍ଦ୍ଦୟ ଭାବରେ ନିଜକୁ ପରୀକ୍ଷା କର, ତା'ହେଲେ ତୁମେ ଅନ୍ୟମାନଙ୍କ ପ୍ରତି ଅଧିକ ଉଦାର ଓ ସଦୟ ହୋଇ ପାରିବ ।''

ଶ୍ରୀମା : ଏହା ଖୁବ୍ ଉତ୍ତମ; ସମସ୍ତଙ୍କ ପାଇଁ ଉତ୍ତମ, ବିଶେଷ କରି ସେହିମାନଙ୍କ ପାଇଁ ଯେଉଁମାନେ ନିଜକୁ ଖୁବ୍ ଶ୍ରେଷ୍ଠ ବୋଲି ଭାବନ୍ତି ।

କିନ୍ତୁ ପ୍ରକୃତରେ ଏହାର ସମ୍ବନ୍ଧ ରହିଛି ଖୁବ୍ ଗଭୀର କିଛି ସହିତ । ବାସ୍ତବରେ ମୁଁ ଏହି ଅନୁଭୂତି ଭିତରେ କିଛି ସମୟ ଧରି ରହିଚାଲିଛି । ଏହା ପ୍ରାୟ ମନୋଭାବର ଏକ ଓଲଟିଯିବା ଭଳି କଥା ।

ସତରେ, ମନୁଷ୍ୟମାନେ ସର୍ବଦା ନିଜକୁ ବିରୋଧିଶକ୍ତି ଦ୍ୱାରା ଉତ୍ପୀଡ଼ିତ ଶିକାର ବୋଲି ଭାବି ଆସିଛନ୍ତି । ଯେଉଁମାନେ ସାହସୀ, ସେମାନେ ସଂଗ୍ରାମ କରନ୍ତି, ଅନ୍ୟମାନେ ଅଭିଯୋଗ କରନ୍ତି । କିନ୍ତୁ ସୃଷ୍ଟିରେ ବିରୋଧିଶକ୍ତିମାନେ ଯେଉଁ ଭୂମିକା ଗ୍ରହଣ କରନ୍ତି ଏବଂ ସେମାନଙ୍କର ଯେଉଁ ଅନିବାର୍ଯ୍ୟ ଆବଶ୍ୟକତା ରହିଛି ଯାହାଫଳରେ ସୃଷ୍ଟିର ବିକାଶଧାରା ଆଗେଇ ଚାଲିବ ଓ ସୃଷ୍ଟି ପୁଣି ଥରେ ନିଜ ଦିବ୍ୟ ଉତ୍ସର ସ୍ୱରୂପ ଗ୍ରହଣ କରିପାରିବ – ଏ ସମ୍ପର୍କରେ ମୋର ଅନ୍ତର୍ଦୃଷ୍ଟି ଅଧିକରୁ ଅଧିକ ନିର୍ଦ୍ଦିଷ୍ଟ ରୂପ ନେଇ ଚାଲିଛି । ଏବଂ ଏହା ଏପରି ସ୍ପଷ୍ଟ ଏକ ଦୃଷ୍ଟି, ଯାହା ଦେଖାଇ ଦିଏ ଯେ ବିରୋଧିଶକ୍ତିଗୁଡ଼ିକର ବିଲୋପ ବା ରୂପାନ୍ତର ଚାହିଁବା ପରିବର୍ତ୍ତେ ବ୍ୟକ୍ତିକୁ ପ୍ରଥମେ ତା'ର ନିଜର ରୂପାନ୍ତର ସାଧିତ କରିବାକୁ ହେବ, ସେଥିପାଇଁ ପ୍ରାର୍ଥନା କରିବାକୁ ହେବ ଏବଂ ତାହାକୁ କାର୍ଯ୍ୟକାରୀ କରିବାରେ ଆଗେଇ ଯିବାକୁ ହେବ । କୌଣସି ବ୍ୟକ୍ତିଗତ ଦୃଷ୍ଟିକୋଣରୁ ନୁହେଁ, ଜାଗତିକ ଦୃଷ୍ଟିକୋଣରୁ ମୁଁ ଏହା କହୁଛି । ହଠାତ୍ ଏକ ଅନ୍ତର୍ଦୃଷ୍ଟି ଖୋଲିଗଲା, ଯେଉଁଥିରେ ଦେଖା ଦେଲା ସମସ୍ତ ବିଭ୍ରାନ୍ତି, ସମସ୍ତ ଭୁଲ୍ ବୁଝାମଣା, ସମସ୍ତ ଅଜ୍ଞାନତା, ମୂଢ଼ତା ଏବଂ ତା'ଠାରୁ ଆହୁରି ଖରାପ ଜିନିଷ, ଜାଗତିକ ଚେତନାରେ ରହିଥିବା ସମସ୍ତ ଅସଦିଚ୍ଛା ଯାହାକି ଏହି ବିରୋଧୀ ସତ୍ତା ଓ ଶକ୍ତିମାନଙ୍କର ଦୀର୍ଘକାଳ ଧରି ରହିବା ପାଇଁ ନିଜକୁ ଦାୟୀ ମନେ କରେ ଏବଂ ଯାହା ଏକ ବିରାଟ ଅଭୀପ୍ସା ନେଇ, ଅଭୀପ୍ସାଠାରୁ ଅଧିକ ବରଂ ଏକ ଆହୁତିର ଭାବ ନେଇ ଏହି ବିରୋଧିଶକ୍ତିଗୁଡ଼ିକୁ ଉତ୍ସର୍ଗ କରି ଦେଲା, ଯେପରିକି ସେଗୁଡ଼ିକ ପୂରାପୂରି ବିଲୁପ୍ତ ହୋଇଯିବେ ଏବଂ ସେମାନଙ୍କ ତିଷ୍ଠି ରହିବାର ଆଉ ଏପରି କୌଣସି କାରଣ ରହିବ ନାହିଁ, ଯାହାଦ୍ୱାରା ସେମାନେ ସୂଚିତ କରୁଥିଲେ ପୃଥିବୀର ଯେଉଁ ଯେଉଁ ବସ୍ତୁଗୁଡ଼ିକୁ ପରିବର୍ତ୍ତିତ କରିବାକୁ ହେବ ।

ଦିବ୍ୟଜୀବନର ବିରୋଧୀ ଏହି ସମସ୍ତ ଜିନିଷଗୁଡ଼ିକ ରହିଥିବାରୁ ଏହି ବିରୋଧିଶକ୍ତିମାନଙ୍କର ଉପସ୍ଥିତିକୁ ମଧ୍ୟ ଏଡ଼ି ଦିଆଯାଇ ପାରୁ ନ ଥିଲା । କିନ୍ତୁ ଏକ ଅସାଧାରଣ ତୀବ୍ରତା ସହ ପୃଥିବୀ ଚେତନା ସେମାନଙ୍କୁ ପରମଙ୍କ ପାଖରେ ଏହିପରି ଉତ୍ସର୍ଗ କରିଦେବା ହେଉଛି ସେମାନଙ୍କ ପାଇଁ ଏକ ମୁକ୍ତି, ଯାହା-ଫଳରେ ଏହି ବିରୋଧିଶକ୍ତିମାନେ ପୂରା ଅନ୍ତର୍ଦ୍ଧାନ ହୋଇଯାଇ ପାରିବେ ।

ଏହା ଅତି ତୀବ୍ର ଏକ ଅନୁଭୂତି ଥିଲା, ଯାହା ନିଜକୁ ପ୍ରକାଶ କରିଥିଲା ଏହିପରି ଭାବେ; ''ମୁଁ ଯେଉଁ ସମସ୍ତ ଭୁଲ୍ କରିଛି, ସେସବୁଗୁଡ଼ିକୁ ନେଇଯାଅ, ଗ୍ରହଣ କର, ସେଗୁଡ଼ିକୁ ନିଶ୍ଚିହ୍ନ କରିଦିଅ ଯେପରିକି ଏହି ବିରୋଧିଶକ୍ତିଗୁଡ଼ିକ ପୂରା ବିଲୁପ୍ତ ଓ ଅନ୍ତର୍ଦ୍ଧାନ ହୋଇଯିବେ ।

ଏହି ସୂତ୍ରଟିକୁ ଅନ୍ୟପ୍ରାନ୍ତରୁ ଦେଖିଲେ ମଧ୍ୟ ସେହି ଏକହିଁ ଅର୍ଥ ବହନ କରେ । ଯେପର୍ଯ୍ୟନ୍ତ ମାନବ ଚେତନା ମହାନ୍ ଦିବ୍ୟସମ୍ଭୂତିକୁ ବିରୋଧ କରିବା ପାଇଁ ଓ ତା' ବିରୋଧରେ ଅନୁଭବ, ଚିନ୍ତା ଓ କର୍ମ କରିବା ପାଇଁ ସକ୍ଷମ ହୋଇ ରହିଥିବ, ସେପର୍ଯ୍ୟନ୍ତ ସେଥିପାଇଁ ଆଉ କାହାକୁ ଦୋଷୀ ସାବ୍ୟସ୍ତ କରିବା ଅସମ୍ଭବ, ବିରୋଧିଶକ୍ତିମାନଙ୍କୁ ସେଥିପାଇଁ ଦୋଷ ଦିଆଯାଇ ପାରିବ ନାହିଁ, କାରଣ ସୃଷ୍ଟିରେ ସେମାନଙ୍କୁ ରଖାଯାଇଛି ଏକ ଉପାୟ ରୂପେ, ଯାହାଫଳରେ ଏବେ ବି ତୁମର ଯେଉଁ ସମସ୍ତ ଅଗ୍ରଗତି କରିବା ବାକି ରହିଛି, ତୁମେ ସେଗୁଡ଼ିକୁ ଦେଖି ପାରିବ ଓ ଅନୁଭବ କରିପାରିବ ।

(ନୀରବତା)

ମୁଁ ନିଜକୁ ଯେଉଁ ଅବସ୍ଥାରେ ଦେଖିବାକୁ ପାଇଲି ତାହା ଏକ ସ୍ତୁତି ପରି – ସେହି ସ୍ତୁତି ଯାହା ଚିରନ୍ତନ ଭାବରେ ଉପସ୍ଥିତ

ରହିଛି; ସେହି ସ୍ମୃତି ହେଉଛି ପରମପ୍ରେମର ଏପରି ଏକ ଚେତନା ଯାହା ସ୍ୱୟଂ ଭଗବାନହିଁ ପୃଥିବୀ ଉପରେ, ପୃଥିବୀ ମଧ୍ୟରେ – ପୃଥିବୀ ମଧ୍ୟରେ ପ୍ରକଟିତ କରାଇଛନ୍ତି ଯାହାଫଳରେ ଏହି ପୃଥିବୀକୁ ସେ ପୁଣି ତାଙ୍କ ନିଜ ଭିତରକୁ ଫେରାଇ ନେଇ ପାରିବେ । କାରଣ ଯଥାର୍ଥରେ ଏହା ତାଙ୍କରିହିଁ ଏକ ଅବତରଣ, ଏପରି କିଛିର ଭିତରକୁ ଯାହା ଭଗବାନଙ୍କ ଉପସ୍ଥିତିକୁ ପୂରା ଅସ୍ୱୀକାର କରେ, ଭଗବତ୍ ପ୍ରକୃତିର ମୂଳମର୍ମର ମଧ୍ୟ ଯାହା ବିରୋଧୀ, ତେଣୁ ଏହାକୁ କୁହାଯାଇପାରେ ଯେ ନିଜ ଭଗବତ୍ ଅବସ୍ଥାକୁ ପରିତ୍ୟାଗ କରି ପୃଥିବୀର ଅଜ୍ଞାନତାକୁ ଗ୍ରହଣ କରିବା ଯାହାଫଳରେ ପୃଥିବୀକୁ ପୁଣିଥରେ ଭଗବତ୍ ଦିବ୍ୟ ଅବସ୍ଥାକୁ ଫେରାଇ ଆଣି ହେବ । ଏବଂ ଯେପର୍ଯ୍ୟନ୍ତ ଏହି ପରମପ୍ରେମ ଏହି ପୃଥିବୀରେହିଁ ସର୍ବଶକ୍ତିମାନ୍ ଭାବରେ ସଚେତ ହୋଇ ନ ଉଠିଛି, ସେପର୍ଯ୍ୟନ୍ତ ସେହି ଫେରାଇ ଆଣିବାର କାମଟି କେବେ ବି ଚୂଡ଼ାନ୍ତ ଭାବରେ ସମ୍ପନ୍ନ ହୋଇପାରିବ ନାହିଁ ।

ଏହି ଅନୁଭୂତିଟି ଆସିଥିଲା ସେହି ମହାନ୍ ଭଗବତ୍ ସମ୍ଭୂତିର ସୂକ୍ଷ୍ମ ଦର୍ଶନ ପରେ, ଏବଂ ମୁଁ ନିଜକୁ ପଚାରିଲି, ''ଯେହେତୁ ଏହି ଜଗତ୍ ହେଉଛି କ୍ରମ ପ୍ରଗତିଶୀଳ ଏବଂ ଯେହେତୁ ଏହା ଅଧିକରୁ ଅଧିକ ଦିବ୍ୟ ହୋଇଉଠୁଛି, ତା'ହେଲେ ଅଦିବ୍ୟ ବସ୍ତୁଗୁଡ଼ିକ ସମ୍ପର୍କରେ, ଏବଂ ଆଗାମୀ ଦିବ୍ୟ ବସ୍ତୁଗୁଡ଼ିକର ସଙ୍ଗେ ତୁଳନାତ୍ମକ ଭାବେ ବର୍ତ୍ତମାନର ବସ୍ତୁଗୁଡ଼ିକର ଅଦିବ୍ୟ ଅବସ୍ଥା ସମ୍ପର୍କରେ କ'ଣ ସର୍ବଦା ସେହି ବେଦନାଦାୟକ ଅନୁଭୂତି ରହି ଚାଲିବ ନାହିଁ ? ଏବଂ ସବୁ ସମୟରେ କ'ଣ ସେହି ଶକ୍ତିଗୁଡ଼ିକ ରହିବ ନାହିଁ ଯାହାକୁ ଆମେ ବିରୋଧିଶକ୍ତି ବୋଲି କହୁଛୁ ଓ ଯେଉଁଗୁଡ଼ିକ ବିକାଶର ଏହି ଗତିବୃତ୍ତିକୁ ସୁସଙ୍ଗତି ଓ ସୁସମଞ୍ଜସ ଭାବରେ ଅନୁସରଣ କରିପାରୁ ନାହାନ୍ତି ?'' ସେତେବେଳେ ଏକ ଉତ୍ତର ମିଳିଲା, ସେହି ସୂକ୍ଷ୍ମଦର୍ଶନ ବା ଅନ୍ତର୍ଦୃଷ୍ଟିଟି ଆସିଲା ଯେ : ନା, ସେହି ସମ୍ଭାବନା ନିକଟତର ହୋଇ ଆସୁଛି, ସେହି ପୂର୍ଣ୍ଣ ଦିବ୍ୟପ୍ରେମର ସାରମର୍ମ ଅଭିବ୍ୟକ୍ତ ହେବାର ସମୟ ପାଖେଇ ଆସୁଛି ଯାହାକି ଏହି ଅଚେତନତା, ଏହି ଅଜ୍ଞାନତା ଓ ଏଥିରୁ ଉପୁଜୁଥିବା ଅସଦିଚ୍ଛାକୁ ଏପରି ଏକ ଅଗ୍ରଗତିରେ ରୂପାନ୍ତରିତ କରି ନେଇପାରେ ଯାହା ଆଲୋକମୟ, ଆନନ୍ଦମୟ, ପୂର୍ଣ୍ଣତା ପାଇଁ ତଥା ନିଜ ଭିତରେ ସବୁକିଛିକୁ ଅନ୍ତର୍ଭୁକ୍ତ କରିବା ପାଇଁ ବ୍ୟଗ୍ର ।

ଏହା ଅତି ସ୍ୱଷ୍ଟ ଓ ସୁନିର୍ଦ୍ଦିଷ୍ଟ ଥିଲା ।

ଏବଂ ଏହା ଥିଲା ସେହି ଅବସ୍ଥା, ଯେଉଁଥିରେ ଜଣେ ସବୁକିଛି ସହ ଏପରି ପୂର୍ଣ୍ଣ ଭାବରେ ଏକାତ୍ମ ହୋଇଯାଏ ଯେ ଯାହାକିଛି ଭଗବତ୍ ବିରୋଧୀ, ସେ ନିଜେହିଁ ତାହା ହୋଇ ଉଠେ ଯେପରିକି ସେହି ଭଗବତ୍ ବିରୋଧୀ ବସ୍ତୁଗୁଡ଼ିକୁ ସେ ଭଗବାନଙ୍କ ପାଖରେ ନିବେଦନ ଓ ଅର୍ପଣ କରି ଦେଇ ପାରିବ ଏବଂ ସେଗୁଡ଼ିକୁ ଅର୍ପଣ କରିଦେଇ ସେଗୁଡ଼ିକୁ ରୂପାନ୍ତରିତ କରି ଦେଇପାରିବ ।

ମୂଳତଃ ମଣିଷମାନଙ୍କ ଭିତରେ ଶୁଦ୍ଧି ପାଇଁ, ଶୁଭ ପାଇଁ ଏହି ଇଚ୍ଛା,– ଯାହାକି ସାଧାରଣ ମାନସିକତା ଭିତରେ ନିଜକୁ ପ୍ରକାଶ କରେ ସଦ୍‌ଗୁଣ ସମ୍ପନ୍ନ ଭଲ ମଣିଷଟିଏ ହେବାର ଇଚ୍ଛାରେ – ଏହାହିଁ ହୋଇଥାଏ ଯଥାର୍ଥ ଆତ୍ମଦାନ ଦିଗରେ ସବୁଠୁ ବଡ଼ ଏକ ବାଧା ।

ଏହାହିଁ ହେଉଛି ମିଥ୍ୟାଚାରର ମୂଳ ଉତ୍ସ, ଏବଂ ଅଧିକନ୍ତୁ ସମସ୍ତ ପ୍ରବଞ୍ଚନା ଓ ଛଳନାର ଉତ୍ସ – ଏହା ହେଉଛି ବାଧାବିଘ୍ନର ବୋଝଗୁଡ଼ିକୁ ବହନ କରିବାରେ ତୁମର ଭାଗଟିକୁ ନିଜ ଉପରକୁ ନେବା ପାଇଁ ଅସ୍ୱୀକାର । ଏବଂ ଏହି ସୂତ୍ରଟିରେ ଶ୍ରୀଅରବିନ୍ଦ ଅତି ସହଜ ଓ ସିଧାସଳଖ ଭାବରେ ସେହି କଥାଟିକୁ ଦର୍ଶାଇଛନ୍ତି ।

ଜଣେ ସଦ୍‌ଗୁଣସମ୍ପନ୍ନ ଭଲ ମଣିଷ ବୋଲି ନିଜକୁ ଦେଖାଇବା ପାଇଁ ଚେଷ୍ଟା କର ନାହିଁ । ଦେଖ, ଯାହାକିଛି ଭଗବତ୍ ବିରୋଧୀ ସେଗୁଡ଼ିକ ସଙ୍ଗେ ତୁମେ ନିଜକୁ କେତେଟା ଯୁକ୍ତ କରିପାରୁଛ । ବୋଝର ତୁମ ଭାଗଟିକୁ ନିଜ ଉପରକୁ ନିଅ, ତୁମେ ନିଜେ କେତେଟା ଅଶୁଦ୍ଧ ଓ ମିଥ୍ୟାଚାରସମ୍ପନ୍ନ ତାହା ଗ୍ରହଣ କର ଏବଂ ସେହି ଭାବରେହିଁ ତୁମେ ସେହି କଳାଛାୟାଟିକୁ ନେଇ ଭଗବାନଙ୍କ ପାଖରେ ଅର୍ପଣ କରିଦେଇ ପାରିବ । ଏବଂ ଯେତିକିଟା ପରିମାଣରେ ତୁମେ ଏହାକୁ ଗ୍ରହଣ କରି ଭଗବାନଙ୍କ ପାଖରେ ଅର୍ପଣ କରିବାକୁ ସମର୍ଥ ହେବ, ସେହି ଅନୁଯାୟୀହିଁ ବସ୍ତୁଗୁଡ଼ିକ ବଦଳି ଯିବ ।

ନିଜକୁ କେବଳ ଶୁଦ୍ଧ ବା ପବିତ୍ର ଲୋକମାନଙ୍କ ଭିତରେ ରଖିବାକୁ ଚେଷ୍ଟା କର ନାହିଁ । ଯେଉଁମାନେ ଅନ୍ଧକାରରେ ରହିଛନ୍ତି ସେମାନଙ୍କ ସଙ୍ଗେ ରହିବାକୁ ସ୍ୱୀକାର କରି, ସେସମସ୍ତଙ୍କୁ ଏକ ସମଗ୍ର ପ୍ରେମ ନେଇ ଭଗବାନଙ୍କୁ ଅର୍ପଣ କରିଦିଅ ।

୨୧ ଜାନୁଆରି ୧୯୬୨ ✣

# ପୂର୍ଣ୍ଣସମତା

## ଶ୍ରୀଅରବିନ୍ଦ

ଆଧ୍ୟାତ୍ମିକ ପୂର୍ଣ୍ଣତା ପାଇଁ ସର୍ବପ୍ରଥମ ଆବଶ୍ୟକତା ହେଉଛି ଏକ ପୂର୍ଣ୍ଣସମତା । ପୂର୍ଣ୍ଣତାର ଶବ୍ଦଟିକୁ ଆମେ ଯୋଗରେ ଯେଉଁ ଅର୍ଥରେ ବ୍ୟବହାର କରିଥାଉ, ତାହା ହେଉଛି ଏକ ନିମ୍ନତର ଅଦିବ୍ୟ ପ୍ରକୃତି ଭିତରୁ ଏକ ଉଚ୍ଚତର ଦିବ୍ୟପ୍ରକୃତି ଭିତରକୁ ଆମର ଅଭିବୃଦ୍ଧି । ଜ୍ଞାନର ଭାଷାରେ କହିଲେ ଏହା ହେଉଛି ଉଚ୍ଚତର ଆତ୍ମସତ୍ତାକୁ ପରିଗ୍ରହଣ କରି ଅନ୍ଧକାରମୟ ଖଣ୍ଡିତ ନିମ୍ନତର ଆତ୍ମସତ୍ତାକୁ କାଢ଼ି ଫିଙ୍ଗି ଦେବା; କିଂବା ଏହା ହେଉଛି ଆମର ଅପୂର୍ଣ୍ଣତାର ଅବସ୍ଥାକୁ ଆମର ଯଥାର୍ଥ ଓ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱର ଏକ ସୁଠାମ ଜ୍ୟୋତିର୍ମୟ ପୂର୍ଣ୍ଣତାରେ ରୂପାନ୍ତରିତ କରିବା । ଭକ୍ତି ଓ ଆରାଧନାର ଭାଷାରେ କହିଲେ ଏହି ପୂର୍ଣ୍ଣତା ହେଉଛି ଭଗବାନଙ୍କ ଦିବ୍ୟସତ୍ତାର ସ୍ୱଭାବ ବା ଧର୍ମର ସାଦୃଶ୍ୟ ଭିତରକୁ ଏକ ଅଭିବୃଦ୍ଧି, ଆମେ ଯାହାଙ୍କୁ ପାଇବାକୁ ଚାହୁଁ, ତାଙ୍କ ସହିତ ମିଳିତ ହେବା । କାରଣ ଯଦି ଏହି ସାଦୃଶ୍ୟ ନ ଥାଏ, ସତ୍ତାର ଧର୍ମ ଭିତରେ ଯଦି ଏହି ଐକ୍ୟ ନ ଥାଏ, ତେବେ ସେହି ବିଶ୍ୱାତୀତ ଓ ବିଶ୍ୱମୟଙ୍କ ସଙ୍ଗେ ଏହି ବ୍ୟକ୍ତି-ଆତ୍ମାର କୌଣସି ମିଳନ, କୌଣସି ଏକତ୍ୱ ସମ୍ଭବ ହୁଅନ୍ତା ନାହିଁ ।

ପରମା ଭାଗବତୀ ପ୍ରକୃତି ସମତା ଉପରେହିଁ ପ୍ରତିଷ୍ଠିତ । ଏହି କଥାଟି ସବୁବେଳେ ସତ୍ୟ ହୋଇ ରହିବ, ଆମେ ସେହି ପରମଦିବ୍ୟଙ୍କୁ ଏକ ବିଶୁଦ୍ଧ ନୀରବ ଆତ୍ମା, ଦିବ୍ୟ ବ୍ରହ୍ମ ବୋଲି ଦେଖୁ ବା ବିଶ୍ୱଜୀବନ ଓ ଅସ୍ତିତ୍ୱର ଦିବ୍ୟ ନିୟନ୍ତା ବା କର୍ତ୍ତା ବୋଲି ଦେଖୁ । ବିଶୁଦ୍ଧ ଦିବ୍ୟ ଆତ୍ମା ସର୍ବଦା ସମଭାବ ସହ ନିଶ୍ଚଳ ହୋଇ ରହିଛି, ବିଶ୍ୱଜୀବନରେ ରହିଥିବା ସମସ୍ତ ସମ୍ବନ୍ଧ ଓ ଘଟୁଥିବା ସମସ୍ତ ଘଟଣା ଭିତରେ ଏକ ନିରପେକ୍ଷ ଶାନ୍ତିଭାବ ଅବଲମ୍ବନ କରି ଦ୍ରଷ୍ଟା ଓ ସାକ୍ଷୀ ରୂପେ ରହିଛି । ସେଗୁଡ଼ିକ ସଂପର୍କରେ ଏହାର କୌଣସି ବିରକ୍ତି ବା ବିତୃଷ୍ଣାର ଭାବ ନାହିଁ – କାରଣ ବିତୃଷ୍ଣାକୁ ତ କେବେହେଲେ ସମତା ବୋଲି କୁହାଯାଇପାରିବ ନାହିଁ; ତା'ଛଡ଼ା ବିଶ୍ୱଜୀବନ ଓ ଅସ୍ତିତ୍ୱ ସଂପର୍କରେ ଆତ୍ମାର ମନୋବୃତ୍ତି ଯଦି ଏହାହିଁ ହୋଇ ଥାଆନ୍ତା, ତେବେ ବିଶ୍ୱର କୌଣସି ସୃଷ୍ଟି ଆଦୌ ସମ୍ଭବ ହୋଇ ନ ଥା'ନ୍ତା ବା ନିଜର ଆବର୍ତ୍ତନଗୁଡ଼ିକ ଭିତରେ ଏହାର କୌଣସି ଅଗ୍ରଗତି ହୋଇ ନ ଥା'ନ୍ତା । ଏକ ଅନାସକ୍ତି, ସମଦୃଷ୍ଟିର ଶାନ୍ତ ସ୍ଥିରତା, ବାହ୍ୟ ପ୍ରକୃତିରେ ଜଡ଼ିତ ଆତ୍ମାକୁ ଯେଉଁସବୁ ପ୍ରତିକ୍ରିୟା ବ୍ୟସ୍ତବିବ୍ରତ କରିଥାଏ ଓ ଯେଉଁଗୁଡ଼ିକ ତା' ପାଇଁ ଅକ୍ଷମତା-ସୂଚକ ଦୁର୍ବଳତା, ସେହିସବୁ ପ୍ରତିକ୍ରିୟାର ଊର୍ଦ୍ଧ୍ୱରେ ରହିପାରିବାର ଏକ ଶକ୍ତି – ଏହିଗୁଡ଼ିକହିଁ ହେଉଛି ନୀରବ ଅନନ୍ତଙ୍କର ଶୁଦ୍ଧତାର ମୂଳ ଉପାଦାନ ଏବଂ ଏହିଗୁଡ଼ିକହିଁ ହେଉଛି ବିଶ୍ୱର ବହୁମୁଖୀ ଗତିବୃତ୍ତି ପଛରେ ତାଙ୍କର ନିରପେକ୍ଷ ସମ୍ମତି ଓ ସମର୍ଥନର ଆବଶ୍ୟକ ସର୍ତ୍ତ । କିନ୍ତୁ ପରମଙ୍କର ଯେଉଁ ଶକ୍ତି ଏହି ସମସ୍ତ ଗତିବୃତ୍ତିର ନିୟନ୍ତ୍ରଣ ଓ ବିକାଶ କରାଉଥାଏ, ତହିଁରେ ମଧ୍ୟ ଏହି ସମତାହିଁ ହେଉଛି ଏକ ମୌଳିକ ସର୍ତ୍ତ ।

ବସ୍ତୁସକଳର ଯେ ହେଉଛନ୍ତି ଦିବ୍ୟକର୍ତ୍ତା ଓ ପ୍ରଭୁ, ସେ ସେହି ବସ୍ତୁଗୁଡ଼ିକର ପ୍ରତିକ୍ରିୟାସବୁ ଦ୍ୱାରା କେବେହେଲେ ପ୍ରଭାବିତ ବା ବିବ୍ରତ ହୁଅନ୍ତି ନାହିଁ । ଯଦି ସେ ସେପରି ହୋଇ ପଡୁଥାଆନ୍ତେ ତା' ହେଲେ ସେ ସେଗୁଡ଼ିକର ପ୍ରଭୁ ହୋଇ ନ ରହି ସେଗୁଡ଼ିକର ଅଧୀନ ହୋଇହିଁ ରୁହନ୍ତେ; ତାଙ୍କ ନିଜର ସାର୍ବଭୌମ ସଂକଳ୍ପ ଓ ବିଜ୍ଞତା ଅନୁସାରେ ଓ ସେହି ବସ୍ତୁଗୁଡ଼ିକର ସଂବନ୍ଧସବୁ ପଛରେ ଯେଉଁ ଅନ୍ତର୍ନିହିତ ସତ୍ୟ ଓ ପ୍ରୟୋଜନ ରହିଛି ସେହି ଅନୁସାରେ ସେଗୁଡ଼ିକର ବିକାଶ ସାଧନ କରିବା ଲାଗି ସେ ଆଉ ସ୍ୱାଧୀନ ହୋଇ ରହିପାରି ନ ଥା'ନ୍ତେ – ବରଂ ସେ ବାଧ୍ୟ ହେଉଥାଆନ୍ତେ ସାମୟିକ ନାନା ଆକସ୍ମିକତା ଓ ସଂଘଟନର ଦାବି ଅନୁଯାୟୀ କାର୍ଯ୍ୟ କରିବାକୁ । ସମସ୍ତ ବସ୍ତୁର ଯଥାର୍ଥ ସତ୍ୟଟି ନିହିତ ରହିଛି ସେମାନଙ୍କ ଗଭୀରତାସବୁର ନୀରବ ପ୍ରଶାନ୍ତି ଭିତରେ, ତାହା ଉପରିଭାଗର ସଦାଚଞ୍ଚଳ ଓ ସଦା ପରିବର୍ତ୍ତନଶୀଳ ତରଙ୍ଗମାଳାର ଅସ୍ଥିର ରୂପ ଭିତରେ ନାହିଁ । ସେହି ପରମସଚେତନ ଦିବ୍ୟସତ୍ତା ତାଙ୍କର ଦିବ୍ୟଜ୍ଞାନ, ଦିବ୍ୟଇଚ୍ଛା ଓ ଦିବ୍ୟପ୍ରେମ ନେଇ ସେହି ବସ୍ତୁଗୁଡ଼ିକର ବିବର୍ତ୍ତନକୁ ନିୟନ୍ତ୍ରିତ ଓ ଚାଳିତ କରୁଛନ୍ତି ସେହିସବୁ ଗଭୀରତା ଭିତରୁ ଏବଂ ବାହ୍ୟ ଉପରିଭାଗର କୋଳାହଳରେ ସେ ଆଦୌ ବିଚଳିତ ନୁହନ୍ତି । ଆମ ଅଜ୍ଞାନତାର ଦୃଷ୍ଟିରେ ଅନେକ ସମୟରେ ତାହା ଏକ ନିଦାରୁଣ ବିଭ୍ରାନ୍ତି ଓ ପଥଚ୍ୟୁତି ପରି ଲାଗେ । ଦିବ୍ୟପ୍ରକୃତି କେବେହେଲେ ଆମର ପଥ ଅଣ୍ଡାଳିବା ଓ ଆତୁର

ଆବେଗଗୁଡ଼ିକରେ ଅଂଶ ଗ୍ରହଣ କରେ ନାହିଁ; ଆମେ ଯେତେବେଳେ ଭଗବାନଙ୍କର କ୍ରୋଧ ବା ତାଙ୍କର ସ୍ୱତନ୍ତ୍ର ଅନୁଗ୍ରହ ବା ମଣିଷ ଭିତରେ ତାଙ୍କ ଦୁଃଖଭୋଗ ଆଦି କଥା କହୁ ସେତେବେଳେ ଆମେ କେବଳ ମାନୁଷୀ ଭାଷାରହିଁ ବ୍ୟବହାର କରିଥାଉ, ଯାହାକି ଆମେ ବ୍ୟକ୍ତ କରିବାକୁ ଚାହୁଁଥିବା ଗତିବୃତ୍ତିଗୁଡ଼ିକର ଅନ୍ତର୍ନିହିତ ତାତ୍ପର୍ଯ୍ୟକୁ ପୂରା ଭୁଲ୍ ଭାବରେ ଅନୁବାଦ କରିଥାଏ । ଆମେ ସେଗୁଡ଼ିକର ବାସ୍ତବ ସତ୍ୟକୁ କେତେକାଂଶରେ ଦେଖିବା ପାଇଁ କେବଳ ସେତିକିବେଳେ ସମର୍ଥ ହେବୁ ଯେତେବେଳେ ଆମେ ଜାଗତିକ ମନ ଭିତରୁ ଉଠିଯିବୁ ଆଧ୍ୟାତ୍ମିକ ସତ୍ତାର ଶିଖରଗୁଡ଼ିକ ଭିତରକୁ ।

କାରଣ ସେତେବେଳେ ଆମେ ପ୍ରତ୍ୟକ୍ଷ କରିବୁ ଯେ ଆତ୍ମାର ନିଶ୍ଚଳ ନୀରବତା ଭିତରେ ହେଉ ବା ବିଶ୍ୱଜଗତର କ୍ରିୟାର କ୍ଷେତ୍ରରେ ହେଉ ଭଗବାନ୍ ସବୁସମୟରେ ସଚ୍ଚିଦାନନ୍ଦହିଁ ହୋଇ ରହିଛନ୍ତି । ଏକ ଅନନ୍ତ ଅସ୍ତିତ୍ୱ, ଏକ ଅନନ୍ତ ଚେତନା, ସଚେତନ ସତ୍ତାର ଏକ ଆତ୍ମପ୍ରତିଷ୍ଠ ଶକ୍ତି, ନିଜର ସମଗ୍ର ଅସ୍ତିତ୍ୱରେ ଏକ ଅନନ୍ତ ଆନନ୍ଦ ହୋଇହିଁ ରହିଛନ୍ତି । ସେତେବେଳେ ଆମେ ସ୍ୱୟଂ ଏକ ସମତାଯୁକ୍ତ ଜ୍ୟୋତିଃ, ଶକ୍ତି ଓ ଆନନ୍ଦରେ ବାସ କରିବାକୁ ଆରମ୍ଭ କରୁ— ଯେଉଁଗୁଡ଼ିକ ହେଉଛି ଆତ୍ମା ତଥା ବସ୍ତୁସବୁର ଭିତରେ ବିଦ୍ୟମାନ ଦିବ୍ୟଜ୍ଞାନ, ଦିବ୍ୟସଂକଳ୍ପ ଓ ଦିବ୍ୟ ଆନନ୍ଦରହିଁ ଏକ ରୂପାୟଣ ଏବଂ ସେଗୁଡ଼ିକ ସେହି ଅନନ୍ତ ଦିବ୍ୟ ଉତ୍ସସବୁ ଭିତରୁ କ୍ରିୟାଶୀଳ ବିଶ୍ୱସ୍ରୋତ ରୂପେ ପ୍ରବାହିତ ହୋଇ ଆସୁଛନ୍ତି । ସେହି ଜ୍ୟୋତିଃ, ଶକ୍ତି ଓ ଆନନ୍ଦର ସାମର୍ଥ୍ୟକୁ ଅବଲମ୍ବନ କରି ଆମ ଭିତରେ ରହିଥିବା ଏକ ଗୋପନ ଆତ୍ମା ଓ ଚିତ୍‌ସତ୍ତା ମନ ଦ୍ୱାରା ପ୍ରସ୍ତୁତ ଦ୍ୱୈତାର୍ଥକ ଲିପିଗୁଡ଼ିକୁ ଗ୍ରହଣ କରିନିଏ ଏବଂ ସେଗୁଡ଼ିକୁ ନିଜର ପୂର୍ଣ୍ଣ ଅନୁଭୂତିର ଆହାର-ସାମଗ୍ରୀରେ ପରିଣତ କରେ । ଏବଂ ବର୍ତ୍ତମାନ ମଧ୍ୟ ଯଦି ଆମ ଭିତରେ ଏହି ପ୍ରଚ୍ଛନ୍ନ ବୃହତ୍ତର ଅସ୍ତିତ୍ୱଟି ବିଦ୍ୟମାନ ହୋଇ ରହି ନ ଥା'ନ୍ତା ତେବେ ଆମେ ବିଶ୍ୱଶକ୍ତି ସବୁର ଚାପକୁ କେବେହେଲେ ସହ୍ୟ କରିପାରନ୍ତୁ ନାହିଁ ବା ଏହି ବିଶାଳ ଓ ବିପତ୍‌ସଂକୁଳ ପୃଥିବୀରେ ଜୀବନ ଧାରଣ କରିପାରନ୍ତୁ ନାହିଁ । ଆମର ଆତ୍ମା ଓ ପ୍ରକୃତିର ଏକ ପୂର୍ଣ୍ଣ ସମତାହିଁ ହେଉଛି ସେହି ଉପାୟ ଓ ଅବଲମ୍ବନ ଯାହାଦ୍ୱାରା ଆମେ ବିକ୍ଷୁବ୍ଧ ଓ ଅଜ୍ଞାନମୟ ବାହ୍ୟ ଚେତନାରୁ ଅନ୍ତରର ଏହି ସ୍ୱର୍ଗରାଜ୍ୟ ଭିତରକୁ ଫେରି ଆସିପାରିବା ଏବଂ ଆତ୍ମାର ଶାଶ୍ୱତ ରାଜ୍ୟସବୁକୁ – ରାଜ୍ୟମ୍ ସମୃଦ୍ଧମ୍ – ଅଧିକାର କରିପାରିବା, ଯାହା ହେଉଛି ମହାନତା, ଆନନ୍ଦ ଓ ଶାନ୍ତିର ରାଜ୍ୟ । ଯୋଗରେ ଆତ୍ମପୂର୍ଣ୍ଣତାର ଲକ୍ଷ୍ୟ ଆମଠାରୁ ସମତାର ଯେଉଁ ସାଧନାଟି ଦାବି କରୁଛି, ଦିବ୍ୟପ୍ରକୃତି ଭିତରକୁ ଆମର ଆତ୍ମ-ଉତ୍ତରଣ ହେଉଛି ସେହି ସଂପୂର୍ଣ୍ଣ ଫଳ ଓ ସମଗ୍ର ଉପଲକ୍ଷ୍ୟ । ✣

ଆମକୁ ଆହୁରି ଦୂରକୁ ଯିବାକୁ ହେବ, ଆମକୁ ଅଗ୍ରସର ହେବାକୁ ହେବ, ବିଶାଳତର ଉଚ୍ଚତା ଅଭିମୁଖରେ ଉତ୍ଥିତ ହେବାକୁ ହେବ, ସୁଖ ଓ ନିଜର ବ୍ୟକ୍ତିଗତ କୁଶଳ ପାଇଁ ସମସ୍ତ କ୍ଷୁଧାତୁର ବାସନାକୁ ଅତିକ୍ରମ କରିବାକୁ ହେବ, କୌଣସି ଶାସ୍ତି, ଏପରିକି ପାରଲୌକିକ ଶାସ୍ତିର ଭୟରେ ନୁହେଁ – ଏହା କରିବାକୁ ହେବ ଏକ ନୂତନ ସୌନ୍ଦର୍ଯ୍ୟବୋଧର ବିକାଶ ଦ୍ୱାରା, ସତ୍ୟ ଓ ଆଲୋକର ଏକ ପିପାସା ଦ୍ୱାରା ଏବଂ ଏହା ବୁଝିବା ଦ୍ୱାରା ଯେ କେବଳ ନିଜକୁ ପ୍ରସାରିତ କରିବା ଦ୍ୱାରା, ନିଜକୁ ଆଲୋକିତ କରିବା ଦ୍ୱାରା, ଅଗ୍ରଗତି ପାଇଁ ଆବେଗପୂର୍ଣ୍ଣ ଉତ୍ସାହର ଆଲୋକ ଜାଳି ନିଜକୁ ଉଦ୍ଭାସିତ କରିବା ଦ୍ୱାରାହିଁ ଆମେ ତହିଁ ସଙ୍ଗେ ସଙ୍ଗେ ଯୁଗପତ୍ ଆନ୍ତର ଶାନ୍ତି ଓ ଦୀର୍ଘସ୍ଥାୟୀ ଆନନ୍ଦ ପାଇ ପାରିବୁ ।

ଆମକୁ ଉର୍ଦ୍ଧ୍ୱୋତ୍ଥିତ ହେବାକୁ ହେବ, ଏବଂ ନିଜକୁ ପ୍ରସାରିତ କରିବାକୁ ହେବ – ଉର୍ଦ୍ଧ୍ୱୋତ୍ଥିତ ହେବାକୁ ହେବ ... ପ୍ରସାରିତ କରିବାକୁ ହେବ ।

– ଶ୍ରୀମା

# ଚତୁର୍ଥ ମାତ୍ରାୟତନ

## ଶ୍ରୀମା

*ଶିଷ୍ୟ : ଆମ ନିଜକୁ ପ୍ରସ୍ତୁତ କରିବାର ସବୁଠୁ ଭଲ ବାଟ କ'ଣ ?*

ଶ୍ରୀମା : ସ୍ୱାଭାବିକ ଭାବରେ ଏହା ହେଉଛି ତୁମ ନିଜ ଚେତନାକୁ ବିସ୍ତାରିତ ଓ ଆଲୋକିତ କରିବା – କିନ୍ତୁ ଏହା କରାଯିବ କିପରି ? ତୁମ ନିଜର ଚେତନାକୁ... ବିସ୍ତାରିତ ଓ ଆଲୋକିତ କରିବା । ଏବଂ ତୁମେ ଯଦି ପ୍ରତ୍ୟେକେ ନିଜର ଚୈତ୍ୟସତ୍ତାକୁ ପାଇ ପାରିବ ଓ ତାହା ସଙ୍ଗେ ଏକ ହୋଇ ପାରିବ, ତେବେ ସମସ୍ତ ସମସ୍ୟାର ସମାଧାନ ହୋଇଯିବ ।

ମାନବସତ୍ତା ଭିତରେ ଚୈତ୍ୟସତ୍ତାହିଁ ହେଉଛି ଭଗବାନଙ୍କର ପ୍ରତିନିଧି । ଏହାହିଁ ସତ୍ୟ, ଦେଖ – ଭଗବାନ୍ ଏପରି କିଛି ନୁହନ୍ତି ଯାହା ସୁଦୂରସ୍ଥ, ଓ ଅନଧିଗମ୍ୟ ବା ଅପ୍ରାପ୍ୟ । ଭଗବାନ୍ ତୁମ ଭିତରେ ରହିଛନ୍ତି କିନ୍ତୁ ତୁମେ ତାଙ୍କ ସଂପର୍କରେ ସଂପୂର୍ଣ୍ଣ ସଚେତ ନୁହଁ । ବରଂ ତୁମର ରହିଛି... ଏହା ବର୍ତ୍ତମାନ ଏକ ଦିବ୍ୟ ଉପସ୍ଥିତି ଅପେକ୍ଷା ବରଂ ଏକ ପ୍ରଭାବ ରୂପେ କ୍ରିୟା କରୁଛି । ଏହା ଏକ ସଚେତ ଦିବ୍ୟ ଉପସ୍ଥିତି ହେବା ଆବଶ୍ୟକ; ପ୍ରତ୍ୟେକ ମୁହୂର୍ତ୍ତରେ ତୁମେ ନିଜକୁ ପଚାରିବାକୁ ସକ୍ଷମ ହେବା ଉଚିତ, ଏହା କ'ଣ ଓ କିପରି... କିପରି ଭଗବାନ୍ ଦେଖନ୍ତି । ଏହା ଏହି ଧରଣର ହୋଇଥାଏ; ପ୍ରଥମେ ଭଗବାନ୍ କିପରି ଦେଖନ୍ତି, ତା'ପରେ ଭଗବାନ୍ କିପରି ଇଚ୍ଛା କରନ୍ତି ଏବଂ ତା'ପରେ ଭଗବାନ୍ କିପରି କ୍ରିୟା କରନ୍ତି । ଏବଂ ଏଥିପାଇଁ ଅଗମ୍ୟ କୌଣସି ରାଜ୍ୟକୁ ଯିବାକୁ ହେବ ନାହିଁ, ଏହା ଏହିଠାରେହିଁ ରହିଛି । କେବଳ, ବର୍ତ୍ତମାନ ପାଇଁ, ସମସ୍ତ ପୁରୁଣା ଅଭ୍ୟାସ ଓ ସାଧାରଣ ଅଚେତନତା ଏହା ଉପରେ ଏକ ଆବରଣ ଢାଙ୍କି ଦେଇଛି ଯାହା ଆମକୁ ବାଧା ଦେଉଛି ଏହାକୁ ଦେଖିବା ପାଇଁ ଓ ଅନୁଭବ କରିବା ପାଇଁ । ତୁମକୁ ଏହାକୁ ଉଠାଇ ଦେବାକୁ ହେବ, ଏହି ପରଦା ଓ ଆବରଣଟିକୁ ଉଠାଇ ଦେବାକୁ ହେବ ।

ବାସ୍ତବରେ, ତୁମକୁ ସଚେତ ଯନ୍ତ୍ର ହୋଇ ଉଠିବାକୁ ହେବ,... ସଚେତ... ଭଗବାନଙ୍କ ସଂପର୍କରେ ସଚେତ ।

ସାଧାରଣତଃ ଏଥିପାଇଁ ସାରା ଜୀବନ ବିତିଯାଏ, ବା କେତେକ ସମୟରେ, କେତେକ ଲୋକଙ୍କ କ୍ଷେତ୍ରରେ ଏଥିପାଇଁ ଅନେକଗୁଡ଼ିଏ ଜୀବନ କାଳ ବିତିଯାଏ । ଏଠାରେ, ଏହି ବର୍ତ୍ତମାନ ଅବସ୍ଥାରେ ତୁମେ ମାତ୍ର କେଇ ମାସ ଭିତରେ ଏହା ସଂପନ୍ନ କରିପାର । ସେହିମାନଙ୍କ ପାଇଁ... ଯେଉଁମାନଙ୍କର ଏକ ଜ୍ୱଳନ୍ତ ଅଭୀପ୍ସା ଅଛି, ସେଇମାନେ ଅଳ୍ପ କେଇ ମାସ ଭିତରେ ଏହାକୁ ସମ୍ପନ୍ନ କରି ପାରିବେ ।

(ଦୀର୍ଘ ନୀରବତା)

ତୁମେ କିଛି ଅନୁଭବ କଲ କି ? ପୂରାପୂରି ଆନ୍ତରିକ ହୁଅ । କୁହ, ତୁମେ କିଛି ଅନୁଭବ କଲ କି, ଅଥବା ତୁମ ପାଇଁ କିଛି ବି ପାର୍ଥକ୍ୟ ଅନୁଭୂତ ହେଲା ନାହିଁ । ପୂରା ଆନ୍ତରିକ ହୁଅ । ବାସ୍, କେହି କିଛି ଉତ୍ତର ଦେଉ ନାହଁ । (*ମା' ଜଣ ଜଣ କରି ପ୍ରତ୍ୟେକଙ୍କୁ ପଚାରିଲେ ଓ ପ୍ରତ୍ୟେକେ ନିଜ ନିଜର ଉତ୍ତର ଦେଲେ ।*)

*ଜଣେ ଶିଷ୍ୟ : ମଧୁମୟି ମା', ମୁଁ ଆପଣଙ୍କୁ ପଚାରିପାରେ ବିଶେଷ ଏକ ଅବତରଣ ହୋଇଥିଲା କି ?*

ଶ୍ରୀମା : କୌଣସି ଅବତରଣ ହୋଇ ନ ଥିଲା । ପୁଣି ଏକ ଭୁଲ୍ ଧାରଣା : କୌଣସି ଅବତରଣ ନୁହେଁ । ଏହା ଏପରି କିଛି ଜିନିଷ ଯାହା ସଦାସର୍ବଦା ରହିଛି, କିନ୍ତୁ ତୁମେ ତାହା ଅନୁଭବ କରୁ ନାହଁ । କୌଣସି ଅବତରଣ ନୁହେଁ, ଏହା ପୂରାପୂରି ଏକ ଭୁଲ୍ ଧାରଣା ।

ତୁମେ ଜାଣ କି ଚତୁର୍ଥ ମାତ୍ରାୟତନ (fourth dimension) ଜିନିଷଟି କ'ଣ ? ଏହା କ'ଣ ତାହା ତୁମେ ଜାଣ କି ?

*ଶିଷ୍ୟ : ଆମେ ଏ ବିଷୟରେ ଶୁଣିଛୁ ।...*

ଶ୍ରୀମା : ତୁମର ଏହି ଅନୁଭୂତିଟି ଅଛି କି ?

*ଶିଷ୍ୟ : ନା ।*

ଶ୍ରୀମା : କିନ୍ତୁ ବାସ୍ତବରେ ଆଧୁନିକ ବିଜ୍ଞାନର ଏହାହିଁ ସର୍ବୋତ୍ତମ ପ୍ରବେଶ ପଥ : ଚତୁର୍ଥ ମାତ୍ରାୟତନ । ଆମ ପାଇଁ ଭଗବାନ୍ ହେଲେ ଏହି ଚତୁର୍ଥ ମାତ୍ରାୟତନ,... ସେ ଚତୁର୍ଥ ମାତ୍ରାୟତନ ଭିତରେ । ଏହା ସର୍ବତ୍ର ରହିଛି, ସର୍ବତ୍ର, ସର୍ବଦା । ଏହା ଆସେ ନାହିଁ ଓ ଯାଏ ନାହିଁ, ଏହା ବରାବର ରହିଛି ସର୍ବତ୍ର । ଆମେ ଓ ଆମର ନିର୍ବୋଧତାହିଁ ବାଧାଦିଏ ଏହାକୁ ଅନୁଭବ କରିବାକୁ । ଦୂରକୁ କେଉଁଆଡ଼େ ଯିବାର ଆବଶ୍ୟକତା ନାହିଁ, ଆଦୌ ନାହିଁ, ଆଦୌ ନାହିଁ, ଆଦୌ ନାହିଁ ।

ତୁମ ଚୈତ୍ୟସତ୍ତା ସଂପର୍କରେ ସଚେତ ହେବାକୁ ହେଲେ ତୁମକୁ ଥରଟିଏ ଚତୁର୍ଥ ମାତ୍ରାୟତନ ସଂପର୍କରେ ସଚେତ ହେବା ପାଇଁ ସକ୍ଷମ ହେବାକୁ ହେବ, ତା' ନ ହେଲେ ତୁମେ ଜାଣି ପାରିବ ନାହିଁ ଏହି ଜିନିଷଟି ପ୍ରକୃତରେ କ'ଣ ।

ହେ ଭଗବାନ୍ ! ସତୁରି ବର୍ଷ ଧରି ମୁଁ ଜାଣିଛି ଏହି ଚତୁର୍ଥ ମାତ୍ରାୟତନ ଜିନିଷଟି କ'ଣ... ସତୁରି ବର୍ଷରୁ ଅଧିକ !

(ନୀରବତା)

ଅପରିହାର୍ଯ୍ୟ, ଏହା ଜାଣିବା ଅପରିହାର୍ଯ୍ୟ ! ଜୀବନ ଆରମ୍ଭ ହୁଏ ଏହିଠାରୁହିଁ । ତା' ନ ହେଲେ ଜଣେ ରହି ଚାଲିବ କେବଳ ମିଥ୍ୟାଚାର ଭିତରେ, ବିଶୃଙ୍ଖଳାର କର୍ଦ୍ଦମ ଭିତରେ, ବିଭ୍ରାନ୍ତି ଓ ଅନ୍ଧକାର ଭିତରେ । ସେହି ମନ, ମନ, ମନ, ମନ ! ଏହି ଚତୁର୍ଥ ମାତ୍ରାୟତନ ବିନା ତୁମ ନିଜ ଚେତନା ସଂପର୍କରେ ସଚେତ ହେବାକୁ ହେଲେ ତୁମକୁ କେବଳ ମନର ଆଶ୍ରୟ ନେବାକୁ ହେବ । ଏହା ଭୟଙ୍କର, ଭୟଙ୍କର ! ବାସ୍ ।

*ଆଉ ଜଣେ ଶିଷ୍ୟ : ମା' ଏହି ନୂଆ ଜୀବନ, ପୁରୁଣା ଜୀବନକୁ ଚଳାଇ ରଖିବା ନୁହେଁ, ନୁହେଁ କି ? ଏହା ନିଜ ଭିତରୁହିଁ ଉତ୍ଥିତ ହୋଇଥାଏ ।*

ମା' : ହଁ, ହଁ ।

*ଶିଷ୍ୟ : ଉଭୟ ଭିତରେ ସମାନ ଜିନିଷ କିଛି ନାହିଁ...*

ଶ୍ରୀମା : ଅଛି, ଅଛି, କିନ୍ତୁ ତୁମେ ସେ ସଂପର୍କରେ ସଚେତ ନୁହଁ । କିନ୍ତୁ ତୁମକୁ ସଚେତ ହେବାକୁ ହେବ ।... ମନହିଁ ତୁମକୁ ବାଧାଦିଏ ଏହା ଅନୁଭବ କରିବାକୁ । ତୁମକୁ ସଚେତ ହେବାକୁ ହେବ । ବର୍ତ୍ତମାନ ତୁମେ ସବୁକିଛିକୁ କେବଳ ମନୋକରଣ ବା ମନୋଗତ କରିଥାଅ, ତୁମେ ଯାହାକୁ ଚେତନା ବୋଲି କୁହ ତାହା କେବଳ ଜିନିଷଗୁଡ଼ିକୁ ମନରେ ଭାବିବା, ଏହାକୁହିଁ ତୁମେ ଚେତନା ବୋଲି କୁହ, କେବଳ ମନରେ ଚିନ୍ତା କରିବା । କିନ୍ତୁ ଏହା ଆଦୌ ତାହା ନୁହେଁ, ଏହା ଆଦୌ ଚେତନା ନୁହେଁ । ଚେତନା ପୂରାପୂରି ସ୍ୱଚ୍ଛ ଓ ନିର୍ମଳ ହେବା ପାଇଁ ସକ୍ଷମ ହେବା ଆବଶ୍ୟକ, ଯେଉଁଥିରେ କୌଣସି *ଶବ୍ଦ ରହିବ ନାହିଁ* ।

(ନୀରବତା)

ସେଠାରେ, ସବୁକିଛି ଆଲୋକମୟ ଓ ଉଷ୍ମ... *ଶକ୍ତିଶାଳୀ* ! ଏବଂ ଶାନ୍ତି, ଯଥାର୍ଥ ଶାନ୍ତି, ଯାହା ଜଡ଼ତା ନୁହେଁ କି ନିଶ୍ଚଳତା ନୁହେଁ ।

*ଶିଷ୍ୟ : ମା', ସମସ୍ତ ପିଲା ଆଗରେ ଏହାକୁହିଁ କ'ଣ ଏକ ଲକ୍ଷ୍ୟ ରୂପେ ରଖାଯିବ ?*

ଶ୍ରୀମା : ସବୁ ପିଲାଙ୍କ ଆଗରେ... ନା । ସେମାନେ ସମସ୍ତେ ଏକା ବୟସର ନୁହନ୍ତି, ଯଦିଓ ଦେହର ବୟସ ଦୃଷ୍ଟିରୁ ସେମାନଙ୍କ ବୟସ ସମାନ ହୋଇପାରେ । ଅନେକ ପିଲା ଅଛନ୍ତି, ଯେଉଁମାନେ ଅତି ପ୍ରାଥମିକ ଅବସ୍ଥାରେ ଅଛନ୍ତି । ତୁମେ ଯଦି ତୁମ ନିଜ ଚୈତ୍ୟ ଚେତନା ସଂପର୍କରେ ସଂପୂର୍ଣ୍ଣ ସଚେତ ହୋଇଥିବ, ତା'ହେଲେ ତୁମେ ସେହି ପିଲାମାନଙ୍କୁ ଜାଣିପାରିବ ଯେଉଁମାନଙ୍କର ଏକ ବିକଶିତ ଚୈତ୍ୟ ଚେତନା ରହିଛି । କେତେକ ପିଲା ଅଛନ୍ତି ଯେଉଁମାନଙ୍କ ଚୈତ୍ୟ ଚେତନା କେବଳ ଏକ ଭ୍ରୂଣ ଅବସ୍ଥାରେହିଁ ରହିଛି । ଚୈତ୍ୟସତ୍ତାର ବୟସ ସମାନ ନୁହେଁ, ବରଂ ତାହାଠାରୁ ବହୁ ଦୂରରେ । ସାଧାରଣତଃ ଚୈତ୍ୟସତ୍ତା ନିଜକୁ ପୂର୍ଣ୍ଣ ରୂପେ ଗଠନ କରିବା ପାଇଁ ଅନେକଗୁଡ଼ିଏ ଜୀବନ ନେଇଥାଏ, ଏବଂ ତାହାହିଁ ଗୋଟିଏ ଜନ୍ମରୁ ଆଉ ଗୋଟିଏ ଜନ୍ମକୁ ଦେହାନ୍ତରିତ ହୋଇଥାଏ । ସେଇଥିପାଇଁ ଆମେ ଆମର ପୂର୍ବଜନ୍ମଗୁଡ଼ିକର ଜୀବନ ସଂପର୍କରେ ସଚେତ ନ ଥାଉ, ତାହାର କାରଣ ହେଉଛି ଆମେ ଆମର ଚୈତ୍ୟସତ୍ତା ସଂପର୍କରେ ସଚେତ ନ ଥାଉ । କିନ୍ତୁ

କେତେକ ସମୟରେ ଦେଖାଯାଏ ଯେ, କୌଣସି ଏକ ଘଟଣାରେ ଗୋଟିଏ ମୁହୂର୍ତ୍ତ ପାଇଁ ଚୈତ୍ୟସତ୍ତା ଅଂଶ ଗ୍ରହଣ କରିଥିଲା, ଏବଂ ତାହାହିଁ ଏକ ସ୍ମୃତି ରୂପେ ରହିଯାଇଥାଏ । ସମୟ ସମୟରେ କିଛି କଥା ଆଂଶିକ ଭାବରେ ସ୍ମୃତି ପଥରେ ଉଦୟ ହୁଏ, କୌଣସି ଏକ ପରିସ୍ଥିତିର ବା ଘଟଣାର ବା ଭାବନାର ବା ଏପରିକି କୌଣସି ଏକ କର୍ମର ସ୍ମୃତି ଏହିଭଳି ଭାବେ ଆସିଥାଏ, ଏହାର କାରଣ ହେଉଛି ଘଟଣାଟି ଘଟିଥିବା ସମୟରେ ଚୈତ୍ୟସତ୍ତା ସଚେତ ଥିଲା ।

ଦେଖ, ମୁଁ ଶହେ ବର୍ଷ ବୟସ ହେବାର ପାଖାପାଖି, ବର୍ତ୍ତମାନଠାରୁ ଆଉ ମାତ୍ର ପାଞ୍ଚ ବର୍ଷ ବାକି । ମୋତେ ପାଞ୍ଚ ବର୍ଷ ବୟସ ହେବାଦିନୁ ମୁଁ ସଚେତ ହେବା ପାଇଁ ଚେଷ୍ଟା କରିବାକୁ ଆରମ୍ଭ କରିଥିଲି । ତୁମକୁ ଏହା ଜଣାଇ ଦେବା ପାଇଁ ଯେ... ମୁଁ ଚାଲିଛି ଓ ସେହି ଚେଷ୍ଟା ମଧ୍ୟ ସେହିପରି ଚାଲିଛି । କେବଳ... ଅବଶ୍ୟ, ମୁଁ ଏପରି ଏକ ଅବସ୍ଥାରେ ପହଞ୍ଚିଛି ଯେଉଁଠି ସେହି କାମଟିକୁ ମୋ ଶରୀରର ଦେହକୋଷଗୁଡ଼ିକ ପାଇଁ କରୁଛି, କିନ୍ତୁ ତଥାପି କାମଟି ଆରମ୍ଭ ହୋଇଥିଲା ଦୀର୍ଘ ଦିନ ପୂର୍ବରୁ ।

ତୁମକୁ ହତୋତ୍ସାହିତ କରିବା ପାଇଁ ନୁହେଁ... କିନ୍ତୁ ତୁମକୁ ଏହା ଜଣାଇ ଦେବାକୁ ଯେ ଖାଲି ସେମିତି ଭାବରେ ଏହି ଜିନିଷଗୁଡ଼ିକ ଘଟେ ନାହିଁ ।

ଶରୀର... ଶରୀର ଏପରି ସବୁ ଉପାଦାନରେ ଗଠିତ ଯାହା ତଥାପି ଖୁବ୍ ଗରୁ ହୋଇ ରହିଛି ଏବଂ ଅତିମାନସର ଅଭିବ୍ୟକ୍ତି ପାଇଁ ସକ୍ଷମ ହେବାକୁ ହେଲେ ସ୍ୱୟଂ ସେହି ଉପାଦାନକୁହିଁ ପରିବର୍ତ୍ତିତ ହେବାକୁ ହେବ ।

ବାସ୍, ଏତିକି । ✣

ଯେତେବେଳେ ଆମେ ସାମୂହିକଭାବେ କାର୍ଯ୍ୟ କରୁ, ସେତେବେଳେ ସର୍ବଦା ଆମ ଭାବନା, ଅନୁଭବ ଓ କର୍ମରେ ମତପାର୍ଥକ୍ୟ ଅପେକ୍ଷା ସହମତି ଉପରେ ଜୋର ଦେବା ଆବଶ୍ୟକ ।

ଯେଉଁ ବିଷୟଗୁଡ଼ିକ ଆମ ଭିତରେ ଐକ୍ୟ ଆଣିଦିଏ ତା' ଉପରେ ଗୁରୁତ୍ୱ ଦେବାକୁ ହେବ; ଏବଂ ଯେଉଁ ବିଷୟଗୁଡ଼ିକ ଆମ ମଧ୍ୟରେ ବିଭେଦ ଆଣିଦିଏ ସେଗୁଡ଼ିକୁ ଯଥାସମ୍ଭବ ଏଡ଼ାଇ ଦେବା ଆବଶ୍ୟକ ।

ଏପରିକି ଯେତେବେଳେ ସ୍ଥୂଳ ଭାବରେ କର୍ମର ଧାରା ଭିନ୍ନ ଭିନ୍ନ ହୋଇଥାଏ, ସେତେବେଳେ ମଧ୍ୟ ଐକ୍ୟ ବୋଧ ଅକ୍ଷୁଣ୍ଣ ଓ ନିରବଚ୍ଛିନ୍ନ ରହିପାରେ; ଯଦି ଆମେ ମନ ମଧ୍ୟରେ ସର୍ବଦା ସେଇସବୁ ଐକ୍ୟଭାବ ଆଣି ଦେଉଥିବା ମୌଳିକ ବିଷୟ ଓ ନୀତିଗୁଡ଼ିକୁ ସ୍ମରଣ ରଖୁ ଏବଂ ସେଇ ଦିବ୍ୟ ଲକ୍ଷ୍ୟ ଓ ଦିବ୍ୟ ଉପଲବ୍ଧିକୁ ସ୍ମରଣ ରଖୁ ଯାହା ହେଉଛି ଆମ ଅଭୀପ୍ସା ଏବଂ କର୍ମର ଏକମାତ୍ର ଅପରିବର୍ତ୍ତନୀୟ ଉଦ୍ଦେଶ୍ୟ ।

— ଶ୍ରୀମା

# ଗୀତାର ଅସାମାନ୍ୟତା

## ଶ୍ରୀଅରବିନ୍ଦ

... ଗୀତା ଆୟୁତରତ୍ନପ୍ରସୂ ଅତଳ ସମୁଦ୍ର । ସମସ୍ତ ଜୀବନକାଳ ସେହି ସମୁଦ୍ରର ନିମ୍ନସ୍ତରକୁ ଅବତରଣ କରି ମଧ୍ୟ ତାହାର ଗଭୀରତାକୁ ଅନୁମାନ କରାଯାଇ ପାରିବ ନାହିଁ, ତା'ର ତଳ ମିଳିବ ନାହିଁ । ଶତ ବର୍ଷ ଖୋଜି ଖୋଜି ସେହି ଅନନ୍ତ ରତ୍ନ ଭଣ୍ଡାରର ସହସ୍ରାଂଶ ଧନ ମଧ୍ୟ ଆହରଣ କରିବା ଦୁଷ୍କର । ଅଥଚ ଗୋଟିଏ ଦୁଇଟି ରତ୍ନ ଉଦ୍ଧାର କରିପାରିଲେ ଦରିଦ୍ର ଧନୀ ହୁଏ, ଗଭୀର ଚିନ୍ତାଶୀଳ ଜ୍ଞାନୀ ହୁଏ, ଭଗବତ୍ ବିଦ୍ୱେଷୀ ପ୍ରେମିକ ହୁଏ, ମହାପରାକ୍ରମୀ ଶକ୍ତିମାନ୍ କର୍ମବୀର ନିଜର ଜୀବନର ଉଦ୍ଦେଶ୍ୟ ସାଧନ ପାଇଁ ସମ୍ପୂର୍ଣ୍ଣ ରୂପେ ସଜ୍ଜିତ ଓ ସନ୍ନଦ୍ଧ ହୋଇ କର୍ମକ୍ଷେତ୍ରକୁ ଫେରି ଆସେ ।

ଗୀତା ଅକ୍ଷୟ ମଣିର ଆକର । ଯୁଗ ଯୁଗ ଧରି ଆକରସ୍ଥ ମଣିକୁ ଯଦି ସଂଗ୍ରହ କରାଯାଏ, ତଥାପି ଭବିଷ୍ୟତ୍ ବଂଶଧରଗଣ ସର୍ବଦା ନୂତନ ନୂତନ ଅମୂଲ୍ୟ ମଣିମାଣିକ୍ୟ ଲାଭ କରି ହୃଷ୍ଟ ଓ ବିସ୍ମିତ ହେବେ ।

ଏହିପରି ଗଭୀର ଗୁପ୍ତଜ୍ଞାନପୂର୍ଣ୍ଣ ପୁସ୍ତକ ଅଥଚ ଭାଷା ଅତିଶୟ ପ୍ରାଞ୍ଜଳ, ରଚନା ସରଳ, ବାହ୍ୟିକ ଅର୍ଥ ସହଜ-ବୋଧଗମ୍ୟ । ଗୀତା ସମୁଦ୍ରର ଅନୁଚ୍ଚ ତରଙ୍ଗ ଉପରେ ଉପରେ ଭାସି ଚାଲିଲେ ଓ ତହିଁରେ ଗଭୀର ଭାବେ ବୁଡ଼ି ନ ଗଲେ ମଧ୍ୟ, କେତେ ଶାନ୍ତି ଓ ଆନନ୍ଦ ବୃଦ୍ଧିପାଏ । ଗୀତାରୂପ ଆକରର ରତ୍ନୋଦ୍ଦୀପିତ ଅନ୍ଧକାର ଭିତରେ ପ୍ରବେଶ ନ କରି କେବଳ ତା'ର ଚାରିପାଖରେ ବୁଲିଲେ ମଧ୍ୟ ତୃଣ ମଧ୍ୟରେ ପତିତ ଉଜ୍ଜ୍ୱଳ ମଣି ମିଳିଥାଏ, ଇହଜୀବନ ପାଇଁ ତାହାକୁ ନେଇହିଁ ଜଣେ ଧନୀ ହୋଇପାରେ ।

ଗୀତାର ସହସ୍ର ବ୍ୟାଖ୍ୟା ହେଲେ ମଧ୍ୟ ଏପରି ସମୟ କେବେ ବି ଆସିବ ନାହିଁ, ଯେତେବେଳେ ଆଉ ନୂତନ ବ୍ୟାଖ୍ୟାର ପ୍ରୟୋଜନ ରହିବ ନାହିଁ । ଏପରି କେହି ଜଗତ୍‌ଶ୍ରେଷ୍ଠ ମହାପଣ୍ଡିତ ବା ଗଭୀର ଜ୍ଞାନୀ ଗୀତାର ଏପରି ବ୍ୟାଖ୍ୟା କରିପାରିବେ ନାହିଁ ଯେ ତାଙ୍କର ବ୍ୟାଖ୍ୟା ହୃଦୟଙ୍ଗମ ହେଲେ କୁହାଯାଇ ପାରିବ, ହୋଇସାରିଛି, ଏହାପରେ ଆଉ ଗୀତାର ବ୍ୟାଖ୍ୟା ନିଷ୍ପ୍ରୟୋଜନ, ସମର୍ଥ ଅର୍ଥ ବୁଝାହୋଇଯାଇଛି । ସମସ୍ତ ବୁଦ୍ଧି ଖର୍ଚ୍ଚ କରି ଏହି ଜ୍ଞାନର କେତେକ ଦିଗ ମାତ୍ର ବୁଝିବା ଓ ବୁଝାଇ ପାରିବା ସମ୍ଭବ; ବହୁକାଳ ଯୋଗମଗ୍ନ ହୋଇ ବା ନିଷ୍କାମ କର୍ମ ମାର୍ଗରେ ଉଚ୍ଚରୁ ଉଚ୍ଚତର ସ୍ଥାନରେ ଆରୂଢ଼ ହୋଇ ଏହି ପର୍ଯ୍ୟନ୍ତ କହିହେବ ଯେ ଗୀତୋକ୍ତ କେତୋଟି ଗଭୀର ସତ୍ୟ ଉପଲବ୍ଧି କରି ପାରିଲି ବା ଗୀତାର ଗୋଟିଏ ଦୁଇଟି ଶିକ୍ଷା ଇହଜୀବନରେ କାର୍ଯ୍ୟରେ ପରିଣତ କରିପାରିଲି ।

(ଶ୍ରୀଅରବିନ୍ଦଙ୍କ ବଙ୍ଗଳା ରଚନା, ପୃଷ୍ଠା : ୨୪୮) ✣

# ଚିନ୍ତା ଉପରେ ପ୍ରଭୁତ୍ୱ

## ଶ୍ରୀମା

*ପ୍ରଶ୍ନ : ଜଣେ କିପରି ତା'ର ଚିନ୍ତାର ପ୍ରଭୁ ହୋଇପାରିବ ?*

ଶ୍ରୀମା : **ପ୍ରଥମ ସର୍ତ୍ତ** : ଏହି ପ୍ରଭୁତ୍ୱର ପୂରା ଗୁରୁତ୍ୱ ବୁଝିବାକୁ ହେଲେ, ପର୍ଯ୍ୟବେକ୍ଷଣ ଦ୍ୱାରା ସେହି ସଚେତନତା ଲାଭ କରିବାକୁ ହେବ ଯେ ଆମର କ୍ରିୟା କର୍ମଗୁଡ଼ିକ ହେଉଛି ଆମ ଚିନ୍ତାରହିଁ ଅବିକଳ ପ୍ରକାଶ । ଏବଂ ଯେପର୍ଯ୍ୟନ୍ତ ଆମେ ଆମର ମାନସିକ କ୍ରିୟାକଳାପଗୁଡ଼ିକ ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ ହାସଲ କରି ନାହୁଁ, ଏହି ଚିନ୍ତାଗୁଡ଼ିକ ପ୍ରତ୍ୟେକଟି ବାହ୍ୟ ପ୍ରଭାବ (ଇନ୍ଦ୍ରିୟାନୁଭୂତିମୂଳକ ସଂବେଦନ ଓ ପ୍ରସ୍ତାବନା ସହ)ରୁ ଆସୁଥିବା ପ୍ରତିବିମ୍ବ ବା ପ୍ରତିକ୍ରିୟା ଛଡ଼ା ଅଧିକ କିଛି ନୁହେଁ । ଏହି ଭାବରେ ଆମ ନିଜ ଉପରେ ଆମର କୌଣସି ଅଧିକାର ବା କର୍ତ୍ତୃତ୍ୱ ନାହିଁ, ଏବଂ ଯେପର୍ଯ୍ୟନ୍ତ ଆମେ ଆମ ନିଜ ବିଚାର ଓ ଚିନ୍ତାର ପ୍ରଭୁ ହୋଇ ନ ପାରିଛୁ, ସେପର୍ଯ୍ୟନ୍ତ ଆମେ କୌଣସି ଭାବରେ ନିଜ ପାଇଁ ନିଜର ଦାୟିତ୍ୱବୋଧ ରଖିପାରିବୁ ନାହିଁ ।

**ଦ୍ୱିତୀୟ ସର୍ତ୍ତ** : ଆମର ମାନସିକ କ୍ରିୟାକଳାପର ଏକ ସାର୍ଥକ ଓ ଫଳପ୍ରଦ ଦିଗ୍‌ନିର୍ଦ୍ଦେଶ ନିମନ୍ତେ ନିରବଚ୍ଛିନ୍ନ ଭାବରେ ସଂକଳ୍ପ କରିବାକୁ ହେବ ।

**ତୃତୀୟ ସର୍ତ୍ତ** : ନିଜର ଚିନ୍ତାଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବାକୁ ହେବ, ଯେପରିକି ଆମେ ସେଗୁଡ଼ିକ ସଙ୍ଗେ ପରିଚିତ ହେଉ, ସେଗୁଡ଼ିକର ଅଭ୍ୟସ୍ତ ଗତିବିଧି ଜାଣିପାରୁ ଏବଂ ସେହିସବୁ ଚିନ୍ତାଗୁଡ଼ିକ ସଂପର୍କରେ ସଚେତ ହେଉ ଯେଉଁଗୁଡ଼ିକର ଆମର ସଂବେଦନଶୀଳ ଓ ଆବେଗମୟ ପ୍ରକୃତି ସଙ୍ଗେ ମେଳ ଓ ସାଦୃଶ୍ୟ ରହିଛି ।

**ଚତୁର୍ଥ ସର୍ତ୍ତ** : ଆମ ନିଜ ଭିତରେ ସେହିସବୁ ବିଚାରର ଅନ୍ୱେଷଣ କରିବାକୁ ହେବ, ଯେଉଁଗୁଡ଼ିକ ସବୁଠୁ ଉଚ୍ଚ, ସବୁଠୁ ମହତ୍, ସବୁଠୁ ଶୁଦ୍ଧ ଓ ସବୁଠୁ ନିଃସ୍ୱାର୍ଥ ବୋଲି ପ୍ରତୀତ ହୁଅନ୍ତି । ଏବଂ ଯେପର୍ଯ୍ୟନ୍ତ ତାହାର ସ୍ଥାନ ନେବା ପାଇଁ ଆହୁରି ଅଧିକ ମହାନ୍ ଓ ସୁନ୍ଦର ବିଚାର ନ ଆସିଛି ସେପର୍ଯ୍ୟନ୍ତ ତାହାକୁହିଁ କେନ୍ଦ୍ରୀୟ ଅଖ ଭଳି କରିବାକୁ ପଡ଼ିବ ଯାହାକୁ କେନ୍ଦ୍ର କରି ତା'ର ଚାରିପଟରେ ଆମର ମାନସିକ ସମନ୍ୱୟସବୁ ଗଠିତ ହେବ ଏବଂ ତାହାହିଁ ହେବ ଆମର ନିୟାମକ ବିଚାର ଯାହାର ଆଲୋକରେ ଆମର ଅନ୍ୟାନ୍ୟ ଚିନ୍ତାସବୁକୁ ବିଚାର କରିବାକୁ ହେବ, ଅର୍ଥାତ୍ କେଉଁ ଚିନ୍ତାଗୁଡ଼ିକୁ ଗ୍ରହଣ କରିବୁ ଓ କେଉଁଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବୁ, ତାହା ସେହି ଆଲୋକ ଦ୍ୱାରାହିଁ ସ୍ଥିର ହେବ ।

**ପଞ୍ଚମ ସର୍ତ୍ତ** : ଦୈନନ୍ଦିନ, ନିୟମିତ ଏକ ମାନସିକ ଶୃଙ୍ଖଳା ବା ଅନୁଶାସନ ମାନି ଚଳିବାକୁ ହେବ । ଏହି ବିଷୟ ଉପରେ ଦିଆଯାଇଥିବା ସମସ୍ତ ଶିକ୍ଷା ମଧ୍ୟରେ ବାଛି ଆବିଷ୍କାର କରିବାକୁ ପଡ଼ିବ କେଉଁଟି ସବୁଠୁ ଫଳପ୍ରଦ ପଦ୍ଧତି ବୋଲି ମନେ ହେଉଛି ଏବଂ କଠୋର ଅଧ୍ୟବସାୟ ସହ ଲାଗିରହି, ସମସ୍ତ ଶକ୍ତି ଦେଇ ତାହାକୁହିଁ ଦୃଢ଼ ଓ ନିଷ୍ଠାପର ଭାବରେ ଅନୁସରଣ କରିବାକୁ ହେବ ।

କେତେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ : ଜାଣିବାକୁ ହେବ କିପରି ଯଥେଷ୍ଟ ମାନସିକ ବିଶ୍ରାମ ନେବାକୁ ହୁଏ; ଆମେ ଯେତିକିଟା କରିବା ପାଇଁ ସମର୍ଥ, ନିଜଠାରୁ ଯେପରି ତା ଅପେକ୍ଷା ଅଧିକ ଦାବି ନ କରୁ । ସମୟକୁ ବିଚାରକୁ ନେବାକୁ ହେବ ଏବଂ ଆମ ପ୍ରଚେଷ୍ଟାର ଫଳ ପାଇବା ପାଇଁ ଧୈର୍ଯ୍ୟର ସହ କିପରି ଅପେକ୍ଷା କରିବାକୁ ପଡ଼େ ତାହା ଜାଣିବାକୁ ହେବ । ଶେଷରେ ଆମେ ନିଜେ କରିବା ପାଇଁ ସକ୍ଷମ କୌଣସି କିଛି ବିଷୟରେ ଅବହେଳା ନ କରି ଆମକୁ ଜାଣିବାକୁ ହେବ ସେହି ମହାନ୍ ସର୍ବୋଚ୍ଚ ଦିବ୍ୟଶକ୍ତି, ଯାହା ସମସ୍ତ ସତ୍ତା ଓ ସମସ୍ତ ବସ୍ତୁ ଭିତରେ ପରମ 'ଏକ' ରୂପରେ ବିରାଜମାନ କରୁଛି, ସେହି ଶକ୍ତି ଉପରେ କିପରି ଏକ ଶିଶୁର ନିର୍ଭରତା ନେଇ ବିଶ୍ୱାସ ଓ ଭରସା କରିବାକୁ ହୁଏ । ✣

# ସାଧକମାନଙ୍କ ସଙ୍ଗେ ଶ୍ରୀଅରବିନ୍ଦଙ୍କ ସାକ୍ଷାତ୍କାର
## (ପୁରାଣୀଙ୍କ ଦ୍ୱାରା ଲିପିବଦ୍ଧ ଓ ଉପସ୍ଥାପିତ)

### ୧୧ .୦୪.୧୯୨୩

*ମାଡ୍ରାସରୁ ଆସିଥିବା ଜଣେ ସାଧକଙ୍କୁ ଆଜି ଶ୍ରୀଅରବିନ୍ଦ ଭେଟିଥିଲେ । ସେ ଶ୍ରୀଅରବିନ୍ଦଙ୍କ ଯୋଗରେ ଦୀକ୍ଷିତ ହେବାକୁ ଚାହିଁଥିଲେ ।*

**ଶ୍ରୀଅରବିନ୍ଦ :** ଏହା ଅତି ଦୁଃସାଧ୍ୟ ଏକ ପଥ, ତେଣୁ ଏହାର ଦାବି ହେଉଛି ପୂର୍ଣ୍ଣ ସମର୍ପଣ ଓ ଏକମୁଖୀ ଏକାଗ୍ରତା । ତୁମକୁ କେବଳ ଦିବ୍ୟସତ୍ୟର ସନ୍ଧାନ କରିବାକୁ ହେବ । ଜନସେବା, ଦେଶସେବା, ଏପରିକି ବ୍ୟକ୍ତିଗତ ମୁକ୍ତିର ଆଦର୍ଶସବୁକୁ ଛାଡ଼ି କେବଳ ଭଗବାନଙ୍କ ପାଇଁହିଁ ଯୋଗର ପଥ ଅନୁସରଣ କରିବା ପାଇଁ ପ୍ରସ୍ତୁତ ହେବାକୁ ହେବ । ଅଭୀପ୍ସା ଦୃଢ଼ ହେବା ଆବଶ୍ୟକ, କିନ୍ତୁ ଖାଲି ଏହା ବୁଦ୍ଧିଗତ ଅଭୀପ୍ସା ହେଲେ ଚଳିବ ନାହିଁ, ଏହା ଗଭୀରତମ ଆତ୍ମାର ଅଭୀପ୍ସା ହେବା ଆବଶ୍ୟକ । ତା'ହେଲେ ଏହାର ଅର୍ଥ ହେଉଛି ଊର୍ଦ୍ଧ୍ୱରୁ ଏକ ଆହ୍ୱାନ । ଯୋଗ ଆରମ୍ଭ କରିବା ପୂର୍ବରୁ ଏଥିପାଇଁ ଏକ ଅଟଳ, ଅପରିବର୍ତ୍ତନୀୟ ନିଷ୍ପତ୍ତି ନେବାକୁ ହେବ । ଏପରି ନିଷ୍ପତ୍ତିରେ ପହଞ୍ଚିବା ପାଇଁ ହୁଏତ ସମୟ ଲାଗିପାରେ କିନ୍ତୁ ସେପର୍ଯ୍ୟନ୍ତ ଅପେକ୍ଷା କରିବା ଶ୍ରେୟସ୍କର ।

*ଶିଷ୍ୟ : ମୁଁ ଏହି ଯୋଗ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇ ସାରିଛି ।*

**ଶ୍ରୀଅରବିନ୍ଦ :** ଏହି ଯୋଗରେ ଏତେସବୁ ବାଧାବିଘ୍ନ ରହିଛି – ଏହି ଯୋଗ ସମସ୍ତଙ୍କ ପାଇଁ ନୁହେଁ । ଏକ ସମୟରେ ମୋର ଧାରଣା ଥିଲା ଯେ ଏହି ଯୋଗ ହେଉଛି ମାନବସମାଜ ପାଇଁ, କିନ୍ତୁ ବର୍ତ୍ତମାନ ସେହି ଧାରଣା ବଦଳି ଯାଇଛି । ଏହି ଯୋଗ ହେଉଛି କେବଳ ଦିବ୍ୟ ପରମଙ୍କ ପାଇଁ, ଭଗବାନଙ୍କ ପାଇଁ । ମଣିଷକୁ ପ୍ରଥମେ ସତ୍ୟ ଚେତନାରେ ପହଞ୍ଚିବାକୁ ହେବ ଏବଂ ମାନବସମାଜର ମୁକ୍ତିର ଭାର ସେହି ଚେତନା ହାତରେ ଛାଡ଼ି ଦେବାକୁ ହେବ । ଏହାର ଅର୍ଥ ନୁହେଁ ଯେ ଏଯୋଗରେ ଜୀବନକୁ ବାଦ୍ ଦେବାକୁ ହେବ । ମୋ' ପାଇଁ ଜୀବନ-ଉଦ୍ଦିଷ୍ଟ ବ୍ରତ ଓ ଲକ୍ଷ୍ୟ ହେଲା, ମନ, ପ୍ରାଣ ଓ ଦେହରେ ଅତିମାନସକୁ ଉତାରି ଆଣିବା । ପୂର୍ବେ ସାଧକମାନେ ଯଦି ଅନ୍ୟ କୌଣସି ପ୍ରଭାବକୁ ଗ୍ରହଣ କରୁଥିଲେ ମୁଁ ସେଦିଗରେ କୌଣସି ଭ୍ରୂକ୍ଷେପ କରୁ ନ ଥିଲି; କିନ୍ତୁ ବର୍ତ୍ତମାନ ମୁଁ ସ୍ଥିର କରିଛି କେବଳ ସେଇମାନଙ୍କୁ ଗ୍ରହଣ କରାଯିବ ଯେଉଁମାନେ ଅନନ୍ୟଭାବରେ ଏକମାତ୍ର ଏହି ଯୋଗର ପ୍ରଭାବକୁ ଗ୍ରହଣ କରିବେ ।

*ଶିଷ୍ୟ : ଶାରୀରିକ ବ୍ୟାଧି ସଂପର୍କରେ ସାଧକମାନଙ୍କର ମନୋଭାବ କ'ଣ ହେବା ଉଚିତ ?*

**ଶ୍ରୀଅରବିନ୍ଦ :** ପ୍ରଥମତଃ ସେ ମନରେ ଓ ପ୍ରାଣ ସତ୍ତାରେ ସେସଂପର୍କରେ ସଂପୂର୍ଣ୍ଣ ନିରାସକ୍ତ ରହିବା ଉଚିତ । ବ୍ୟାଧି ହେଉଛି ପ୍ରକୃତିର ଶକ୍ତିମାନଙ୍କ କ୍ରିୟାର ଫଳ । ତେଣୁ ବ୍ୟାଧିକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ସାଧକ ତା'ର ସଂକଳ୍ପକୁ ଭାଗବତ ସଂକଳ୍ପର ପ୍ରତିନିଧି ରୂପେ ବ୍ୟବହାର କରିବା ଆବଶ୍ୟକ । ଯେତେବେଳେ ଭଗବତ୍ ସଂକଳ୍ପ ଆଧାର ଭିତରକୁ ଅବତରଣ କରେ ସେତେବେଳେ ତାହା ଆଉ ସାଧକର ସଂକଳ୍ପ ମାଧ୍ୟମରେ ପରୋକ୍ଷଭାବରେ କ୍ରିୟା ନ କରି ପ୍ରତ୍ୟକ୍ଷ ସିଧାସଳଖ ଭାବରେ କ୍ରିୟାକରେ ଓ ବ୍ୟାଧିଟିକୁ ଦୂର କରିଦିଏ । ଯେତେବେଳେ ଚୈତ୍ୟସତ୍ତା ଜାଗ୍ରତ୍ ହୁଏ ସେତେବେଳେ ତାହା ବ୍ୟାଧିର ପ୍ରଭାବକୁ ଶରୀର ଭିତରେ ପ୍ରବେଶ କରିବା ପୂର୍ବରୁହିଁ ଦେଖିପାରେ । ସେତେବେଳେ ତୁମେ କେବଳ ଯେ ଏହା ଦେଖିପାରିବ, ଖାଲି ସେତିକି ନୁହେଁ, ତୁମେ ମଧ୍ୟ ଜାଣି ପାରିବ କେଉଁ ଅଙ୍ଗଟି ଉପରେ ବ୍ୟାଧିର ଆକ୍ରମଣ ଆସନ୍ନ ଏବଂ ଊର୍ଦ୍ଧ୍ୱତର ଶକ୍ତିର ସାହାଯ୍ୟ ନେଇ ତୁମେ ଏହି ଆକ୍ରମଣକୁ ଅଟକାଇ ଦୂର କରିଦେଇପାରିବ ।

### ୨୮. ୦୪. ୧୯୨୩

ଶ୍ରୀଅରବିନ୍ଦ ସାଧାରଣତଃ ତାଙ୍କର ଶିଷ୍ୟମାନଙ୍କୁ ଓ ବାହାରୁ ଆସୁଥିବା ଯେଉଁ ଦର୍ଶନାର୍ଥୀମାନେ କେବଳ ତାଙ୍କ ସହ ଦେଖା କରିବା ପାଇଁ ଆସୁଥିଲେ ସେମାନଙ୍କୁ ସକାଳ ୯ଟାରୁ ୧୧ଟା ଭିତରେ ସାକ୍ଷାତ୍ ଦେଉଥିଲେ । ସେ ଦୈନିକ ସଂବାଦ ପତ୍ର 'ହିନ୍ଦୁ' ଉପରେ କିଛି ସମୟ ଆଖି ବୁଲାଇ ନେଇ, ତା'ପରେ

ଏହି ସାକ୍ଷାତ୍‌କାରଗୁଡ଼ିକ ପାଇଁ ଅନୁମତି ଦେଉଥିଲେ । ଏହି ସାକ୍ଷାତ୍‌କାରଗୁଡ଼ିକ ଅତ୍ୟନ୍ତ ଅନୌପଚାରିକ ଓ ଅନେକ ସମୟରେ ଅନ୍ତରଙ୍ଗ ମଧ୍ୟ ଥିଲା – ଏହି ଅର୍ଥରେ ଯେ ସାଧକମାନେ ନିଜ ନିଜର ଅନୁଭୂତି ଓ ବାଧାବିଘ୍ନ ବିଷୟଗୁଡ଼ିକ ଜଣାଉଥିଲେ ଏବଂ ବାହାରୁ ଆସୁଥିବା ଦର୍ଶନାର୍ଥୀମାନେ ସାଧାରଣତଃ ଆଧ୍ୟାତ୍ମିକ ବିଷୟବସ୍ତୁ ଉପରେ ଶ୍ରୀଅରବିନ୍ଦଙ୍କ ଉପଦେଶ ଚାହୁଁଥିଲେ ଓ ସର୍ବସାଧାରଣ କାମଗୁଡ଼ିକ ଉପରେ ତାଙ୍କର ବ୍ୟକ୍ତିଗତ ପରାମର୍ଶ ଖୋଜୁଥିଲେ । ସାଧନା ସଂପର୍କରେ ଶ୍ରୀଅରବିନ୍ଦ ସେମାନଙ୍କ ସଙ୍ଗେ କିପରି ଆଲୋଚନା କରୁଥିଲେ ତାହାର ଏକ ନମୁନା ନିମ୍ନରେ ଦିଆଗଲା ।

*ଶିଷ୍ୟ : ବର୍ତ୍ତମାନ ମୋ ଭିତରେ ଅନନ୍ତ ବିଶ୍ୱାତୀତ ଦିବ୍ୟଶକ୍ତିଙ୍କୁ ଉପଲବ୍ଧି କରିବା ପାଇଁ ଏକ ପ୍ରବୃତ୍ତି ରହିଛି । ମୁଁ ଜାଣିବାକୁ ଚାହେଁ ମୋର ସାଧନା ବିଶ୍ୱମୟଶକ୍ତି ହାତରେ ନା ଭଗବାନଙ୍କ ହାତରେ ଛାଡ଼ିଦେବା ଅଧିକ ନିରାପଦ ହେବ ?*

**ଶ୍ରୀଅରବିନ୍ଦ** : ବିଶ୍ୱାତୀତ ଓ ବିଶ୍ୱମୟ ଶକ୍ତି ସବୁ ସମୟରେ ପରସ୍ପରଠାରୁ ଭିନ୍ନ ନୁହନ୍ତି, ସେମାନଙ୍କ ଭିତରେ ପ୍ରାୟତଃ ଏକ ପାରସ୍ପରିକ ସଂପର୍କ ରହିଥାଏ । ମନରେ ଯେତେବେଳେ ବିଶ୍ୱାତୀତଙ୍କର ଉପଲବ୍ଧି ହୁଏ, ସେତେବେଳେ ଏହା ବିଶ୍ୱମୟଙ୍କର ଉପଲବ୍ଧି । ସେହି ଉପଲବ୍ଧି ହେବା ମଧ୍ୟ ଆବଶ୍ୟକ ।

*ଶିଷ୍ୟ : ଦୁଇଟି ଭିତରେ କ'ଣ ପାର୍ଥକ୍ୟ ?*

**ଶ୍ରୀଅରବିନ୍ଦ** : ବିଶ୍ୱମୟ ସବୁକିଛି ଭିତରେ ରହିଥାଏ — ସତ୍ୟ ରହିଥାଏ ମିଥ୍ୟା ମଧ୍ୟ ରହିଥାଏ, ଭଲ ଓ ମନ୍ଦ, ଦିବ୍ୟ ଓ ଅଦିବ୍ୟ ସବୁକିଛି ଏହାର ଅନ୍ତର୍ଗତ । ସାଧକକୁ ସେହି ଜ୍ଞାନ ଲାଭ କରିବାକୁ ହେବ ଯାହାଦ୍ୱାରା ସେ ଉଭୟ ଭିତରେ ଥିବା ପାର୍ଥକ୍ୟକୁ ବୁଝିପାରିବ । ଭଲ ଓ ମନ୍ଦ ଭିତରେ ପାର୍ଥକ୍ୟ ନିର୍ଣ୍ଣୟର କ୍ଷମତା ଆସିବା ପୂର୍ବରୁ ବିଶ୍ୱମୟର ଉପଲବ୍ଧି ଦିଗରେ ନିଜକୁ ଖୋଲିଦେବା ନିରାପଦ ନୁହେଁ; କାରଣ ତା'ହେଲେ ସବୁପ୍ରକାର ଧାରଣା, ପ୍ରବୃତ୍ତି ଓ ଶକ୍ତି, ଏପରିକି ରାକ୍ଷସ-ଭାବାପନ୍ନ ଓ ପୈଶାଚିକ ଶକ୍ତି ଓ ଭାବସବୁ ମଧ୍ୟ ସାଧକ ଭିତରକୁ ପଶି ଆସନ୍ତି । କେତେକ ଯୋଗ ଏହି ଅବସ୍ଥାକୁ ମୁକ୍ତି ବୋଲି କୁହନ୍ତି ଏବଂ ବିଶ୍ୱମୟ ଅଭିବ୍ୟକ୍ତି ବୋଲି କହି ଏଥିରୁ ଆନନ୍ଦ ମଧ୍ୟ ପାଆନ୍ତି । କିନ୍ତୁ ଏହା ପୂର୍ଣ୍ଣତା ନୁହେଁ । ସେତିକିବେଳେ କେବଳ ପୂର୍ଣ୍ଣତା ଆସିବ ଯେତେବେଳେ ସ୍ୱୟଂ ବିଶ୍ୱାତୀତାଶକ୍ତି ନିଜକୁ ମାନବଜୀବନ ଭିତରେ ପ୍ରକାଶ ଓ ଅଭିବ୍ୟକ୍ତ କରିବ, ଯେତେବେଳେ ସସୀମ ଭିତରେ ଅସୀମର ପ୍ରକାଶ ହେବ ।

*ଶିଷ୍ୟ : ଯେଉଁମାନେ ବିଶ୍ୱମୟର ଉପଲବ୍ଧି ପାଇବେ ସେମାନେ କ'ଣ ପୂର୍ଣ୍ଣତାର ଅଭିବ୍ୟକ୍ତି କରିପାରିବେ ନାହିଁ ?*

**ଶ୍ରୀଅରବିନ୍ଦ** : ସାଧାରଣତଃ ଏହି ବ୍ୟକ୍ତିମାନେ ମନ ସ୍ତରରେ ବିଶ୍ୱମୟ ଭିତରକୁ ଅର୍ଥାତ୍ ଅନନ୍ତ, ସଚ୍ଚିଦାନନ୍ଦ ଭିତରକୁ ଚାଲିଯିବାକୁ ଚାହାନ୍ତି । ମୁଁ ତୁମକୁ ଯେପରି କହିଛି ବିଶ୍ୱମୟ ଭିତରେ ଭଲ ଓ ମନ୍ଦ ସବୁକିଛି ରହିଛି । ଯେଉଁ ସାଧକମାନେ ଏହା ଭିତରେ ପ୍ରବେଶ କରନ୍ତି ସେମାନେ ଏହା ଭିତରୁ ଯାହାକିଛି ଆସେ ସେସବୁକୁ ଗ୍ରହଣ କରି ନିଅନ୍ତି ଏବଂ ସମୟ ସମୟରେ ନୈତିକତାବୋଧ ପ୍ରତି ସଂପୂର୍ଣ୍ଣ ଉଦାସୀନ ରହି ଜୀବନରେ ନାନା ପ୍ରକାର ଅବୈଧ ଆଚରଣ କରନ୍ତି । କିନ୍ତୁ ସେମାନଙ୍କ ସତ୍ତାର କୌଣସି ରୂପାନ୍ତର ହୁଏ ନାହିଁ । ଆମର ଜଣାଶୁଣା ସାଧକ 'କ' ବିଶ୍ୱମୟର ସାଧନା ଦିଗରେ ନିଜକୁ ଖୋଲି ଦେଇଥିଲେ ଏବଂ ଭଲ ଓ ମନ୍ଦର ପାର୍ଥକ୍ୟବୋଧ ହରାଇ ବସିଥିଲେ ବରଂ ଭଲ ଓ ମନ୍ଦ ଭିତରେ ଥିବା ପାର୍ଥକ୍ୟକୁ ଦେଖିବା ପାଇଁ ଅସ୍ୱୀକାର କରୁଥିଲେ, ଶେଷରେ ସେ ପୂରା ପାଗଳ ହୋଇ ଯାଇଥିଲେ । କିଂବା 'ଖ'ଙ୍କ କଥା ନିଆଯାଉ; ଯେକି ଆଶ୍ରମ ବାହାରର ଲୋକ ଥିଲେ, ସେ ଚେଷ୍ଟା କରୁଥିଲେ ବିଶ୍ୱମୟ ଚେତନାରେ ରହିବା ପାଇଁ କିନ୍ତୁ ତାଙ୍କ ପ୍ରାଣସତ୍ତା ନାନା ଅଶୁଦ୍ଧିରେ ଭରପୂର ହୋଇ ରହିଥିଲା । ଏହାକୁ ତ ଆଉ ପୂର୍ଣ୍ଣତା ବୋଲି କୁହାଯିବ ନାହିଁ ।

ଯେତେବେଳେ ଭଗବତୀ ଦିବ୍ୟଶକ୍ତି — ଅତିମାନସ ଶକ୍ତି — କ୍ରିୟା କରନ୍ତି ସେତେବେଳେ ସେ ପ୍ରକୃତିର ବିଭିନ୍ନ ଯନ୍ତ୍ର ଭିତରେ ତଥା ଆମ ସମଗ୍ର ଜୀବନ ଭିତରେ ଏକ ସୌଷମ୍ୟ ଓ ସାମଞ୍ଜସ୍ୟ ପ୍ରତିଷ୍ଠା କରନ୍ତି । କିନ୍ତୁ 'ର' ବା ତାଙ୍କ ପରି ସାଧକମାନେ ମନେ କରନ୍ତି ସତ୍ତାରେ ଏହି ଧରଣର

ସୌଷମ୍ୟ ପ୍ରତିଷ୍ଠାର ଅର୍ଥ ହେଉଛି ଏକ ସୀମିତତା । କିନ୍ତୁ ପ୍ରକୃତରେ ଏହା ଏକ ସୀମିତତା ନୁହେଁ, – କାରଣ ଦିବ୍ୟଶକ୍ତିଙ୍କର ସେହି କ୍ରିୟା ଆମର ସତ୍ତା ଓ ସମ୍ଭୂତିର ସତ୍ୟକୁ ବଜାୟ ରଖିବା ପାଇଁ ଉଦ୍ଦିଷ୍ଟ ହୋଇଥାଏ ।

*ଶିଷ୍ୟ : ବିଶ୍ୱାତୀତା ପରାପ୍ରରା ଶକ୍ତି, ଅତିମାନସ ଶକ୍ତି କ'ଣ ଏକ ଜିନିଷ ?*

**ଶ୍ରୀଅରବିନ୍ଦ** : ହଁ, ଯେତେବେଳେ ସେହି ଦିବ୍ୟଶକ୍ତି ଜାଗ୍ରତ୍ ହୁଏ, ସେତେବେଳେ ଜଣେ ନିଜ ସତ୍ତାର ସତ୍ୟକୁ ଜାଣିବା ସଙ୍ଗେ ସଙ୍ଗେ ତା'ର ଅଭିବ୍ୟକ୍ତିର ସତ୍ୟକୁ ମଧ୍ୟ ଜାଣିଥାଏ । ସେଇ ସ୍ତରରେ ସତ୍ୟ ଜ୍ଞାନ ଓ ସତ୍ୟ କ୍ରିୟା ମଧ୍ୟରେ ଏକ ଅନ୍ତର୍ନିହିତ ସୌଷମ୍ୟ ଓ ସାମଞ୍ଜସ୍ୟ ଥାଏ ।

*ଶିଷ୍ୟ : ଅଭିବ୍ୟକ୍ତିର ଅର୍ଥ ସୀମିତତା ହୋଇପାରେ, ନୁହେଁ କି ?*

**ଶ୍ରୀଅରବିନ୍ଦ** : କୌଣସି ମାନୁଷୀ ଅଭିବ୍ୟକ୍ତି ସୀମାହୀନ ବା ଅସୀମ ହୋଇପାରେ ନା । କିନ୍ତୁ ସୀମା ଭିତରେ ସେଇ ଅଭିବ୍ୟକ୍ତି ଅସୀମ ପରାପ୍ରରଙ୍କ ଶକ୍ତିକୁ ପ୍ରତିଫଳିତ କରିପାରେ । ମାନବୀୟ ଅଭିବ୍ୟକ୍ତି ପଛରେ ରହିଥାଏ ଏକ ସତ୍ୟ ଏବଂ ଅତିମାନସ ସେହି ସତ୍ୟର ଅଭିବ୍ୟକ୍ତିକୁ ଦେଖାଇଦିଏ । ପ୍ରକୃତରେ କହିବାକୁ ଗଲେ ଏହାହିଁ ହେଉଛି ପୂର୍ଣ୍ଣତା ଓ ସିଦ୍ଧିର ଚାବିକାଠି ।

*ଶିଷ୍ୟ : ଯେତେବେଳେ ଶକ୍ତି ଅବତରଣ କରେ ମୁଁ ଏକ ଚାପ ଅନୁଭବ କରେ, ବିଶେଷ କରି ମଥାରେ ।*

**ଶ୍ରୀଅରବିନ୍ଦ** : ଏହି ଚାପର ବୋଧଟିକୁ ଦୂର କରିଦେବାକୁ ହେବ । ମଥା ସୂଚିତ କରେ ମନର ସ୍ଥାନ ଏବଂ କ୍ରମେ କ୍ରମେ ସେହି ଶକ୍ତିକୁ ଆହୁରି ତଳକୁ ଅବତରଣ କରାଇବାକୁ ହେବ । ଯେତେବେଳେ ଏହା ତଳକୁ ଅବତରଣ କରେ ସେତେବେଳେ ଏହା ଆଉ ଚାପ ବୋଲି ଅନୁଭୂତ ହୁଏ ନାହିଁ, ମନେହୁଏ ଏହା ଏପରି ଏକ ଶକ୍ତି ଯାହାକୁ କୌଣସି କିଛି ମଧ୍ୟ ନଷ୍ଟ କରିପାରିବ ନାହିଁ । ଯେତେବେଳେ ଏହି ଶକ୍ତି ଅବତରଣ କରେ ସେତେବେଳେ ଦେହକୋଷଗୁଡ଼ିକ ପର୍ଯ୍ୟନ୍ତ ସମଗ୍ର ସତ୍ତାକୁ ତାହାକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ହେବାକୁ ହେବ । ✢

ତୁମର ଶରୀରରେ ଆତ୍ମା ରହିଛି ସଚେତ ଓ ସକ୍ରିୟ ହୋଇ, ଏବଂ ତୁମର ଆତ୍ମା ପରମଙ୍କ ବଳରେ ବଳୀୟାନ୍ ।

ଏହାହିଁ ତୁମକୁ ସୁରକ୍ଷିତ କରି ରଖିବ ଯେକୌଣସି ଅସଦିଚ୍ଛାରୁ ଯାହା ଅନ୍ୟମାନେ ତୁମ ଉପରେ ନିକ୍ଷେପ କରନ୍ତି ।

ଏବେ ତୁମେ ଅନୁଭବ କରିବ ଯେ ଦିବ୍ୟସତ୍ୟର ବିଜୟ ସୁନିଶ୍ଚିତ ।

ମୋର ପ୍ରେମ ଓ ଶକ୍ତି ତୁମକୁ ଆବେଷ୍ଟନ କରି ଘେରି ରହିଛି ।

– ଶ୍ରୀମା

# ଯୋଗରେ ବାଧାବିଘ୍ନରୁହିଁ ମିଳେ ସମ୍ଭାବନାର ସୂଚନା

## ଶ୍ରୀମା

ତୁମ ବାଧାବିଘ୍ନର ସ୍ୱରୂପହିଁ ସୂଚାଇ ଥାଏ ତୁମେ କେଉଁ ଧରଣର ବିଜୟ ହାସଲ କରିବ, ଯେଉଁ ବିଜୟର ଦୃଷ୍ଟାନ୍ତ ତୁମେ ରଖିଯିବ ତୁମ ସାଧନାରେ । ଏହିପରି, ତୁମ ଭିତରେ ଯଦି ବରାବର ସ୍ୱାର୍ଥପରତା ରହିଥାଏ, ତା'ହେଲେ ତାହା ସୂଚନା ଦେଇଥାଏ ଯେ ଭବିଷ୍ୟତରେ ଏକ ବିଶ୍ୱାତ୍ମଭାବର ଉପଲବ୍ଧିହିଁ ହେବ ତୁମର ସବୁଠୁ ପ୍ରଧାନ କୃତିତ୍ୱ । ଏବଂ ଯେତେବେଳେ ସ୍ୱାର୍ଥପରତା ରହିଥାଏ, ତୁମ ଭିତରେ ମଧ୍ୟ ସେହି କ୍ଷମତାଟି ରହିଥାଏ ଯାହା ଦ୍ୱାରା ତୁମେ ଏହି ଦୋଷଟିକୁ ପୂରା ଓଲଟାଇ ଦେଇ ଏହାର ବିପରୀତ ସେହି ଉଦାର ପ୍ରସାରତା ଲାଭର ବିଜୟ ହାସଲ କରିବ ।

ଯେତେବେଳେ ତୁମର କିଛି ଉପଲବ୍ଧି କରିବାକୁ ଥାଏ, ସେତେବେଳେ ତୁମ ଭିତରେ ଠିକ୍ ତା'ର ବିରୋଧୀ ଓ ବିପରୀତ ସ୍ୱଭାବଟି ମଧ୍ୟ ରହିଥାଏ । ସେହି ବାଧାଟିର, ସେହି ଦୁର୍ବଳତାଟିର ମୁହାଁମୁହିଁ ହୋଇ ତୁମେ କୁହ, ''ଓଃ, ମୁଁ ଏଭଳି ମଣିଷଟିଏ ! ଏହା କେଡ଼େ ଶୋଚନୀୟ !'' କିନ୍ତୁ ତୁମର ସେହି ପରିସ୍ଥିତିଟିର ପ୍ରକୃତ ସତ୍ୟଟି ବୁଝିବା ଉଚିତ । ସେତେବେଳେ ନିଜକୁ ଏହା କହିବାକୁ ହେବ ଯେ, ''ମୋର ଏହି ବାଧାଟିହିଁ ମୋତେ ସ୍ପଷ୍ଟ ଭାବରେ ଦେଖାଇ ଦେଉଛି ଯେ ଶେଷରେ ମୋତେ କେଉଁ ଗୁଣଟିର ପ୍ରତିନିଧି ଓ ଅଧିକାରୀ ହେବାକୁ ହେବ । ମୋତେ ପହଞ୍ଚିବାକୁ ହେବ ଏହାର ଅପର ପ୍ରାନ୍ତରେ ରହିଥିବା ସେହି ଗୁଣଟିରେ ଯେଉଁଠି ଏହି ଦୋଷଟି, ଏହି ବାଧାଟି ସମ୍ପୂର୍ଣ୍ଣ ଦୂର ହୋଇଯାଇଛି — ଏହାହିଁ ମୋର ବ୍ରତ ।''

ଏପରିକି ସାଧାରଣ ଜୀବନରେ ମଧ୍ୟ, କେତେକ ସମୟରେ ଆମେ ଏହି ବିରୋଧାଭାସର ଅଭିଜ୍ଞତା ପାଇଥାଉ । ଯେଉଁ ବ୍ୟକ୍ତି ଖୁବ୍ ଡରୁଆ ଓ ଭୀରୁ ଥାଏ, ଯାହାର ସାହସ ବୋଲି ଆଦୌ କିଛି ନ ଥାଏ, ସେହି ବ୍ୟକ୍ତି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ସବୁଠୁ ବେଶୀ ନିର୍ଭୀକତା ଓ ସାହସ ପ୍ରଦର୍ଶନ କରେ !

ଯେଉଁ ବ୍ୟକ୍ତିର ଭଗବାନଙ୍କୁ ପାଇବା ପାଇଁ ଅଭୀପ୍ସା ଥାଏ, ତା' ଆଗରେ ସର୍ବଦା ଯେଉଁ ବାଧାବିଘ୍ନଟି ଦେଖାଦିଏ, ବୁଝିବାକୁ ହେବ ତା' ପାଇଁ ତାହାହିଁ ହେଉଛି ସେହି ଦ୍ୱାର ଯାହା ଭିତର ଦେଇ ସେ ନିଜସ୍ୱ ବ୍ୟକ୍ତିଗତ ରୀତିରେ ଭଗବାନଙ୍କୁ ପାଇବ : ଭଗବତ୍ ଉପଲବ୍ଧି ପାଇଁ ତାହାହିଁ ହେଉଛି ତା'ର ବିଶେଷ ସୁନିର୍ଦ୍ଦିଷ୍ଟ ପଥ ।

ଏହା ମଧ୍ୟ ଏକ ତଥ୍ୟ-ପ୍ରମାଣିତ ସତ୍ୟ ଯେ ଯଦି ଜଣକ ଆଗରେ ବହୁ ଶତ ବାଧାବିଘ୍ନ ଥାଏ ତା'ହେଲେ ତା'ର ଅର୍ଥ ହେଉଛି ତାହାର ଉପଲବ୍ଧି ମଧ୍ୟ ସେହିପରି ବିପୁଳ ହେବ — ଅବଶ୍ୟ ଯଦି ତା' ଭିତରେ ସେତିକି ଧୈର୍ଯ୍ୟ ଓ ସହନଶକ୍ତି ଥାଏ ଏବଂ ସେହିସବୁ ବାଧାବିଘ୍ନକୁ ଖଣ୍ଡନ ଓ ଅତିକ୍ରମ କରିବା ପାଇଁ ସେଗୁଡ଼ିକ ବିରୋଧରେ ନିଜର ଅଭୀପ୍ସାର ଅଗ୍ନିଶିଖାକୁ ନିରନ୍ତର ପ୍ରଜ୍ୱଳିତ କରି ରଖିଚାଲେ ।

ଏବଂ ଏହା ସ୍ମରଣ ରଖ : ଭଗବତ୍ କୃପା ମଧ୍ୟ ସାଧାରଣତଃ ତୁମ ବାଧାବିଘ୍ନର ଆନୁପାତିକହିଁ ହୋଇଥାଏ । ✣

# ସାଧନା ସଂପର୍କରେ ଶ୍ରୀଅରବିନ୍ଦଙ୍କ ସହ ପତ୍ରବିନିମୟ

## (୩୬)

ଶ୍ରୀଅରବିନ୍ଦ : ତୁମର ବର୍ତ୍ତମାନର ଅବସ୍ଥା ଏକ ଅସ୍ଥାୟୀ, ସାମୟିକ ଅବସ୍ଥା ଛଡ଼ା ଅଧିକ କିଛି ହେବାର କୌଣସି କାରଣ ନାହିଁ, ଯଦି ତୁମେ ନିଜେ ଏହା ଅନ୍ୟଥା ହେଉ ବୋଲି ନ ଚାହଁ । ଯଦି ତୁମ ଉପରେ କର୍ମଯୋଗର ବିଧାନକୁ 'ଲଦିଦେବା'ହିଁ ତୁମ ସନ୍ଦେହର କାରଣ ହୋଇଥାଏ, ତା'ହେଲେ ଏହାର କିଛି ଯାଥାର୍ଥ୍ୟ ନାହିଁ, କାରଣ ଏଠାରେ କୌଣସି ଲଦିଦେବା ବା କିଛି ବାଧ୍ୟବାଧକତା ନାହିଁ, ଏବଂ କେବଳ ତୁମେ ଯଦି ଚାହଁ ତା'ହେଲେ ତୁମର କାମ କରିବା ପ୍ରୟୋଜନ, ଏବଂ ତୁମେ ଯଦି ଭାବ ଯେ କେବଳ ଧ୍ୟାନରେ ବସି ରହିବା ଦ୍ୱାରାହିଁ ତୁମର ସର୍ବୋତ୍ତମ ଅଗ୍ରଗତି ହେବ, ତେବେ ତାହା କରିବା ପାଇଁ ସମ୍ପୂର୍ଣ୍ଣ ସ୍ୱାଧୀନ ।

ତୁମ ନିଜର ସନ୍ଦେହ ସମ୍ପର୍କରେ ତୁମର ବକ୍ତବ୍ୟ ଉପରେ ମୁଁ କିଛି ଉତ୍ତର ଦେଇ ନ ଥିଲି, କାରଣ ତାହା ମୋ ସମ୍ପର୍କରେ କେତେକ ବକ୍ତବ୍ୟ ଓ ଅନୁମାନ ଉପରେ ତାହା ଆଧାରିତ (ଯାହା ଆଦୌ ଠିକ୍ ନୁହେଁ) ଏବଂ ସାଧାରଣତଃ ମୁଁ ଏହିସବୁ ବ୍ୟକ୍ତିଗତ ଜିନିଷ ଉପରେ କିଛି କହିବାକୁ ଚାହେଁ ନାହିଁ । ମୁଁ ଜାଣେ ନାହିଁ ଏହିସବୁ ଖବର ତୁମକୁ କିଏ ଦେଇଛି, ଯଥା : ମୁଁ ପୂରା କର୍ମ ଭିତର ଦେଇ ମୋର ସାଧନା କରି ନାହିଁ ଏବଂ ବରାବର ଏକ ଅତ୍ୟନ୍ତ ଚୁପ୍‌ଚାପ୍ ଅବସର ଗ୍ରହଣର ଜୀବନ ଯାପନ କରିଛି । ମୋର ଭୟ ଯେ ସେ ଯିଏ ବି ହୁଅନ୍ତୁ ନା କାହିଁକି ସେ ମୋର ଅତୀତ ଜୀବନ ବା ବର୍ତ୍ତମାନର ଜୀବନ ବା ମୋ ଯୋଗ ସମ୍ପର୍କରେ କିଛି ବି ଜାଣନ୍ତି ନାହିଁ । ଆଉ ଏହି ଯେଉଁ ଭିତ୍ତି ଭୂମି ସେ ଉପସ୍ଥାପିତ କରିଛନ୍ତି ଯେ କର୍ମ କରିବା ସମୟରେ ବା ଏହି ପ୍ରଣାଳୀରେ କାହାର ଅଗ୍ରଗତିର କୌଣସି ଦୃଷ୍ଟାନ୍ତ ନାହିଁ, ବା ଅତୀତରେ କେହି ମଧ୍ୟ ଏ ଦିଗରେ ସକ୍ଷମ ହୋଇ ନାହାନ୍ତି, ଏପରି କହିବାର ଅର୍ଥ ହେଉଛି କର୍ମଯୋଗ ବା କର୍ମ ଯୋଗୀ ବୋଲି କୌଣସି ଜିନିଷ କେବେ ବି ନାହିଁ ବା ନ ଥିଲା ଏବଂ ଗୀତା କେବେ ବି କୌଣସି ଅନୁଭୂତିର ସତ୍ୟ ଉପରେ ଲେଖା ହୋଇ ନ ଥିଲା ବା ପ୍ରତିଷ୍ଠିତ ହୋଇ ନ ଥିଲା ଏବଂ କୌଣସି ଯୋଗୀ ତାଙ୍କର ସାଧନାର ଅଙ୍ଗ ହିସାବରେ କେବେ ବି କର୍ମକୁ ଅନ୍ତର୍ଭୁକ୍ତ କରି ନାହାନ୍ତି । ଏହି ଧରଣର ବକ୍ତବ୍ୟ କିଛି ଅତିରଞ୍ଜନ ଥିବା ପରି ମନେ ହୁଏ, ତାହା ଯେକୌଣସି ଉତ୍ସରୁ ତୁମ ମଥାରେ ପ୍ରବେଶ କରି ଦିଆଯାଇଥାଉ ନା କାହିଁକି । ମୁଁ କେବେ ବି କହି ନାହିଁ ଯେ ଏଠାରେ ସାଧକମାନଙ୍କ ଭିତରେ ଅତିମାନସ କ୍ରିୟା କରୁଛି, ବରଂ କେତେକ ପତ୍ରରେ ମୁଁ ଏହାର ବିପରୀତ କଥାହିଁ କହିଛି ।

ମୁଁ ଏତେ କଥା କହିଲି କେବଳ ଏହା ସୂଚିତ କରିବା ପାଇଁ ଯେ ଯେଉଁସବୁ ଭିତ୍ତି ଉପରେ ଏହି ସମସ୍ତ ସନ୍ଦେହ ପ୍ରତିଷ୍ଠିତ, ତାହା ସ୍ୱୟଂହିଁ ସଂଶୟାତ୍ମକ, ତାହା ଯେକୌଣସି ଉତ୍ସରୁ ଆସୁ ନା କାହିଁକି । ଏ ସମ୍ପର୍କରେ କୌଣସି ଟିକିନିଖି ଉତ୍ତର ଦେବା କ୍ୱଚିତ୍ ଆବଶ୍ୟକ, କାରଣ ଧ୍ୟାନକୁ କେବେହେଲେ ସାଧନାରେ ନିଷେଧ କରାଯାଇ ନାହିଁ । ଯେଉଁମାନେ କେବଳ କର୍ମ ଭିତର ଦେଇ ଅଗ୍ରଗତି କରିବାକୁ ଚାହାନ୍ତି, ସେମାନଙ୍କୁ ଛାଡ଼ି ଦେଲେ, ଧ୍ୟାନ, କର୍ମ ଓ ଭକ୍ତି ପ୍ରତ୍ୟେକଟି ନିଜ ନିଜ ସ୍ଥାନରେ ସାଧନାର ଭିତ୍ତି ଗଠନ କରିବା ପାଇଁ କ୍ରିୟା କରନ୍ତି । କିନ୍ତୁ ଯଦି ତାହା ଅଧିକ ଉତ୍ତମ ବୋଲି ଭାବ ତେବେ କେବଳ ଧ୍ୟାନର ମାର୍ଗ ଅନୁସରଣ କରିବା ପାଇଁ ତୁମେ ପୂରା ସ୍ୱାଧୀନ, ଯେପରି ଅନ୍ୟ କେତେକ ମଧ୍ୟ ଏହା କରିଥାଆନ୍ତି ।

୨ ଅଗଷ୍ଟ, ୧୯୩୨

ଶିଷ୍ୟ : ୬ ତାରିଖ ରାତିରେ ମୁଁ ସ୍ୱପ୍ନରେ ଦେଖିଲି ଗୋଟିଏ ଗଛ ଉପରେ କେତେକ ମାଙ୍କଡ଼ ହଠାତ୍ ମୋତେ ଆକ୍ରମଣ କରିବାର ମନୋଭାବ ଦେଖାଇଲେ । ମୁଁ ସେମାନଙ୍କ ଉପରକୁ ଟେକା ପକାଇଲି । ଗୋଟିଏ, ଦୁଇଟି ମାଙ୍କଡ଼ଙ୍କ ମୁଣ୍ଡରେ ତାହା ବାଜିଲା ଓ ଆଉ ଗୋଟିଏ, ଦୁଇଟି ପଳାଇଗଲେ ଏବଂ ଆଉ ଗୋଟିଏ ଦୁଇଟି ମୋ ଉପରକୁ କାଠ ଖଣ୍ଡମାନ ପକାଇଲେ କିନ୍ତୁ ମୋ ଦେହରେ ତାହା ବାଜିଲା ନାହିଁ । ତା'ପରେ ଆଉ ଗୋଟିଏ ବା ଦୁଇଟି ମାଙ୍କଡ଼ ମୋ ସଙ୍ଗେ ହାତାହାତି ଲଢ଼ାଇ କରିବାକୁ ଆଗେଇ ଆସିଲେ । ମୁଁ ସେମାନଙ୍କୁ ଠେଲି ଦେଲି ଓ ତା'ପରେ ମୋ ନିଦ ଭାଙ୍ଗିଗଲା । ଏହା କ'ଣ ସୂଚିତ କରେ ?

ଶ୍ରୀଅରବିନ୍ଦ : ମାଙ୍କଡ଼ ହେଉଛି ଡିଆଁଡେଇଁ କରୁଥିବା ଅସ୍ଥିର ମନର ପ୍ରତୀକ, ଏହି ମାଙ୍କଡ଼ଗୁଡ଼ିକ ହେଉଛନ୍ତି ତୁମ ମନକୁ ଆକ୍ରମଣ କରୁଥିବା ସନ୍ଦେହ ଓ ନାନା ପ୍ରସ୍ତାବନାସବୁ ।

ଶିଷ୍ୟ : ମୁଁ ଆଜି ଟିକେ କ୍ଳାନ୍ତ ଓ ଆଳସ୍ୟ ଅନୁଭବ କରୁଥିଲି, ତେଣୁ ମଧ୍ୟାହ୍ନ ଭୋଜନ ପରେ ଟିକେ ଶୋଇବା ପାଇଁ ଚେଷ୍ଟା କରିଥିଲି । ଦିନବେଳେ ମୁଁ ଯେବେ ଶୋଇବା ପାଇଁ ଚେଷ୍ଟା କରେ ସେତେବେଳେ କାହିଁକି ଯୌନଭାବ ସମ୍ବଳିତ ସ୍ୱପ୍ନମାନ ଦେଖେ ? ଦିବାନିଦ୍ରା କ'ଣ ଖରାପ ?

ଶ୍ରୀଅରବିନ୍ଦ : ପ୍ରାଚୀନ ଆୟୁର୍ବେଦ ଶାସ୍ତ୍ର ଅନୁସାରେ, ''ଦିବା ନିଦ୍ରା ପ୍ରାଣଶକ୍ତିର କ୍ଷତି ଘଟାଏ,'' କିନ୍ତୁ ଏପରି ଅବସ୍ଥା ମଧ୍ୟ ରହିଛି ଯେଉଁଠି ଏହା ପ୍ରଯୁଜ୍ୟ ହୋଇ ନ ପାରେ । ଅବଶ୍ୟ ଏହା ସତ୍ୟ ଯେ ଏହି ଧରଣର ସ୍ୱପ୍ନ ଦିବାନିଦ୍ରା ସମୟରେ ସହଜରେ ଆସିଥାଏ ଏବଂ ଗଭୀର ଅବଚେତନ ଶିଥିଳତା ଓ ତାମସିକ ଜଡ଼ତାର ଅବସ୍ଥାରେ ଆମର ଆଧାର ଯେକୌଣସି ଅବଚେତନ ପ୍ରସ୍ତାବନା ଓ ପ୍ରଭାବର ସ୍ପର୍ଶ ପ୍ରତି ଅଧିକ ଖୋଲା ରହେ ।

ଶିଷ୍ୟ : କାମ କରିବା ସମୟରେ କୌଣସି ଜିନିଷ ଦିଆ ନିଆ ବେଳେ ବା ଟଙ୍କା ଗଣିବା ବେଳେ ଠିକ୍ ଆବଶ୍ୟକ ପରିମାଣଟି ପ୍ରଥମ ଚେଷ୍ଟାରେହିଁ ଆପେ ଆପେ ହାତକୁ ଆସିଯାଏ; ଉଦାହରଣତଃ ଆଜି କୋଡ଼ିଏଟି ମୁଦ୍ରା ଦେବା କଥା ଏବଂ ଟିଣ ଡବାରେ ହାତ ରଖି ତାହା କାଢ଼ି ଆଣିବାବେଳେ ଠିକ୍ କୋଡ଼ିଏଟି ମୁଦ୍ରା ଆସିଲା । ମନ ଯେତେବେଳେ ଅନୁତ୍ତେଜିତ ହୋଇ ଏକ ନୀରବ ଓ ସହଜ ଅବସ୍ଥାରେ ଥାଏ ଏପରି ଘଟଣା ଅଧିକ ବାର ଘଟେ । ଏପର୍ଯ୍ୟନ୍ତ ମୁଁ ଭାବୁଥିଲି ଏହା କେବଳ ଏକ ଆକସ୍ମିକ ଘଟଣା । ଏହାଛଡ଼ା ଏଥିରେ ଆଉ ଅଧିକ କିଛି ଅଛି କି ?

ଶ୍ରୀଅରବିନ୍ଦ : ଠିକ୍ ଗଣନା ମୁତାବକ ମୁଦ୍ରା ଆସିବା ଏକ ଆକସ୍ମିକତା ନୁହେଁ, ଏକ ସମ୍ବୋଧିମୂଳକ ଚେତନା ରହିଛି, ଯାହା ଶରୀର ଭିତରକୁ ଆସେ ଓ ଠିକ୍ ଜିନିଷଟି ଜାଣିବା ପାଇଁ ଓ ଠିକ୍ କାମଟି କରିବା ପାଇଁ ତାହାକୁ ସମର୍ଥ କରାଏ । ଶରୀରରେ ଚେତନାର ଏହି ଅଭିବୃଦ୍ଧି କର୍ମାଭିମୁଖି ଯୋଗର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଭିତରୁ ଅନ୍ୟତମ ଏବଂ ଆମର ଏହି ଯୋଗରେ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ ।

ଶିଷ୍ୟ : କେତେକ ସମୟରେ ମୁଁ ଏପରି ସବୁ ଅନୁଭୂତି ପାଏ, ଯାହା ଉପରେ କିଛିଟା ଆଲୋକପାତ ପ୍ରୟୋଜନ, କିନ୍ତୁ ମୁଁ ସେଗୁଡ଼ିକ ଆପଣଙ୍କୁ ଲେଖେ ନାହିଁ କାଳେ ସେଗୁଡ଼ିକ ଆପଣଙ୍କ ସମୟ ଉପରେ ଏକ ବୋଝ ଭଳି ହେବ । ତେଣୁ ମୁଁ ଯେତେବେଳେ ଖୁବ୍ ଏକ ବାଧାବିଘ୍ନ ଅବସ୍ଥାରେ ଥାଏ ବା କୌଣସି ବ୍ୟାଖ୍ୟା ପାଇବା ପାଇଁ ଅତ୍ୟନ୍ତ ଉତ୍ସୁକ ଥାଏ କେବଳ ସେତେବେଳେହିଁ ତାହା ଜଣାଏ । ଭବିଷ୍ୟତରେ ମୋର କ'ଣ କରିବା ଠିକ୍ ହେବ ?

ଶ୍ରୀଅରବିନ୍ଦ : ଲେଖି ଜଣାଇବାଟାହିଁ ଅଧିକ ଉତ୍ତମ । ଯେଉଁଠି ଆବଶ୍ୟକତା ଥିବ ମୁଁ ବରାବର ଉତ୍ତର ଦେବି, ଯଦିଓ ସଙ୍ଗେ ସଙ୍ଗେ ଉତ୍ତର ଦେବା ପାଇଁ ମୁଁ ସବୁସମୟରେ ସକ୍ଷମ ହୋଇ ନ ପାରେ ।

୮ ଅଗଷ୍ଟ, ୧୯୩୨ ✣

ଏକ ଆଧ୍ୟାତ୍ମିକ ଜୀବନର ଦୃଷ୍ଟିକୋଣରୁ ତୁମେ କେଉଁ କର୍ମ କରୁଛ ତାହା ନୁହେଁ, କିନ୍ତୁ କେଉଁ ଭାବରେ ଓ କେଉଁ ଚେତନା ନେଇ କର୍ମଟି କରାଯାଉଛି ତାହାହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ । ସବୁ ସମୟରେ ଭଗବାନଙ୍କୁ ସ୍ମରଣ କର, ଏବଂ ତୁମେ ଯାହା କିଛି କରିବ ତାହା ଭଗବତ୍ ଉପସ୍ଥିତିରହିଁ ଏକ ପ୍ରକାଶ ହୋଇ ଉଠିବ ।

ଯେତେବେଳେ ତୁମର ସମସ୍ତ କର୍ମ ଭଗବାନଙ୍କୁ ନିବେଦନ କରାଯାଇଥାଏ, ସେତେବେଳେ ଉତ୍କୃଷ୍ଟ ବା ନିକୃଷ୍ଟ କର୍ମ ବୋଲି କିଛି ନାହିଁ, ସେହି ନିବେଦନ ଦ୍ୱାରା ସେଗୁଡ଼ିକୁ ଯେଉଁ ମୂଲ୍ୟ ଦିଆଯାଇଛି ତହିଁରେ ସବୁଗୁଡ଼ିକ କର୍ମହିଁ ସମାନ ମହତ୍ତ୍ୱପୂର୍ଣ୍ଣ ।

— ଶ୍ରୀମା

ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ

# ପୁରାତନ ପରିବର୍ତ୍ତେ ନୂତନ ଆଲୋକ

## (୯)

**ଶ୍ରୀଅରବିନ୍ଦ**

ନିଜକୁ ନିଃସଂଶୟରେ ଆଉ ଯଥାର୍ଥଭାବେ ଆଙ୍ଗ୍ଲୋ-ଭାରତରେ ଜ୍ଞାନ ପ୍ରସାରଣର ଅଗ୍ରଣୀ ବୋଲି ବିବେଚନା କରୁଥିବା ସେଇ ବେସାମରିକ ଶାସନପଦ୍ଧତି ନିହାତି ଏକ ଅନନ୍ୟସାଧାରଣ ସ୍ତରର ଦକ୍ଷତା ଆଉ ଉତ୍କର୍ଷ ପାଇଁ ଏ ଦେଶରେ ଏତେ ବେଶୀ ଖ୍ୟାତି ଅର୍ଜନ କରିଛି ଯେ ଅନେକଙ୍କର ବିଶ୍ୱାସ ସତେ ଯେମିତି ଏହା ସିଧା ସଳଖ ସ୍ୱର୍ଗଲୋକରୁ ଅବତରଣ କରିଛି । ଏଇ ବିଶ୍ୱାସକୁ ଭିତ୍ତି କରି ବୋଧହୁଏ ସେମାନେ ଭାରତୀୟମାନଙ୍କ ସହିତ କାରବାର କଲାବେଳେ ଧୃଷ୍ଟତା ଆଉ ଔଦ୍ଧତ୍ୟର ଅତି ଉଦାର ସ୍ୱର ତୋଳି ଆତ୍ମସନ୍ତୋଷ ଲାଭ କରନ୍ତି କାରଣ ଭାରତୀୟମାନେ ବୋଧେ ପୃଥିବୀର ମାଟି କାଦୁଅରେ ଗଢ଼ା ହୋଇଛନ୍ତି ସେଥିପାଇଁ ଜଣେ ଏକଥା ଭାବିବା ସ୍ୱାଭାବିକ ଯେ ଏମାନେ ହେଉଛନ୍ତି ନିକୃଷ୍ଟ ଧରଣର ପ୍ରାଣୀ । ସେମାନେ ସବୁ ସ୍ୱର୍ଗରୁ ଜାତ ହୋଇଛନ୍ତି ଏଥିରେ ବିବାଦ ନ କରି ଜଣକୁ ଅନୁମତି ଦିଆଯାଉ ଏକଥା ସୂଚେଇ ଦେବା ପାଇଁ ଯେ ଭାରତୀୟ ରୌଦ୍ରର ପ୍ରଖରତାରେ ଯଦି ଚକ୍ଷୁଯୁଗଳ ଆକ୍ରାନ୍ତ ନ ହୁଏ, ଏଇ ଅଧିଦେବତାଗଣଙ୍କର ନୈତିକ ଓ ବୌଦ୍ଧିକ ଶୈଳୀରେ ସମୃଦ୍ଧ ଆଉ ରାଜକୀୟ ଗରିମାରେ ଭରା ଯେଉଁ ସର୍ବବ୍ୟାପକ ଚେତନା ବିଦ୍ୟମାନ ରହିଛି ତା'ର ସନ୍ଧାନ ନେବା ଦୁଃସାଧ୍ୟ ହୋଇପଡ଼ିବ । କଥାଟା ପ୍ରକୃତରେ ସମ୍ପୂର୍ଣ୍ଣ ଅନ୍ୟ ପ୍ରତିଦ୍ୱନ୍ଦ୍ୱିମୂଳକ ପରୀକ୍ଷା ମାଧ୍ୟମରେ ନିଯୁକ୍ତି ଦିଆ ଯାଉଥିବାରୁ ସରକାରୀ ସେବା ବାଧାପ୍ରାପ୍ତ ହୋଇଛି, ଏହାର ସ୍ୱର ସାମାନ୍ୟ ଅଶୋଭନୀୟ, ସ୍ୱଭାବ ଈଷତ୍ କର୍କଶ ହୋଇଯାଇଛି । ଏହାର କାର୍ଯ୍ୟସଫଳତା ଟିକିଏ ଦ୍ୱିତୀୟ ପର୍ଯ୍ୟାୟକୁ ଖସି ଆସିଛି । କଠୋର ସମାଲୋଚକମାନେ ଏହା ବ୍ୟତୀତ ଅଧିକ କିଛି କହିଛନ୍ତି । ନା, ସେମାନଙ୍କର ନିଜ ଭିତରୁ କେହି ଜଣେ ମିଃ. ରୁଡ଼ିୟାର୍ଡ଼ କିପ୍‌ଲିଙ୍ଗ୍‌ଙ୍କ ପରି ନିର୍ଦ୍ଦୋଷ ଆଙ୍ଗ୍ଲୋ-ଭାରତୀୟ ସେଇ ମର୍ମରେ ବଡ଼ ଦୁଃଖର ସହିତ ଜୋର୍ ଦେଇ କହି ନାହାନ୍ତି କି ? ସେମାନେ କହିଛନ୍ତି ଏହା ଏକ ଅକଥନୀୟ ମୂର୍ଖାମି ଓ ନିକୃଷ୍ଟ ଧରଣର ଅବସ୍ଥା ଭିତରେ ଗତି କରୁଛି । ଏଇ ଭାଷା ନିର୍ଦ୍ଦ୍ୱନ୍ଦ୍ୱରେ ବଡ଼ ରୁକ୍ଷ ଆଉ ମୁହୂର୍ତ୍ତକ ପାଇଁ ସୁଦ୍ଧା ଏଇ ଉକ୍ତିଟିକୁ ସମର୍ଥନ କରିବା ପାଇଁ ମୁଁ ଇଚ୍ଛା ପୋଷଣ କରି ନ ଥା'ନ୍ତି; କିନ୍ତୁ ମୁଁ ଯାହା କହୁଛି ଉପରୋକ୍ତ ଉକ୍ତିର ମୂଳରେ ସତ୍ୟର ଏକ ଛୋଟିଆ ଆସ୍ତରଣ ରହିଛି ଯାହା ଏଇ କଟୁ ଓ ବିରୁଦ୍ଧ ସମାଲୋଚନାକୁ ପ୍ରତିପାଦିତ ନ କଲେ ମଧ୍ୟ ଏହା ସେମିତି କିଛି ଦୋଷାବହ ନୁହେଁ ବୋଲି ସାବ୍ୟସ୍ତ କରିଦେଇଛି । ଆଉ ଜଣେ ଯେତେବେଳେ ଜାଣିବାକୁ ପାଏ ଏଇ ସରକାରୀ ସେବା କେଉଁଥିରେ ଗଢ଼ା ଯାଇଛି, ସେତେବେଳେ ସେ ବିସ୍ମୟର ଭାବ ପ୍ରକାଶ କରେ ନି । ବିଦ୍ୟାଳୟର ନିର୍ବୋଧ ଛାତ୍ରଟିଏ ଏକ ଘୋଷା ପାଠର ଅନୁଷ୍ଠାନରୁ ଆସି ହଠାତ୍ ବୃହତ୍ତର ଓ କଷ୍ଟସାଧ୍ୟ ବ୍ୟାପାରଗୁଡ଼ିକର ଦାୟିତ୍ୱ ହାତକୁ ନେଲେ ତା'ଠାରୁ କୌଣସି ପ୍ରକାର ମହତ୍ତ୍ୱପୂର୍ଣ୍ଣ ଓ ରାଜକୀୟ ଆଡ଼ମ୍ବରର ସେବା ଆମକୁ ମିଳିବ ବୋଲି ସାମାନ୍ୟ ଟିକିଏ ଆଶା କରାଯାଇ ନ ପାରେ । ଯେତେବେଳେ ଖୁଚୁରା ବେପାରୀଗଣଙ୍କର ସନ୍ତାନମାନେ ହଠାତ୍ ସାମାନ୍ୟ ଦୋକାନ ଗାଦିରୁ ଉଠି ବଡ଼ ବଡ଼ ପ୍ରଦେଶଗୁଡ଼ିକୁ ଶାସନ କରିବେ ସେତେବେଳେ ସେବାର ପ୍ରତ୍ୟାଶା ଆହୁରି କ୍ଷୀଣ ହୋଇପାରେ । ଛୋଟ ବେପାରୀଗଣଙ୍କ ପ୍ରତି ମୋର ସେମିତି କୌଣସି ବାଛବିଚାର ଜନିତ ଦ୍ୱେଷ ଯେ ରହିଛି ତା' ନୁହେଁ । ମୋର ଖାଲି କହିବା କଥା ସେଇ ଗୋଷ୍ଠୀର ମଣିଷମାନେ ଇଂଲଣ୍ଡରେ ସବୁଠାରୁ ଯେଉଁ ଉତ୍କୃଷ୍ଟ ଶିକ୍ଷାଲାଭ କରନ୍ତି ସେଥିରେ ଏକ ଅନଭିଜ୍ଞ ଯୁବକ ତା'ର ଲକ୍ଷ ଲକ୍ଷ ସାଥୀ ସହୋଦରଙ୍କୁ ଶାସନ କରିବା ପାଇଁ ଉପଯୁକ୍ତ ପରିମାଣରେ ଯୋଗ୍ୟ ବିବେଚିତ ହୁଏ ନାହିଁ । ପ୍ରଶିକ୍ଷଣରେ ନିକୃଷ୍ଟ, ସଂସ୍କୃତିବିବର୍ଜିତ, ଶିକ୍ଷାରେ ଦୁର୍ବଳ, ନିରାଟ ସତ କହିବାକୁ ଗଲେ ଏହା ଏପରି ଧରଣର ଏକ ଶିକ୍ଷା ଯାହା ସମସ୍ତ ମୌଳିକ ଅପୂର୍ଣ୍ଣତାକୁ ଛାତ୍ର ମୁଣ୍ଡରେ ଲଦି ତାକୁ ସେମିତି ଛାଡ଼ିଦିଏ ଅଭଦ୍ର, ଅପାଠୁଆ, ନିର୍ବୁଦ୍ଧିଆ କରି । କିନ୍ତୁ ବେସାମରିକ ସେବା (Civil Service) ମଧ୍ୟରେ ସକଳ ପ୍ରକାରର ଭ୍ରଷ୍ଟାଚାର, ଦୋଷତ୍ରୁଟି ଥାଇ ଜଣେ ଦେଖିବାକୁ ପାଏ ଅତ୍ୟନ୍ତ ବିରଳ ଓ ମର୍ଯ୍ୟାଦାସମ୍ପନ୍ନ ମହାତ୍ମାଗଣଙ୍କୁ, ଯେଉଁମାନେ ସେମାନଙ୍କର ଶାସନ ଶୃଙ୍ଖଳାର ବ୍ୟର୍ଥତାଗୁଡ଼ିକରୁ ନିଜକୁ ଦୂରେଇ ରଖିଛନ୍ତି, ଆଉ ଜାତିର

ବିଶେଷତ୍ୱମାନ ଅତି ଚମତ୍କାର ଭଙ୍ଗୀରେ ପ୍ରକାଶ କରନ୍ତି ଯାହା ଅନ୍ୟ କେଉଁଠି ସେ ଦେଖିବାକୁ ପାଏ ନି । ସେମାନେ ଯେ ନିଶ୍ଚିତ ଭାବେ ପ୍ରତିଭାସମ୍ପନ୍ନ ନୁହନ୍ତି କିନ୍ତୁ ତତ୍ପର ଓ ଭରପୂର ବ୍ୟକ୍ତିତ୍ୱ ସେମାନଙ୍କର ବାକ୍‌ପଟୁତାର ସାମର୍ଥ୍ୟରେ ପରିପୂର୍ଣ୍ଣ, ସ୍ପଷ୍ଟବାଦୀ, ଜବରଦସ୍ତ, ଆଶ୍ଚର୍ଯ୍ୟଜନକ ପରିମାଣରେ ଶକ୍ତିଶାଳୀ ଓ ଆତ୍ମବିଶ୍ୱାସର ଅଧିକାରୀ ହୋଇ ଯାହା କି ସେମାନେ ହାସଲ କରିଛନ୍ତି ଜାତିର ପୁରୁଷାନୁକ୍ରମିକ ଅଧିକାର ସୂତ୍ରରେ; ସଂକ୍ଷେପରେ କହିବାକୁ ଗଲେ ଯେଉଁ ମଣିଷମାନେ ଆମକୁ ଇଂଲଣ୍ଡ ପରି ଦେଶଟିଏ ଦେଇଛନ୍ତି ଆଉ ଇଂଲଣ୍ଡ କହିଲେ ସେଇ ଆଙ୍ଗ୍ଲୋକେଲ୍‌ଟିକ୍ ଜାତିକୁହିଁ ମୁଁ ବୁଝେ, ଇଂଲଣ୍ଡ, ଯିଏ ବାସ୍ତବିକ ଅତି ଉନ୍ନତ ଓ ପ୍ରଶଂସନୀୟ ଦିଗରୁ ଆସି ଉଭା ହୁଏ ଆମରି ସମ୍ମୁଖରେ । ଏମାନଙ୍କ ଭିତରୁ ଅନେକେ ହେଉଛନ୍ତି ଆୟର୍ଲ୍ୟାଣ୍ଡ ଓ ପ୍ରାଚୀନ କାଲେଡୋନିଆର ଅଧିବାସୀ । ଅନ୍ୟମାନେ ହେଉଛନ୍ତି ଉତ୍ତମ ବଂଶ ଓ ପ୍ରତିଷ୍ଠାର ସମ୍ଭ୍ରାନ୍ତ ଇଂଲିଶ୍ ଲୋକ, ବଡ଼ ବଡ଼ ପବ୍ଲିକ୍ ସ୍କୁଲରେ ଶିକ୍ଷାପ୍ରାପ୍ତ ସେମାନେ, ଚରିତ୍ର ବିଦ୍‌ବତ୍ତା ଆଉ କ୍ଷମତାର ମଧୁର ସୁବାସକୁ ଯେଉଁମାନେ ଏବେ ବି ସଂରକ୍ଷିତ କରି ରଖିଛନ୍ତି ଯାହା ଇଂଲଣ୍ଡରେ ଦିନେ ସର୍ବସାଧାରଣଙ୍କର ଅଧିକାରଭୁକ୍ତ ଥିଲା କିନ୍ତୁ ବର୍ତ୍ତମାନ ବିଧିର ବିଧାନରେ କାଁ ଭାଁ ବିରଳ ଅବା ବିଲୟ ହୋଇଯିବାର ଆଶଙ୍କା ସୃଷ୍ଟି କରିଛି । ଅନ୍ୟମାନେ ହେଉଛନ୍ତି ପୁଣି ପ୍ରାଚୀନ ଆଙ୍ଗ୍ଲୋ-ଭାରତୀୟ ବିଦ୍ୟାଳୟର ପୁରୁଖା ବ୍ୟକ୍ତି ବିଶେଷ, ଏକ ବଳିଷ୍ଠ ଓ କୃତିତ୍ୱପୂର୍ଣ୍ଣ କଳାର ବୃହତ୍ତର ପରମ୍ପରା ଓ ଶକ୍ତି-ଶୃଙ୍ଖଳାରେ ଗଢ଼ା, ଯେଉଁମାନେ କି କମ୍ପାନୀର ଗୌରବମୟ ପୁରାତନ ଦିନଗୁଡ଼ିକର କିଛି ସ୍ମାରକୀକୁ ଏବେ ବି ସାଇତି ରଖିଛନ୍ତି । ଏବେ ବି ସେମାନଙ୍କର ପାଖରେ ରହିଛି ଏକ ମହାନ୍ ଓ ଉଦାତ୍ତ ଅନୁପ୍ରେରଣାରୁ କିଛି । ସେମାନଙ୍କ ସଂସ୍ପର୍ଶରେ ଆସୁଥିବା ସେଇସବୁ ବିଷୟଗୁଡ଼ିକ ଯେ କିଭଳି ଭାବେ ଉଚ୍ଚକୋଟୀର ଆଉ ଯେଉଁ ପ୍ରତିଷ୍ଠାକୁ ଧରି ରଖିବା ପାଇଁ ସେମାନେ ସୁବିଧାଜନକ ସ୍ଥିତିରେ ଅଛନ୍ତି ତାହା ଯେ କିଭଳି ସାଂଘାତିକ ଏଇ ସମ୍ୟକ୍ ବୋଧରୁ କିଛି ଏବେ ବି ସେମାନଙ୍କ ନିକଟରେ ରହିଛି । ସେଇମାନଙ୍କ ଭିତରୁ ଜଣେ ଯିଏ କି ସେମାନଙ୍କର ଉତ୍କୃଷ୍ଟ ପ୍ରତିଭାର ଅଧିକାରୀ ସେଇ ଜଣକ ହେଉଛନ୍ତି ମିଃ. ଆଲାନ୍ ହିଉମ୍, ସେ ଏମିତି ଏକ ମଣିଷ, ତୀକ୍ଷ୍ଣ ଆଉ ଓଜସ୍ୱୀ, କାର୍ଯ୍ୟରେ ସଦା ପ୍ରସନ୍ନଚିତ୍ତ ଓ କଥାରେ ପଟେଇ ପାରିଲା ଭଳି କ୍ଷମତା ତାଙ୍କର । ଏକ ଆଦର୍ଶ ପୁରୋଧା ସେ, ହୋଇପାରେ, ସାମ୍ପ୍ରତିକ ଓ ଐତିହାସିକ ଖ୍ୟାତି ଅର୍ଜନ କରିବାର ଅଧିକ ଏକ ପାର୍ଥିବ ଅଭିଳାଷ ଯୋଗୁଁ ଉଦ୍ଦୀପିତ ହୋଇ ଆମ ହାତ ଧରିନେଇଥିଲେ ଆଉ ଶ୍ରେଷ୍ଠତ୍ୱ ଓ କ୍ଷମତା ଅଭିମୁଖେ ଦୁଃସାଧ ଅଭିଯାତ୍ରା ପାଇଁ ଆମକୁ ଦିଗ ନିର୍ଦ୍ଦେଶ ଦେଇଥିଲେ ତାଙ୍କର ସେଇ ବିସ୍ମୟଭରା ଚାତୁରୀରେ । ଯେଉଁ ସମସ୍ତ ଗୁଣର ଅଧିକାରୀ ଥିଲେ ଜଣେ ଏକ କାର୍ଯ୍ୟ ସଂଗଠନର ଶ୍ରେଷ୍ଠ ଅଧିନାୟକ ବିବେଚିତ ହୋଇପାରେ ସେ ସବୁ ମିଃ ହିଉମ୍‌ଙ୍କ ନିକଟରେ ଯେ ଥିଲା ଏକଥା ଆଗରୁ ମୁଁ କହିସାରିଛି । ଏହି ଗୁଣାବଳୀ ସହିତ ଗଭୀର ମନନ, ଚିନ୍ତନ, ଦୃଷ୍ଟିର ଏକ ପରିବ୍ୟାପ୍ତ ବିଶାଳତା ପରି ସର୍ବଶ୍ରେଷ୍ଠ ପ୍ରତିଭାଗୁଡ଼ିକ ଆଣି ସେ ସଂଯୁକ୍ତ କରିଥାଆନ୍ତେ କି ? ଉତ୍ତରାଧିକାର ସୂତ୍ରରେ ପ୍ରାଚୀନ ନର୍ମାଣ୍ଡିର ସାମନ୍ତମାନଙ୍କଠାରୁ ଇଂଲଣ୍ଡ ହାସଲ କରିଥିବା ଶାସନଶକ୍ତି ପରି ସେଇ ଗରିମାଭରା ବିଶେଷତ୍ୱ, ଶାସନଶକ୍ତି ଆଉ ତା' ସହିତ ବରାବର ରହି ଆସିଥିବା ମହତ୍ ଗୁଣଗୁଡ଼ିକ ସେମାନଙ୍କ ନିଜସ୍ୱ ଧାରାରେ ହେଉଛନ୍ତି ମହାନ୍ ବିଷୟ କିନ୍ତୁ ରାଜନୀତି କ୍ଷେତ୍ରରେ ସବୁକିଛି ନୁହଁ । ଭାବଧାରାଗୁଡ଼ିକ, ଗଭୀର ମନନଗୁଡ଼ିକ, ରାଜନୈତିକ ବିଚାର, ଏସବୁ ନିହାତି ଯେତିକି ପରିମାଣରେ ମୁଖ୍ୟ ନିହାତି ସେତିକି ପରିମାଣରେ ମଧ ଅପରିହାର୍ଯ୍ୟ ବୋଲି ଗଣ୍ୟ କରାଯାଏ । କିନ୍ତୁ ଯଦିଓ ବୋଲିଂବ୍ରୋକ୍ ଆର୍ଣ୍ଣୋଲ୍ଡ, ବାର୍କଙ୍କ ପରି ବ୍ୟକ୍ତି-ବିଶେଷ, ସେଇ ଇଂରେଜ ବ୍ୟକ୍ତିମାନେ ଏଗୁଡ଼ିକ ପ୍ରଧାନତଃ ନିଜ ଅକ୍ତିଆରକୁ ନେଇଥିଲେ ତଥାପି ଏହା ଉପରେ ଜାତିର ନିୟନ୍ତ୍ରଣ ବିଶେଷ ଅନୁପଯୁକ୍ତ ଥିଲା । ଆଉ ହିଉମ୍‌ଙ୍କର ଯୋଗ୍ୟତାଗୁଡ଼ିକୁ ଦେଖିଲେ ଖାଲି ବର୍ଣ୍ଣନାରେ ନୁହେଁ କିନ୍ତୁ ପରିମାଣରେ ମଧ ସେ ତାଙ୍କ ଦେଶବାସୀଙ୍କଠାରୁ ସ୍ୱତନ୍ତ୍ର ବୋଲି ବିଚାର କରାଯାଏ । ତାଙ୍କର ମୌଳିକ ଚିନ୍ତାଧାରା ଯେ ସଂକୀର୍ଣ୍ଣ ଆଉ ନୀତିବିରୋଧି ଥିଲା ଏକଥା ମୁଁ ଚିନ୍ତା ନ କରି ରହିପାରୁ ନି ।

ଆଉ କେହି ନୁହଁ, ସେହିଁ ଭଲ ରୂପେ ଜାଣିଥିବେ ଯେ ବାହାରକୁ ସାମାନ୍ୟ ଓ ଶାନ୍ତ ଦେଖାଯାଉଥିବା ପ୍ରାଣୀ ଭିତରେ କି ପ୍ରକାର ବିପର୍ଯ୍ୟୟମାନ ଘନୀଭୂତ ହୁଏ, ଆଉ କେହି ନୁହେଁ, ସେହିଁ ଭଲଭାବେ ଅବଗତ ଥିବେ ଯେ ଯେତେବେଳେ କ୍ଷୁଧା ଆଉ ଅତ୍ୟାଚାରର ଦୁର୍ବିଷହ ଯନ୍ତ୍ରଣାରେ ଅସ୍ଥିମଜ୍ଜା ଦୁହିଁ ହୋଇଯାଏ ସେତେବେଳେ କି ପ୍ରକାର ମୌଳିକ ଆବେଗଗୁଡ଼ିକ ସବୁଠାରୁ ନରମ ଆଉ ଅତି ଆଜ୍ଞାଧୀନ ସର୍ବହରାଗଣଙ୍କ ମଧ୍ୟରେ ଜୀବନ୍ୟାସ ପାଆନ୍ତି; ତଥାପି ନିଜ ଜ୍ଞାନ ପ୍ରତି ଅବଜ୍ଞା ପ୍ରକାଶ କରିବାକୁ ତାଙ୍କୁ ବାସ୍ତବିକ ଭଲ ଲାଗିଲା । ଶୁଧୁ ଏକ ରାଜନୈତିକ

ବୈଷମ୍ୟକୁ ଦୂର କରିବା ତାଙ୍କର ମୁଖ୍ୟ କାର୍ଯ୍ୟ ବୋଲି ସେ ମନେ ମନେ ବିଚାର କରିନେଲେ ଆଉ ନଗର ପ୍ରତିନିଧିବର୍ଗଙ୍କୁ ଖାଲି ଏକୁଟିଆ ପ୍ରାଧାନ୍ୟ ଆଡ଼କୁ ଟେଳି ଧରିବା ପାଇଁ ସେ ନିରନ୍ତର ପ୍ରୟାସ କରି ଚାଲିଲେ । ନଗର ପ୍ରତିନିଧି ଆଧିପତ୍ୟ ପାଇଁ ସର୍ବଦା ଚେଷ୍ଟା କରିବା ଉଚିତ । ନା, ଏଇ ଲକ୍ଷ୍ୟକୁ ସେ କ୍ଷଣିକ ପାଇଁ ହାସଲ କରିବା ଆବଶ୍ୟକ ଏଇଟା ଥିଲା ସଠିକ୍ ଓ ସ୍ୱାଭାବିକ । ମିଃ. ହିଉମ୍‌ଙ୍କର ବ୍ୟବସ୍ଥା ଅନୁସାରେ କୌଣସି ବାସ୍ତବ ଉଦ୍ଦେଶ୍ୟ ସାଧନ ସକାଶେ ପରିଷଦର ବାହାରେ ସର୍ବହରା ଶ୍ରେଣୀକୁ ଯେ ରଖାଯାଉଥିଲା ଏହାହିଁ ଥିଲା ଅନିଷ୍ଟକର । ତଥାପି ସର୍ବହରା ଗୋଷ୍ଠୀ ଯେ ପରିସ୍ଥିତିର ଅସଲ ଚାବିକାଠି ଏକଥା ଦର୍ଶାଇବା ସକାଶେ ମୁଁ ବରାବର ଉଦ୍ୟମ କରି ଆସିଛି । ସେ ଯେ ନିଷ୍କ୍ରିୟ ଆଉ ସ୍ଥାଣୁ । ସେମିତି ଦେଖିଲେ ତା'ର ବାସ୍ତବ ସାମର୍ଥ୍ୟ ବୋଲି କିଛି ନାହିଁ; କିନ୍ତୁ ସେ ଯେ ମହାନ୍ ଏକ ସମ୍ଭାବ୍ୟ ଶକ୍ତି ଆଉ ଯଦି କେହି ଜଣେ ତା'ର ଶକ୍ତିକୁ ହୃଦୟଙ୍ଗମ କରି ଲୋକଲୋଚନକୁ ଆଣେ ସେ ହୋଇଉଠିବ ଭବିଷ୍ୟତର କର୍ଣ୍ଣଧାର ନିହାତି ବାସ୍ତବ ରୂପରେ । ମଣିଷର ବୁଦ୍ଧି ବଳରେ ଯାହା ଏପର୍ଯ୍ୟନ୍ତ କଳ୍ପନା କରାଯାଇଛି ତା'ର ବହୁ ଊର୍ଦ୍ଧ୍ୱରେ ଆମର ଏପ୍ରକାର ପରିସ୍ଥିତି, ସତରେ ବଡ଼ ଜଟିଳ ଓ ଦୁଃସାଧ୍ୟ । ଯଦି ଏଥିରେ ଗୋଟିଏ କଥା ସ୍ପଷ୍ଟ ହେଉଥାଏ ତାହା ହେଉଛି ନଗର ପ୍ରତିନିଧି ପାଇଁ ସଠିକ୍ ଓ ସାର୍ଥକ ନୀତି । କେବଳହିଁ ସେଇ ନୀତି ଯାହାର ସମୟ କ୍ରମେ ସଫଳତାର କୌଣସି ସୁଯୋଗ ରହିଛି । ସର୍ବହରା ଶ୍ରେଣୀର ଏକ ସୁଦକ୍ଷ ପରିଚାଳନାକୁ ଭିତ୍ତି କରି ତା'ର ଲକ୍ଷ୍ୟକୁ ଟେଳି ଧରିବା । ଦେଶର ସମୁଦାୟ ଶକ୍ତିକୁ ସେ ନିଶ୍ଚୟ ଜାଗ୍ରତ୍ ଓ ସଂଗଠିତ କରିବ ଆଉ ଏଇପରି ଭାବେ ତା'ର ଆୟତନ ଓ ମହତ୍ତ୍ୱକୁ ଅନ୍ତଃହୀନ ଭାବେ ସେ ବହୁଗୁଣିତ କରିଚାଲିବ, ସାମାଜିକ କ୍ଷେତ୍ରରେ ଯେତେ ବେଶୀ ହେବ ସେତେ ବେଶୀ ରାଜନୈତିକ କ୍ଷେତ୍ରରେ ପ୍ରଭୁତ୍ୱକୁ ହାସଲ କରିବାହିଁ ଶ୍ରେୟସ୍କର । ଏହିପରି, କେବଳ ଏହିପରିହିଁ ତା'ର ନ୍ୟାଯ୍ୟ କେନ୍ଦ୍ରରେ ସେ ପହଞ୍ଚି ପାରିବ ଏକ ଅହଂକେନ୍ଦ୍ରିକ ଗୋଷ୍ଠୀ ଭାବରେ ନୁହେଁ ଯିଏ ନିଜ ଭିତରେ ଆଉ ନିଜ ପାଇଁ କେବଳ ବଞ୍ଚି ରହେ, କିନ୍ତୁ ଜାତିର ଉଷ୍ଣୀଷ ହୋଇ, ତା'ର ମସ୍ତକ ରୂପେ ବିରାଜମାନ କରି ।

କିନ୍ତୁ ମି. ହିଉମ୍ ଏକ ଭିନ୍ନ ଦୃଷ୍ଟିରେ ପ୍ରସଙ୍ଗଗୁଡ଼ିକୁ ଦେଖୁଥିଲେ । ଆଉ ମୋତେ ସହସା ଏକଥାଗୁଡ଼ିକ ବ୍ୟକ୍ତ କରିବାକୁ ଦିଆଯାଉ ଯେ ସେ ତାଙ୍କ କର୍ତ୍ତବ୍ୟକୁ ସ୍ପଷ୍ଟ ରୂପେ ଅନୁଭବ କରି ଆଶ୍ଚର୍ଯ୍ୟଜନକ ତତ୍ପରତା, ପକ୍କା ବିଶ୍ୱାସ ଆଉ କାର୍ଯ୍ୟକୁଶଳତା ସହିତ ଆଗେଇ ଯାଇଥିଲେ । ତାଙ୍କ ଗତିବିଧିରେ ପ୍ରାୟ ରୋମ୍‌ବାସୀର ହାଲୁକା ମିଜାଜ୍ ଆଉ ବଳିଷ୍ଠ ନିଷ୍କପଟତା ପରିସ୍ଫୁଟ ହୋଇଥିଲା । କୌଣସି ଧରଣର ଅଧାପନ୍ତରିଆ, କାମଚଳା ପ୍ରସ୍ତାବ, କୌଣସି ପ୍ରକାରର ଅପ୍ରୀତିକର ଅବ୍ୟବସ୍ଥା ନୁହେଁ କିନ୍ତୁ ସର୍ବଦା ସଠିକ୍ ଲକ୍ଷ୍ୟସ୍ଥଳକୁ ବିଦ୍ଧ କରିବା ପାଇଁ ଏକ ହସଖୁସିର କାରସାଦି ପ୍ରୟୋଗ କରାଯାଉଥିଲା ତାହା ପୁଣି ଯେମିତି ଥରକେ ସମ୍ଭବ ହୁଏ । ରୋମ୍‌ବାସୀଙ୍କ ପରି ଏକ ମହାନ୍ ଲକ୍ଷ୍ୟ ଅଭିମୁଖେ ପକ୍କା ଆଉ କ୍ରମିକ ପର୍ଯ୍ୟାୟ ଦେଇ ଆଗେଇ ଯିବାର ସୂତ୍ରଟିଏ ମଧ୍ୟ ତାଙ୍କର ଥିଲା । ପ୍ରଥମତଃ ନଗର ପ୍ରତିନିଧିକୁ ଆଉ ତା'ର ବିରୋଧୀ ସଭ୍ୟମାନଙ୍କୁ ସମିତି ସଂକ୍ରାନ୍ତୀୟ ତାଙ୍କ ନିଜ ବାସ୍ତବିକତା ସହିତ ପରିଚିତ କରେଇବା ଦ୍ୱାରା, ରାଜ ପ୍ରତିନିଧିମୂଳକ (Vice Regal) ଶାସନ ପାଖରେ ତାଙ୍କ ମାମଲାର ଏକ ଚୂଡ଼ାନ୍ତ ବିବରଣୀ ବଳରେ ଆଗେଇ ଯିବାକୁ ଆଉ ଇଂଲଣ୍ଡର ପାର୍ଲାମେଣ୍ଟ ନିକଟରେ ଏକ ପ୍ରଚଣ୍ଡ ଓ କ୍ଷମତାଶାଳୀ ଅପିଲ୍ ଶେଷରେ ଦାଖଲ କରିବା ପାଇଁ, ତାହା ଏମିତି ଏକ ଅପିଲ୍ ଯାହା ସକାଶେ ମଧ୍ୟବିତ୍ତ ଶ୍ରେଣୀ ତା'ର ସମୁଦାୟ ସମ୍ବଳର ବିନିଯୋଗ ପାଇଁ ଅର୍ଥ ବ୍ୟବସ୍ଥା କରିବା ଉଚିତ ଆଉ ଯେଉଁ ଅପିଲ୍‌କୁ ତା'ର ବିଭିନ୍ନ ସୋପାନ ଦେଇ ବହନ କରି ନେବାକୁ ହେବ ଏକ ଲୁହାର ହୃଦୟରେ, ଏକ ପାଷାଣର ଦୃଢ଼ତା ନେଇ ଅଧିକତଃ ଅନ୍ତହୀନ ଊର୍ଜାକୁ ନିଃଶେଷ କରି – ଏଇପରି, କେବଳ ଏଇପରିହିଁ ଏକ ଅନିଶ୍ଚିତ ପଥରେ ମିଃ. ହିଉମ୍ ପାଦ ଦେଇଥିଲେ ଯାହାର ଆଶ୍ରୟରେ ସେ କେଉଁଠି ନା କେଉଁଠି ପହଞ୍ଚି ପାରିଥାଆନ୍ତେ, ସେଠି ଏକ ହାସ୍ୟାସ୍ପଦ ସ୍ଖଳନରେ ପାଦ ତାଙ୍କର ତଳକୁ ଖସି ଲକ୍ଷ୍ୟର ଗୁରୁତ୍ୱକୁ ନିଷ୍ପ୍ରଭ କରିଦେବାର ଶଙ୍କା ନ ଥିଲା । ପ୍ରଥମରୁ ଏଇ ଯେଉଁ ପଦକ୍ଷେପଗୁଡ଼ିକ ନିଆଯାଇଥିଲା ତା'ଠୁ ବଳି ଆନନ୍ଦଦାୟକ କିଛି ନ ଥିଲା । ତାଙ୍କର ଉତ୍ତମ ଗୁଣାବଳୀ, ଦୋଷତ୍ରୁଟି ସମ୍ପର୍କରେ ବିଶେଷ କରି ଜୋର୍‌ରେ ସ୍ୱର ଉତ୍ତୋଳନ କରିବା ଅର୍ଥ ନିଶ୍ଚିତଭାବେ ଜଣେ ବ୍ୟକ୍ତି ପକ୍ଷରେ ତା' ନିଜ ମହତ୍ତ୍ୱ ସମ୍ପର୍କରେ ଏକ ଠୋସ୍ ଧାରଣା ପ୍ରାପ୍ତ କରିବା ପାଇଁ ଓ ତା'ର ଅମଙ୍ଗଳ ମନାସୁଥିବା ବ୍ୟକ୍ତିମାନଙ୍କ ମନ ଭିତରେ ଏକ ଅପ୍ରୀତିକର ଛାପ ସୃଷ୍ଟି କରିବା ପାଇଁ ସବୁଠୁ ନିର୍ଭରଯୋଗ୍ୟ ଉପାୟ । ଆଉ ସେଇ ଉଦ୍ଦେଶ୍ୟ ସାଧନ କରିବା ପାଇଁ, ଏକ ସମାରୋହ ଭିତରେ, ଏକସଙ୍ଗେ ଅନେକ ତୂରୀ ବଜେଇ,

ନିଜକୁ ଜାହିର କରିବା ଜିଦ୍‌ରେ ସାହସର ସହିତ ଅନେକ ହଇଚଇ ତୋଳିବା ସକାଶେ ସଦା ପ୍ରୟାସ କରି ଚାଲିବାରେ କଂଗ୍ରେସ ସମ୍ପୂର୍ଣ୍ଣ ସିଦ୍ଧହସ୍ତ ବୋଲି ଏକ ନିର୍ଣ୍ଣୟ ନିଆଯାଇପାରେ, ଅନ୍ୟାନ୍ୟ ଦିଗରେ ସେ ଅସମର୍ଥ ହୋଇଥାଉ ପଛେ, ନା ଏହାହିଁ ଥିଲା ତା'ର ଆଦର୍ଶର ବିଷୟ । ଦ୍ୱିତୀୟ ପର୍ବଟି ଥିଲା ଆହୁରି କଷ୍ଟସାଧ୍ୟ । ଆମର ମାମଲାଟିକୁ ନେଇ ଏକାଥରକେ ସାହସ ଓ ସାବଧାନତାର ସହିତ ତାଙ୍କୁ କୌଣସିମତେ ଶବ୍ଦଟିଏ ଖଞ୍ଜିବାକୁ ପଡ଼ିଥିଲା ଯେମିତି କି ଆଙ୍ଗ୍ଲୋ-ଭାରତର ଦୁର୍ବଳ ସ୍ଥାନରେ ଠିକ୍ ଜୋର୍‌ରେ ଆଘାତ ଲାଗିବ । ତାହା ଏଭଳି ଭାବେ ଫେଣ୍ଟା ଯାଇଥିଲା ଯେମିତିକି ବ୍ରିଟିଶ୍ ଲୋକପ୍ରତିନିଧି-ସଭାର ସ୍ୱାଦ ନଷ୍ଟ ନ ହୁଏ ଯେଉଁ ସ୍ୱାଦଟିରେ ଅତୃପ୍ତି ଓ ଭୋଗବାଦ ବଢ଼ି ବଢ଼ି ଚାଲିଛି । ଏଇ ଦୁରୂହ କାର୍ଯ୍ୟଟି ଯେହେତୁ ଅତ୍ୟନ୍ତ ସ୍ପର୍ଶକାତର ଥିଲା ତେଣୁ ସେ ନିଃସଂଶୟରେ ଦକ୍ଷତା ଓ ଆହୁରି ଏକ ନିର୍ଦ୍ଦିଷ୍ଟ ସଫଳତା ସହିତ ଏହାକୁ ତୁଲେଇଥିଲେ । ଯାହା ଘଟିଗଲା ଆମେ ତା'ର ଅନ୍ତର୍ନିହିତ ମର୍ମକୁ ବୁଝି ପାରିବା ଯଦି କଳ୍ପନା କରିନେଉ ଯେ ମିଃ ହିଉମ୍ ସରକାରଙ୍କୁ ଏହି ଅନ୍ତିମ ଚେତାବନୀ ଦେଇଛନ୍ତି – ''ଯେଉଁ ଭାରତୀୟ ନାଗରିକଙ୍କ ପାଇଁ ଆପଣ ଶିକ୍ଷାର ସୁବିଧା ଯୋଗାଇଛନ୍ତି ଅଥଚ ଯାହାର ପୁରୁଷାନୁକ୍ରମିକ ସମ୍ପତ୍ତିକୁ ଆପଣ ନିଜେହିଁ ଛଡ଼େଇ ରଖିଛନ୍ତି ଆଉ ଦୟନୀୟ ଭାବେ ବଡ଼ ଅବ୍ୟବସ୍ଥା ସହିତ ରକ୍ଷଣାବେକ୍ଷଣ କରୁଛନ୍ତି ସେଇ ସମ୍ପତ୍ତିଗୁଡ଼ିକର ସେ ବର୍ତ୍ତମାନ ତା'ର ନିଜ ବିଚାରକୁ ଜାହିର କରିବାର ପୂର୍ଣ୍ଣାଙ୍ଗ ବେଳାରେ ଆସି ଉପନୀତ ହୋଇଥିବାରୁ ଆପଣଙ୍କ ତତ୍ତ୍ୱାବଧାନର ଆଉ ଭବିଷ୍ୟତରେ ତା' ନିଜ ଭୂସମ୍ପତ୍ତିକୁ କିପରି ସମ୍ଭାଳିବାକୁ ହେବ ତା'ର ଏକ ବିବରଣୀ ଦାବି କରୁଛି । ଆପୋଷ ସମାଧାନ ସକାଶେ ଆପଣ ଦୟାପରବଶ ହୋଇ ଯଦି ଟିକିଏ ଆଗେଇ ଆସନ୍ତେ ଆମେ ଆଦୌ ଅପ୍ରସ୍ତୁତ ହୁଅନ୍ତୁନି, କିନ୍ତୁ ଆଉ ଯେକୌଣସି ପ୍ରସ୍ତାବ ପ୍ରସଙ୍ଗରେ କହିଲେ ଆମର ଅପିଲ୍‌ଟି ବ୍ରିଟିଶ୍ ପାର୍ଲାମେଣ୍ଟର ନ୍ୟାୟାଧିକରଣଙ୍କ ପାଖରେ ସଙ୍ଗେ ସଙ୍ଗେ ପେସ୍ କରାଯାଉଛି । ଆପଣ ନିରୀକ୍ଷଣ କଲେ ଜାଣିବେ ଯେ ଆମେ ଯେଉଁ ପନ୍ଥାଟି ଧରିଛୁ ତାହା ସମ୍ପୂର୍ଣ୍ଣ ସାମ୍ବିଧାନିକ ।'' କଙ୍କଡ଼ା ବିଛାର ଦଂଶନ ରହିଛି ତା' ନାଉଡ଼ରେ । ଇଂରେଜୀ ଲୋକଙ୍କ ଉପରେ ସେଇ ଶବ୍ଦର ଯାଦୁକରୀ ପ୍ରଭାବ କଥା ମିଃ. ହିଉମ୍‌ଙ୍କୁ ଭଲ ରୂପେ ଜଣାଥିଲା । ଜଣେ ଜର୍ମାନ୍ ଦୁର୍ଗରକ୍ଷକ ପକ୍ଷରେ ଏହା ସମ୍ଭବ ହୋଇ ନ ଥା'ନ୍ତା । ସେମାନେ ସେଇ ପ୍ରକାରର କିଛି ଧୃଷ୍ଟତାକୁ ସଙ୍ଗିନ୍ ମୁନରେ ହେଉ କିଂବା କିଛି ନିଷେଧାଜ୍ଞା ଜାରୀ କରି ନୀରବ କରି ଦେଇଥାଆନ୍ତେ । ଫରାସୀ ଗଣତନ୍ତ୍ରପ୍ରେମୀଙ୍କ ପକ୍ଷରେ ଏକଥା ମଧ୍ୟ ଘଟି ନ ଥା'ନ୍ତା । ସେମାନେ ହୁଏତ ସମ୍ପୂର୍ଣ୍ଣ ବଳ ପ୍ରୟୋଗ କରି ଏହାକୁ ଆଡ଼େଇ ଦେଇଥାଆନ୍ତେ କିଂବା ସରଳ ହୃଦୟରେ ମାନି ନେଇଥାଆନ୍ତେ । କିନ୍ତୁ ଇଂରେଜମାନେ ହେଉଛନ୍ତି ଗୋଟିଏ ରାଷ୍ଟ୍ରର ରାଜନୈତିକ ଆଇନ-ଶାସ୍ତ୍ରରେ ବିଶାରଦ ଆଉ କୌଣସି ଦାବି ଉପରେ ''ସାମ୍ବିଧାନିକ'' ବୋଲି ମୋହର ମାରିବା ଦ୍ୱାରା ସେମାନେ ନିଜ ପ୍ରକୃତିର ଆଇନରେ ବାନ୍ଧି ହୋଇ ଦାବିଟିକୁ ସମ୍ମାନ କରନ୍ତି କିଂବା ସମ୍ମାନ ପ୍ରଦର୍ଶନ କଲା ପରି ଜଣା ପଡ଼ନ୍ତି । ଆଙ୍ଗ୍ଲୋ-ଭାରତୀୟଙ୍କର ସାଧାରଣ ଜୀବନଚର୍ଯ୍ୟା ସ୍ୱାର୍ଥପରତାରେ ଅନ୍ଧ ହୋଇ ଲୋକଙ୍କୁ ସବୁବେଳେ ଅନ୍ଧ ବନେଇ ଦିଏ । ସେମାନେ କ୍ରୋଧବଶତଃ ଆଉ ଆତଙ୍କରେ ଶିହରିଉଠି ଦେଶଦ୍ରୋହୀ କାର୍ଯ୍ୟକଳାପର ଅଭିଯୋଗ ଆଣି ଉଦ୍‌ଗାରି ପକାନ୍ତି ଓ ଖୋଲାଖୋଲି 'ଯୁଦ୍ଧଂ ଦେହି' ଡାକରା ଦିଅନ୍ତି । କିନ୍ତୁ ରାଜନୀତି ଆଇନ ବିଶାରଦଗଣଙ୍କ ସରକାର ପାଶ୍ଚାତ୍ୟବାଦୀରେ ପରିଣତ କରିବା ଉଦ୍ଦେଶ୍ୟରେ ନୀତିଟିର ପ୍ରଚଳନ ପାଇଁ ସଂକଳ୍ପବଦ୍ଧ ଥାଇ ତାହା କରିବାକୁ ସକ୍ଷମ ହୋଇ ପାରିଲେ ନି କାରଣ ଅତୀତର ମୂର୍ଖାମିକୁ ସେମାନେ ପୁନରାବୃତ୍ତି ନ କରି ରହିପାରି ନ ଥା'ନ୍ତେ । ଅଧିକନ୍ତୁ ସମ୍ବିଧାନର ବ୍ୟବସ୍ଥା ଅନୁସାରେ ଏକ ରାଜ-ପ୍ରତିନିଧି ସରକାର (Vice Regal Government) ସହଜରେ ଭୁଲି ପାରିବ ନି ଯେ ନିଜ ଦେଶରେ ଥିବା କର୍ତ୍ତୃପକ୍ଷଗଣଙ୍କର ପ୍ରତିକୂଳ ମନ୍ତବ୍ୟ ଦ୍ୱାରା ତାକୁ ଚତୁର୍ଦ୍ଦିଗରୁ ତୀବ୍ର ସମାଲୋଚନାର ଶରବ୍ୟ ହେବାକୁ ପଡ଼ିବ । କିନ୍ତୁ ଯଦିଚ ସେମାନେ ଆମକୁ କଠୋର ହସ୍ତରେ ଦମନ କରିପାରିଲେ ନାହିଁ କିଂବା ଆମର ପ୍ରତିନିଧିବୃନ୍ଦଙ୍କୁ ପ୍ରତ୍ୟାଖ୍ୟାନ କରିବା ଉଦ୍ଦେଶ୍ୟ ନେଇ ସାକ୍ଷାତ୍‌କାର ଦେଲେ ନି ସେଥିପାଇଁ ସେମାନେ ଆମ ଦାବିଗୁଡ଼ିକର କୌଣସି ସବଳ ଅଂଶଟିକୁ ମାନିନେବାକୁ ପ୍ରସ୍ତୁତ ନ ଥିଲେ । ଇଂରେଜ ସ୍ୱଭାବର ଯେଉଁ ଭ୍ରଷ୍ଟାଚାରକୁ ଆଦୌ ନିର୍ମୂଳ କରି ହେବ ନି ତାହାହେଲା ଏହା କେବେ ବି ସ୍ୱଚ୍ଛ ଆଉ ସରଳ ନୁହେଁ । ସର୍ପକୁ ଦେଖି ପଛକୁ ହଟି ଆସିଲା ପରି ଏହା ନିଷ୍କପଟତାରୁ ହଟି ଆସେ । ଏହା ଯେମିତି ହେଲେ କଥାଟିର ମୋଡ଼ ବଦଳେଇବ, ନିଶ୍ଚୟ କଥାଟିକୁ ନିଜ ଭିତରେ ଚାପି ଧରିବ, ଆଉ ଯେମିତି ହେଲେ ସାଇତି ରଖିବ ତା'ର କାମ୍ୟ ସେଇ ଛଳନାପୂର୍ଣ୍ଣ କଥାକୁ ଓ ଅପ୍ରୀତିକର ପରିଣାମର ଅନାଗତ

ଆଶଙ୍କା କଥା ଭାଳି ଅନୁଚିତ ତଥା ଖାଣ୍ଟି ଟାଳଟୁଳ ନୀତିଗୁଡ଼ିକର ଜଟିଳତା ମଧ୍ୟଦେଇ ସେଥିରୁ ଓହରି ଆସିବ । ଦୁର୍ଭାଗ୍ୟବଶତଃ ଆମର ଶାସକବର୍ଗ ହେଉଛନ୍ତି ସାଧାରଣ ସ୍ତରର ଇଂରେଜ ଲୋକ, ଇଂରେଜ ଅର୍ଥାତ୍ ଯେଉଁମାନେ ନିଜେ ନିଜକୁ ଅତିକ୍ରମ କରି ଉପରକୁ ଉଠିବା ଅଭ୍ୟାସରେ ପଡ଼ି ନାହାନ୍ତି ଆଉ ଯଦିବା ସେମାନେ କୁଟିଳ ସ୍ୱଭାବଯୁକ୍ତ ଆମେ ସେଥିପାଇଁ ରାଗରୋଷ ବହିପାରୁ କିନ୍ତୁ ବିସ୍ମୟ ପ୍ରକଟ କରିବା ନି । ଯେନ ତେନ ପ୍ରକାରେଣ ମିଃ. ହିଉମ୍ ପରିଷ୍କାର ଦେଖିଥିଲେ ଯେ ସେମିତି କିଛି ଆଶା କରିବାର ନାହିଁ, ବୋଧେ ସେ ସେମିତି ଆନ୍ତରିକତା ସହିତ କିଛି ଚାହିଁ ନ ଥିଲେ ସେପଟୁ । ଇତି ମଧ୍ୟରେ ବ୍ରିଟିଶ୍ ପାର୍ଲାମେଣ୍ଟ ପାଖରେ ସେ ତାଙ୍କ ଅପିଲ୍‌ର ପ୍ରାରମ୍ଭିକ ପର୍ବଗୁଡ଼ିକ ବାସ୍ତବିକ ପ୍ରଶଂସନୀୟ ଢଙ୍ଗରେ ଚଟାପଟ୍ ଉପସ୍ଥାପିତ କରି ସାରିଥିଲେ ।

(*ଇନ୍ଦୁପ୍ରକାଶ*, ମାର୍ଚ୍ଚ *୬*, ୧୮୯୪)

(କ୍ରମଶଃ)

ଅନୁବାଦକ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ✣

The closer you come to the Divine, the more you live under a shower of overwhelming evidence of His immeasurable Grace.

– The Mother

*With best compliments from :*

**SRI POHOPSINGH RICE MILL**

**CHARAMPA, BHADRAK (ORISSA)**

ବେଦରହସ୍ୟ - (ପୂର୍ବାର୍ଦ୍ଧ), ଅଷ୍ଟମ ଅଧ୍ୟାୟ

# ଅଶ୍ୱିନୌ – ଇନ୍ଦ୍ର – ବିଶ୍ୱଦେବାଃ

## ଶ୍ରୀଅରବିନ୍ଦ

ତା'ହେଲେ ଆମେ ପ୍ରଥମ ତିନି ମନ୍ତ୍ରର* (ଋ.୧/୩/୧,୨,୩,) ଏହିପରି ଅନୁବାଦ କରିପାରିବା :

''ଦ୍ରୁତ ପଦଯୁକ୍ତ, ବିପୁଳ ଆନନ୍ଦର ଭୋକ୍ତା ସୁଖର ଦେବ ହେ ଅଶ୍ୱିଦ୍ୱୟ ! ଯଜ୍ଞଶକ୍ତିଗୁଡ଼ିକ ମଧ୍ୟରେ ଆନନ୍ଦ ଲାଭକର ।

''ହେ ଅଶ୍ୱିଦ୍ୱୟ, ବହୁବିଧ କର୍ମ ସମ୍ପାଦକ ନର-ଆତ୍ମନ୍, ଦୀପ୍ତ ଶକ୍ତିଯୁକ୍ତ ଧୀ ଦ୍ୱାରା ବୁଦ୍ଧିର ଧାରକ, ତୁମେ ବାକ୍‌ର ଆନନ୍ଦ ଲାଭ କର ।

''ମୁଁ ଯଜ୍ଞର ଆସନ ମେଲି ଦେଇଛି ଓ ପରାକ୍ରମୀ ସୋମ ନିଃସାରିତ କରିଛି; ହେ କର୍ମର ସିଦ୍ଧିଦାତା, ହେ ପ୍ରଗତିର ଶକ୍ତି, ଲକ୍ଷ୍ୟ ପଥରେ ତୁମର ପ୍ରଚଣ୍ଡ କ୍ଷିପ୍ରତା ସହିତ ସେମାନଙ୍କ ନିକଟକୁ ଆସ ।''

ପୂର୍ବ ଅଧ୍ୟାୟରେ ବର୍ଣ୍ଣିତ ବେଦର ଦ୍ୱିତୀୟ ସୂକ୍ତ ପରି ଏହି ତୃତୀୟ ସୂକ୍ତକୁ ମଧ୍ୟ ଋଷି ସ୍ନାୟବିକ ବା ପ୍ରାଣିକ ଶକ୍ତି ମଧ୍ୟରେ କାର୍ଯ୍ୟ କରୁଥିବା ଦେବତାମାନଙ୍କର ଆବାହନ ପୂର୍ବକ ଆରମ୍ଭ କରିଛନ୍ତି । କିନ୍ତୁ ସମସ୍ତ ପ୍ରାଣିକ ଶକ୍ତି ଯୋଗାଇ ଦେଉଥିବା ବାୟୁଙ୍କୁ ପ୍ରାଣ-ଅଶ୍ୱ-ବାହନରେ ଆସିବାକୁ ଏଠାରେ ସେ ପ୍ରାର୍ଥନା କରିଛନ୍ତି; ଏଠାରେ ଅଶ୍ୱାରୋହୀ ଓ ପ୍ରାଣିକ ଶକ୍ତିମାନଙ୍କର ବ୍ୟବହାରକ ଅଶ୍ୱିଦ୍ୱୟଙ୍କୁ ସେ ଆହ୍ୱାନ କରୁଛନ୍ତି । ଦ୍ୱିତୀୟ ସୂକ୍ତରେ ଯେପରି ଋଷି ପ୍ରାଣିକ ବା ସ୍ନାୟବିକ କ୍ରିୟାରୁ ମାନସିକ କ୍ରିୟା ମଧ୍ୟକୁ ଅଗ୍ରସର ହୋଇ ଯାଉଛନ୍ତି, ସେହିପରି ତାଙ୍କର ପରବର୍ତ୍ତୀ ପ୍ରଗତିରେ ସେ ଇନ୍ଦ୍ରଙ୍କ ପରାକ୍ରମକୁ ଆବାହନ କରୁଛନ୍ତି । ନିଃସାରିତ ଆନନ୍ଦାସବଗୁଡ଼ିକ ତାଙ୍କୁ କାମନା କରୁଛନ୍ତି – ''ସୁତା ଇମେ ତ୍ୱାୟବଃ''; ଜ୍ୟୋତିର୍ମୟ ମନ ଆସି ନିଜର କାର୍ଯ୍ୟ ସାଧନ ପାଇଁ ସେମାନଙ୍କ ମଧ୍ୟରେ ସ୍ଥାନ ଗ୍ରହଣ କରୁ ବୋଲି ସେମାନେ କାମନା କରୁଛନ୍ତି; ସାୟଣଙ୍କ ଅର୍ଥ ଅନୁସାରେ ସେମାନେ ''ଅଙ୍ଗୁଳିଗୁଡ଼ିକ ଦ୍ୱାରା ତଥା ତନୁ ଦ୍ୱାରା'' – ''ଅଣ୍ୱୀଭିଃ ତନା'' – ଶୁଦ୍ଧ ହୋଇଛନ୍ତି; ଏହାର ଅର୍ଥ ମୋତେ ଲାଗେ ଯେ, ''ଶୁଦ୍ଧ ମନର ସୂକ୍ଷ୍ମ ଧୀଶକ୍ତି ଦ୍ୱାରା ଏବଂ ଶାରୀରିକ ଚେତନା ମଧ୍ୟରେ ତାହାର ସଂପ୍ରସାରଣ ଦ୍ୱାରା'' । କାରଣ ଏହି ''ଦଶ ଅଙ୍ଗୁଳି'' ଯଦି ପ୍ରକୃତରେ ଅଙ୍ଗୁଳି ହୋଇଥା'ନ୍ତି ତେବେ ଏଗୁଡ଼ିକ ହେଉଛନ୍ତି ଅଶ୍ୱିଦ୍ୱୟଙ୍କ ବଧୂ ସୂର୍ଯ୍ୟଦୁହିତା ସୂର୍ଯ୍ୟାଙ୍କର ଦଶ ଅଙ୍ଗୁଳି । ଋଷି ମଧୁଚ୍ଛନ୍ଦା ଯେଉଁ ବିଚାରକୁ ଏଠାରେ ସଂକ୍ଷେପରେ ବ୍ୟକ୍ତ କରିଛନ୍ତି, ନବମ ମଣ୍ଡଳର ପ୍ରଥମ ସୂକ୍ତରେ ସେଇ ନିଜେହିଁ ତାକୁ ବିଶଦ କରିଛନ୍ତି । ସୋମ ଦେବତାଙ୍କୁ ସମ୍ବୋଧନ କରି ସେ କହୁଛନ୍ତି – ''ସୂର୍ଯ୍ୟା ତୁମ ସୋମରସକୁ ଶୁଦ୍ଧ କରୁଥିବା ବେଳେ ତାଙ୍କ ଛାଙ୍କୁଣୀ ମଧ୍ୟ-ଦେଇ ଏହା ଚତୁର୍ଦ୍ଦିଗକୁ ନିରନ୍ତର ପ୍ରସାରିତ ହୋଇଯାଉଛି – ''ବାରେଣ ଶଶ୍ୱତା ତନା'' । ଠିକ୍ ତା'ପରେ ସେ ଆହୁରି ମଧ୍ୟ ସେଠାରେ କହିଛନ୍ତି – ''ସୂକ୍ଷ୍ମ ସତ୍ତାମାନେ ନିଜ ଅଧ୍ୟବସାୟ ବଳରେ ବା ମହତ୍ କର୍ମ, ସଂଗ୍ରାମ, ଆସ୍ପୃହାରେ, 'ସମର୍ଯେ' ତାଙ୍କୁ କରଗତ କରିଛନ୍ତି, ଦଶ ବଧୂଙ୍କୁ, ସ୍ୱର୍ଗର ଦଶଭଗିନୀଙ୍କୁ, ସ୍ୱର୍ଗ ପାରି ହେବାକୁ ଅଛି'' । ଏହି ବାକ୍ୟାଂଶଟି ଆମକୁ ଚିନ୍ତାର ପରପାରିକୁ ଘେନି ଯାଉଥିବା ଅଶ୍ୱିଦ୍ୱୟଙ୍କ ପୋତ କଥା ସ୍ମରଣ କରାଇ ଦିଏ । କାରଣ ବେଦରେ ପୃଥିବୀ ଯେପରି ଭୌତିକ ଚେତନାର ପ୍ରତୀକ, ସ୍ୱର୍ଗ ସେହିପରି ଶୁଦ୍ଧ ମାନସିକ ଚେତନାର ପ୍ରତୀକ । ଶୁଦ୍ଧ-ମନ-ନିବାସିନୀ ସୂକ୍ଷ୍ମରୂପିଣୀ ''ଅଣ୍ୱୀଃ'', ଏହି ଯେଉଁ ଦଶ ବଧୂ – ''ଦଶ ଯୋଷଣଃ'', ଯାହାଙ୍କୁ ଅନ୍ୟତ୍ର କୁହାଯାଇଛି ଦଶ ପ୍ରକ୍ଷେପକାରିଣୀ – ''ଦଶ କ୍ଷିପଃ'', କାରଣ ସେମାନେ ସୋମକୁ ଧାରଣ କରି ତାହାରି ଯାତ୍ରାକୁ ଦ୍ରୁତତର କରନ୍ତି । ସମ୍ଭବତଃ ଏହିମାନେ ହେଉଛନ୍ତି ବେଦର ସ୍ଥାନେ ସ୍ଥାନେ ଉଲ୍ଲିଖିତ ସେହି ଦଶ ରଶ୍ମି, ''ଦଶ ଗାବଃ'' । ମନେ ହୁଏ ସେମାନଙ୍କୁ ସୂର୍ଯ୍ୟଙ୍କ ପୁତ୍ରଙ୍କର ବା ସନ୍ତାନଗଣଙ୍କର ବଂଶଧର ବୋଲି ବର୍ଣ୍ଣନା କରାଯାଇଛି – ''ନପ୍ତୀଭିଃ... ବିବସ୍ୱତଃ''(୯/

* ଅଶ୍ୱିନା ଯଜ୍ୱରୀରିଷୋ ଦ୍ରବତ୍ପାଣୀ ଶୁଭସ୍ପତୀ । ପୁରୁଭୁଜା ଚନସ୍ୟତମ୍ ॥
ଅଶ୍ୱିନା ପୁରୁଦଂସସା ନରା ଶବୀରୟା ଧିୟା । ଧିଷ୍ଣ୍ୟା ବନତଂ ଗିରଃ ॥
ଦସ୍ରା ଯୁବାକବଃ ସୁତା ନାସତ୍ୟା ବୃକ୍ତବର୍ହିଷଃ । ଆ ଯାତଂ ରୁଦ୍ରବର୍ତନୀ ॥

୧୪/୫) । ଶୁଦ୍ଧୀକରଣ କାର୍ଯ୍ୟରେ ଚିତ୍ତର ସପ୍ତରୂପ, ''ସପ୍ତ ଧୀତୟଃ'' (୯/୯/୪) ସେମାନଙ୍କର ସହାୟକ ହୁଅନ୍ତି । ଆଉ ମଧ ଆମକୁ କୁହାଯାଇଛି – ''ସୋମ ନିଜ ଦ୍ରୁତଗାମୀ ରଥରେ ଅତ୍ୟନ୍ତ ପରାକ୍ରମଶାଳୀ ରୂପେ ସୂକ୍ଷ୍ମ ଧୀଶକ୍ତି ସାହାଯ୍ୟରେ (ଧିୟା, ଅଣ୍ୱା) ଅଗ୍ରସର ହୁଅନ୍ତି ଓ ଅମରଗଣଙ୍କ ବାସସ୍ଥଳୀ ସ୍ୱରୂପ ଇନ୍ଦ୍ରଙ୍କ ପୂର୍ଣ୍ଣ ସକ୍ରିୟତା ମଧରେ (ବା ପୂର୍ଣ୍ଣ କର୍ମକ୍ଷେତ୍ରରେ) ଉପସ୍ଥିତ ହେବା ପାଇଁ ଏବଂ ସେହି ଏକ ଦେବଙ୍କର ବୃହତ୍ ବ୍ୟାପ୍ତି ମଧ୍ୟରେ (ବା ରଚନାରେ) ଉପସ୍ଥିତ ହେବା ପାଇଁ ଚିନ୍ତାବୃତ୍ତିର ନାନା ରୂପ ଧାରଣ କରନ୍ତି ।''

**ଏଷ ପୁରୂ ଧିୟାୟତେ, ବୃହତେ ଦେବତାତୟେ ।**
**ୟତ୍ରାମୃତାସ ଆସତେ ॥** (୯/୧୫/୧,୨)

ଏବିଷୟରେ ଏତେ ବିସ୍ତୃତ ଆଲୋଚନା କରିବାର ଉଦ୍ଦେଶ୍ୟ ହେଉଛି, ମୁଁ ପ୍ରତିପାଦନ କରିବାକୁ ଚାହେଁ ଯେ ବୈଦିକ ଋଷିମାନଙ୍କ ସୋମ ଆସବ କିପରି ସମ୍ପୂର୍ଣ୍ଣ ରୂପେ ପ୍ରତୀକାତ୍ମକ ଏବଂ ଏହା ଏହି ଆତ୍ମିକ ଧାରଣା ଦ୍ୱାରା କିପରି ଅର୍ଥସମୃଦ୍ଧିରେ ପରିବେଷ୍ଟିତ ହୋଇଛି,– ଯେ କେହି ଏହି ନବମ ମଣ୍ଡଳକୁ ଯତ୍ନର ସହିତ ପାଠ କରିବେ ସେ ନିଶ୍ଚୟ ଏହା ଉପଲବ୍ଧି କରିବେ, କାରଣ ଏହି ମଣ୍ଡଳଟି ପ୍ରତୀକାତ୍ମକ ଚିତ୍ରକଳ୍ପର ଶୋଭାରେ ଏବଂ ଆତ୍ମିକାର୍ଥ-ବ୍ୟଞ୍ଜନାରେ ପରିପୂର୍ଣ୍ଣ ।

ସେ ଯାହା ହେଉ ଏଠାରେ ସୋମ ଓ ତା'ର ଶୁଦ୍ଧୀକରଣ ବିଷୟ ଗୁରୁତ୍ୱପୂର୍ଣ୍ଣ ନୁହେଁ, ପରନ୍ତୁ ଇନ୍ଦ୍ରଙ୍କ ଆତ୍ମିକ କାର୍ଯ୍ୟପଦ୍ଧତି ବିଷୟଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତାଙ୍କୁ ବହୁ ବିଚିତ୍ର ପ୍ରଭାମୟ ଇନ୍ଦ୍ର ବୋଲି ସମ୍ବୋଧନ କରାଯାଇଛି – ''ଇନ୍ଦ୍ର... ଚିତ୍ରଭାନୋ'' । ସୋମରସଗୁଡ଼ିକ ତାଙ୍କୁ କାମନା କରୁଛନ୍ତି । ଅନ୍ତର୍ଜ୍ଞାନଦୀପ୍ତ ଅନ୍ତଃସ୍ଥ ମନସ୍ୱୀଙ୍କଠାରୁ ପ୍ରେରିତ ବିଚାର ଦ୍ୱାରା ପ୍ରଚୋଦିତ ହୋଇ, ''ଧିୟେଷିତୋ ବିପ୍ରୟୂତଃ'', ସୋମରସକୁ ନିଃସାରିତ କରି ତାହାକୁ ବାକ୍ ମଧରେ ଅର୍ଥାତ୍ ମନ୍ତ୍ରବଚନରେ ପ୍ରକାଶ କରିବାକୁ ଚାହୁଁଥିବା ଋଷିଙ୍କର ଆତ୍ମିକ ବିଚାର ନିକଟକୁ ସେ (ଇନ୍ଦ୍ର) ଆସୁଛନ୍ତି, ''ସୁତାବତ ଉପବ୍ରହ୍ମାଣି ବାଘତଃ'' । ଦୀପ୍ତ ମନଃଶକ୍ତିର ଗତି ଓ ବେଗ ସହିତ ତାଙ୍କର ଶୁଭ୍ର ଅଶ୍ୱମାନଙ୍କର ସ୍ୱାମୀ ରୂପେ ସେହିସବୁ ଚିନ୍ତା ମଧକୁ ସେ ଆସନ୍ତି – 'ତୁତୁଜାନ ଉପ ବ୍ରହ୍ମାଣି ହରିବଃ' – ଏବଂ ଋଷି ତାଙ୍କୁ ପ୍ରାର୍ଥନା କରୁଛନ୍ତି ଯେ ସେ ଆସି ସୋମଆହୁତି ମଧରେ ଆନନ୍ଦକୁ ଦୃଢ଼ପ୍ରତିଷ୍ଠ କରନ୍ତୁ ଅଥବା ଧାରଣ କରନ୍ତୁ – 'ସୁତେ ଦଧିଷ୍ୱ ନଶ୍ଚନଃ' । ଅଶ୍ୱିଦ୍ୱୟ ଆନନ୍ଦର କ୍ରିୟାରେ ନିହିତ ପ୍ରାଣିକ ଅବୟବର ସୌଖ୍ୟ ଆଣି ତାଙ୍କୁ ଶକ୍ତିଶାଳୀ କରିଛନ୍ତି । ସେହି ସୁଖକୁ ଭାସ୍ୱର ମନରେ ଧାରଣ କରି ଏପରି ଦୃଢ଼ କରିବାକୁ ହେବ ଯେପରି ତାହା ଚେତନାରୁ ବିଚ୍ୟୁତ ନ ହୁଏ – ଏହି କାର୍ଯ୍ୟ ସାଧନ ପାଇଁ ଇନ୍ଦ୍ରଙ୍କର ପ୍ରୟୋଜନ ରହିଛି ।

*''ବହୁ ବିଚିତ୍ର ପ୍ରଭାମୟ ହେ ଇନ୍ଦ୍ର, ଆସ; ଏହି ସୋମଧାରାଗୁଡ଼ିକ ତୁମକୁ କାମନା କରୁଛନ୍ତି । ସୂକ୍ଷ୍ମଶକ୍ତିମାନଙ୍କ ଦ୍ୱାରା ଓ ଶରୀରରେ ବିସ୍ତାର ଲାଭ କରିବା ଦ୍ୱାରା ସେମାନେ ପରିଶୁଦ୍ଧ ହୋଇଛନ୍ତି ।

''ମନ ଦ୍ୱାରା ପ୍ରଚୋଦିତ ଓ ମେଧାବୀ ଭାବୁକ ଦ୍ୱାରା ସମ୍ମୁଖକୁ ପ୍ରକ୍ଷେପିତ ହେ ଇନ୍ଦ୍ର, ମୋର ଆତ୍ମିକ ଭାବନା-ମାନଙ୍କ ମଧକୁ ଆସ । ମୁଁ ସୋମରସ ନିଷ୍କାସନ କରିଛି ଏବଂ ବର୍ତ୍ତମାନ ସେଗୁଡ଼ିକୁ ବାକ୍ୟରେ ପ୍ରକାଶ କରିବାକୁ ଇଚ୍ଛା କରୁଛି ।

''ଉଜ୍ଜ୍ୱଳ ଅଶ୍ୱମାନଙ୍କ ପତି ହେ ଇନ୍ଦ୍ର, ତୀବ୍ରଗତିରେ ମୋ ଆତ୍ମିକ ଭାବନା ମଧକୁ ଆସ । ସୋମଧାରାଗୁଡ଼ିକର ଆନନ୍ଦକୁ ଦୃଢ଼ ଭାବରେ ଧାରଣ କର ।''

ଏହା ପରେ ଋଷି ବିଶ୍ୱଦେବ, ଅର୍ଥାତ୍ ସମସ୍ତ ଦେବତା ବା ସର୍ବଦେବଙ୍କ ଆଡ଼କୁ ଆସିଛନ୍ତି । ବିଶ୍ୱଦେବ କହିଲେ କୌଣସି ଗୋଷ୍ଠୀବଦ୍ଧ ଦେବତା ନା କେବଳ ସାଧାରଣ ଭାବେ ସର୍ବଦେବତା, ଏବିଷୟରେ ମତପାର୍ଥକ୍ୟ ଅଛି । ଏହି ଉକ୍ତିକୁ ମୁଁ ଦିବ୍ୟଶକ୍ତିମାନଙ୍କ ବିଶ୍ୱଗତ ସମଷ୍ଟି ଅର୍ଥରେ ଗ୍ରହଣ କରିଛି; କାରଣ ମୋର ମନେ ହୁଏ ଯେଉଁ ସୂକ୍ତଗୁଡ଼ିକରେ ସେମାନଙ୍କୁ ଆବାହନ କରାଯାଇଛି ସେଗୁଡ଼ିକର ବାସ୍ତବ ଅର୍ଥାଭିବ୍ୟକ୍ତି ସହିତ ଏହି ଅର୍ଥ ସବୁଠାରୁ ଅଧିକ ସଙ୍ଗତ । ଏହି ସୂକ୍ତରେ ସେମାନଙ୍କୁ ଏକ ସାଧାରଣ କାର୍ଯ୍ୟ କରିବାକୁ ଆହ୍ୱାନ କରାଯାଇଛି ଯେପରିକି ଅଶ୍ୱିଦ୍ୱୟ ଓ ଇନ୍ଦ୍ରଙ୍କ କାର୍ଯ୍ୟଗୁଡ଼ିକ ଅନୁପୋଷିତ ଓ ସମ୍ପୂର୍ଣ୍ଣ

* ଇନ୍ଦ୍ରା ୟାହି ଚିତ୍ରଭାନୋ ସୁତା ଇମେ ତ୍ୱାୟାବଃ । ଅଣ୍ୱୀଭିସ୍ତନା ପୂତାସଃ ॥
ଇନ୍ଦ୍ରା ୟାହି ଧିୟେଷିତୋ ବିପ୍ରଜୂତଃ ସୁତାବତଃ । ଉପ ବ୍ରହ୍ମାଣି ବାଘତଃ ॥
ଇନ୍ଦ୍ରା ୟାହି ତୂତୁଜାନ ଉପ ବ୍ରହ୍ମାଣି ହରିବଃ । ସୁତେ ଦଧିଷ୍ୱ ନଶ୍ଚନଃ ॥ (ଋ. ୧/୩/୪,୫,୬)

ହୋଇପାରେ । ସେମାନେ ସମ୍ମିଳିତ ଭାବେ ଯଜ୍ଞକୁ ଆସିବେ ଏବଂ ପ୍ରତ୍ୟେକେ ସ୍ପଷ୍ଟ ରୂପେ ନିଜ ଉଦ୍ଦିଷ୍ଟ କର୍ମର ଭାଗବତ ତଥା ଉଲ୍ଲାସଭରା ସାର୍ଥକତା ପାଇଁ ଯଜ୍ଞକର୍ତ୍ତାଙ୍କ ଦ୍ୱାରା ସମର୍ପିତ ସୋମକୁ ପରସ୍ପର ମଧ୍ୟରେ ଭାଗ କରି ନେବେ – **'ବିଶ୍ୱେଦେବାସ ଆଗତ, ଦାଶ୍ୱାଂସୋ ଦାଶୁଷଃ ସୁତମ୍'** । ପରବର୍ତ୍ତୀ ଋକ୍‌ରେ ଏହି ଆହ୍ୱାନକୁ ଆହୁରି ପ୍ରଭାବଶାଳୀ ଭାବେ ପୁନରାବୃତ୍ତି କରାଯାଇଛି – ସେମାନେ ଅତି ଦ୍ରୁତବେଗରେ (ତୂର୍ଣୟଃ) ସୋମନିବେଦନ ସ୍ଥାନରେ ଉପସ୍ଥିତ ହେବେ, ଅଥବା ଏହାର ଅର୍ଥ କରାଯାଇପାରେ – ଚେତନାର ସମସ୍ତ ସ୍ତର, ''ସମସ୍ତ ଜଳଧାରା'', ମଧ୍ୟଦେଇ, ଯାହା ମନୁଷ୍ୟର ସ୍ଥୂଳ ପ୍ରକୃତିକୁ ସେମାନଙ୍କ ଦେବତ୍ୱଠାରୁ ପୃଥକ୍ କରି ରଖିଛି ଏବଂ ଯାହା ପୃଥିବୀ ଓ ସ୍ୱର୍ଗ ମଧ୍ୟରେ ସମ୍ପର୍କ ସ୍ଥାପନ ନିମନ୍ତେ ନାନା ବାଧାବିଘ୍ନରେ ପୂର୍ଣ୍ଣ ହୋଇଛି, ତା' ମଧ୍ୟଦେଇ ସେମାନେ ଆଗମନ କରୁଛନ୍ତି; 'ଅପ୍‌ତୁରଃ ସୁତମ୍ ଆ ଗନ୍ତ ତୂର୍ଣୟଃ' । ଗବାଦି ପଶୁ ଗୋଧୂଳିରେ ସେମାନଙ୍କ ନିଜ ବିଶ୍ରାମ ସ୍ଥାନକୁ ଆସିବା ପରି ସେମାନେ ଦ୍ରୁତ ଗତିରେ ଆସିବେ – 'ଉସ୍ରା ଇବ ସ୍ୱସରାଣି' । ଏହିପରି ଭାବରେ ସେମାନେ ଆନନ୍ଦରେ ଉପସ୍ଥିତ ହୋଇ ଯଜ୍ଞ ଗ୍ରହଣ କରିବେ, ସେଥିରେ ସଂଶ୍ଳିଷ୍ଟ ରହିବେ ଏବଂ ତାହାକୁ ବହନ କରି ତା' ଲକ୍ଷ୍ୟାଭିମୁଖୀ ଯାତ୍ରାରେ ବା ଉତ୍ତରଣରେ ତାହାକୁ ଦେବତାମାନଙ୍କ ନିକଟକୁ ଓ ସେମାନଙ୍କର ସତ୍ୟ ଓ ବୃହତ୍ ଧାମ ମଧ୍ୟକୁ ବହନ କରି ନେବେ – **'ମେଧଂ ଜୁଷନ୍ତ ବହ୍ନୟଃ'** ।

ଆହୁରି ମଧ୍ୟ ଦେଖାଯାଏ, ସୋମ-ଆହୁତି-ସ୍ଥଳକୁ ଆବାହନ କରିବା ବେଳେ ବିଶ୍ୱଦେବଙ୍କ ପାଇଁ ଯେଉଁ ବିଶେଷଣଗୁଡ଼ିକୁ ପ୍ରୟୋଗ କରାଯାଇଛି ତାହା ସେମାନଙ୍କ ସ୍ୱଭାବ ଓ କାର୍ଯ୍ୟର ଅନୁରୂପ ତଥା ସମସ୍ତଙ୍କ କ୍ଷେତ୍ରରେ ତାହା ସମାନ; ସମସ୍ତ ଦେବଙ୍କ କ୍ଷେତ୍ରରେ ଏମାନେ ସମ୍ବନ୍ଧିତ, ସମଗ୍ର ବେଦରେ ସେହି ସମାନ ବିଶେଷଣଗୁଡ଼ିକୁ ଜଣକ ପାଇଁ ବା ସାମୂହିକ କ୍ଷେତ୍ରରେ ନିରପେକ୍ଷଭାବେ ପ୍ରୟୋଗ କରାଯାଇଛି । ସେମାନେ ମନୁଷ୍ୟର ପାଳକ ବା ଅଭିବର୍ଦ୍ଧକ ଏବଂ କର୍ମରେ, ଯଜ୍ଞରେ, ତା' ପରିଶ୍ରମ ଓ ପ୍ରଯତ୍ନର ଧାରକ – **'ଓମାସଶ୍ଚର୍ଷଣୀ ଧୃତଃ'** । ସାୟଣ ଏହାର ଅର୍ଥ କରିଛନ୍ତି ମନୁଷ୍ୟର ରକ୍ଷକ ଓ ଧାରକ । ଏହି ଶବ୍ଦଗୁଡ଼ିକରେ ମୁଁ ଯେଉଁ ଗୂଢ଼ାର୍ଥ ଦେବାକୁ ଉଚିତ ମନେ କରେ ତା'ର ସମର୍ଥନରେ ବିସ୍ତୃତ ଭାବରେ ଏଠାରେ କିଛି କହିବାକୁ ପ୍ରବୃତ୍ତ ହେବା ଆବଶ୍ୟକ ବୋଲି ମନେ କରୁ ନାହିଁ; କାରଣ ଯେଉଁ ଭାଷାତାତ୍ତ୍ୱିକ ପଦ୍ଧତି ମୁଁ ଅନୁସରଣ କରିଛି ସେଥିରେ ଏବିଷୟରେ ପୂର୍ବରୁ ମୁଁ କହିସାରିଛି । ସାୟଣ ନିଜେ ଦେଖିଛନ୍ତି 'ଅବ୍' ଧାତୁରୁ ଉତ୍ପନ୍ନ 'ଅବସ୍', ତଥା 'ଊତି', 'ଊମା' ପ୍ରଭୃତି ଶବ୍ଦଗୁଡ଼ିକ ସୂକ୍ତମାନଙ୍କରେ ଏତେ ବହୁଳ ପରିମାଣରେ ବ୍ୟବହୃତ ହୋଇଛି ଯେ ସେଗୁଡ଼ିକୁ ସର୍ବଦା 'ରକ୍ଷା' ଅର୍ଥ ଦେବା ସମ୍ଭବ ନୁହେଁ, ତେଣୁ ସେ ସେଇ ଏକା ଶବ୍ଦକୁ ବିଭିନ୍ନ ସୂକ୍ତଚରଣରେ ସମ୍ବନ୍ଧରହିତ ବିଭିନ୍ନ ଅର୍ଥ ଦେବାକୁ ବାଧ୍ୟ ହୋଇଛନ୍ତି । ସେହିପରି 'ଚର୍ଷଣି' ଓ 'କୃଷ୍ଟି' ସମଜାତୀୟ ଶବ୍ଦ ଦୁଇଟି ଯେତେବେଳେ ସ୍ୱତନ୍ତ୍ର ରୂପେ ରହିଥା'ନ୍ତି ସେତେବେଳେ ଏହାର 'ମନୁଷ୍ୟ' ଅର୍ଥ ସହଜରେ ଦେଇହୁଏ, ଏହି ଶବ୍ଦଦ୍ୱୟ ଯେତେବେଳେ ଅନ୍ୟାନ୍ୟ ପୂର୍ବପଦ ସହ ସଂଯୁକ୍ତ ହୋଇ 'ବିଚର୍ଷଣି', 'ବିଶ୍ୱଚର୍ଷଣି', 'ବିଶ୍ୱକୃଷ୍ଟି' ପ୍ରଭୃତି ଶବ୍ଦରେ ପରିଣତ ହେଉଛନ୍ତି ସେତେବେଳେ ମନେହୁଏ ଏହି ଅର୍ଥ ବିନା କାରଣରେ ଲୁପ୍ତ ହୋଇଯାଉଛି । ସାୟଣ ନିଜେ ବାଧ୍ୟହୋଇ 'ବିଶ୍ୱଚର୍ଷଣି'ର 'ସର୍ବଦର୍ଶୀ' ଅର୍ଥ କରିଛନ୍ତି, କିନ୍ତୁ 'ସର୍ବମାନବ' ବା 'ସର୍ବମନୁଷ୍ୟ' ଅର୍ଥ କରି ନାହାନ୍ତି । ନିର୍ଦ୍ଧାରିତ ଅର୍ଥ ଥିବା ବୈଦିକ ସଂଜ୍ଞାମାନଙ୍କରେ ଯେ ଏହିପରି ଆକାଶ ପାତାଳ ପାର୍ଥକ୍ୟ ରହିପାରେ ତାହା ମୁଁ ସ୍ୱୀକାର କରେ ନାହିଁ । 'ଅବ୍' ଧାତୁ ହେବା, ପାଇବା ବା ରଖିବା; ଧାରଣ କରିବା; ରକ୍ଷା କରିବା; ହୋଇ ଉଠିବା, ସୃଷ୍ଟି କରିବା; ପୋଷଣ କରିବା, ବୃଦ୍ଧି କରିବା, ଉନ୍ନତ କରିବା, ସମୃଦ୍ଧ ହେବା; ହୃଷ୍ଟ କରିବା, ହୃଷ୍ଟ ହେବା ପ୍ରଭୃତି ଅର୍ଥ ଥିଲେ ମଧ୍ୟ ମୋର ମନେହୁଏ ବେଦରେ ମୁଖ୍ୟତଃ ବର୍ଦ୍ଧନ ବା ପୋଷଣ ଅର୍ଥହିଁ ଗ୍ରହଣଯୋଗ୍ୟ । 'ଚର୍ଷ୍' ଓ 'କୃଷ୍' ଧାତୁ 'ଚର୍' ଓ 'କୃ' ଧାତୁରୁ ଉତ୍ପନ୍ନ ହୋଇଥିଲା ଏବଂ ଏ ଦୁଇଟିର ଅର୍ଥ ହେଉଛି କରିବା; ଏବଂ 'କୃଷ୍'ର ଅର୍ଥ ଶ୍ରମସାଧ୍ୟ କର୍ମ ବା ସଞ୍ଚରଣ, ଅର୍ଥାତ୍ ଟାଣିବା ଓ ହଳ କରିବା ଅର୍ଥ ଏପର୍ଯ୍ୟନ୍ତ ପ୍ରଚଳିତ ରହିଛି । ତେଣୁ 'ଚର୍ଷଣି' ଓ 'କୃଷ୍'ର ଅର୍ଥ ହେଉଛି ପ୍ରଯତ୍ନ କରିବା, ପ୍ରୟାସ କରିବା, କିଂବା କର୍ମ ଅଥବା କର୍ମକର୍ତ୍ତା । ବୈଦିକ କର୍ମ, ଯଜ୍ଞ, ଅଭୀପ୍ସୁ ମାନବଜାତିର ଶ୍ରମ, ଆର୍ଯ୍ୟର ''ଅରତି'' ପ୍ରଭୃତିକୁ ବୁଝାଇବାକୁ ବିଭିନ୍ନ ପଦ (କର୍ମ, ଅପସ୍, କାର, କୀରି, ଦୁବସ୍ ପ୍ରଭୃତି) ବ୍ୟବହୃତ ହୁଏ, ସେମାନଙ୍କ ମଧ୍ୟରେ ଏଦୁଇଟି ଅନ୍ତର୍ଭୁକ୍ତ ।

ବୈଦିକ ଦେବତାମାନଙ୍କର ସାଧାରଣ ସର୍ବମୁଖି କାର୍ଯ୍ୟ ହେଲା ମନୁଷ୍ୟର ସାରଭୂତ ବସ୍ତୁ ଓ ଅଧିକାରଭୁକ୍ତ ସକଳ ବସ୍ତୁର ପୋଷଣ ବା ବର୍ଦ୍ଧନ, ବୃହତ୍-ଋତ-ଚିତ୍‌ର ପୂର୍ଣ୍ଣତା ସାଧନ ଓ

ସମୃଦ୍ଧି-ଅଭିମୁଖରେ ତା'ର ନିରନ୍ତର ବିକାଶ, ତା'ର ମହାନ୍ ସଂଗ୍ରାମ ଓ ପରିଶ୍ରମରେ ତାକୁ ସାହାଯ୍ୟ କରିବା, ତା'ପରେ, ସେମାନେ 'ଅପ୍‌ତୁରଃ', ସେମାନେ ଜଳଧାରାଗୁଡ଼ିକୁ ପାର ହୋଇ ଯାଉଛନ୍ତି କିଂବା, ସାୟଣଙ୍କ ବୁଝିବା ଅନୁସାରେ, ସେମାନେ ହେଲେ ଜଳଦାତା । ସେ ଏହାକୁ ''ବୃଷ୍ଟିଦାତା'' ଅର୍ଥରେ ବୁଝିଛନ୍ତି ଓ ଏହା ସମ୍ପୂର୍ଣ୍ଣ ସତ୍ୟ ଯେ ବୈଦିକ ଦେବତାମାନେ ସମସ୍ତେ ବୃଷ୍ଟିଦାତା, ଅର୍ଥାତ୍ ସ୍ୱର୍ଗର ପ୍ରାଚୁର୍ଯ୍ୟଦାତା (କାରଣ ବୃଷ୍ଟି ଶବ୍ଦର ଏହି ଦୁଇ ଅର୍ଥ କରାଯାଏ, ଏହି ପ୍ରାଚୁର୍ଯ୍ୟକୁ ସୌର ଜଳରାଶି, ଅଥବା ସ୍ୱର୍ ବା ସ୍ୱର୍ଗର ଜ୍ୟୋତିଃବାହକ ଜଳଧାରା ବୋଲି ବର୍ଣ୍ଣନା କରାଯାଏ), (ସ୍ୱର୍ବତୀଃ ଅପଃ) । କିନ୍ତୁ ଉକ୍ତ ବାକ୍ୟଟି ଆମକୁ ଯାହା ସୂଚନା ଦେଉଛି ସେହି ଅନୁସାରେ, ବେଦରେ ଉଲ୍ଲିଖିତ ମହାସାଗର ତଥା ଜଳନିଧି ହେଉଛି ସମଗ୍ର ରୂପ ଓ ଗତିବିଧିଯୁକ୍ତ ଚିନ୍ମୟ ସତ୍ତାର ପ୍ରତୀକ । ସମସ୍ତ ବାଧାବିପତ୍ତିକୁ ଅତିକ୍ରମ କରି ଦେବତାମାନେ ମନୁଷ୍ୟ ଚେତନା ମଧ୍ୟକୁ ଯେଉଁ ପୂର୍ଣ୍ଣଗର୍ଭ ଜଳ ଅଜାଡ଼ି ଦିଅନ୍ତି ତାହା ହେଉଛି ବିଶେଷତଃ ଉପରିସ୍ଥ ଜଳ, ସ୍ୱର୍ଗର ବାରିଧାରାମାନ, ସତ୍ୟର ନିର୍ଝରଗୁଡ଼ିକ – ''ଋତସ୍ୟ ଧାରାଃ'' । ଏହି ଅର୍ଥରେ ସେମାନେ ସମସ୍ତେ 'ଅପ୍‌ତୁରଃ' । ମନୁଷ୍ୟ ସମ୍ବନ୍ଧରେ ମଧ୍ୟ ଏପରି ବର୍ଣ୍ଣିତ ଯେ, ସେ ଜଳଗୁଡ଼ିକୁ ପାର ହୋଇ ଋତ-ଚିତ୍ ମଧ୍ୟରେ ଥିବା ତା'ର ସ୍ୱଧାମ ମଧ୍ୟରେ ଉପସ୍ଥିତ ହୁଏ ଏବଂ ଦେବତାମାନେ ତାକୁ ଏଥିରେ ସ୍ୱଧାମ ପାର କରାଇ ନିଅନ୍ତି; ଏହା ଯେ ଏଠାରେ ପ୍ରକୃତ ଅର୍ଥ ହୋଇଥିବ, ଏଥିରେ ସନ୍ଦେହ ଆସିପାରେ, ବିଶେଷତଃ ଯେତେବେଳେ ଆମେ 'ଅପ୍‌ତୁରଃ'... 'ତୂର୍ଣୟଃ' ପଦ ଦୁଇଟିକୁ ପାଖାପାଖି ଥିବାର ଦେଖୁ ସେଥିରେ ସେ ଦୁହିଙ୍କର ସମ୍ବନ୍ଧ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇ ପାରେ ବୋଲି ମନେ ହୁଏ ।

ଆଉ ମଧ୍ୟ ଦେବତାମାନେ ଅନିଷ୍ଟକାରୀ ଆକ୍ରମଣ-କାରୀମାନଙ୍କଠାରୁ (ସ୍ରିଧ୍) ଏବଂ ଆଘାତକାରୀ ବା ବିରୁଦ୍ଧଶକ୍ତିମାନଙ୍କ ହାନିରୁ (ଦ୍ରୁହ୍) ମୁକ୍ତ, ତେଣୁ ସେମାନଙ୍କ 'ମାୟା' ଅର୍ଥାତ୍ ଜ୍ଞାନର ସୃଜନଶୀଳ ରଚନାମାନ, ସ୍ୱଚ୍ଛନ୍ଦରେ ବ୍ୟାପକ ଭାବରେ ଗତିକରି ନିଜର ଯଥାର୍ଥ ଲକ୍ଷ୍ୟ ହାସଲ କରନ୍ତି – ''**ଅସ୍ରିଧ ଏହିମାୟାସୋ ଅଦ୍ରୁହଃ**'', ଯଦି ଆମେ ବେଦର ସେହି ଅଗଣନ ସୂକ୍ତଚରଣକୁ ନେଇ ବିବେଚନା କରୁ, ତେବେ ସେଥିରେ ଏହିପରି ଏକ ସୂଚନା ଆମେ ଦେଖିବାକୁ ପାଇବା ଯେ ଯଜ୍ଞର, କର୍ମର, ଯାତ୍ରାର, ଆଲୋକବୃଦ୍ଧିର ଓ ପ୍ରାଚୁର୍ଯ୍ୟରେ ଭରା ଜଳଧାରାଗୁଡ଼ିକର ସାଧାରଣ ଉଦ୍ଦେଶ୍ୟ ହେଲା ସତ୍ୟ ଚେତନା ବା ''ଋତମ୍''ରେ ଉପନୀତ ହେବା ଏବଂ ଏହାର ଫଳସ୍ୱରୂପ 'ଆନନ୍ଦ' ବା ମୟସ୍‌କୁ ଲାଭ କରିବା, ଏବଂ ଯଦି ଏହା ମଧ୍ୟ ବିବେଚନା କରୁ ଯେ ଏହିସବୁ ବିଶେଷଣ ସାଧାରଣତଃ ଅନନ୍ତ ଅଖଣ୍ଡ ସତ୍ୟଚେତନାର ଶକ୍ତିମାନଙ୍କ ସମ୍ବନ୍ଧରେ ପ୍ରୟୋଗ କରାଯାଇଛି, ତା'ହେଲେ ଆମେ ଦେଖିପାରିବା ଯେ ଏହି ସତ୍ୟ ଉପଲବ୍ଧି ବିଷୟରେହିଁ ଉକ୍ତ ତିନି ମନ୍ତ୍ରରେ ଇଙ୍ଗିତ କରାଯାଇଛି । ବିଶ୍ୱଦେବମାନେ ମନୁଷ୍ୟର ବୃଦ୍ଧି ସାଧନ କରନ୍ତି, ତାକୁ ମହତ୍ କର୍ମରେ ସାହାଯ୍ୟ କରନ୍ତି, ତା' ପାଇଁ ସ୍ୱର୍ଲୋକରୁ ସତ୍ୟଧାରା ରୂପକ ପ୍ରଚୁର ଜଳଧାରା ନେଇଆସନ୍ତି ଏବଂ ଏହାର ଜ୍ଞାନର ବ୍ୟାପକ ଗଠନଗୁଡ଼ିକ, 'ମାୟାଃ', ସହିତ, ସତ୍ୟ ଚେତନାର ଅପ୍ରତିଘାତୀ ଅକ୍ଷତ ଓ ବ୍ୟାପକ କର୍ମର ଯୋଗାଯୋଗ ସ୍ଥାପନ କରନ୍ତି ।

''ଉସ୍ରା ଇବ ସ୍ୱସରାଣି'', ଏହି ବାକ୍ୟାଂଶକୁ ମୁଁ ଅଧିକାଧିକ ବାହ୍ୟାର୍ଥ ଦେଇ ଅନୁବାଦ କରିଛି; କିନ୍ତୁ ବେଦରେ ଏପରିକି କାବ୍ୟିକ ଉପମାକୁ ବି କେବଳ ଶୋଭା ନିମନ୍ତେ କ୍ୱଚିତ୍ ବ୍ୟବହାର କରାଯାଇଛି ବା ଆଦୌ କରାଯାଇ ନାହିଁ; ଏଗୁଡ଼ିକହିଁ ଆଧ୍ୟାତ୍ମିକ ଅର୍ଥକୁ ଗଭୀରତର କରିବା ନିମନ୍ତେ ତଥା ପ୍ରତୀକାତ୍ମକ ଓ ଶ୍ଳେଷାତ୍ମକ ଅର୍ଥ ପ୍ରକାଶ ନିମନ୍ତେ କୌଣସି ଉପମେୟ ସହ ପ୍ରଯୁକ୍ତ ହୋଇଛନ୍ତି । ବେଦରେ 'ଗୋ' ଶବ୍ଦକୁ ବାସ୍ତବ ବା ପ୍ରତୀକ ରୂପେ ନେଇ ଯେପରି 'ବୃଷଭ' ବା 'ଗାଭୀ' ଅର୍ଥ କରାଯାଇଛି, ଏବଂ ତତ୍ ସଙ୍ଗେ ଏହା ଦୀପ୍ତ ବା ଜ୍ୟୋତିର୍ମୟଗଣଙ୍କର, ଅର୍ଥାତ୍ ମନୁଷ୍ୟ ମଧ୍ୟରେ ବିଦ୍ୟମାନ ଜ୍ଞାନଦୀପ୍ତ ସତ୍ୟ ଶକ୍ତିମାନଙ୍କର ସଙ୍କେତକୁ ବହନ କରୁଥାଏ, 'ଉସ୍ରା' ଶବ୍ଦର ମଧ୍ୟ ସେହିପରି ଦ୍ୱିବିଧାର୍ଥ ରହିଛି । ଏମାନେ ଏତେ ଜ୍ୟୋତିର୍ମୟ ଶକ୍ତି ଯେ ବିଶ୍ୱଦେବଗଣ ଏହାଙ୍କ ନିକଟକୁ ଆସୁଛନ୍ତି ଏବଂ ଶାନ୍ତିର ବା ସୁଖର ଆସନ ଉପରକୁ ବା ଆଗାରକୁ ଆସିବା ପରି ସେମାନେ ସୋମରସ ମଧ୍ୟକୁ 'ସ୍ୱସରାଣି'' ନିକଟକୁ ଆସୁଛନ୍ତି । କାରଣ 'ସସ୍' ତଥା ଅନ୍ୟ ଅନେକ ଧାତୁ ପରି 'ସ୍ୱସ୍' ଧାତୁ ବିଶ୍ରାମ ଓ ଭୋଗ ଉଭୟାର୍ଥ ପ୍ରକାଶକ । ସେମାନେ ସତ୍ୟର ବିଭିନ୍ନ ଶକ୍ତି ରୂପେ ମନୁଷ୍ୟ ମଧ୍ୟରେ ପ୍ରବହମାନ ଆନନ୍ଦସ୍ରୋତ ମଧ୍ୟକୁ ସେତେ ଶୀଘ୍ର ପ୍ରବେଶ କରନ୍ତି ଯେତେ ଶୀଘ୍ର ଅଶ୍ୱିନଦ୍ୱୟଙ୍କର ପ୍ରାଣିକ ଓ ମାନସିକ କ୍ରିୟା ଦ୍ୱାରା ଏବଂ ଇନ୍ଦ୍ରଙ୍କ ଶୁଦ୍ଧ ମାନସିକ କ୍ରିୟା ଦ୍ୱାରା ଏହି ସଞ୍ଚରଣ ବା ଗତି ପ୍ରସ୍ତୁତ ହୋଇଥାଏ ।

*‘‘କର୍ମସାଧକକୁ ତା’ କର୍ମ ସମ୍ପାଦନାରେ ସାହାଯ୍ୟ କରୁଥିବା ହେ ପାଳକବୃନ୍ଦ, ହେ ବିଶ୍ୱଦେବଗଣ, ଆସ, ବିତରିତ ହେଉଥିବା ମୋ ସୋମରସକୁ ନିଜ ମଧ୍ୟରେ ବାଣ୍ଟି ନିଅ ।

‘‘ଆମ ପାଇଁ ସ୍ୱର୍ଗୀୟ ଜଳଧାରାଗୁଡ଼ିକୁ ବହନ କରି ଆଣୁଥିବା ହେ ବିଶ୍ୱଦେବଗଣ, ଦୀପ୍ତ ଶକ୍ତିମାନେ ତୁମ୍ଭମାନଙ୍କ ଆନନ୍ଦଧାମଗୁଡ଼ିକୁ ଯେପରି ଆସନ୍ତି ଠିକ୍ ସେମିତି ତୁମ୍ଭେମାନେ ମୋର ସୋମହବି ମଧ୍ୟକୁ ଉତରି ଆସ ।

‘‘ଅନାକ୍ରାନ୍ତ ବା ଅନାହତ ହେ ବିଶ୍ୱଦେବଗଣ, ତୁମ୍ଭେମାନେ ନିଜ ଜ୍ଞାନର ବିଭିନ୍ନ ରୂପ ମଧ୍ୟରେ ସ୍ୱଚ୍ଛନ୍ଦରେ ବିହାର କର, ମୋ ଯଜ୍ଞର ଧାରକ ରୂପେ ସର୍ବଦା ତା’ ସହ ସଂଲଗ୍ନ ହୋଇ ରହିଥାଅ ।’’

ଅବଶେଷରେ, ଉକ୍ତ ସୂକ୍ତର ଶେଷାଂଶରେ ଆମେ ଏହି ସ୍ପଷ୍ଟ ଓ ଅଭ୍ରାନ୍ତ ନିଦର୍ଶନ ପାଉ ଯେ ସତ୍ୟ ଚେତନା ପ୍ରାପ୍ତିହିଁ ଯଜ୍ଞର ଲକ୍ଷ୍ୟ, ସୋମ ନିବେଦନର ତାହାହିଁ ଉଦ୍ଦେଶ୍ୟ ଏବଂ ପ୍ରାଣଶକ୍ତି ଓ ମନ ମଧ୍ୟରେ ଅଶ୍ୱିଦ୍ୱୟଙ୍କ, ଇନ୍ଦ୍ର ଓ ବିଶ୍ୱଦେବଙ୍କ କର୍ମର ତାହାହିଁ ଅନ୍ତିମ ପରିଣାମ । କାରଣ ଯେଉଁ ତିନି ଋକ୍ ସରସ୍ୱତୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗିତ, ଏବଂ ଯେହେତୁ ସରସ୍ୱତୀ ହେଉଛନ୍ତି ଦିବ୍ୟବାକ୍ ଏବଂ ଋତଚିତ୍ ମଧ୍ୟରୁ କ୍ଷରିତ ଅନ୍ତଃ-ପ୍ରେରଣାଧାରାର ପ୍ରତୀକ, ତେଣୁ ମନ୍ତ୍ରଗୁଡ଼ିକର ଅର୍ଥ ଅତି ସ୍ପଷ୍ଟଭାବେ ପ୍ରକାଶ ପାଉଛି –

**‘‘ସମୃଦ୍ଧିର ସମସ୍ତ ରୂପପ୍ରାଚୁର୍ଯ୍ୟରେ ପୂର୍ଣ୍ଣା, ଧୀଶକ୍ତି ଦ୍ୱାରା ପ୍ରାପ୍ତ ତତ୍ତ୍ୱଜ୍ଞାନରେ ସମୃଦ୍ଧା ପାବନୀ ସରସ୍ୱତୀ ଆମର ଯଜ୍ଞକାମନା କରନ୍ତୁ ।

‘‘ଶୁଭମୟ ସତ୍ୟଗୁଡ଼ିକ ପ୍ରତି ପ୍ରେରୟିତ୍ରୀ, ସୁମତି ଲାଭ ନିମନ୍ତେ ଚେତନାର ଜାଗୃତି ବିଧାତ୍ରୀ ସରସ୍ୱତୀ ଯଜ୍ଞ-ଧାରଣ କରନ୍ତୁ ।

‘‘ସତ୍ୟବୋଧ ଦ୍ୱାରା ସରସ୍ୱତୀ ଚେତନା ମଧ୍ୟରେ ମହାନ୍ ପ୍ଲାବନ (ଋତର ବିରାଟ ଗତି ସଞ୍ଚାର) ଜାଗ୍ରତ୍ କରନ୍ତି ଏବଂ ସମସ୍ତ ଧୀଷଣାକୁ ପୂର୍ଣ୍ଣ ରୂପେ ପ୍ରଦୀପିତ କରନ୍ତି ।’’

ସୂକ୍ତର ଏହି ସ୍ପଷ୍ଟ ଓ ଭାସ୍ୱର ଉପସଂହାରଟି ଏହାର ପୂର୍ବବର୍ତ୍ତୀ ସମସ୍ତ ଋକ୍ ଉପରେ ଆଲୋକପାତ କରେ । ବୈଦିକ ଯଜ୍ଞ ଏବଂ ମନ ଓ ଅନ୍ତଃପୁରୁଷ ମଧ୍ୟରେ ଏକ ପ୍ରକାର ଘନିଷ୍ଠ ସମ୍ବନ୍ଧକୁ ତଥା ଘୃତାହୁତି ଓ ସୋମରସ ନିବେଦନ ମଧ୍ୟରେ ଏବଂ ଭାସ୍ୱର ଚିନ୍ତା, ଆତ୍ମିକ ଉପାଦାନର ସମୃଦ୍ଧି, ମନନର ସମ୍ୟକ୍ ଅବସ୍ଥା ତଥା ସତ୍ୟ ଓ ଜ୍ୟୋତିଃ ପ୍ରତି ଏହାର ଜାଗରଣ ଓ ଏକାନ୍ତ ଆଗ୍ରହ ପ୍ରଭୃତି ମଧ୍ୟରେ ପାରସ୍ପରିକ ନିର୍ଭରତାକୁ ଦର୍ଶାଉଛି । ଏହା ସରସ୍ୱତୀଙ୍କୁ ଅନ୍ତଃପ୍ରେରଣା ଓ ‘ଶ୍ରୁତି’ର ଦେବୀ ସ୍ୱରୂପରେ ପ୍ରତିଭାତ କରୁଛି ଏବଂ ବୈଦିକ ନଦୀମାନଙ୍କର ଓ ମନର ସମସ୍ତ ସ୍ତର ମଧ୍ୟରେ ସଂଯୋଗ ସ୍ଥାପନ କରୁଛି । ଆମକୁ ସେମାନଙ୍କ ରହସ୍ୟାର୍ଥ ଆଡ଼କୁ ଚଳାଇ ନେବା ପାଇଁ ଋଷିମାନେ ନିଜର ପ୍ରତୀକାତ୍ମକ ଶୈଳୀ ମଧ୍ୟରେ ବିକ୍ଷିପ୍ତ ଭାବେ ସଜ୍ଞାନରେ ଯେ ବିବିଧାର୍ଥ ରଖିଯାଇଛନ୍ତି ତାହାର ଉଜ୍ଜ୍ୱଳ ସଂକେତ ବାହକ ସୂକ୍ତଗୁଡ଼ିକ ମଧ୍ୟରେ ଏହି ଚରଣଟି ଅନ୍ୟତମ ।

(କ୍ରମଶଃ)

[ଶ୍ରୀଅରବିନ୍ଦଙ୍କ *The Secret of the Veda* ଗ୍ରନ୍ଥର ‘‘The Ashwinas – Indra – the Vishwadevas’’ ଅଧ୍ୟାୟର ଓଡ଼ିଆ ଅନୁବାଦ । ଶ୍ରୀ ଚକ୍ରଧର ଦାଶଙ୍କ ଦ୍ୱାରା ଅନୂଦିତ, ସର୍ବଶ୍ରୀ ନିମାଇ ଚରଣ ମହାପାତ୍ର, କୃଷ୍ଣାଦେବୀ ଓ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ]

❑❑❑

* ଓମାସଶ୍ଚର୍ଷଣୀଧୃତୋ ବିଶ୍ୱେଦେବାସ ଆ ଗତ । ଦାଶ୍ୱାଂସୋ ଦାଶୁଷଃ ସୁତମ୍ ॥
ବିଶ୍ୱେ ଦେବାସୋ ଅପ୍ତୁରଃ ସୁତମାଗନ୍ତ ତୂର୍ଣୟଃ । ଉସ୍ରା ଇବ ସ୍ୱସରାଣି ॥
ବିଶ୍ୱେ ଦେବାସୋ ଆ ସ୍ରିଧ ଏହିମାୟସୋ ଅଦ୍ରୁହଃ । ମେଧଂ ଜୁଷନ୍ତ ବହ୍ନୟଃ ॥ (ଋ.୧/୩/୭,୮,୯)

** ପାବକା ନଃ ସରସ୍ୱତୀ ବାଜେଭିର୍ବାଜିନୀବତୀ । ଯଜ୍ଞଂ ବଷ୍ଟୁ ଧିୟାବସୁଃ ॥
ଚୋଦୟିତ୍ରୀ ସୁନୃତାନାଂ ଚେତନ୍ତୀ ସୁମତୀନାମ୍ । ଯଜ୍ଞଂ ଦଧେ ସରସ୍ୱତୀ ॥
ମହୋ ଅର୍ଣଃ ସରସ୍ୱତୀ ପ୍ର ଚେତୟତି କେତୁନା । ଧିୟୋ ବିଶ୍ୱା ବି ରାଜତି ॥ (ଋ.୧/୩/୧୦,୧୧,୧୨)

# ଏକ ଅଭିନବ ମାନବ-ଗୋଷ୍ଠୀ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ନବସୃଷ୍ଟି ଆସନ୍ନ; ଏବେ ଜଗତଯାକ ଚାରିଆଡ଼େ ତାହାରି ପୂର୍ବାଭାସ, ଯେପରି ଏକ ତୀବ୍ର ବେଦନାର ଆଘାତରେ, ଆର୍ତ୍ତନାଦରେ ଜନନୀ ଧରିତ୍ରୀ ଅସ୍ଥିର, ସତେଅବା ସେ ପ୍ରସବ ବେଦନାରେ କାତର । ଏଇ ନୂଆସୃଷ୍ଟି ଆମର କପୋଳକଳ୍ପିତ କାହିଁ କେଉଁ ଦୂରସ୍ଥିତ ଆଦର୍ଶ ମାନବସମାଜ ନୁହେଁ କିଂବା ଏପରି ଏକ ଗୋଷ୍ଠୀର ଆଗମନର କଥା କହୁ ନାହିଁ ଯାହାର ଆଗମନ ଏବେ ବି କାର୍ଯ୍ୟକାରୀ ହୋଇ ନାହିଁ ଅର୍ଥାତ୍ ନବସୃଷ୍ଟିର ଭବିଷ୍ୟଦ୍‌ବାଣୀ ଆମେ କରିବାକୁ ଯାଉ ନାହୁଁ । ସେ ସୃଷ୍ଟି ସମ୍ଭବ ହୋଇସାରିଲାଣି ଏଇକ୍ଷଣି – ଓ ଏଇଠାରେ ।

ହୁଏତ ନୂଆ ମାନବ ଆମ୍ଭମାନଙ୍କ ଅଜ୍ଞାତସାରରେ ଆବିର୍ଭୂତ ହୋଇସାରିଛି ଓ ଇତିମଧ୍ୟରେ ଦିବ୍ୟସ୍ୱରୂପରେ ଆମ ଭିତରେ ଗଢ଼ି ଉଠୁଛି । ହୁଏତ ଆମର ନିକଟତମ ପ୍ରତିବେଶୀ ବା ଆମର ପ୍ରିୟ ଭାଇଟି ଭିତରେ ତାହାର ପ୍ରକାଶ ଘଟିବାକୁ ଯାଉଛି । ଏମିତିକି ମୋ ନିଜ ଭିତରେ ତାହାର ପ୍ରକାଶ ଘଟିଲାଣି । ଖାଲି ସେହି ଦିବ୍ୟମାନବତ୍ୱ ଉପରେ ପତଳା ଏକ ଡାଙ୍କୁଣୀ ଘୋଡ଼େଇ ହୋଇ ରହିଛି । ଧାଡ଼ିର ଠିକ୍ ପଛରେ ସେ ଠିଆ ହୋଇଛି ନିର୍ଦ୍ଦିଷ୍ଟ ଶୁଭକ୍ଷଣଟିକୁ ଅପେକ୍ଷା କରି, ଯେତେବେଳେ ସେ ସେଇ ଓଢ଼ଣାଟିକୁ ଫୋପାଡ଼ି ଦେଇ ଆସି ଧାଡ଼ିର ଆଗରେ ପୁରୋଭାଗରେ ଠିଆହୋଇ ପଡ଼ିବ । ଏପରି ଏକ ଯୁଗସନ୍ଧିକ୍ଷଣରେ ଆମେ ଆସି ପହଞ୍ଚିଛୁ ଠିକ୍ ଯେତେବେଳେ ପୁରୁଣା ପ୍ରତିଷ୍ଠାନସବୁ ଭାଙ୍ଗି ଧସି ପଡୁଛି ଓ ନୂଆଶକ୍ତିସବୁ ମୁଣ୍ଡଟେକି ଠିଆ ହେଉଛି । ପୁରୁଣା ଅଭ୍ୟାସ, ପୁରୁଣା ରୀତିନୀତିମାନ ଘୁଞ୍ଚି ଯାଉଛି ନବପ୍ରେରଣାର ଉନ୍ମେଷରେ । ଜୀବନର ସବୁ କ୍ଷେତ୍ରରେ, ସବୁ ସ୍ତରରେ ଜିନିଷପତ୍ର ସାଜସରଞ୍ଜାମ ଆଦିକୁ ନୂଆ ଢଙ୍ଗରେ ସଜାଇବା ସକାଶେ, ପ୍ରତ୍ୟେକଟି ଜିନିଷର ନୂଆ ମୂଲ୍ୟାୟନ କରିବା ସକାଶେ ଗୋଟିଏ ଜରୁରୀ ତାଗିଦା ସତରେ ଯେମିତି ଆମ ଉପରେ ଆସି ପଡ଼ିଯାଇଛି । ଭୂତଳରୁ ନେଇ ଶିଖର ଯାଏଁ, ଅର୍ଥନୈତିକ ଓ ରାଜନୈତିକ ଜୀବନରୁ ଆରମ୍ଭ କରି ଶିଳ୍ପିକ ଓ ଆଧ୍ୟାତ୍ମିକ ଜୀବନ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ମନୁଷ୍ୟ ଏବେ ପ୍ରଚଣ୍ଡ ଧକ୍‌କା ଖାଉଛି, ଆନ୍ଦୋଳିତ ହେଉଛି, ଯେମିତି କିଛି ଗୋଟାଏ ଅଭିବ୍ୟକ୍ତ ହେବାକୁ ଯାଉଛି ଓ ସେଥିପାଇଁ ତାହା ଉପରୁ ଚାପ ପ୍ରୟୋଗ କରୁଛି । ସେ ଅନୁଭବ କରୁଛି ଓ ଏଇ କଥାଟିକୁ ସ୍ପଷ୍ଟକରି କହିବାକୁ ଭିତରୁ ଏକ ତାଡ଼ନା ବି ଅନୁଭବ କରୁଛି । ଦିବ୍ୟଶକ୍ତି ଅଲକ୍ଷିତ ଭାବରେ ସଞ୍ଚାରିତ ହେଉଛି, ଚିନ୍ମୟ ସତ୍ତା ଆମ ଭିତରେ ଗୁପ୍ତ ଭାବରେ ଠେଲା ଦେଉଛି – ସେ ଆଉ ଅନ୍ଧକାରରେ, ମୁଖାର ଆଢୁଆଳରେ ପଡ଼ିରହିବାକୁ ଚାହେଁ ନାହିଁ । ବାହାରକୁ, ଦିବାଲୋକକୁ ବାହାରି ଆସିବାକୁ ତା'ର ମନ । ସେ ଚାହେଁ ମଣିଷ ତା'ର ସମୁଦାୟ ଗୁଣ-ସମ୍ଭାରକୁ ଦେଖୁ, ବୁଝୁ ଓ ସମାଦର କରୁ ।

ସେଇ ଶକ୍ତି, ସେଇ ଚିନ୍ମୟ ସତ୍ତା, ମନୁଷ୍ୟର ଆବିର୍ଭାବ କାଳରୁ ସହସ୍ର ସହସ୍ର ବର୍ଷ ଧରି ବଢ଼ିଉଠିଛି, ଶକ୍ତି ସଂଗ୍ରହ କରିଛି । ଯେଉଁଦିନ ମଣିଷ ପ୍ରଥମ କରି ଏ ପୃଥିବୀରେ ଦେଖା ଦେଇଥିଲା, ତାହାରି ସଙ୍ଗେ ସଙ୍ଗେ ଉଚ୍ଚତର ମାନବ ବି ଜନ୍ମ ନେଇଥିଲା ତା' ଭିତରେ । ଚିନ୍ମୟ ପୁରୁଷ ସେତେବେଳେ ଆଉ ପଶୁ ଆବରଣରେ ରହିବାକୁ ରାଜୀ ହେଲେ ନାହିଁ, ମନୁଷ୍ୟରୂପ ଗ୍ରହଣ କଲେ – ସେଇ ଊର୍ଦ୍ଧ୍ୱାୟନର ସଙ୍ଗେ ସଙ୍ଗେ ମଣିଷ ଭିତରକୁ ସେ ନେଇ ଆସିଲେ ବିପୁଳତର ସ୍ୱାଧୀନତା ଓ ବିସ୍ତୃତତର ଗତିଛନ୍ଦ । ଆମ ଭିତରେ ଥିବା ଆନ୍ତର ତରଙ୍ଗର ଶିଖର ଦେଶ ଉପର ସ୍ତରରେ ଜାଗ୍ରତ୍ ହୋଇଛି ପ୍ରତି ଯୁଗରେ ଦେଶଦେଶାନ୍ତରରେ – କବିମାନଙ୍କ ମଧ୍ୟରେ, ନ୍ୟାୟନୀତି ପ୍ରଣୟନକାରୀ (ନବୀ) ମାନଙ୍କଠାରେ, ଋଷିମାନଙ୍କ ଉପଲବ୍ଧିରେ, ନାନା ଅଭିଜ୍ଞତାରେ; ସତରେ ଯେମିତି ଯଜ୍ଞ-ଅଶ୍ୱର ଉନ୍ନତଶିର ଛୁଟିଚାଲିଛି ଦିବ୍ୟଉଷାର ଅଭିମୁଖରେ । ଏବେ ସେ ତା'ର ବନ୍ଦିଦଶାର କାଳ ଡେଇଁ ଗଲାଣି; ଏକଥା କୁହାଯାଇପାରେ ଯେ ତା'ର ପ୍ରସ୍ତୁତିପର୍ବ ଶେଷ ହୋଇଯାଇଛି । ଆତ୍ମା ତା'ର ନିଃସଙ୍ଗବୋଧର ପର୍ବକୁ ଡେଇଁ ଏବେ ପ୍ରକଟିତ ହେବାକୁ ଚାହୁଁଛି । ଏତେଦିନ ଧରି ଯାହା ଚାଲୁଥିଲା, ତାକୁ ଆବାହନ ଓ ସମ୍ମିଳନ କହିଲେ ଚଳିବ, ସେଇଟି ସାଧିତ ହେଉଥିଲା ଆତ୍ମାର ନୀରବତା ଭିତରେ । ବର୍ତ୍ତମାନ ସମୟ ଆସିଛି, ସେ ନୀରବତା ବାଙ୍ମୟ ହେବ । ଖୋଳପାଟି ଖସାଇଦେଇ ଆମ ଆନ୍ତରସତ୍ତା ପୂର୍ଣ୍ଣାଙ୍ଗ ଓ ପୂର୍ଣ୍ଣ ବିକଶିତ

ହୋଇ ବାହାରକୁ ବାହାରି ଆସିବାର ସମୟ ହୋଇଗଲାଣି । ଆତ୍ମଗୋପନକାରୀ ମହାରାଜା ବିଜୟିବୀରର ମହିମାରେ ଭୂଷିତ ହୋଇ ଫେରିଆସୁଛନ୍ତି ସ୍ୱ-ରାଜଧାନୀକୁ ଯେଉଁଠି ସେ ପୂର୍ଣ୍ଣ ରାଜକୀୟ ଅଧିକାର ଓ କ୍ଷମତାକୁ ଆପଣା ଆୟତ୍ତରେ ରଖିବେ ।

ବର୍ତ୍ତମାନ ମାନବୀୟ ପ୍ରଜାତି ପାଖରୁ ଉଦ୍ଭୂତ ହେବାକୁ ଯାଉଛି ଏକ ନୂତନ ମାନବ-ଗୋଷ୍ଠୀ । ଏଇ ଶ୍ରେଣୀର ସତ୍ତା ସର୍ବତ୍ର ରହିଛନ୍ତି ଓ ଏମାନେ ନିକଟ ଭବିଷ୍ୟତରେ ନିୟନ୍ତ୍ରଣ କରିବେ, ଶାସନ କରିବେ ଏହି ପୃଥ୍ୱୀଲୋକକୁ । ଏମାନେ ରହିବେ ଜାଗତିକ ବିବର୍ତ୍ତନର ଆସନ୍ନ କାଳଚକ୍ରର ଶୀର୍ଷରେ, ହେବେ ତା'ର ପୁରୋଧା; ଆଜିପର୍ଯ୍ୟନ୍ତ ମଣିଷ ଯେଉଁ ପଦବୀରେ ଥିଲା ଅପସୃୟମାଣ ଯୁଗଚକ୍ରର ନିୟନ୍ତ୍ରଣକାରୀ ହୋଇ, ଠିକ୍ ସେହିପରି ଆଗାମୀ ଯୁଗରେ ଏମାନେ ରହିବେ । ତେବେ ପ୍ରଶ୍ନ ହେଉଛି – ଏ ନୂଆଗୋଷ୍ଠୀ କି ଧରଣର ମଣିଷ ? ଉତ୍ତରରେ କୁହାଯିବ – ମଣିଷ ଯାହା ନୁହେଁ, ସେ ତାହା – ଅର୍ଥାତ୍ ମଣିଷ ଯାହା ହୋଇପାରି ନାହିଁ ଓ ମଣିଷ ଯାହା ହୋଇଛି ବା ହୋଇ ପାରିଛି ସେ ହେବ ଏ ଦୁଇଟିର ସମନ୍ୱୟ – ଦୁଇଟିଯାକ ଗୁଣ ତା'ପାଖରେ ରହିବ । ସେ ମାନୁଷୀଧାରାରେ ଜନ୍ମ ହେବ ନାହିଁ ଅଥଚ ମନୁଷ୍ୟସୁଲଭ ମୌଳିକ ଆସ୍ପୃହା ଓ ଆକୁଳ ଆଗ୍ରହର ସୁସ୍ପଷ୍ଟ ଉପଲବ୍ଧି ତା'ର ରହିବ । ମାନୁଷୀ ଧାରାର ସହଜାତ ବନ୍ଧନ ଓ ଅକ୍ଷମତାକୁ ସେ ପାରି ହୋଇଯିବ, ଅଥଚ ସେଇସବୁ ଉପଲବ୍ଧି ରହିବ ଯାହା ତା'ର ଆତ୍ମାକୁ ଓ ଅନ୍ତରସ୍ଥ ଗଭୀରତମ ଅଂଶକୁ ବିକ୍ଷୁବ୍ଧ କରୁଛି, ଯନ୍ତ୍ରଣା ଦେଉଛି, ପୁଣି ତା'ଠି ସାନ୍ତ୍ୱନା ଓ ଆଶ୍ୱାସନାର ପ୍ରଲେପ ଦେଉଛି ଏବଂ ସେହିସବୁ ପାର୍ଥିବ ଜୀବନର ବିଚିତ୍ର ନାନା ଅଭିଜ୍ଞତା ଆଣି ଦେଉଛି; ସେସବୁକୁ ଗ୍ରହଣ କରି ମଧ୍ୟ ସେ ମହାନ୍ ହେବ ।

ନବ-ମାନବ ହେବ ପ୍ରଭୁ – କ୍ରୀତଦାସ ନୁହେଁ; ସେ ହେବ ପ୍ରଭୁ – ପ୍ରଥମତଃ ତା' ନିଜ ଉପରେ ଏବଂ ତା'ପରେ ସମଗ୍ର ଜଗତ୍ ଉପରେ । ଏବେ ମଣିଷର ଯେଉଁ ସ୍ଥିତି ରହିଛି, ତାକୁ କ୍ରୀତଦାସ ଛଡ଼ା ଆଉ କିଛି କୁହାଯାଇ ପାରିବ ନାହିଁ । ତା'ର ବ୍ୟକ୍ତିଗତ ବକ୍ତବ୍ୟ ବୋଲି କିଛି ନାହିଁ କି ପସନ୍ଦ-ଅପସନ୍ଦ ବୋଲି ବି କିଛି ନାହିଁ । ସିଦ୍ଧାନ୍ତ ଯେ ନିଅନ୍ତି ତା' ଭିତରେ ଅର୍ଥାତ୍ ଯେ ତା'ର ମାଲିକ ସେ ଈଶ୍ୱର, ଅନ୍ତରସ୍ଥ ଆତ୍ମା ତା' ଭିତରେ ସୁପ୍ତ, ନିଷ୍କ୍ରିୟ, ନୀରବ । ସେ ପ୍ରକୃତିର ଓ ପରିବେଶର ହାତରେ ଥିବା ଖେଳଣା କଣ୍ଢେଇ ଭଳି ବ୍ୟବହାର କରୁଛି । ଏଥିଯୋଗୁଁ ଜଡ଼-ବିଜ୍ଞାନକୁ ସେ ତା'ର ମୁଖ୍ୟ 'ଧର୍ମଶାସ୍ତ୍ର' କରିଛି । କାରଣ ଜଡ଼ବିଜ୍ଞାନ ତାକୁ ଶିଖାଇବାକୁ ଚେଷ୍ଟା କରେ ପ୍ରକୃତିର କାର୍ଯ୍ୟ-ପ୍ରଣାଳୀ ଓ କିପରି ଭାବରେ ତାହାକୁ ମଣିଷ ଶାନ୍ତ ରଖିବ ଓ ସ୍ୱପକ୍ଷକୁ ଆଣିବ । ସାଧାରଣତଃ ଆଦର୍ଶ ମଣିଷ ବୋଲି ଲୋକେ ଯେଉଁ ମଣିଷର କଳ୍ପନା କରିଥା'ନ୍ତି ତା'ର ରୀତିନୀତି ଏକ ଚତୁର କ୍ରୀତଦାସ ଭଳି । ମାତ୍ର ଯେଉଁ ନୂଆ ମାନବ-ଗୋଷ୍ଠୀର କଥା ଆମେ ଏଠି କହୁଛୁ ସେ ତା'ର ସ୍ୱରୂପକୁ ଖୋଜି ପାଇଥିବ, ସେ ନିଜର ଆନ୍ତର ସଂକଳ୍ପ ଦ୍ୱାରା ସ୍ୱ-ଜଗତକୁ ଗଢ଼ି ତୋଳିବାକୁ ସମର୍ଥ ହୋଇଥିବ । ସେ ପ୍ରକୃତିର ଭୟରେ ପୀଡ଼ିତ ହେଉ ନ ଥିବ କିଂବା ଅନୁକ୍ଷଣ ଆଶଙ୍କା ଓ ଦ୍ୱିଧାର ରଜ୍ଜୁରେ ଟଣା ହେଉ ନ ଥିବ । ସେ ନୂଆମାନବ ନିଜକୁ ପ୍ରତିଷ୍ଠିତ କରିବ ନିଗୂଢ଼ ସୁସଙ୍ଗତି ଓ ମିଳନ ଉପରେ, ଯାହା ତାକୁ ଘୋଷିତ କରିବ ପ୍ରଭୁ ବୋଲି । ଆମେ ତାକୁ ଚିହ୍ନିବା ତା'ର ହାବଭାବରୁ ଓ ସୁଚାରୁ ଚାଲିଚଳନରୁ, ତା'ର ପ୍ରତ୍ୟେକ ଅଭିବ୍ୟକ୍ତିରେ ଫୁଟିଉଠୁଥିବା ରାଜୋଚିତ ସ୍ୱାଚ୍ଛନ୍ଦ୍ୟ ଓ ପ୍ରଭୁତ୍ୱରୁ ।

ଅଥଚ ଏଇ ସାର୍ବଭୌମ ଶକ୍ତି ଯେ କାହାକୁ ଆକ୍ରମଣ କରିବ ବା ବଳପ୍ରୟୋଗ କରିବ, ସେମିତି ଜମା ଆଶଙ୍କା ନାହିଁ – ସମ୍ଭାବନା ବି ରହିବ ନାହିଁ । ଯେଉଁ ଶକ୍ତି ସବୁବେଳେ ପ୍ରତିପକ୍ଷ ସୃଷ୍ଟି କରେ ଅର୍ଥାତ୍ ଯେଉଁ ଶକ୍ତି ସବୁବେଳେ କୌଣସି ନା କୌଣସି ପ୍ରତିଦ୍ୱନ୍ଦ୍ୱୀ ଖୋଜି ଯୁଦ୍ଧ କରେ – ଏସବୁ ରହିଲେ ଯାଇ ତା'ର ଅସ୍ତିତ୍ୱ ଅଛି ବୋଲି ଅନୁଭବ କରେ, ଯେଉଁ ଶକ୍ତି ଜୋର୍ କରି, ନିଜର କବଳରେ ରଖି ବା ନିଜର ବଶବର୍ତ୍ତୀ କରି ଜୟଲାଭ କରିବାକୁ ଚାହେଁ, ଆମର ଏଇ ମାନବଗୋଷ୍ଠୀ ସେପରି ହେବ ନାହିଁ, ତା'ର ଶକ୍ତିମତ୍ତା ସେ ପର୍ଯ୍ୟାୟର ନୁହେଁ । ସେମିତି ଯେଉଁ ନାଟକୀୟ 'କ୍ଷମତାର ଅଭିଳାଷ' (will to power), ଯାହାର ଚରମ ପ୍ରକାଶ ପ୍ରଚଣ୍ଡ ନିତ୍‌ଶେଙ୍କ ଆସୁରିକ ଶକ୍ତିରେ, ଦିବ୍ୟମାନବର ଶକ୍ତି ସେଭଳି ନୁହେଁ । ପକ୍ଷାନ୍ତରରେ ତାହା ଦିବ୍ୟଶକ୍ତିମତ୍ତା – ସେଥିରେ ବଳ ପ୍ରୟୋଗ ଦ୍ୱାରା ବିଜୟ ହାସଲ ହୁଏ ନାହିଁ, ସେ ଯେଉଁ ବିଜୟ-ପ୍ରାପ୍ତି ତାହା ଅହଂପ୍ରସୂତ ନୁହେଁ । କାରଣ ଅହଂ ସ୍ୱଭାବତଃ ବାହ୍ୟ ପ୍ରତିପକ୍ଷରୁହିଁ ଆପଣାର ସତ୍ତାକୁ ଅନୁଭବ କରିବାର, ଜାହିର କରିବାର ପ୍ରୟୋଜନ ବୋଧ କରେ । ଦିବ୍ୟମାନବର ଶକ୍ତିମତ୍ତା ଆସିବ ମାନବର ଉଚ୍ଚତର ଆତ୍ମାରୁ ଯାହାକୁ ମାନବର ବିଶ୍ୱଗତ ଆତ୍ମା କହିଲେ ଠିକ୍ ହେବ । କାରଣ ସେ ଆତ୍ମା ଅପରସବୁ ବ୍ୟକ୍ତି ଆତ୍ମା ସହିତ ଏକୀଭୂତ । ଅସୁର ସ୍ୱୀୟ ଆକ୍ରମଣାତ୍ମକ ପ୍ରଚଣ୍ଡତା ସତ୍ତ୍ୱେ ଶାନ୍ତ ସ୍ୱଚ୍ଛନ୍ଦ ସ୍ୱୟଂସମ୍ପୂର୍ଣ୍ଣ ସାର୍ବଭୌମ ଶକ୍ତି ଯେ ହରାଇବସେ ତାହାର କାରଣ ଏଇଠାରେ ।

ଦୈବୀଶକ୍ତି କେବେହେଲେ ବି ନିଜକୁ ଜାହିର କରେ ନାହିଁ । ଖାଲି କାର୍ଯ୍ୟ ସମ୍ପାଦନ କରିଯାଏ ନୀରବରେ; କୌଣସି ପ୍ରକାର ଜାଗତିକ ଶକ୍ତି ତାହା ବିରୋଧରେ ପ୍ରତିପକ୍ଷ ହୋଇ ଠିଆ ହୋଇପାରେ ନାହିଁ ସେହି କାରଣରୁ । ଜାଗତିକ ଶକ୍ତି କେବଳ ସେଇ ଊର୍ଦ୍ଧ୍ୱଶକ୍ତିର ଯନ୍ତ୍ର ହୋଇ କାମ କରିପାରେ । ନବୀନ ମାନବ-ଗୋଷ୍ଠୀ ତା'ର ସାର୍ବଭୌମତ୍ୱ ଦୃଢ଼ତାର ସହ ପ୍ରତିଷ୍ଠିତ କରିବ ଅନନ୍ତ ଭଗବାନଙ୍କ ସଙ୍ଗେ ଓ ବିଶ୍ୱଶକ୍ତିମାନଙ୍କ ସହ ସହଯୋଗିତା କରି । ସେ 'ସ୍ୱରାଟ୍' ହୋଇ 'ସମ୍ରାଟ୍' ହେବ – ସେ ନିଜର ପ୍ରଭୁ ହୋଇ ତା'ପରେ ଜଗତର ପ୍ରଭୁ ହେବ, ଏଥିରେ ସନ୍ଦେହ ନାହିଁ ।

ଏଇ ପ୍ରଭୁତ୍ୱ ଯେ ଖାଲି ସଂକଳ୍ପ ଭିତରେ କାମ କରିବ ତାହା ନୁହେଁ, ଏହା ମନକୁ, ହୃଦୟକୁ ସଂକ୍ରମିତ ହୋଇ ସେଠାରେ ନିଜକୁ ପ୍ରସାରିତ କରିବ । କାରଣ ଏଇ ନବମାନବ ଅହଂର ପ୍ରଭାବରୁ ମୁକ୍ତ ହୋଇଥିବ ଓ ସେଥିଯୋଗୁଁ ସେ ସୀମିତ ବୁଦ୍ଧି ସାହାଯ୍ୟରେ ବା ବିଚାର-ଯୁକ୍ତି ସାହାଯ୍ୟରେ ଜାଣିବ ନାହିଁ । ବିଚାର-ବିତର୍କ ଦ୍ୱାରା ଜାଣିବାକୁ ପରୋକ୍ଷ ଜ୍ଞାନ କୁହାଯାଏ । ସେ ମଣିଷ ଜ୍ଞାନଲାଭ କରିବ ପ୍ରତ୍ୟକ୍ଷ ଦର୍ଶନ ଦ୍ୱାରା, ଆନ୍ତର ସଂଯୋଗ, ଅପରୋକ୍ଷ ଆତ୍ମିକ ପ୍ରକାଶର ମାଧ୍ୟମରେ । ଏଇ ଅଭିନବ ଜ୍ଞାନ ହେବ ସୀମାହୀନ ନିଗୂଢ଼ ସୃଷ୍ଟିକ୍ଷମ । ଏହା ପ୍ରତିଷ୍ଠିତ ହେବ ସକଳବସ୍ତୁର ବାସ୍ତବ ସତ୍ୟ ଉପରେ ସେସବୁର ଭ୍ରାନ୍ତ ଅଳୀକ ଛାୟା ଉପରେ ପ୍ରତିଷ୍ଠିତ ନ ହୋଇ । ସେ ଜାତୀୟ ମାନବର ଯାବତୀୟ ଅଭିଜ୍ଞତା ଓ ଉକ୍ତିରେ ସତ୍ୟ ଦେଦୀପ୍ୟମାନ ହେବ, ଯେମିତି ବେଦ କହୁଛି – ''ଆମର ବାକ୍ୟରେ, ମନରେ ଓ ଶ୍ରବଣରେ ସତ୍ୟର ଆସନ ପ୍ରତିଷ୍ଠିତ ହେଉ'' । ସେଠି ମନ ଓ ବୁଦ୍ଧି ସକ୍ରିୟ ନୁହେଁ, ଏମିତିକି ଗଠନକାରୀ ବା ପରିଚାଳକ ନୁହେଁ । ସେଗୁଡ଼ିକ ଆଲୋକଦୀପ୍ତ ମାଧ୍ୟମ ବା ପୟଃ ପ୍ରଣାଳୀ ପରି କାମ କରିବେ ଅର୍ଥାତ୍ ସେଥିରେ ଆତ୍ମଦୀପ୍ତ ଜ୍ଞାନର ପ୍ରବାହ ପ୍ରବାହିତ ହେବ ଏବଂ ଆମର ଏଇ ହୃଦୟ, ଏବେ ଯେମିତି ରହିଛି ସେଇଟି ଆବେଗମତ୍ତା ଓ ଅହଂକାରର ଏକ କ୍ଷେତ୍ର ଛଡ଼ା ଅଧିକ କିଛି ନୁହେଁ; ସେତେବେଳେ ସେ ହୃଦୟର ଯାବତୀୟ କୋଳାହଳ ଶାନ୍ତ ହୋଇଯିବ ଓ ତାହା ନାନାପ୍ରକାର କୁଜ୍ଝଟିକାର ଅନ୍ଧକାରରୁ ମୁକ୍ତ ହେବ । ସେଇ ନିର୍ମେଘ ହୃଦୟ ଆକାଶରେ ଶୁଦ୍ଧ ସପ୍ରେମ ଉଷ୍ଣତା, ଶାନ୍ତ ନମନୀୟ ପ୍ରଭା ଦେଖାଦେବ । ଗ୍ରନ୍ଥି ଛିନ୍ନ ହେବ – ଭିଦ୍ୟତେ ହୃଦୟଗ୍ରନ୍ଥି, ଆଉ ତେଣିକି ମହାଜଳଧିର ଅନ୍ତହୀନ ପ୍ରବଳ ସ୍ରୋତଧାରା ବହିଯିବ ଆଗକୁ । ଆମେ ଖାଲି ସେମାନଙ୍କୁ ସ୍ନେହ-ଚକ୍ଷୁରେ ଦେଖିବୁ ନାହିଁ ଯାହାଙ୍କ ସହ ଆମର ଘନିଷ୍ଠ ପରିଚୟ ରହିଛି, ପ୍ରତ୍ୟେକ ମନୁଷ୍ୟକୁ ଆମେ ପ୍ରୀତିରେ ବାନ୍ଧିବୁ, ଯେହେତୁ ସେମାନେ ଭଗବାନଙ୍କ ସୃଷ୍ଟି । ଆମେ ଆଉ ଭଲପାଇବୁ ନାହିଁ ମାନବ-ସୁଲଭ ଆକୁଳ ଆକାଂକ୍ଷା ଓ ବୁଭୁକ୍ଷା ନେଇ; ବରଂ ଆତ୍ମା ଆତ୍ମାରେ ନିହିତ ରହିଛି ଯେଉଁ ଦିବ୍ୟ ଏକାତ୍ମତା, ତାହାରିଠାରୁ ଉଦ୍ଭୂତ ଅପାର ରସରେ ଜର୍ଜରିତ ହୋଇ ପ୍ରେମକୁ ସଞ୍ଚାରିତ କରିବୁ ।

ଏବଂ ବିଶେଷକରି ଏଇ ମାନବସମାଜର ଭିତ୍ତି ଗଢ଼ା ହେବ ପରସ୍ପର ପ୍ରତି ସହଯୋଗିତାକୁ କେନ୍ଦ୍ର କରି; ପ୍ରତିଦ୍ୱନ୍ଦ୍ୱିତା ଉପରେ ଏହା ଠିଆ ହେବ ନାହିଁ । ଏହି ସମାଜରେ ନଗ୍ନ ସଙ୍ଘର୍ଷ ବା ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବ୍ୟଷ୍ଟିସ୍ୱାର୍ଥର ସୁବିଧା ସକାଶେ ଚାଲୁଥିବା ପ୍ରଚଳିତ ଆପୋଷ-ମୀମାଂସା ରହିବ ନାହିଁ । ସମଷ୍ଟିଗତ ଆତ୍ମାର ସଂଗଠିତ ପ୍ରକାଶହିଁ ହେବ ସେ ମାନବସମାଜର ମୂଳକଥା । ପ୍ରତ୍ୟେକ ବ୍ୟଷ୍ଟିଆତ୍ମାର ଭିତରେ କାମ କରି ସେମାନଙ୍କର ସ୍ୱ ସ୍ୱ ଦେବତ୍ୱକୁ ଅଭିବ୍ୟକ୍ତ କରି କରି ସେହି ଦିବ୍ୟ-ମାନବଗଣ ଆଗେଇ ଚାଲିବେ ଶ୍ରେଷ୍ଠତମ ଓ ବିଶାଳତମ ସ୍ୱାଧୀନତା ଲାଭ କରିବା ଦିଗରେ । ଏଇ ନୂଆ ଗୋଷ୍ଠୀ ଏଭଳି ଏକ ସଂଗଠନ ହେବ ଯାହା ସର୍ବାପେକ୍ଷା ମାର୍ଜିତ, ସୂକ୍ଷ୍ମ ତଥା ନମନୀୟ । ଏଥିରେ ଜଣେ ଅନ୍ୟଜଣକ ଉପରେ ନିର୍ଭର କରି ବସବାସ କରିବ ନାହିଁ, ବରଂ ଜଣେ ଅପର ଜଣକ ଭିତରେ ଜୀବନ ଧାରଣ କରିବ । ମୋଟାମୋଟି କହିବାକୁ ହେବ ସେହି ଗୋଷ୍ଠୀ-ସଂଗଠନ ଏକ ବିଶ୍ୱଦେବସଂଘ, ଯେଉଁଠି ପ୍ରତ୍ୟେକ ବ୍ୟକ୍ତି ହେବ ସକଳ ବ୍ୟକ୍ତିର ପ୍ରତିନିଧି ଏବଂ ସମୂହ କହିଲେ ବୁଝାଇବ ଜଣ ଜଣ କରି ପ୍ରତ୍ୟେକଙ୍କର ଅଭିବ୍ୟକ୍ତି ।

ଦେବତାମାନଙ୍କ ବିଷୟରେ ଆମର ଯେଉଁ ଧାରଣା ରହିଛି, ବେଶୀଭାଗ ସେହି ଧାରାରେ ବା ଛାଞ୍ଚରେ ଗଢ଼ି ଉଠିଥିବେ ସେଇ ମାନବଗଣ । ଦେବତା ଓ ମନୁଷ୍ୟମାନଙ୍କ ମଧ୍ୟରେ ଯେଉଁଭଳି ଯୋଗସୂତ୍ର ଥିଲା, ତାହା ହଜିଯାଇଛି ବୋଲି ଆମେ ଜାଣୁ । ପୁଣି ଥରେ ସେଇ ଯୋଗାଯୋଗ ସ୍ଥାପିତ ହେବ, ଅର୍ଥାତ୍ ନୂଆ ମାନବସମାଜ ହେବ ମୂର୍ତ୍ତ ଶରୀରଧାରୀ ଦେବ-ଜାତି, ମନୁଷ୍ୟ ଯେଉଁଥି ପାଇଁ ସବୁବେଳେ ଦେବତା ହେବାକୁ ଅଭୀପ୍ସା କରି ଆସିଛି, ତାହା ପୂରଣ ହେବ । ମନୁଷ୍ୟର ପ୍ରଥମ ବାସନା, ଆଦି ସ୍ୱପ୍ନ ସଫଳ ହେବ; ସେ ଅମରତା (ଅମୃତତ୍ୱଂ) ଲାଭ କରିବ । ନଶ୍ୱରତାହିଁ ତାକୁ ବିଦୀର୍ଣ୍ଣ କରୁଛି, ବିଚ୍ଛିନ୍ନ କରୁଛି,

ତାକୁ ସୀମାର ବନ୍ଧନରେ ବାନ୍ଧି ରଖୁଛି, ତାକୁ ଗୋଟିଏ ହତଭାଗ୍ୟ ଜୀବ କରି ରଖିଛି ଆଜିଯାଏଁ । ଏଥିପାଇଁ ଦାୟୀ ତା'ର ଅଜ୍ଞତା, ଦୁର୍ବଳତା ଓ ଅହଂକାର – ଦାୟୀ ତା'ର ଆତ୍ମା ସ୍ୱୟଂ । ଏଇ ଆତ୍ମାରହିଁ ରୂପାନ୍ତର ପ୍ରୟୋଜନ, ପ୍ରୟୋଜନ ନବ-ସର୍ଜନାର – ଯିଶୁଖ୍ରୀଷ୍ଟ ଯେପରି ଚାହୁଁଥିଲେ । ଆମ୍ଭମାନଙ୍କର ଏଇ ଯେଉଁ କ୍ଷୁଦ୍ର ଆତ୍ମା, ତାହା ଆପଣାକୁ ବିଚ୍ଛିନ୍ନ କରିଛି ତା'ର ଦିବ୍ୟ ସ୍ୱରୂପରୁ, ଅର୍ଥାତ୍ ସେ ସ୍ୱରୂପତଃ ଯାହା, ସେଇ ବିଶାଳତର ଓ ପ୍ରବଳତର ଶକ୍ତି-ସମ୍ପନ୍ନ ଆତ୍ମାଠାରୁ ସେ ବିଚ୍ଛିନ୍ନ ହୋଇଛି । ଏବଂ ସେଇ କାରଣରୁ ସେ ପ୍ରତିମୁହୂର୍ତ୍ତରେ ମରୁଛି, ବଞ୍ଚି ରହି ମଧ ବଞ୍ଚିବାକୁ ଭୟ କରୁଛି, ଜୀବନ କଟାଉଛି ଦୀନହୀନ ଭାବରେ । କିନ୍ତୁ, ଏବେ ସେଇ ଯୁଗ ଆସିଛି ଯେତେବେଳେ ସେଇ ଦେବୋପମ ଆତ୍ମା ତା'ର ଅମୃତତ୍ୱର ରାଜପଦରେ ଭୂଷିତ ହୋଇ ଅଭ୍ୟୁଦିତ ହେବା ସକାଶେ ଆମର ଅଭିବାଦନ ପାଇବାକୁ ଅପେକ୍ଷା କରୁଛି ।

ନବ-ସୃଷ୍ଟିର ଶ୍ୱାସ-ପ୍ରଶ୍ୱାସ, ଉଚ୍ଛ୍ୱାସ-ଆଲୋଡ଼ନ ଭୁଲ୍ ହେବା କଥା ନୁହେଁ । ଆଜି ଆମେ ଯେଉଁ ପ୍ରଶ୍ନର ସାମନାସାମନି ହୋଇ ଠିଆ ହୋଇଛେ, ତାହା ନୂଆ ମାନବ-ସମାଜ କେବେ ଆସିବ, ସତରେ ଆସିବ କି ନାହିଁ, ସେ ଗୋଷ୍ଠୀର ଆବିର୍ଭାବ ସମ୍ଭବ କି ନାହିଁ – ଇତ୍ୟାଦି ସଂକ୍ରାନ୍ତରେ ନୁହେଁ, ଆମ୍ଭମାନଙ୍କ ମଧ୍ୟରୁ କିଏ କିଏ ବା କେଉଁମାନେ ଏହାର ଧାରକ ଓ ବାହକ ହେବାକୁ ସମ୍ମତ ହୋଇଛନ୍ତି, କେଉଁମାନେ ଏହି ନବ-ଗୋଷ୍ଠୀର ପ୍ରମୂର୍ତ୍ତ ବିଗ୍ରହ ହେବାକୁ ଚାହାନ୍ତି, ଆମକୁ ଏବେ ଏଇ ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ ।

ଅନୁବାଦ : କୃଷ୍ଣା ଦେବୀ ✣

His Grace is always with those who want to progress
and realise the Truth of tomorrow.

– THE MOTHER

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ORISSA)**

# ‘ନବଜ୍ୟୋତି କାର୍ଯ୍ୟାଳୟ’ ସହିତ ମୋର ଅର୍ଦ୍ଧଶତାବ୍ଦୀର ସମ୍ପର୍କ

## (୨)

**ଶ୍ରୀପତି ଦାସ**

[‘ନବଜ୍ୟୋତି କାର୍ଯ୍ୟାଳୟ ତଥା ନବଜ୍ୟୋତି ପତ୍ରିକାର ପଚାଶ ବର୍ଷ ପୂର୍ଣ୍ଣ ହୋଇ ପ୍ରକାଶିତ ହୋଇଥିବା ସୁବର୍ଣ୍ଣଜୟନ୍ତୀ ବିଶେଷାଙ୍କ (୨୧ ଫେବ୍ରୁଆରି, ୨୦୦୮)ରେ ଏହି ପ୍ରବନ୍ଧର ପ୍ରଥମାଂଶ ପ୍ରକାଶିତ ହୋଇଛି । ଏଥିରେ ନବଜ୍ୟୋତି କାର୍ଯ୍ୟାଳୟ ସହିତ ମୋର ସମ୍ପର୍କ ଓ କ୍ରିୟାକଳାପ ସହିତ ଏହି ଅନୁଷ୍ଠାନର ଅନ୍ୟାନ୍ୟ କ୍ରିୟାକଳାପ ତଥା ମୋର ଗତ ପଚାଶ ବର୍ଷର ନାନା ବ୍ୟକ୍ତିଗତ ଅନୁଭୂତି ଓ ଅଭିଜ୍ଞତା ସମ୍ବନ୍ଧେ ମୁଁ ବର୍ଣ୍ଣନା କରୁଛି । ନବଜ୍ୟୋତି କାର୍ଯ୍ୟାଳୟର ଇତିହାସ-ଅଧ୍ୟୟନରେ ଏହା କେତେକ ପରିମାଣରେ ସହାୟକ ହେବ ବୋଲି ଆଶାକରେ । — ଲେଖକ]

ନବଜ୍ୟୋତି କାର୍ଯ୍ୟାଳୟରୁ ପ୍ରକାଶିତ ପତ୍ରିକାଗୁଡ଼ିକ ସମ୍ବନ୍ଧେ ଏହି ପ୍ରବନ୍ଧର ପ୍ରଥମାଂଶରେ କିଛି ଲେଖିବା ପରେ ଏଠାରେ ଆଉ କିଛି ଲେଖୁଛି । ୧୯୭୦ ଖ୍ରୀଷ୍ଟାବ୍ଦର ଅକ୍ଟୋବର ମାସରେ ଯେତେବେଳେ ନବଜ୍ୟୋତି କାର୍ଯ୍ୟାଳୟରୁ ‘‘ଶ୍ରୀଅରିବିନ୍ଦ କର୍ମଧାରା’’ ଓ ‘‘ନବପ୍ରକାଶ’’ ନାମକ ମାସିକ ପତ୍ରିକା ଦୁଇଟି ପ୍ରକାଶିତ ହେଲା ସେତେବେଳେ ‘‘ଶ୍ରୀଅରବିନ୍ଦ କର୍ମଧାରା’’ ପତ୍ରିକାର ପ୍ରକାଶନରେ ବେଶୀ କିଛି ଅସୁବିଧା ହେଲା ନାହିଁ । କାରଣ ଏହା ଶ୍ରୀମା’ଙ୍କ ଆଶୀର୍ବାଦ ଓ ତତ୍କାଳୀନ ପ୍ରତିଷ୍ଠିତ ‘Sri Aurobindo Action’ ନାମକ ଅନୁଷ୍ଠାନର ଓଡ଼ିଆ ପତ୍ରିକା ଭାବରେ ପ୍ରକାଶିତ ହେଲା । ଏଥିରେ ଓଡ଼ିଶାରେ ସଙ୍ଗଠିତ ହେଉଥିବା ‘‘ଶ୍ରୀଅରବିନ୍ଦ କର୍ମଧାରା’’ର ନାନା କ୍ରିୟାକଳାପ ତଥା ଅନ୍ୟ କେତେକ ପ୍ରବନ୍ଧ ଓ ପ୍ରଶ୍ନୋତ୍ତର ପ୍ରକାଶିତ ହେଉଥିଲା । ଏକ ସଙ୍ଗରେ ବଙ୍ଗଳା, ହିନ୍ଦୀ ଓ ଅନ୍ୟ କେତେକ ଭାରତୀୟ ଭାଷାରେ ମଧ୍ୟ ଏହା ପ୍ରକାଶିତ ହେଉଥିଲା । ତେଣୁ ମୂଳ ଇଂରାଜୀ ପତ୍ରିକା ‘Sri Aurobindo’s Action’ର ପ୍ରତୀକ (Symbol) ଏଥିରେ ସ୍ଥାନ ପାଇଲା । ଏହି ପତ୍ରିକା ସକାଶେ ଶ୍ରୀ ପ୍ରପତ୍ତି ତାଙ୍କର ଓଡ଼ିଶାଗସ୍ତ ଓ କ୍ରିୟାକଳାପ ସମ୍ବନ୍ଧେ ପ୍ରକାଶିତ ଅଂଶଟି ଲେଖି ଦେଉଥିଲେ ଏବଂ ଅନ୍ୟସବୁ ଅଂଶ ମୋତେହିଁ ସମ୍ପାଦନ କରିବାକୁ ହେଉଥିଲା ।

କିନ୍ତୁ ‘ନବପ୍ରକାଶ’ ମାସିକ ପତ୍ରିକାଟି ‘‘ଶ୍ରୀଅରବିନ୍ଦ ଛାତ୍ର-ଯୁବ ସମାଜ’’ ପତ୍ରିକା ପରିବର୍ତ୍ତେ ପ୍ରକାଶିତ ହେଲା । ଏହି ‘ନବପ୍ରକାଶ’ ନାମଟି ବାବାଜି ମହାରାଜହିଁ ସ୍ଥିର କରିଥିଲେ । ‘‘ଶ୍ରୀଅରବିନ୍ଦ ଛାତ୍ର-ଯୁବସମାଜ’’ ପତ୍ରିକାରେ ନବଜ୍ୟୋତି କାର୍ଯ୍ୟାଳୟର ସିମ୍ବଲ ପ୍ରକାଶ କରାଯାଉଥିଲା । କିନ୍ତୁ ଯେତେବେଳେ ନବଜ୍ୟୋତି କାର୍ଯ୍ୟାଳୟର ମାସିକ ପତ୍ରିକାଭାବେ ଛାତ୍ର ଓ ଯୁବସମାଜ ନିମିତ୍ତ ଏହା ପ୍ରକାଶ କରିବାକୁ ସ୍ଥିର କରାଗଲା ସେତେବେଳେ ଶ୍ରୀମା’ଙ୍କ ଆଶୀର୍ବାଦ ସହିତ ଏଥିପାଇଁ ଏକ ସ୍ୱତନ୍ତ୍ର ସିମ୍ବଲ ଆବଶ୍ୟକ ହେଲା । ଏହି ସିମ୍ବଲ ପ୍ରସ୍ତୁତ କରିବା ପାଇଁ ମୁଁ ଆଶ୍ରମର ତତ୍କାଳୀନ ବିଶିଷ୍ଟ କଳାକାର ଶ୍ରୀ ଜୟନ୍ତୀଲାଲଙ୍କୁ ଅନୁରୋଧ କରିଥିଲି । କିନ୍ତୁ ସେ କହିଥିଲେ ଯେ ସେ ଅନେକ ସିମ୍ବଲ ପ୍ରସ୍ତୁତ କଲେଣି । ତାଙ୍କ ମନକୁ ଅନ୍ୟ କୌଣସି ନୂତନ ସିମ୍ବଲର ଧାରଣା ଆସୁ ନାହିଁ । ‘ନବପ୍ରକାଶ’ ପାଇଁ ମୁଁ ଗୋଟିଏ ସିମ୍ବଲର ସ୍କେଚ୍ ତିଆରି କରି ତାଙ୍କୁ ଦେଖାଇବାକୁ ସେ କହିଲେ । ମୁଁ ବଡ଼ ଅସୁବିଧାରେ ପଡ଼ିଲି । କାରଣ ଆଗରୁ ମୁଁ କେବେ କୌଣସି ସିମ୍ବଲ ତିଆରି କରି ନ ଥିଲି । ମୁଁ ମଧ୍ୟ କଳାକାର ନୁହେଁ । ଏଥିପାଇଁ ଶ୍ରୀମା’ଙ୍କୁ ପ୍ରାର୍ଥନା କରି ଧ୍ୟାନସ୍ଥ ହେବାପରେ ମୋ ମନକୁ ଯେପରି ଧାରଣା ଆସିଲା, ସେପରି ଗୋଟିଏ ସିମ୍ବଲର ସ୍କେଚ୍ ତିଆରି କରି ତାଙ୍କୁ ଦେଖାଇଲି । ତାହା ଦେଖି ‘ନବପ୍ରକାଶ’ ସକାଶେ ସିମ୍ବଲଟି ଭଲ ହେବ ବୋଲି ସେ କହିଲେ ଏବଂ ଆଶ୍ରମର ଡ୍ରଇଁ ଅଫିସ୍‌ରେ ତାହା ଦେଇ ଏକ ଫାଇନାଲ୍ ସିମ୍ବଲ ତିଆରି କରାଇଦେଲେ ।

ତାହା ଶ୍ରୀମାଙ୍କ ଅନୁମୋଦନ ନିମିତ୍ତ ପଠାଗଲା ଏବଂ ଶ୍ରୀମା'ଙ୍କ ଦ୍ୱାରା ଅନୁମୋଦିତ ହେଲା ।

ଏହି ସିମ୍ବଲ୍‌ଟିର ଅନ୍ତର୍ନିହିତ ଅର୍ଥ ବା ତାତ୍ପର୍ଯ୍ୟ ନିମ୍ନରେ ପ୍ରଦତ୍ତ ହେଲା :

— କେନ୍ଦ୍ରସ୍ଥ ବର୍ଗକ୍ଷେତ୍ରଟି ଶ୍ରୀଅରବିନ୍ଦଙ୍କ ସିମ୍ବଲ୍‌ରୁ ନିଆଯାଇଛି । ତଦନୁସାରେ ଏହାର ଅର୍ଥ ହେଉଛି — ପୂର୍ଣ୍ଣ ଦିବ୍ୟ ଅଭିବ୍ୟକ୍ତି ।

— ବର୍ଗକ୍ଷେତ୍ରର କେନ୍ଦ୍ରରେ ଥିବା ପଦ୍ମଫୁଲଟିର ତାତ୍ପର୍ଯ୍ୟ ହେଉଛି — ପରମେଶ୍ୱରଙ୍କ ଅବତାରଙ୍କ (ଶ୍ରୀଅରବିନ୍ଦଙ୍କ) ପ୍ରତୀକ ।

— ବର୍ଗକ୍ଷେତ୍ର ମଧ୍ୟସ୍ଥ ଜଳ ହେଉଛି ବହୁତ୍ୱ ବା ସୃଷ୍ଟିର ପ୍ରତୀକ ।

— ବର୍ଗକ୍ଷେତ୍ରର ଚତୁର୍ଦ୍ଦିଗରେ ଥିବା ଶ୍ରୀମା'ଙ୍କ ସିମ୍ବଲର ବାରୋଟି ପାଖୁଡ଼ା ହେଉଛି ଶ୍ରୀମା'ଙ୍କ ବାରୋଟି ଶକ୍ତିର ଅଭିବ୍ୟକ୍ତି ।

— ଚତୁର୍ଦ୍ଦିଗସ୍ଥ ରେଖାଗୁଡ଼ିକ ହେଉଛି ମାତୃଶକ୍ତିର ପରିପ୍ରକାଶ ଓ ପ୍ରସାର ନିମିତ୍ତ କିରଣରାଜି ।

ନବଜ୍ୟୋତି ମୁଖପୃଷ୍ଠରେ ରଖାଯାଉଥିବା ସିମ୍ବଲଟି ଶ୍ରୀ ଜୟନ୍ତୀଲାଲ ତିଆରି କରିଥିଲେ । ସେତିକିବେଳେ ମୁଁ ନବଜ୍ୟୋତି ସିମ୍ବଲଟିର ତାତ୍ପର୍ଯ୍ୟ ସମ୍ବନ୍ଧେ ତାଙ୍କୁ ପଚାରିଥିଲି । ସେ କହିଥିଲେ ଯେ ଶ୍ରୀମା'ଙ୍କ ସିମ୍ବଲର ଅନ୍ତର୍ନିହିତ ଅର୍ଥ ଶ୍ରୀମା ନିଜେ ପ୍ରକାଶ କରିଛନ୍ତି । ତଦନୁସାରେ ଶ୍ରୀମାଙ୍କ ସିମ୍ବଲର କେନ୍ଦ୍ରସ୍ଥ ବୃତ୍ତଟି ଦିବ୍ୟ-ଚେତନାର ପ୍ରତିନିଧିତ୍ୱ କରେ । ତାହାର ଚତୁଷ୍ପାର୍ଶ୍ୱରେ ଥିବା ଚାରୋଟି ପାଖୁଡ଼ା ଶ୍ରୀମାଙ୍କ ମୁଖ୍ୟ ଚତୁର୍ବିଧ ଶକ୍ତିର (ମହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ) ପ୍ରତିନିଧିତ୍ୱ କରେ । ଶେଷରେ ଥିବା ବାରୋଟି ପାଖୁଡ଼ା ମାତୃକର୍ମ ନିମିତ୍ତ ଅଭିବ୍ୟକ୍ତ ଶ୍ରୀମା'ଙ୍କ ବାରୋଟି ଶକ୍ତିର ପ୍ରତିନିଧିତ୍ୱ କରେ । ତାହାର ଚତୁଷ୍ପାର୍ଶ୍ୱସ୍ଥ ରେଖାଗୁଡ଼ିକ ହେଉଛି ମାତୃଶକ୍ତିର କିରଣରାଜି । ଏବଂ ଶିଖାଗୁଡ଼ିକ ହେଉଛି ଦିବ୍ୟ ମାତୃଆଲୋକର ପରିପ୍ରକାଶ ।

'ନବପ୍ରକାଶ'ର ସିମ୍ବଲଟି ମୋ ଦ୍ୱାରା କରାଯାଇଥିବାରୁ ଶ୍ରୀପ୍ରପତ୍ତିଙ୍କ କହିବାନୁସାରେ ମୋତେ ଏହା ପରେ ''ମାତୃକର୍ମଧାରା'' ''ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର (ଡାଳିଯୋଡ଼ା)'' ''ନବଜୀବନ ଶିକ୍ଷାସଂସଦ'' (New Life Education Trust) ଏବଂ ଆଉ କେତୋଟି ପୂର୍ଣ୍ଣଯୋଗର ଶିକ୍ଷାନୁସରଣ କରୁଥିବା ଅନୁଷ୍ଠାନର ସିମ୍ବଲର ସ୍କେଚ୍ ପ୍ରସ୍ତୁତ କରିବାକୁ ହୋଇଥିଲା ।

'ନବପ୍ରକାଶ' ପତ୍ରିକା ସକାଶେ ଶ୍ରୀମା ଯେଉଁ ବାଣୀ ପ୍ରଦାନ କରିଥିଲେ, ତାହା ହେଉଛି, "Only Truth" । ଏହାର ଓଡ଼ିଆ ଅନୁବାଦ କ'ଣ କରିବାକୁ ହେବ, ସେ ସମ୍ବନ୍ଧେ ବିଚାର କରାଗଲା । କେତେକେ କହିଲେ ''କେବଳ ସତ୍ୟ'', ଅନ୍ୟ କେତେକେ କହିଲେ ''ଏକମାତ୍ର ସତ୍ୟ'' । ବାବାଜି ମହାରାଜ କହିଲେ ''ଏକମାତ୍ର ସତ୍ୟ'' ରଖିଲେ ଭଲ ହେବ । ଏହି ମତଭେଦ ଦୂର କରିବା ପାଇଁ ଏବିଷୟରେ ଆଶ୍ରମର ତତ୍କାଳୀନ ସାଧାରଣ ସମ୍ପାଦକ, ଭାରତର ସ୍ୱାଧୀନତା ସଂଗ୍ରାମରେ ଶ୍ରୀଅରବିନ୍ଦଙ୍କର ଅନୁଗାମୀ ତଥା ବିଶିଷ୍ଟ ସାହିତ୍ୟିକ ଶ୍ରୀ ନଳିନୀକାନ୍ତ ଗୁପ୍ତଙ୍କୁ ପଚାରି ନେବା ଭଲ ହେବ ବୋଲି ବାବାଜି ମହାରାଜ ମତ ଦେଲେ । ଶ୍ରୀ ନଳିନୀକାନ୍ତ ଗୁପ୍ତ ଯାହା ମତ ଦେବେ ତାହାକୁହିଁ ସ୍ୱୀକାର କରିନେବାକୁ ହେବ ବୋଲି ବାବାଜି ମହାରାଜ କହିଲେ । ସେତେବେଳେ ଶ୍ରୀ ପ୍ରପତ୍ତି ଓଡ଼ିଶାରେ ଥା'ନ୍ତି । ତେଣୁ ବାବାଜି ମହାରାଜ ମୋତେ ନେଇ ଶ୍ରୀ ନଳିନୀକାନ୍ତ ଗୁପ୍ତଙ୍କ ନିକଟକୁ ଗଲେ । ଏ ବିଷୟରେ ଆମେ ତାଙ୍କୁ ପଚାରିବାରୁ ସେ କହିଲେ ଯେ ''କେବଳ ସତ୍ୟ'' ବା ''ଏକମାତ୍ର ସତ୍ୟ''— ଏହି ଦୁଇଟିରୁ ଯେକୌଣସିଟି ରଖିଲେ ଚଳିବ । ବାବାଜି ମହାରାଜଙ୍କ କଥା ଅନୁସାରେ ଶ୍ରୀମା'ଙ୍କ ବାଣୀ ''Only Truth''ର ଅନୁବାଦ ''ଏକମାତ୍ର ସତ୍ୟ''କୁହିଁ ନବପ୍ରକାଶରେ ରଖାଗଲା ।

'ନବପ୍ରକାଶ' ପତ୍ରିକାଟିର ପ୍ରଥମ ସଂଖ୍ୟାଟି ପ୍ରକାଶିତ ହେଲାବେଳେ ବାବାଜି ମହାରାଜଙ୍କଠାରୁ ଆରମ୍ଭ କରି ଶ୍ରୀ ପ୍ରପତ୍ତି, ମୁଁ ଓ ଶ୍ରୀ ନିରଂଜନ ନାୟକ — ଆମେ ସମସ୍ତେ ଯେଉଁମାନେ ନବଜ୍ୟୋତି କାର୍ଯ୍ୟାଳୟର ପତ୍ରପତ୍ରିକା-ପ୍ରକାଶନ ସକାଶେ କାର୍ଯ୍ୟ କରୁଥିଲୁ — ବିଶେଷ ଆଗ୍ରହୀ ହୋଇ ଉଠିଥିଲୁ । ଆମ୍ଭମାନଙ୍କ ଲେଖା ସହିତ ଓଡ଼ିଶାର ତତ୍କାଳୀନ ବିଶିଷ୍ଟ ଶିକ୍ଷାବିତ୍ ଓ ମାତୃଭକ୍ତ ଶ୍ରୀ ଲଳିତ ମୋହନ ଘୋଷ, ମାତୃଭକ୍ତା ଓ ନାରୀକବି ଶ୍ରୀମତୀ ବିଦ୍ୟୁତ୍‌ପ୍ରଭା ଦେବୀ ଏଥିପାଇଁ ସେମାନଙ୍କ ଲେଖା ଓ କବିତା ପଠାଇଥିଲେ । ଏହି ପ୍ରଥମ ସଂଖ୍ୟାରେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ବାଣୀ ଓ ମୂଳଲେଖାର ଅନୁବାଦ ମଧ୍ୟ ତହିଁରେ ପ୍ରକାଶିତ ହୋଇଥିଲା । ଶ୍ରୀ ନଳିନୀକାନ୍ତ ଗୁପ୍ତ, ଶ୍ରୀ ପବିତ୍ର, ଶ୍ରୀ ନାରାୟଣପ୍ରସାଦ, ଶ୍ରୀ ଭୋଳେଶ୍ୱର ଭୂୟାଁଙ୍କ ଲେଖା ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଶ୍ରୀ ନିରଂଜନ ନାୟକ

ପୂର୍ବରୁ ଶ୍ରୀଅରବିନ୍ଦ ଛାତ୍ର-ଯୁବ ସମାଜର ସଂଗଠନ ସମାଚାର ପ୍ରସ୍ତୁତ କରୁଥିବାରୁ ଏଥିରେ ମଧ୍ୟ ତାହା ପ୍ରସ୍ତୁତ କରିଥିଲେ । ସେତେବେଳେ ମୁଁ ନବଜ୍ୟୋତି କାର୍ଯ୍ୟାଳୟର ମୁଦ୍ରଣ ଦାୟିତ୍ୱରେ ଥିବାରୁ ଏହାର ପ୍ରଥମ ସଂଖ୍ୟାରୁ ଆରମ୍ଭ କରି ରୀତିମତ କେତୋଟି ସଂଖ୍ୟାରେ ମୋର ଲେଖା ଦେଉଥିଲି । ପତ୍ରିକାଟିକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ଏହାର ମୁଖପୃଷ୍ଠ, ଲେଖାଗୁଡ଼ିକର ଶ୍ରେଣୀ ବିଭାଗ, ନବପ୍ରକାଶ ପତ୍ରିକାର ନିୟମାବଳୀ ଇତ୍ୟାଦିର ସମ୍ପାଦନା କରିଥିଲି । କହିବା ନିଷ୍ପ୍ରୟୋଜନ ଯେ ମୁଦ୍ରଣ ଦାୟିତ୍ୱରେ ଥିବାରୁ ପତ୍ରିକାଟିର ଲେଖାଗୁଡ଼ିକୁ ନିର୍ଭୁଲଭାବେ ପ୍ରକାଶ କରିବାକୁ ମୋତେ ଫାଇନାଲ୍ ପ୍ରୁଫ୍ ସଂଶୋଧନ କରିବାକୁ ହେଉଥିଲା । ଏହି ଭାବରେ ପତ୍ରିକାଟିର ପ୍ରକାଶନ ପାଇଁ ମୋତେ ବିଶେଷ ଭୂମିକା ଗ୍ରହଣ କରିବାକୁ ହେଉଥିଲା । ଶ୍ରୀ ପ୍ରପତ୍ତି ତାଙ୍କର ସମ୍ପାଦକୀୟ ଲେଖା ଦେଉଥିଲେ ।

'ନବଜ୍ୟୋତି', 'ଶ୍ରୀଅରବିନ୍ଦ କର୍ମଧାରା' (ପରବର୍ତ୍ତୀ କାଳରେ ଏହା ''ପୂର୍ଣ୍ଣାଙ୍ଗ ଶିକ୍ଷା'' ନାମରେ ପ୍ରକାଶିତ ହୋଇଥିଲା ।) ଓ 'ନବପ୍ରକାଶ' – ଏହାପରେ ଏହି ତିନୋଟି ପତ୍ରିକାରୁ 'ନବଜ୍ୟୋତି' ଓ 'ଶ୍ରୀଅରବିନ୍ଦ କର୍ମଧାରା'ର ସମ୍ପାଦନ ମୋତେ କରିବାକୁ ହୋଇଥିଲା ଏବଂ 'ନବପ୍ରକାଶ'ର ସମ୍ପାଦନା ଶ୍ରୀ ନିରଂଜନ ନାୟକଙ୍କୁ କରିବାକୁ ହୋଇଥିଲା । କହିବା ଅନାବଶ୍ୟକ ଯେ ଶ୍ରୀ ପ୍ରପତ୍ତି ଏହିସବୁ ପତ୍ର-ପତ୍ରିକାର ମୁଖ୍ୟ ସମ୍ପାଦକ ଥିଲେ ।

ଏହି ତିନୋଟି ପତ୍ରିକା ବ୍ୟତୀତ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କର ପୂର୍ଣ୍ଣଯୋଗ ସମ୍ବନ୍ଧୀୟ ମୂଳ ଲେଖାଗୁଡ଼ିକୁ ଜନ-ସାଧାରଣଙ୍କର ବୋଧଗମ୍ୟ କରିବାକୁ ୧୯୬୨ରୁ ୧୯୭୦ ପର୍ଯ୍ୟନ୍ତ ''ଶ୍ରୀଅରବିନ୍ଦ ଲୋକସାହିତ୍ୟ'' ନାମରେ ପ୍ରାୟ ୩୦/୪୦ଟି ପୁସ୍ତିକା ପ୍ରକାଶିତ ହୋଇଥିଲା । ଏଥିରୁ କେତେକ ପୁସ୍ତିକାରେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ମୂଳ ଲେଖାଗୁଡ଼ିକର ସରଳ ଓଡ଼ିଆ ଅନୁବାଦ ପ୍ରକାଶ କରାଯାଇଥିଲା । ଅନ୍ୟ ପୁସ୍ତିକାଗୁଡ଼ିକ ମଧ୍ୟରୁ ଶ୍ରୀ ଲଳିତମୋହନ ଘୋଷ, ଶ୍ରୀ ପ୍ରପତ୍ତି ଓ ଅନ୍ୟ କେତେକଙ୍କ କେତୋଟି ପୁସ୍ତିକା ବ୍ୟତୀତ ଅଧିକାଂଶହିଁ ବାବାଜି ମହାରାଜଙ୍କ ଦ୍ୱାରା ଲିଖିତ ହୋଇଥିଲା ।

୧୯୭୮ ବେଳକୁ ଓଡ଼ିଶାରେ କେତେଗୁଡ଼ିଏ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠିତ ହୋଇ ସାରିଥିଲା । ସେଗୁଡ଼ିକର ପରିଚାଳନା ଦାୟିତ୍ୱ ସକାଶେ ଓଡ଼ିଶାର ଭୁବନେଶ୍ୱରଠାରେ 'ନବଜୀବନ ଶିକ୍ଷା ସଂସଦ'' (New Life Education Trust) ପ୍ରତିଷ୍ଠିତ ହୋଇଥିଲା । ନିମ୍ନଲିଖିତ ସଭ୍ୟମାନଙ୍କୁ ନେଇ ଏହା ପ୍ରଥମେ ପ୍ରତିଷ୍ଠିତ ହେଲା ।

ଅଧ୍ୟାପକ ପ୍ରପତ୍ତି (ପ୍ରେସିଡ଼େଣ୍ଟ), ଅଧ୍ୟାପକ ଚିତ୍ତରଞ୍ଜନ ଦାସ (ସଭ୍ୟ), ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଶ୍ରୀ ରମେଶଚନ୍ଦ୍ର ମହାପାତ୍ର (ଜଏଣ୍ଟ ସେକ୍ରେଟାରୀ), ଶ୍ରୀ ପଞ୍ଚାନନ ମହାନ୍ତି (ଟ୍ରେଜରର୍ ତଥା ଓଡ଼ିଶାର D.P.I. Officeର ଫାଇନାନ୍‌ସିଆଲ୍ ଆଡ୍‌ଭାଇଜର୍), ଶ୍ରୀ ବିପିନ ବିହାରୀ ପଟ୍ଟନାୟକ (ସଭ୍ୟ), ଶ୍ରୀ ଗଦାଧର ମିଶ୍ର (ସଭ୍ୟ) ଏବଂ ସମସ୍ତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକର ଅଧ୍ୟକ୍ଷ ଓ ଅଧ୍ୟକ୍ଷାଗଣ ।

ଏହା ବ୍ୟତୀତ ''The Integral Education Society'' ନାମରେ ଏକ ସଂଗଠନ ମଧ୍ୟ ଡଃ. ରଘୁନାଥ ପାଣିଙ୍କ ସମ୍ପାଦକତ୍ୱରେ ଓଡ଼ିଶାରେ ପ୍ରତିଷ୍ଠିତ ହୋଇଥିଲା ଯାହା ଓଡ଼ିଶାରେ ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରସାର ନିମିତ୍ତ କାର୍ଯ୍ୟ କରୁଥିଲା ।

ଓଡ଼ିଶାର ବାହାରେ ଥିବା କେତେକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓଡ଼ିଶାର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକ କିପରି ପରିଚାଳିତ ହେଉଛି, ତାହା ଜାଣିବାକୁ ଆଗ୍ରହୀ ହେବାରୁ ସମସ୍ତଙ୍କର ଅବଗତି ନିମିତ୍ତ ଇଂରାଜୀରେ ''Bulletin of Integral Education'' ନାମରେ ଏକ ପତ୍ରିକା ଭୁବନେଶ୍ୱରସ୍ଥ New Life Education Trust ତରଫରୁ ପ୍ରକାଶିତ ହେଲା । କିନ୍ତୁ ତାହା ପଣ୍ଡିଚେରୀସ୍ଥ ନବଜ୍ୟୋତି ପ୍ରେସ୍‌ରେ ମୁଦ୍ରିତ ହେଉଥିବାରୁ ସେଗୁଡ଼ିକୁ ନିର୍ଭୁଲ ଭାବରେ ପ୍ରକାଶ କରିବା ନିମିତ୍ତ ମୋତେ ବିଶେଷ ଯତ୍ନବାନ୍ ହୋଇ ପ୍ରୁଫ୍ ସଂଶୋଧନ କରି ପତ୍ରିକାଟିକୁ ସର୍ବାଙ୍ଗ ସୁନ୍ଦର କରିବାକୁ ହେଉଥିଲା । ୧୯୭୮ ଓ ୧୯୭୯ ରେ ଏହାର କେତୋଟି ସଂଖ୍ୟା ପ୍ରକାଶିତ ହୋଇଥିଲା । ତାହାର ସମ୍ପାଦକ ଥିଲେ ଶ୍ରୀ ପ୍ରପତ୍ତି । ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀ ଚିତ୍ତରଞ୍ଜନ ଦାସ ଓ ପଣ୍ଡିଚେରୀସ୍ଥ ଶ୍ରୀଅରବିନ୍ଦ ସୋସାଇଟି ଦ୍ୱାରା ସେତେବେଳେ ପରିଚାଳିତ ହେଉଥିବା ଅରୋଭିଲ୍‌ର ଶିକ୍ଷା-ବ୍ୟବସ୍ଥାର ଡାଇରେକ୍‌ଟର Mr. Norman C. Dowsett ଏଥିରେ ସହାୟତା କରୁଥିଲେ । ଏହି ପତ୍ରିକାର ମାତ୍ର ତିନୋଟି ସଂଖ୍ୟା ପ୍ରକାଶିତ ହୋଇ ବନ୍ଦ ହୋଇଯାଇଥିଲା ।

ଉପରୋକ୍ତ ପତ୍ର-ପତ୍ରିକା ଓ ପୁସ୍ତକ-ପୁସ୍ତିକା ବ୍ୟତୀତ ନବଜ୍ୟୋତି କାର୍ଯ୍ୟାଳୟର ମୁଖ୍ୟ ଭୂମିକା ହେଉଛି ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କର ମୂଳ ପୁସ୍ତକଗୁଡ଼ିକର ଓଡ଼ିଆ ଅନୁବାଦ ପ୍ରକାଶ କରିବା । ଏହି କାର୍ଯ୍ୟ ୧୯୫୮ରେ ନବଜ୍ୟୋତି କାର୍ଯ୍ୟାଳୟ ଆରମ୍ଭ ହେବା ପୂର୍ବରୁ ବାବାଜି ମହାରାଜ ଓ ଶ୍ରୀ ପ୍ରପତ୍ତି ଆରମ୍ଭ

କରିଥିଲେ । ୧୯୭୨ରେ ଶ୍ରୀଅରବିନ୍ଦଙ୍କ ଜନ୍ମଶତବାର୍ଷିକୀ ବେଳେ ତାଙ୍କର ସମଗ୍ର ରଚନାବଳୀ ଇଂରାଜୀରେ ''Sri Aurobindo Birth Centenary Library'' ନାମରେ ପ୍ରକାଶ କରିବାର ଯୋଜନା କରାଗଲା । ଓଡ଼ିଆରେ ସେସବୁର ଅନୁବାଦ ପ୍ରକାଶ କରିବା ନିମିତ୍ତ ''ଶ୍ରୀଅରବିନ୍ଦ ରଚନା-ସଂଗ୍ରହ'' ନାମରେ ଏକ ଯୋଜନା ନବଜ୍ୟୋତି କାର୍ଯ୍ୟାଳୟ ହାତକୁ ନେଲା । ୧୯୭୮ରେ ଶ୍ରୀମା'ଙ୍କ ଜନ୍ମ ଶତବାର୍ଷିକୀ ବେଳେ ଶ୍ରୀମା'ଙ୍କ ସମସ୍ତ ଲେଖାକୁ ସଂଗ୍ରହ କରି ଇଂରାଜୀରେ ''Collected Works of the Mother'' ପ୍ରକାଶ କଲାବେଳେ ନବଜ୍ୟୋତି କାର୍ଯ୍ୟାଳୟ ସେସବୁର ଅନୁବାଦକୁ ''ମାତୃରଚନାବଳୀ'' ପ୍ରକାଶ କରିବାକୁ ଆରମ୍ଭ କଲା । ଶ୍ରୀଅରବିନ୍ଦଙ୍କର ତଥା ଶ୍ରୀମା'ଙ୍କର ଏହିସବୁ ମୂଳ ପୁସ୍ତକର ଓଡ଼ିଆ ଅନୁବାଦରେ ଅଧ୍ୟାପକ ଚିତ୍ତରଞ୍ଜନ ଦାସଙ୍କ ଭୂମିକା ଅବିସ୍ମରଣୀୟ ହୋଇ ରହିବ । ଶ୍ରୀଅରବିନ୍ଦଙ୍କର କେତୋଟି ମୁଖ୍ୟ ଗ୍ରନ୍ଥ ଏବଂ ଶ୍ରୀମା'ଙ୍କର ଅଧିକାଂଶ ଗ୍ରନ୍ଥର ଓଡ଼ିଆ ଅନୁବାଦ ହେଉଛି ତାଙ୍କ ଜୀବନର ଏକ ବିଶେଷ କୃତିତ୍ୱ ।

ଅନ୍ୟ ଯେଉଁସବୁ କାର୍ଯ୍ୟରେ ନବଜ୍ୟୋତି କାର୍ଯ୍ୟାଳୟ ସଚେଷ୍ଟ ସେସବୁ ସମ୍ବନ୍ଧେ ଏହି ପତ୍ରିକାର ପରବର୍ତ୍ତୀ ସଂଖ୍ୟାରେ ଆଲୋଚନା କରିବା ।

(କ୍ରମଶଃ) ✣

କିନ୍ତୁ ଯୋଗର ମୂଳ ଭାବ ଓ ରହସ୍ୟଟି ହେଉଛି ଅସାଧାରଣକୁ ସାଧାରଣ ଓ ସ୍ୱାଭାବିକ କରିନେବା ଏବଂ ଯାହା ଆମ ଊର୍ଦ୍ଧ୍ୱରେ ରହିଛି ଏବଂ ଆମର ସାଧାରଣ ସତ୍ତାଠାରୁ ବୃହତ୍ତର ହୋଇ ରହିଛି ତାହାକୁ ଆମର ନିତ୍ୟ ନିରନ୍ତର ଚେତନାରେ ପରିଣତ କରିନେବା । ତେଣୁ ଆମେ ଦିବ୍ୟ ଅନନ୍ତଙ୍କର ଯାହା ବି ଅନୁଭୂତି ପାଉ ତାହାକୁ ଆହୁରି ଶୁଦ୍ଧ, ଗଭୀର ଓ ପ୍ରଗାଢ଼ କରିବା ନିମନ୍ତେ, ତାହାକୁ ଆମର ନିରନ୍ତର ଭାବନା ଓ ଧ୍ୟାନର ବସ୍ତୁ ରୂପେ ଗଢ଼ି ତୋଳିବା ନିମନ୍ତେ ସେଥିପ୍ରତି ଆମ ନିଜକୁ ଆହୁରି ଦୃଢ଼ଭାବରେ ଖୋଲି ଦେବାରେ ଆମର କୌଣସି ଇତସ୍ତତଃ ଭାବ ରହିବା ଉଚିତ ନୁହେଁ, ଯେତେବେଳେ କି ଶେଷରେ ଏହାହିଁ ହୋଇ ଉଠିବ ଆମ ଭିତରେ କ୍ରିୟା କରୁଥିବା ଶକ୍ତିର ସେହି ମୂଳଉତ୍ସ, ଆମେ ଆରାଧନା ଓ ଆଲିଙ୍ଗନ କରୁଥିବା ସେହି ଇଷ୍ଟଦେବ ଏବଂ ଆମର ସମଗ୍ର ସତ୍ତା ଏହା ସହିତ ସମସୁରରେ ବନ୍ଧା ହୋଇଯିବ ଓ ଏହାହିଁ ହୋଇ ଉଠିବ ଆମ ସତ୍ତାର ସତ୍ତା ଓ ମୂଳ ଆତ୍ମା ।

— ଶ୍ରୀଅରବିନ୍ଦ

### ପୃଥିବୀ-ଚେତନା ପାଇଁ ସାଧନା (୧୫)

# ପଣ୍ଡିଚେରୀ : 'ତପସ୍ୟାର ଗୁହା'

## ଯୁଦ୍ଧକାଳୀନ ଘଟଣାବଳି :

ଶ୍ରୀଅରବିନ୍ଦଙ୍କ ଅନୁମତି ଲାଭ କରି ୧୯୧୪ ମସିହା ଫେବ୍ରୁଆରିରେ ମଣି, ନଳିନୀ ଓ ସୌରୀନ୍ କଲିକତା ଯାଇଥିଲେ । ପ୍ରଥମ ବିଶ୍ୱ ଯୁଦ୍ଧ ଆରମ୍ଭ ହୋଇଯିବା ଯୋଗୁଁ ପ୍ରାୟ ଏକମୁହାଁ ହୋଇ ସେପ୍ଟେମ୍ବର ମାସରେ ସେମାନେ ପୁଣି ପଣ୍ଡିଚେରୀକୁ ଫେରି ଆସିଥିଲେ । ଭୟର କାରଣ ଥିଲା – ପୁନର୍ବାର ହୁଏତ ଦାଗୀମାନଙ୍କୁ ଜେଲ୍‌ରେ ପୂରାଇ ଦେବେ । ସେମାନେ ଫେରି ଆସିବାରୁ ବିଜୟ ଘରକୁ ଯିବାକୁ ଚାହିଁଲେ ।... କିନ୍ତୁ ପ୍ରଶ୍ନ ଉଠିଲା, ଯିବା ଉଚିତ ହେବ କି ? ଫରାସୀ ସରକାରଙ୍କଠାରୁ ଖବର ନେବାରୁ ଜଣାଗଲା ଯେ ଏବେ ପଣ୍ଡିଚେରୀରୁ ବାହାରକୁ ଯିବା ଆଦୌ ସମୀଚୀନ ନୁହେଁ । କିନ୍ତୁ ପୂର୍ବରୁ ଘନିଷ୍ଠତା ଥିବା ପଣ୍ଡିଚେରୀସ୍ଥ ମାନ୍ଦ୍ରାଜ ପ୍ରେସିଡ଼େନ୍‌ସିର ପ୍ରଧାନ ସି. ଆଇ. ଡି. ଇନ୍‌ସ୍‌ପେକ୍ଟର୍ ଅବ୍‌ଦୁଲ କାଲାମ୍‌ଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଲେ ଯେ ଏଥିରେ ବ୍ରିଟିଶ୍ ସରକାରଙ୍କର କୌଣସି ଦୁରଭିସନ୍ଧି ନାହିଁ । ଅବ୍‌ଦୁଲ୍‌ଙ୍କର ମନ୍ତବ୍ୟରେ କିନ୍ତୁ ଶ୍ରୀଅରବିନ୍ଦଙ୍କର ବିଶେଷ ସନ୍ଦେହ ଥିଲା । ପୁନଶ୍ଚ ବିଜୟଙ୍କର କଲିକତା ଯିବା ବ୍ୟାପାରରେ ଶ୍ରୀଅରବିନ୍ଦ ପ୍ରଥମରୁହିଁ ଏକେବାରେ ନାରାଜ ଥିଲେ । କିନ୍ତୁ ବିଜୟ ଥିଲେ ଖୁବ୍ ଜିଦ୍‌ଖୋର; ସେ ଘରକୁ ଯିବାକୁ ଜିଦ୍ ଧରି ବସିଲେ । ବ୍ରିଟିଶ୍-ଭାରତରେ ପାଦ ଦେଉ ନ ଦେଉଣୁ, ପୂର୍ବରୁ ମୁତୟନ ଥିବା ବ୍ରିଟିଶ୍ ଫୌଜ ଦ୍ୱାରା ଗିରଫ ହୋଇ ତାଙ୍କୁ ହାଜତରେ ରହିବାକୁ ହୋଇଥିଲା । ଯୁଦ୍ଧ ଶେଷ ପର୍ଯ୍ୟନ୍ତ ଅର୍ଥାତ୍ ଦୀର୍ଘ ପାଞ୍ଚ ବର୍ଷ ଧରି ସେ ନଜରବନ୍ଦୀରେ ଥିଲେ । ମୁକ୍ତ ହେବା ମାତ୍ରେ ପଣ୍ଡିଚେରୀକୁ ଆସି ତାଙ୍କର ବାକି ଜୀବନତକ କଟାଇଥିଲେ ।

ନଳିନୀଙ୍କର 'ସ୍ମୃତିର ପାତା'ରୁ ଉଦ୍ଧୃତି : ''ଆମମାନଙ୍କର ପଣ୍ଡିଚେରୀ-ଜୀବନରେ ଦୁଇଟି ମହାଯୁଦ୍ଧ ଅତିକ୍ରମ କରିଥିଲୁ ।... ଦୁଇଟିଯାକ ଯୁଦ୍ଧର ଘଟଣା ଓ ପ୍ରକୃତି ସମାନ ଧରଣର । ଆମମାନଙ୍କ ବୁଝାମଣାରେ ଏହା ଥିଲା ଦେବାସୁରର ସଂଗ୍ରାମ । ଗୋଟିଏ ପକ୍ଷ ଦେବତାମାନଙ୍କର ଯନ୍ତ୍ର ଓ ଅନ୍ୟ ପକ୍ଷଟି ଅସୁରମାନଙ୍କର ।... ଜର୍ମାନୀ ଓ ରୁଷ୍ ଥିଲେ ଅସୁରମାନଙ୍କ ପକ୍ଷରେ ଏବଂ ଇଂଲଣ୍ଡ, ଫ୍ରାନସ୍ ଓ ଆମେରିକା ଥିଲେ ଦେବତାମାନଙ୍କ ପକ୍ଷରେ ।

''...ନୂତନ ସୃଷ୍ଟି ଯେତେବେଳେ ହୁଏ, ମଣିଷ ଯେତେବେଳେ ତା'ର କ୍ରମୋନ୍ନତି-ପଥରେ ଗୋଟିଏ ପାହାଚ ଆଗେଇ ଯିବାକୁ ବସେ, ଠିକ୍ ସେତିକିବେଳେ ତା'ର ବିରୋଧରେ ଅପଶକ୍ତିରାଜି ଆସି ଦଣ୍ଡାୟମାନ ହୋଇଥା'ନ୍ତି, ... ମଣିଷକୁ କରତଳଗତ କରି ରଖିବାକୁ ସେମାନଙ୍କର ଆପ୍ରାଣ ଚେଷ୍ଟା ।...

''...ଶ୍ରୀକୃଷ୍ଣ ଯେମିତି କୁରୁକ୍ଷେତ୍ରର ରଣାଙ୍ଗନରେ ନବଯୁଗର ବାଣୀ ଓ ଦୀକ୍ଷା ଦେଇଥିଲେ, ଠିକ୍ ସେମିତି ପ୍ରଥମ ମହାଯୁଦ୍ଧର ପ୍ରାରମ୍ଭରୁହିଁ ଶ୍ରୀଅରବିନ୍ଦ ତାଙ୍କର ବାଣୀ ଘୋଷଣା କରିବାକୁ ଆରମ୍ଭ କଲେ । ଯୁଦ୍ଧ ଆରମ୍ଭ ହେଲା ୧୯୧୪ ମସିହା ୪ ଅଗଷ୍ଟରେ ଏବଂ ଶ୍ରୀଅରବିନ୍ଦଙ୍କର 'ଆର୍ଯ୍ୟ' ପତ୍ରିକା ପ୍ରକାଶ ପାଇଲା ୧୫ ଅଗଷ୍ଟ, ତାଙ୍କର ପବିତ୍ରତମ ଜନ୍ମତିଥିରେ । ପୁନଶ୍ଚ ଯୁଦ୍ଧ ଯେତେଦିନ ଚାଲିଥିଲା, 'ଆର୍ଯ୍ୟ' ପତ୍ରିକା ପ୍ରାୟ ସେତେଦିନ ଚାଲିଥିଲା (୧୯୧୪ରୁ ୧୯୨୧) । ଶ୍ରୀମା ଇତିମଧ୍ୟରେ ଶେଷ ଥର ପାଇଁ ପଣ୍ଡିଚେରୀକୁ ଚାଲିଆସିଥିଲେ । ତାଙ୍କର ଏହି ଆଗମନ ସମ୍ବନ୍ଧେ ସେ ସ୍ୱୟଂ ଘୋଷଣା କରିଥିଲେ : 'ଏହା ହେଉଛି ଆସୁରିକ ଶକ୍ତିରାଜି ଉପରେ ଅବ୍ୟର୍ଥ ଓ ଚୂଡ଼ାନ୍ତ ବିଜୟର ଅନୁଭବନୀୟ ସୁସ୍ପଷ୍ଟ ଶୁଭଲକ୍ଷଣ ।' ''

ମା'ଙ୍କ ଦ୍ୱାରା ନିର୍ବାଚିତ ଶ୍ରୀଅରବିନ୍ଦଙ୍କର ଅନ୍ୟତମ ଜୀବନୀ-ଲେଖକ ଋଷଭଚାନ୍ଦଙ୍କ ଉକ୍ତିରେ : '' 'ଆର୍ଯ୍ୟ' ପତ୍ରିକା ବନ୍ଦ ହୋଇଯିବାର ସମ୍ଭବତଃ ଅନ୍ୟତମ କାରଣ ଏହା ହୋଇପାରିଥାଏ ଯେ ଏହି ଧରଣର ଦାର୍ଶନିକ ଲେଖା ସକାଶେ ଶ୍ରୀଅରବିନ୍ଦ ଆଉ ସମୟ ଦେଇ ପାରୁ ନ ଥିଲେ; ସେ ତାଙ୍କର ଯୋଗ-ସାଧନା ନିମିତ୍ତ ଏକାଗ୍ର ରହିବାର ତୀବ୍ର ଚାପ ଅନୁଭବ କରୁଥିଲେ, ପୃଥିବୀପୃଷ୍ଠରେ ତାଙ୍କର ଆବିର୍ଭାବର ଯଥାର୍ଥ ଉଦ୍ଦେଶ୍ୟ ଉପରେ ଅଧିକରୁ ଅଧିକ ନିମଗ୍ନ ରହିବାକୁ ଚାହୁଁଥିଲେ । ସେଇ କେନ୍ଦ୍ରୀୟ ଉଦ୍ଦେଶ୍ୟଟି ଥିଲା : ଅତିମାନସକୁ ଆରୋହଣ କରି ପୃଥିବୀପୃଷ୍ଠରେ ତା'ର ଅବତରଣ ଘଟାଇବା ।''

ପୁନଶ୍ଚ ନଳିନୀଙ୍କ 'ସ୍ମୃତିର ପାତା'ରୁ : ''...ପ୍ରଥମ ମହାଯୁଦ୍ଧ ସମୟରେ ପଣ୍ଡିଚେରୀ ପାଖ ଦେଇ ଜର୍ମାନୀର

'ଏମ୍‌ଡ୍ରେନ୍' ଜାହାଜଟି ଚାଲିଗଲା ବେଳେ କିଛି କ୍ଷତି କରି ନ ଥିଲା । କେବଳ ମାନ୍ଦ୍ରାଜ ଉପକୂଳରେ ଦୁଇଚାରିଟି ଗୋଳା ବର୍ଷଣ କରିଥିଲା । କିନ୍ତୁ ମନେ ଅଛି, ଜାହାଜଟି ପଣ୍ଡିଚେରୀ ବନ୍ଦରର ଅତି ନିକଟରେ ଦେଖି, କେବଳ ଆମ୍ଭମାନଙ୍କୁ ଛାଡ଼ି ଦେଲେ, ଏଠାକାର ବହୁ ବାସିନ୍ଦା, ବିଶେଷ କରି ଯେଉଁମାନଙ୍କର ଘରଦ୍ୱାର ସମୁଦ୍ର କୂଳରେ ଥିଲା, ସେମାନେ ସମସ୍ତେ ଦଳ ଦଳ ହୋଇ ରୁଦ୍ଧଶ୍ୱାସରେ ପଶ୍ଚିମକୁ, ଆମମାନଙ୍କର ଲେକ୍ ଇଷ୍ଟେଟ୍ ଆଡ଼କୁ, ପାହାଡ଼ ଭିତରେ ଓ ହ୍ରଦ ଭିତରେ ଲୁଚିରହିବାକୁ ପଳାଇ ଯାଇଥିଲେ ।

''...ଏହି ଯୁଦ୍ଧ ସମୟରେ ଆଉ ଗୋଟିଏ ଉଲ୍ଲେଖଯୋଗ୍ୟ ଘଟଣା ହେଲା ଭାରତବର୍ଷରେ 'ସ୍ୱଦେଶୀ ସେନା'ର ସୃଷ୍ଟି । ସେତେବେଳ ପର୍ଯ୍ୟନ୍ତ ବଙ୍ଗାଳୀମାନଙ୍କୁ ସୈନ୍ୟଦଳରେ ଅନ୍ତର୍ଭୁକ୍ତ କରାଯାଇ ନ ଥିଲା, ସେମାନେ ଥିଲେ ଘୃଣାର ପାତ୍ର; ପଞ୍ଜାବୀ ଏବଂ ଗୁର୍‌ଖା ସୈନ୍ୟବାହିନୀ ଥିଲେ ଇଉରୋପୀୟ ସୈନ୍ୟଦଳର ସମକକ୍ଷ ।... ତେଣୁ ଏହି ମହାଯୁଦ୍ଧର ସୁଯୋଗ ନେଇ ଚନ୍ଦନନଗରରେ ଦଳେ ସ୍ୱେଚ୍ଛା ସୈନିକ, ସୁଶିକ୍ଷିତ ଶୃଙ୍ଖଳାବଦ୍ଧ ସେନାବାହିନୀ, ଦଶ, ପନ୍ଦର ଜଣ ବଙ୍ଗାଳୀ-ଫରାସୀ ନାଗରିକ, ଫରାସୀ-ଇଂରେଜଙ୍କର ପକ୍ଷ ନେଇ ଯୁଦ୍ଧ କରିବାକୁ ଆଗଭର ହୋଇ ବାହାରି ଆସିଲେ । ଫରାସୀ ଦେଶକୁ ଯିବା ପଥରେ ସେମାନେ ପଣ୍ଡିଚେରୀରେ ଆସି ପହଞ୍ଚିଲେ । ଉଚ୍ଚାକାଙ୍‌କ୍ଷୀ ବୁଦ୍ଧିଦୀପ୍ତ ଶୌର୍ଯ୍ୟବନ୍ତ ଯୁବକ ଦଳ । ସେମାନଙ୍କ ଭିତରେ ଥିଲେ ଆମମାନଙ୍କର ହାରାଧନଦା (ହାରାଧନ ବକ୍‌ସି, ଯିଏକି ଯୁଦ୍ଧ ପରେ ଦେଶକୁ ଫେରି ଆଶ୍ରମରେହିଁ ଶେଷ ପର୍ଯ୍ୟନ୍ତ ରହିଯାଇଥିଲେ) । ସେ ପଣ୍ଡିଚେରୀରେ ପହଞ୍ଚି ଫ୍ରାନସ୍‌କୁ ଯିବା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଆମମାନଙ୍କ ପାଖକୁ ଆସୁଥିଲେ ଏବଂ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରୁଥିଲେ ।...

''ପଣ୍ଡିଚେରୀର ଦୃଶ୍ୟ ବି ମନେ ଅଛି । ପଣ୍ଡିଚେରୀରୁ ସ୍ୱେଚ୍ଛା-ସୈନ୍ୟ ନୁହେଁ, ଫରାସୀମାନଙ୍କର ଥିଲା ବାଧ୍ୟତାମୂଳକ ବା ଅବଶ୍ୟକରଣୀୟ ସୈନ୍ୟବୃତ୍ତି । ଅଠର ବର୍ଷ ବୟସ ହେଲେହିଁ ପ୍ରତ୍ୟେକ ଫରାସୀକୁ ସୈନ୍ୟବାହିନୀରେ ଯୋଗ ଦେବାକୁ ହେବ ଏବଂ ବର୍ଷେ କି ଦୁଇବର୍ଷ ଧରି ଶିକ୍ଷା ଗ୍ରହଣ କରିବାକୁ ହେବ । ତେଣୁ ପଣ୍ଡିଚେରୀରେ ଯେଉଁମାନେ ଫରାସୀ ସ୍ୱତ୍ୱ ଗ୍ରହଣ କରିଥିଲେ (Renoncants), ସେମାନଙ୍କ ପକ୍ଷେ ସୈନ୍ୟବୃତ୍ତି ଅବଶ୍ୟକରଣୀୟ । ସୁତରାଂ ଦଳ ଦଳ ହୋଇ ସେମାନଙ୍କୁ ଫରାସୀ ସୈନ୍ୟବାହିନୀରେ ଯୋଗ ଦେବାକୁ ହୋଇଥିଲା ।...''

୧୯୧୫ ଫେବ୍ରୁଆରିରେ ଶ୍ରୀମା ପଣ୍ଡିଚେରୀରୁ ଯାଇ ଦକ୍ଷିଣ-ଫ୍ରାନସ୍, ଲ୍ୟୁନେଲ୍‌ରେ କିଛି ଦିନ ଅବସ୍ଥାନ କରିଥିଲେ । ସେହି ବର୍ଷ ନଭେମ୍ବରରେ ସେ ସେଠାରୁ ଫେରିଆସି ପ୍ୟାରିସ୍‌ରେ ଥିବା ତାଙ୍କ ଘରେ ବାସ କଲେ । କିନ୍ତୁ ଏହି ଅବସ୍ଥାନ ଥିଲା ଅଳ୍ପ ସମୟ ପାଇଁ । ତା'ପରେ ଶ୍ରୀମା ସିଦ୍ଧାନ୍ତ ନେଲେ ଜାପାନ ଯିବେ । ୧୯୧୬ରେ ସେ ଜାପାନ ଅଭିମୁଖେ ଯାତ୍ରା କଲେ । ପରବର୍ତ୍ତୀ ଚାରିବର୍ଷ ଜାପାନରେ ଅବସ୍ଥାନ କାଳରେ ମା'ଙ୍କର ବହୁମୁଖୀ ଅଭିଜ୍ଞତାମାନ ହୋଇଥିଲା । ଏଠାରେ ସେସମ୍ବନ୍ଧରେ କେବଳ ଏତିକି କହିପାରୁ ଯେ ଏହି ଚାରିବର୍ଷର ବିପୁଳ ଅନୁଭୂତିଗୁଡ଼ିକ ଥିଲା ମା'ଙ୍କର ଭାରତକୁ ଶେଷଥର ପାଇଁ ପ୍ରତ୍ୟାବର୍ତ୍ତନ ପରେ ଯେଉଁ ମହାନ୍ ଦିବ୍ୟକର୍ମର ଗୁରୁଭାର ତାଙ୍କୁ ବହନ କରିବାକୁ ହେବ, ତା'ର ପୂର୍ବ-ପ୍ରସ୍ତୁତି ପର୍ବ ମାତ୍ର ।...

ମା ଫ୍ରାନ୍‌ସ୍‌ରୁ ଜାପାନକୁ ଯାତ୍ରା କରିବା ପୂର୍ବରୁ ସୌରୀନ୍‌ଙ୍କ ନାମରେ କିଛି ଅର୍ଥ ପଠାଇଥିଲେ । ଉଦ୍ଦେଶ୍ୟ ଥିଲା : 'ଆର୍ଯ୍ୟାନ୍ ଷ୍ଟୋର୍‌ସ୍' ନାମକ ଏକ ଦୋକାନ ଖୋଲି ସେଥିରୁ ଯତ୍‌ସାମାନ୍ୟ ଉପାର୍ଜନ ହେବ ସେଥିରେ ଶ୍ରୀଅରବିନ୍ଦଙ୍କର ଘରୋଇ ଖର୍ଚ୍ଚରେ କିଛିଟା ସାହାଯ୍ୟ ହୋଇପାରିବ । ସେପ୍‌ଟେମ୍ବର ୧୯୧୬ରେ ଶ୍ରୀଅରବିନ୍ଦଙ୍କ ଉପସ୍ଥିତିରେ ଦ୍ୟୁପ୍ଲେ ଷ୍ଟ୍ରୀଟ୍‌ର ବଜାର ଦିଗରେ (କେନାଲ ପରେ) ଏହି ଦୋକାନଟିର ଉଦ୍‌ଘାଟନ କରା ଯାଇଥିଲା ।... ତଥାପି ଆର୍ଥିକ ସଂକଟ ପ୍ରାୟ ଲାଗି ରହିଥିଲା ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଶ୍ରୀଅରବିନ୍ଦଙ୍କ ଦ୍ୱାରା ପୂର୍ବସଂପାଦିତ ପତ୍ରିକା 'ବନ୍ଦେ ମାତରମ୍', 'କର୍ମଯୋଗିନ୍' ଓ 'ଧର୍ମ' ସଦୃଶ 'ଆର୍ଯ୍ୟ' ଆଦ୍ୟପ୍ରାନ୍ତ କେବେହେଲେ ଆର୍ଥିକ ସଂକଟ ଭୋଗି ନ ଥିଲା ବରଂ ସାଧମତେ ଅର୍ଥ ସାହାଯ୍ୟ କରୁଥିଲା ।

୧୯୧୮ ମସିହା ଡିସେମ୍ବର ୧୭ ତାରିଖର ଏକ ଅବିସ୍ମରଣୀୟ ଘଟଣା । ବହୁ ଦିନରୁ ନିଜର ଅନ୍ତର ଦେବତାଙ୍କ ସ୍ଥୂଳ ସାନ୍ନିଧ୍ୟ ଲାଭ ନିମିତ୍ତ ଅତ୍ୟନ୍ତ ଉତ୍କଣ୍ଠାରେ କାଳାତିପାତ କରୁଥିବା ମୃଣାଳିନୀ ଦେବୀ ଶ୍ରୀଅରବିନ୍ଦଙ୍କ ଅନୁମତି ପ୍ରାପ୍ତ ହୋଇ ଶିଲଂରୁ ଆସି ପଣ୍ଡିଚେରୀ ଅଭିମୁଖେ ଯାତ୍ରାରମ୍ଭ କରିବା ପୂର୍ବରୁ ଇନ୍‌ଫ୍ଲୁଏନ୍‌ଜାରେ ଆକ୍ରାନ୍ତ ହୋଇ କଲିକତାରେ ଗିରୀଶ ବାବୁଙ୍କ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ଏହି

ସମାନ ବାସଭବନରେହିଁ ମୃଣାଳିନୀ ଦେବୀ ପ୍ରଥମେ ଶ୍ରୀଅରବିନ୍ଦଙ୍କ ଦର୍ଶନ ଲାଭ କରିଥିଲେ ।

ଏହି ନିଦାରୁଣ ଖବର ପାଇବା ପରେ ଶ୍ରୀଅରବିନ୍ଦ ୧୯ ଫେବ୍ରୁଆରି ୧୯୧୯ରେ ତାଙ୍କ ଶ୍ୱଶୁର ମହାଶୟ (ଭୂପାଳଚନ୍ଦ୍ର ବସୁ)ଙ୍କ ପାଖକୁ ନିମ୍ନଲିଖିତ ପତ୍ରଟି ଲେଖିଥିଲେ :

ପ୍ରିୟ ଶ୍ୱଶୁର ମହାଶୟ,

ଆମ ଉଭୟଙ୍କ ଜୀବନର ଏହି ମର୍ମାନ୍ତିକ ଘଟଣା ସମ୍ବନ୍ଧରେ ଏତେ ଦିନ ହେଲା ଆପଣଙ୍କୁ କିଛି ଲେଖି ନାହିଁ । ଜୀବନର ଗଭୀରତମ ଅନୁଭୂତିସବୁକୁ ଯଦିଓ ଭାଷାରେ ବ୍ୟକ୍ତ କରାଯାଏ, କିନ୍ତୁ ଘଟି ଯାଇଥିବା ଅନୁଭୂତିକୁ କଥାରେ ପ୍ରକାଶ କରିବା ନିତାନ୍ତ ନିଷ୍ଫଳ । ଯେଉଁ ଗୋଟିଏ ମାତ୍ର ଦୁଃଖ ଯାହାକୁ କି ମୋର ସହ୍ୟ କରିବାର ସାମର୍ଥ୍ୟ ନ ଥିଲା, ଭଗବାନଙ୍କର ମଙ୍ଗଳ ବିଧାନରେ ସେ ସେଇଟିକୁ ମୋତେ ଅର୍ପଣ କଲେ । ଆମମାନଙ୍କର ପ୍ରତ୍ୟେକଙ୍କ ପକ୍ଷରେ କ'ଣ ଯେ ଭଲ ତାହା ଭଗବାନହିଁ ଭଲରୂପେ ଜାଣନ୍ତି । ଅପୂରଣୀୟ ବେଦନାର ପ୍ରଥମ ଅନୁଭୂତିଟି କଟିଯିବା ପରେ ବର୍ତ୍ତମାନ ମୁଁ ସେହି ଭଗବତ୍ ବିଧାନକୁ ନତଶିରରେ ଗ୍ରହଣ କରିପାରେ । ଆପଣଙ୍କ କହିବାନୁଯାୟୀ, ଆମମାନଙ୍କ ଭିତରେ ବାହ୍ୟ ଜାଗତିକ ବନ୍ଧନ ଛିନ୍ନ ହୋଇଛି ସତ, କିନ୍ତୁ ମୋର ସ୍ନେହର ବନ୍ଧନଟି ଅତୁଟ ରହିଛି । ଯେଉଁ ସ୍ଥାନରେ, ଯେଉଁ ଅବସ୍ଥାରେ, ଯାହାକୁ ମୁଁ ଥରେ ଭଲପାଇଛି, ସେ ଭଲ ପାଇବାରୁ ମୁଁ କେବେ ବି ବିରତ ହୁଏ ନାହିଁ । ତା' ଛଡ଼ା, ଯାହାଙ୍କ ସକାଶେ ଏହି ଭଲ ପାଇବା, ସେ ତ ମୋ ପାଖରେହିଁ ରହିଛନ୍ତି, କେବଳ ସ୍ଥୂଳଦୃଷ୍ଟିର ଅନ୍ତରାଳରେ ।

ଆପଣ ଚିଠିରେ ଯେଉଁସବୁ ବିଷୟରେ ଲେଖିଛନ୍ତି, ସେ ସଂପର୍କରେ ମୋର ବେଶୀ କିଛି କହିବା ନିଷ୍ପ୍ରୟୋଜନ । ଆପଣଙ୍କର ସମସ୍ତ ପ୍ରସ୍ତାବକୁ ମୁଁ ଅନୁମୋଦନ କରୁଛି । ମୃଣାଳିନୀ ଯାହା ଯାହା ଚାହିଁଥିଲେ ସେସବୁହିଁ ଆମମାନଙ୍କର କରଣୀୟ, ଏବଂ ମୋର କୌଣସି ସନ୍ଦେହ ନାହିଁ ଯେ ଏସମସ୍ତହିଁ ତାଙ୍କର ମନୋମତ ହେବ । ତାଙ୍କର ଚୁଡ଼ିଗୁଡ଼ିକ ତାଙ୍କ ମାଆ ପାଖରେ ଥାଉ, ଏଥିରେ ମୁଁ ରାଜି । ଆପଣ ଯଦି ତାଙ୍କ ହାତଲେଖା ଥିବା ନିଜର ନାମ ଦୁଇ, ତିନି ଖଣ୍ଡ ବହି ମୋ ପାଖକୁ ପଠାଇ ଦିଅନ୍ତି, ତା'ହେଲେ ମୁଁ ଖୁବ୍ ଖୁସୀ ହେବି । ତାଙ୍କର ଜିନିଷପତ୍ର କହିଲେ ମୋ ପାଖରେ କେବଳ ତାଙ୍କର କେତେ ଖଣ୍ଡ ଚିଠି ଏବଂ ଗୋଟିଏ ମାତ୍ର ଫଟୋ ଅଛି ।

— ଅରବିନ୍ଦ

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ✣

ଆମେ ଆମର ମୂଳ ସ୍ୱରୂପରେ ଯାହା, ଆମକୁ ସୁନିର୍ଦ୍ଦିଷ୍ଟ ରୂପରେ ତାହାହିଁ ହୋଇ ଉଠିବାକୁ ହେବ; ଆମକୁ ପୂର୍ଣ୍ଣାଙ୍ଗ ଭାବରେ ବାସ କରିବାକୁ ହେବ ସେହି ସତ୍ୟ, ସେହି ସାମର୍ଥ୍ୟ ଓ ସେହି ପୂର୍ଣ୍ଣତାରେ, ଯାହା ଆମ ସତ୍ତାର ଗଭୀରରେ ଲୁକ୍କାୟିତ ହୋଇ ରହିଛି; ଏବଂ ସେତେବେଳେ ସମଗ୍ର ଜୀବନ ହୋଇ ଉଠିବ ମହନୀୟ, ଶାଶ୍ୱତ ଦିବ୍ୟ-ଆନନ୍ଦର ଅଭିବ୍ୟକ୍ତି ଓ ପରିପ୍ରକାଶ ।

— ଶ୍ରୀମା

**ଉଦାରଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ :**

# ଶ୍ରୁତି ଓ ସ୍ମୃତି

## (୩)

**ଶ୍ରୀ ସନ୍ତୋଷ କୁମାର ରଥ**

ଶ୍ରୀଅରବିନ୍ଦ ଆଶ୍ରମର ଇତିବୃତ୍ତି ପର୍ଯ୍ୟାଲୋଚନା କଲେ ଏହା ସ୍ପଷ୍ଟ ଯେ ଆଶ୍ରମ ଗଠନ ଲାଗି କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ କିଂବା ଯୋଜନା ଶ୍ରୀଅରବିନ୍ଦଙ୍କର ନ ଥିଲା । ନିଜ ଆନ୍ତର ଆହ୍ୱାନକୁ ଆଦେଶ ରୂପେ ଗ୍ରହଣ କରି ଶ୍ରୀଅରବିନ୍ଦ ୧୯୧୦ ମସିହାରେ ଚନ୍ଦନନଗରରୁ ପଣ୍ଡିଚେରୀ ଆସିଥିଲେ । ସେତେବେଳେ ସଙ୍ଗରେ ଥିଲେ ଅଳ୍ପ କେଇଜଣ ମାତ୍ର ସହଯୋଗୀ । କ୍ରମେ ତାଙ୍କ ଆଧ୍ୟାତ୍ମିକ ମାର୍ଗ ପ୍ରତି ଆକୃଷ୍ଟ ହୋଇ ଅଭୀପ୍ସୁ ସାଧକମାନଙ୍କର ସଂଖ୍ୟା ବଢ଼ିବାକୁ ଲାଗିଲା ଏବଂ ସେମାନଙ୍କର ସାମୂହିକ ଜୀବନ ବ୍ୟବସ୍ଥାର ଆବଶ୍ୟକତା ବହୁତ ଜରୁରୀ ମନେ ହେଲା । ଠିକ୍ ସେତିକି ବେଳକୁ ଅର୍ଥାତ୍ ୧୯୨୦ ମସିହା ଏପ୍ରିଲ ୨୪ ତାରିଖରେ ମା ଫ୍ରାନ୍ସ ଓ ଜାପାନରେ ଅନେକ ଦିନ ରହିବା ପରେ ପଣ୍ଡିଚେରୀକୁ ସ୍ଥାୟିଭାବରେ ଫେରି ଆସିଲେ ଏବଂ ତାଙ୍କରି ତତ୍ତ୍ୱାବଧାନରେ ରୂପ ନେଲା ଆଶ୍ରମର କଳେବର । ୧୯୨୬ ମସିହା ନଭେମ୍ବର ୨୪ ତାରିଖ ଅଧିମାନସ ଅବତରଣ ପରଠାରୁ ଆଶ୍ରମ ପରିଚାଳନାର ସମସ୍ତ ଦାୟିତ୍ୱ ଶ୍ରୀଅରବିନ୍ଦ ମା'ଙ୍କ ଉପରେ ନ୍ୟସ୍ତ କରି ସାଧନା ନିମିତ୍ତ ଅନ୍ତରାଳରେ ଅବସ୍ଥାନ କଲେ । ସେହି ଦିନଟିକୁ ଆଶ୍ରମର ପ୍ରତିଷ୍ଠା ଦିବସ ବୋଲି ମଧ୍ୟ କୁହାଯାଏ ଏବଂ ପରବର୍ତ୍ତୀ କାଳରେ ଶ୍ରୀଅରବିନ୍ଦ ଏକଥା ପ୍ରକାଶ କରିଛନ୍ତି ଯେ ସାଧନା ଓ କର୍ମ ମା'ଙ୍କ ଆଗମନକୁ ସତେ ଯେମିତି ପ୍ରତୀକ୍ଷା କରି ରହିଥିଲା । ମା' ଦିନର ପ୍ରତିଟି କାର୍ଯ୍ୟ ଶ୍ରୀଅରବିନ୍ଦଙ୍କ ନିକଟରେ ଉପସ୍ଥାପନା କରୁଥିଲେ ଏବଂ ତାଙ୍କର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରୁଥିଲେ । ଅର୍ଥାତ୍ ମା' ହେଲେ କାର୍ଯ୍ୟକାରିଣୀ ଶକ୍ତି ଆଉ ଶ୍ରୀଅରବିନ୍ଦ ହେଉଛନ୍ତି ସାକ୍ଷିପୁରୁଷ, ଅନୁମନ୍ତା । ସାବିତ୍ରୀରେ ଯେପରି ବର୍ଣ୍ଣନା ରହିଛି —

"A playmate in the mighty Mother's game,"

(*Savitri*, page - 60)

''ପରମ ପୁରୁଷ ହେଉଛନ୍ତି ଶକ୍ତିମୟୀ ବିଶ୍ୱଜନନୀଙ୍କର ଏକ ଲୀଳା ସହଚର ।''

କେବଳ ମାତ୍ର ଦର୍ଶନ ଦିନଗୁଡ଼ିକୁ ଛାଡ଼ିଦେଲେ ଶ୍ରୀଅରବିନ୍ଦ ଅଭ୍ୟନ୍ତରକୁ ଚାଲିଯିବା ପରଠାରୁ ଭକ୍ତ, ପରିଦର୍ଶକ ଏମିତିକି ଆଶ୍ରମର ଅନ୍ତେବାସୀମାନେ ମଧ୍ୟ ତାଙ୍କ ଦର୍ଶନ ଲାଭରୁ ବଞ୍ଚିତ ହେଲେ । ତାଙ୍କର କକ୍ଷହିଁ ଥିଲା ତାଙ୍କ ତପସ୍ୟାର ଗୁହା । ଥରେ ଜଣେ ସାଧକଙ୍କ ଲିଖିତ ଚିଠିର ଉତ୍ତର ଦେବାକୁ ଯାଇ ଶ୍ରୀଅରବିନ୍ଦ ଲେଖିଥିଲେ, ''ମୁଁ ଯଦି ମାସକୁ ଥରେ ବାହାରକୁ ଆସି ଦର୍ଶନ ଦେବି ତେବେ ତାହାର ପ୍ରଭାବ ଏକ ତୃତୀୟାଂଶ କମିଯିବ । ସେତେବେଳେ ବର୍ଷକୁ କେବଳ ତିନି ଦିନ ଦର୍ଶନ ଦିବସ ରୂପେ ପାଳନ କରାଯାଉଥିଲା, ଯଥା : ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଜନ୍ମ ଦିବସ ଏବଂ ସିଦ୍ଧି ଦିବସ । ପରବର୍ତ୍ତୀ କାଳରେ ଅର୍ଥାତ୍ ୧୯୩୯ ମସିହାଠାରୁ ମା'ଙ୍କ ଚୂଡ଼ାନ୍ତ ଆଗମନ ଦିବସ ଏପ୍ରିଲ ୨୪କୁ ଦର୍ଶନ ଦିବସ ରୂପେ ଯୋଗ କରାହେଲା । ତେଣୁ ଅଳ୍ପ କେଇଜଣ ସେବାକାରୀଙ୍କ ବ୍ୟତୀତ ଅନ୍ୟ କେହି ଶ୍ରୀଅରବିନ୍ଦଙ୍କ ଦର୍ଶନ ପାଇବାର ଅଧିକାରୀ ନ ଥିଲେ । ଉଦାର ଥିଲେ ଦ୍ୱିତୀୟ ଗୋଷ୍ଠୀର ଅନ୍ତର୍ଭୁକ୍ତ । ମାତ୍ର ମା'ଙ୍କ କରୁଣାରୁ ସବୁକିଛି ପରିବର୍ତ୍ତିତ ହୋଇଗଲା ।

ଶ୍ରୀଅରବିନ୍ଦଙ୍କ କକ୍ଷର ଆସବାବପତ୍ର ବହୁତ ପୁରୁଣା ହୋଇ ଯାଇଥିବାରୁ ସେସବୁର ପରିବର୍ତ୍ତନ ଲାଗି ମା' ଶ୍ରୀଅରବିନ୍ଦଙ୍କ ଅନୁମୋଦନ ଭିକ୍ଷା କଲେ । କାରଣ ସେସବୁ ଡାବଲ ପଟାରେ ତିଆରି ହୋଇ ସବୁଜ ରଙ୍ଗ ମରା ହୋଇଥିଲା । ଶ୍ରୀଅରବିନ୍ଦ ଏଥିରେ ସମ୍ମତି ପ୍ରଦାନ କଲେ । ମା' ଏହି କାର୍ଯ୍ୟଟି ଉଦାରଙ୍କ ଉପରେ ନ୍ୟସ୍ତ କଲେ । ଉଦାର ପରମ ସୌଭାଗ୍ୟ ମଣି କାର୍ଯ୍ୟଟି ଆରମ୍ଭ କରିବା ପାଇଁ ପ୍ରସ୍ତୁତ ହୋଇଗଲେ । ମାତ୍ର ସମସ୍ୟା ହେଲା ଶ୍ରୀଅରବିନ୍ଦଙ୍କ ସେବକମାନଙ୍କର ଅନାଗ୍ରହତା । ସେମାନେ ସେସବୁ ଆସବାବପତ୍ର ପ୍ରତି ଏତେବେଶୀ ଅଭ୍ୟସ୍ତ ହୋଇଯାଇଥିଲେ ଯେ ସେଗୁଡ଼ିକର ଆକୃତି ଓ ସ୍ଥିତିକୁ ଯଥାସମ୍ଭବ ଅତୁଟ ରଖିବା ପାଇଁ ଇଚ୍ଛୁକ ଥିଲେ । ମା' ମଧ୍ୟ କଥାଟିକୁ ସମର୍ଥନ କଲେ । ପ୍ରକାରାନ୍ତରେ ଉଦାରଙ୍କ ପାଇଁ ଏହା ହେଲା ଏକ ଚାଲେଞ୍ଜ୍ । ସେ ନିଜ ଦକ୍ଷତାର ସମ୍ପୂର୍ଣ୍ଣ ବିନିଯୋଗ କରି ଅବିକଳ ମାପ ସହିତ ଉନ୍ନତ ମାନଦଣ୍ଡର ଆସବାବପତ୍ର ତିଆରି କରିବା କାମ ହର୍‌ପାଗନ୍

ୱାର୍କସପ୍‌ରେ ଆରମ୍ଭ କରିଦେଲେ । ଏଥିନିମନ୍ତେ ସେ ଆଭ୍ୟନ୍ତରୀଣ ସଜ୍ଜୀକରଣ ସମ୍ବନ୍ଧୀୟ ପୁସ୍ତକ ଅଧ୍ୟୟନ କରି ତନ୍ମଧ୍ୟରୁ ଉପଯୋଗୀ ଡିଜାଇନ୍‌ସବୁ ବାଛିଲେ ଏବଂ କବାଟ ଓ ଝରକାର ସ୍ଥିତି ଓ ବ୍ୟାବହାରିକ ଉପଯୋଗିତାକୁ ଦୃଷ୍ଟିରେ ରଖି ସେହି ସବୁ ଡିଜାଇନ୍‌କୁ କିଛି ଅଂଶରେ ପରିବର୍ତ୍ତନ କଲେ । ଫଳରେ ତାହା ଅଧିକ ଉପଯୋଗୀ ହୋଇ ଉଠିଲା ।

ଆସବାବପତ୍ର ପ୍ରସ୍ତୁତି ନିମନ୍ତେ ଶାଗୁଆନ ଓ ଶିଶୁକାଠ ବ୍ୟତୀତ ଅନ୍ୟକିଛି ବ୍ୟବହୃତ ହେବ ନାହିଁ ବୋଲି ଉଦାର ମା'ଙ୍କୁ ଜଣାଇଦେଲେ । ସେତେବେଳେ ଆଶ୍ରମ କାଠ ଗୋଦାମରେ କିଛି ପରିମାଣରେ ଶିଶୁକାଠ ମହଜୁଦ ଥିଲା, ମାତ୍ର ଶାଗୁଆନ କାଠ ଖରିଦ କରିବା ଦରକାର ପଡ଼ିଲା । ପଣ୍ଡିଚେରୀ କାଠ ମିଲ୍‌ରେ ଉନ୍ନତ ମାନର କାଠ ନ ମିଳିବାରୁ ଉଦାର କାଡ଼ାଲୋର୍ ଯାଇ ଆଣିବା ପାଇଁ ସ୍ଥିର କଲେ । ଆଶ୍ଚର୍ଯ୍ୟର କଥା ମା' ଏକଥା ଶୁଣି ଉଦାରଙ୍କ ସହ ଯିବା ପାଇଁ ପ୍ରସ୍ତୁତ ହୋଇଗଲେ — ଡ୍ରାଇଭର୍ ହେଲେ ପବିତ୍ରଦା' ।

ଉଦାର କାଠ ମିଲ୍‌ରେ ପଡ଼ିଥିବା ବିଭିନ୍ନ କିସମର ଗଣ୍ଡିଗୁଡ଼ିକ ମଧ୍ୟରୁ ଆବଶ୍ୟକତା ଅନୁଯାୟୀ ଗଣ୍ଡିଗୁଡ଼ିକୁ ବାଛିଲେ । ସେ ପ୍ରତିଟି କାଠର ବକଳ ଛଡ଼ାଇ ତାହା କେତେ ବେଶୀ ପାକଳ ହୋଇଛି ଓ ତା'ର ନିଖୁଣତାକୁ ପରଖି ନେଲେ । ଏଥିପାଇଁ ଅନେକ ସମୟ ଲାଗିଲା । ମା' ଗାଡ଼ି ଭିତରୁ ଏ ସମସ୍ତକାର୍ଯ୍ୟ ଖୁବ୍ ମନୋଯୋଗ ସହକାରେ ଦେଖୁଥିଲେ । ମିଲ୍ ମାଲିକଙ୍କ ସହ ଦରଦାମ୍ ଛିଣ୍ଡିଯିବା ପରେ ମା' ଉଦାରଙ୍କୁ ଡାକି କହିଲେ, ''ତୁମ କାଠ ବାଛିବା ଶେଷ ହୋଇଗଲା ?''

— ''ହଁ ମା'', ଉତ୍ତର ଦେଲେ ଉଦାର ।

ମା' ସଙ୍ଗେ ସଙ୍ଗେ ଗୋଟିଏ କଣରେ ପଡ଼ିଥିବା ବିରାଟ ଆକୃତିର କାଠଗଣ୍ଡି ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ, ''ଉଦାର, ସେଇ କାଠ ଗଣ୍ଡିଟିକୁ ତୁମେ ନେଇ ଆସ । ସେ ମୋ ସହିତ ଯିବା ପାଇଁ ଅଳି କରୁଛି ।''

ଉଦାର ପୂର୍ବରୁ ସେଇଟିକୁ ଅନାବଶ୍ୟକ ମଣିଥିଲେ ବି ମା'ଙ୍କ କଥା ଶୁଣି ଆଶ୍ଚର୍ଯ୍ୟ ହେଲେ ଏବଂ ତାଲିକାଭୁକ୍ତ କରିନେଲେ । ସେଇ ଗଣ୍ଡିଟି ଏତେ ବିରାଟ ହୋଇଥିଲା ଯେ ପଣ୍ଡିଚେରୀକୁ ଆଣିବା ପାଇଁ ଦୁଇଟି ଶଗଡ଼ ଦରକାର ପଡ଼ିଲା । ସବୁଠାରୁ ବଡ଼ ବିସ୍ମୟକର କଥା ଏହି ଯେ ଶ୍ରୀଅରବିନ୍ଦଙ୍କ ରୁମ୍‌ର ଆସବାବପତ୍ର ପାଇଁ ସେହି କାଠ ଗଣ୍ଡିଟିକୁ କାଟିବା ଦରକାର ପଡ଼ିଲା ନି । କିନ୍ତୁ କିଛିଦିନ ପରେ ଯେତେବେଳେ ମା'ଙ୍କ ଉପର ରୁମ୍‌ର ଆସବାବପତ୍ର ତିଆରି କରିବା ଦରକାର ପଡ଼ିଲା ଉଦାର ପୂର୍ବରୁ ଅବ୍ୟବହୃତ ହୋଇ ପଡ଼ିଥିବା ସେହି ଗଣ୍ଡିଟିକୁ କାଟିଲେ ଏବଂ ସମସ୍ତ କାଠ ପୂରାପୂରି କାମରେ ଲାଗିଗଲା । ଉଦାର ସେତେବେଳେ ବୁଝିଲେ — ଏତେ ଦିନ ଧରି କାଠଗଣ୍ଡିଟି ସେଇ ସୌଭାଗ୍ୟ ଟିକକ ପାଇଁ ପ୍ରତୀକ୍ଷା କରି ରହିଥିଲା ଏବଂ ସେଦିନ ମା'ଙ୍କୁ ତା'ର ସେହି ପ୍ରାର୍ଥନାଟି ଜଣାଇଥିଲା ।

ମା'ଙ୍କର ଅଶେଷ କରୁଣାରୁ ଶ୍ରୀଅରବିନ୍ଦଙ୍କ ସାନ୍ନିଧ୍ୟ ଲାଭ କରିବାର ସୌଭାଗ୍ୟ ଉଦାର ପୁଣି ଥରେ ପାଇଲେ । କାର୍ଯ୍ୟଟି ହେଲା — ଶ୍ରୀଅରବିନ୍ଦଙ୍କ ରୁମ୍‌ର ଆସବାବପତ୍ର ମରାମତି ପଲିଶ୍ ହେବ, ଏକାଦିକ୍ରମେ ନୁହେଁ, ପ୍ରତିଦିନ ଘଣ୍ଟାଏ ଲେଖାଏଁ କରି । ଉଦାର ଆନନ୍ଦରେ ସମ୍ମତି ପ୍ରଦାନ କଲେ । ମା' କୌଣସି ସମୟ ନିର୍ଘଣ୍ଟ ନ କରିଥିବା ଯୋଗୁଁ ଉଦାର ନିଜେ ନିଜର ସମୟ ଧାର୍ଯ୍ୟ କଲେ, ସେଥିରେ ମା' ଓ ଶ୍ରୀଅରବିନ୍ଦଙ୍କର ପ୍ରତିବାଦ ନ ଥିଲା ।

ଶ୍ରୀଅରବିନ୍ଦ ସ୍ୱଭାବତଃ ସ୍ୱଳ୍ପଭାଷୀ । ତେଣୁ ତାଙ୍କ କଣ୍ଠସ୍ୱର ଶୁଣିବାର ସୌଭାଗ୍ୟ କାହାରି ଭାଗ୍ୟରେ ଜୁଟୁ ନ ଥିଲା । ସେତେବେଳେ ସାବିତ୍ରୀ ଲିଖନ କାର୍ଯ୍ୟ ଚାଲିଥିଲା ମାତ୍ର ସମସ୍ତଙ୍କ ଅଗୋଚରରେ । ପ୍ରତିଦିନ ଦୈବାଦିଷ୍ଟ ହୋଇ ଶ୍ରୀଅରବିନ୍ଦ ସାବିତ୍ରୀର ପଂକ୍ତିଗୁଡ଼ିକ ଡାକି ଯାଉଥିଲେ ଏବଂ ନୀରଦବରଣ ତାହାକୁ ଲିପିବଦ୍ଧ କରୁଥିଲେ । ପରଦିନ ମା' ସେସବୁ ନଳିନୀଦା'ଙ୍କ ହାତରେ ଗୋଟିଏ ଖାମରେ ପୂରାଇ ଅମଳକିରଣଙ୍କ ପାଖକୁ ପଢ଼ିବା ନିମନ୍ତେ ପଠାଉଥିଲେ । ଅନେକ ଦିନ ପରେ ଯାଇ ନଳିନୀଦା' ଏହି ଗୋପନୀୟତା ସମ୍ପର୍କରେ ସନ୍ଧାନ ପାଇଲେ । ମାତ୍ର ଦିନେ ଦିନେ ଉଦାର ପଲିଶ୍ କାର୍ଯ୍ୟ କରୁଥିବା ବେଳେ ଶ୍ରୀଅରବିନ୍ଦଙ୍କ ମୁଖନିଃସୃତ ସାବିତ୍ରୀର ପଙ୍‌କ୍ତିଗୁଡ଼ିକୁ ଶୁଣିବାର ସୌଭାଗ୍ୟ ଲାଭ କରୁଥିଲେ । ସେପର୍ଯ୍ୟନ୍ତ ସେ ସାବିତ୍ରୀର ରହସ୍ୟ ଓ ମହାନତାକୁ ଉପଲବ୍ଧି କରି ନ ଥିଲେ ସତ ମାତ୍ର ଶ୍ରୀଅରବିନ୍ଦଙ୍କ ମୁଖନିଃସୃତ ନିରବଚ୍ଛିନ୍ନ ଧାଡ଼ିଗୁଡ଼ିକୁ ଶୁଣି ସେ ସ୍ତବ୍ଧ ଚକିତ ହୋଇ ଉଠୁଥିଲେ । ଅନୁଭବ କରିଥିଲେ ତା'ର ନିହିତ ମାନ୍ତ୍ରିକ ମୂଲ୍ୟବୋଧକୁ । ପରବର୍ତ୍ତୀକାଳରେ ସାବିତ୍ରୀ ପୁସ୍ତକଟି ଉଦାରଙ୍କର ସବୁଠାରୁ ପ୍ରିୟ ହୋଇ ଉଠିଥିଲା ଏବଂ ତାହାର ଅଧିକାଂଶ ପଙ୍‌କ୍ତି ତାଙ୍କର ହୃଦ୍‌ଗତ ହୋଇଯାଇଥିଲା ।

ଏହି ପ୍ରସଙ୍ଗରେ ଉଦାର କୁହନ୍ତି — ''ପ୍ରତିଦିନ ମୁଁ ଘଣ୍ଟାଏ ଧରି ଶ୍ରୀଅରବିନ୍ଦଙ୍କ ରୁମ୍‌ରେ କାମ କରୁଥିବା ବେଳେ

ତାଙ୍କ ସହିତ ମୋର ବ୍ୟକ୍ତିଗତ ବାକ୍ୟାଳାପ ହୋଇ ନାହିଁ । ଯଦି ବା କେତେବେଳେ କେମିତି ଗୋଟିଏ ବା ଦୁଇଟି ଶବ୍ଦ ବିନିମୟ ହୋଇଥିବ, ତାହା ମୋ ସ୍ମୃତିର ଅଗୋଚର । ମାତ୍ର ଥରେ ମୁଁ ଅନୁଭବ କଲି ସତେ ଯେମିତି ସେ ମୋର ଖୁବ୍ ନିକଟରୁ ମୋତେ ଗଭୀର ଭାବରେ ନିରୀକ୍ଷଣ କରୁଥିଲେ । ସେ ଚାହାଣିରେ ଭରି ରହିଥିଲା ପ୍ରେମ ଓ କରୁଣା, ଯାହା ମୋ ଆଡ଼କୁ ପ୍ରବାହିତ ହେଉଥିଲା । ମୁଁ ତାହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ବୁଝି ନ ପାରି ବିଶେଷ ଗୁରୁତ୍ୱ ନ ଦେଇ ଫେରି ଆସିଲି । ମାତ୍ର ପରେ ପରେ ତାଙ୍କର ମହାପ୍ରୟାଣ ଦିନ ବୁଝିଲି – He was bidding me a physical good-bye. (ସେ ମୋତେ ଶେଷ ବିଦାୟର ସୂଚନା ଦେଇଥିଲେ ।)

ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ପୂର୍ବର ଆଉ ଏକ ଘଟଣା । ୧୯୨୬ ମସିହା ପରଠାରୁ ୧୯୫୦ ମସିହା ପର୍ଯ୍ୟନ୍ତ ଶ୍ରୀଅରବିନ୍ଦଙ୍କର ଗୋଟିଏ ମଧ ଫଟୋ ଉଠାଯାଇ ନ ଥିଲା । ମାତ୍ର ଭଗବାନଙ୍କର ଲୀଳା ବଡ଼ ବିଚିତ୍ର । ସେହି ବର୍ଷ ଅର୍ଥାତ୍ ୧୯୫୦ ମସିହା ଏପ୍ରିଲ ମାସରେ ଫ୍ରାନ୍ସର ବିଶିଷ୍ଟ ଫଟୋଗ୍ରାଫର୍ କାର୍ଟିଏ ବ୍ରସୌଁ (Cartier Bresson) ଆଶ୍ରମ ଆସିଥିଲେ । ସେ ଶ୍ରୀଅରବିନ୍ଦଙ୍କ ଫଟୋ ଉଠାଇବା ପାଇଁ ମା'ଙ୍କ ଅନୁମତି ଚାହିଁଲେ । ମା' ଶ୍ରୀଅରବିନ୍ଦଙ୍କଠାରୁ ସମ୍ମତି ପାଇବା ପରେ ଉଦାରଙ୍କୁ ଡାକି କହିଲେ, ''ଏହି ଭଦ୍ରବ୍ୟକ୍ତି ଜଣକ ଶ୍ରୀଅରବିନ୍ଦଙ୍କର ଫଟୋ ଉଠାଇବେ । ମୁଁ ତାଙ୍କୁ ଅନୁମତି ଦେଇଛି । ତାଙ୍କର ଯାହା ଦରକାର ତୁମେ ପାଖରେ ରହି ସାହାଯ୍ୟ କର ।''

ଉଦାର ସତେ ଯେମିତି ସଦା ପ୍ରସ୍ତୁତ । ମା'ଙ୍କର ନିର୍ଦ୍ଦେଶ ପ୍ରତି ପ୍ରଶ୍ନବାଚୀ ଟାଣିବାର ଅଭ୍ୟାସ ତାଙ୍କ ସ୍ୱଭାବରେ ନ ଥିଲା । ସେ ଶ୍ରୀଅରବିନ୍ଦଙ୍କ ରୁମ୍‌ରେ ଫଟୋଗ୍ରାଫରଙ୍କ ପାଇଁ ସବୁପ୍ରକାର ବନ୍ଦୋବସ୍ତ କରିଦେଲେ । ସେତେବେଳେ ଶକ୍ତିଶାଳୀ ଲେନ୍ସର ପ୍ରଚଳନ ନ ଥିଲା । ତେଣୁ କାର୍ଟିଏ ବ୍ରସୌଁ ବଡ଼ ଦୁଃଖିତ ହୋଇ ମା'ଙ୍କୁ କହିଲେ, ''ଏତେ କମ୍ ଆଲୋକରେ ପୂର୍ଣ୍ଣାଙ୍ଗ ଚିତ୍ର ଉତ୍ତୋଳନ କରିବା ସମ୍ଭବପର ନ ହୋଇପାରେ, ମାତ୍ର ମୁଁ ମୋର ସର୍ବୋତ୍ତମ ଚେଷ୍ଟା କରୁଛି ।'' ଶ୍ରୀଅରବିନ୍ଦ ସୋଫା ଉପରେ ବସିଥିବାବେଳେ ବିଭିନ୍ନ କୋଣରୁ କେତୋଟି ସଟ୍ ନେଲେ । ଉଦାର ଫଟୋଗ୍ରାଫରଙ୍କ ସହିତ ଅର୍ଥାତ୍ ଶ୍ରୀଅରବିନ୍ଦଙ୍କ ସମ୍ମୁଖରେ ଠିଆହୋଇ ସବୁ ଲକ୍ଷ୍ୟ କରୁଥିଲେ । ପ୍ରତି ସଟ୍‌ର ବ୍ୟବଧାନ ପ୍ରାୟ ଦଶ ମିନିଟ୍ ଲାଗୁଥିଲା ମାତ୍ର ଶ୍ରୀଅରବିନ୍ଦ ସ୍ଥିର ନିଶ୍ଚଳ ହୋଇ ସେମିତି ବସି ରହୁଥିଲେ । ତାଙ୍କ ଚକ୍ଷୁରେ ପଲକ ସୁଦ୍ଧା ପଡୁ ନ ଥିଲା ଏବଂ ନୈର୍ବ୍ୟକ୍ତିକ ଥିଲା ସେ ଦୃଷ୍ଟି । କାର୍ଟିଏ ବ୍ରସୌଁ ଆଶ୍ଚର୍ଯ୍ୟ ହୋଇ କହିଲେ, ''ମୁଁ ଆଗରୁ ଏମିତି ମଡେଲ୍ କେବେ ବି ଦେଖି ନ ଥିଲି । ସେ ଥିଲେ କାଳାତୀତ । ତାଙ୍କ ଦୃଷ୍ଟି ପଲକଶୂନ୍ୟ ଏବଂ ସ୍ଥିର ।''

ଏପ୍ରିଲ ୨୪ ତାରିଖ ଦିନ ଦର୍ଶନ ଅବକାଶରେ ମା ଓ ଶ୍ରୀଅରବିନ୍ଦଙ୍କର ଏକ ମିଳିତ ଫଟୋ ମଧ କାର୍ଟିଏ ବ୍ରସୌଁଙ୍କ ଦ୍ୱାରା ଉଠାଯାଇଥିଲା, ଯାହା ଦର୍ଶନ ଫଟୋ ରୂପେ ଭକ୍ତ ମହଲରେ ପରିଚିତ । ତାହାହିଁ ହେଉଛି ଏକମାତ୍ର ଯୁଗଳ ଫଟୋ । ସେଦିନ କ୍ୟାମେରାର ଲେନ୍ସ୍ ମାଧ୍ୟମରେ ଅଦିତି ଓ ଅବତାରଙ୍କର ମାନୁଷୀ ବିଗ୍ରହର ମିଳିତ ସ୍ୱରୂପ ଦର୍ଶନ କରି ଫଟୋଗ୍ରାଫର୍ ଅଭିଭୂତ ହୋଇଯାଇଥିଲେ । ତାଙ୍କ ହାତରେ ସ୍ପନ୍ଦନ ଜାତ ହୋଇଥିଲା । ଆଗରୁ ବହୁ ଗୁରୁତ୍ୱପୂର୍ଣ୍ଣ ଘଟଣା ଓ ବିଶିଷ୍ଟ ବ୍ୟକ୍ତିଙ୍କର ଫଟୋ ଉଠାଇଥିଲେ ବି ତାହା ଥିଲା ତାଙ୍କ ଜୀବନର ଏକ ବିଶେଷ ଘଟଣା । ଏଠାରେ ସୂଚନାଯୋଗ୍ୟ ଯେ ନିକଟ ଅତୀତରେ କାର୍ଟିଏ ବ୍ରସୌଁ ୨୦୦୪ ମସିହା ଅଗଷ୍ଟ ମାସର ପ୍ରଥମ ସପ୍ତାହରେ ୯୫ ବର୍ଷ ବୟସରେ ଫ୍ରାନ୍ସରେ ଶରୀର ତ୍ୟାଗ କରିଛନ୍ତି ।

ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ପୂର୍ବରୁ କାର୍ଟିଏ ବ୍ରସୌଁଙ୍କ ଆଶ୍ରମ ଆଗମନ, ମା'ଙ୍କ ଅନୁରୋଧରେ ଫଟୋ ଉଠାଇବା ପାଇଁ ଶ୍ରୀଅରବିନ୍ଦଙ୍କ ସମ୍ମତି ପ୍ରଦାନ ମଧ୍ୟରୁ କୌଣସିଟି ଆକସ୍ମିକ ଯୋଗାଯୋଗ ନୁହେଁ । ସବୁକିଛି ପୂର୍ବ ନିର୍ଦ୍ଦିଷ୍ଟ । 'କାରଣ ଜଗତ୍' ଓ 'ସ୍ଥୂଳ ଜଗତରେ' ଯାହାକିଛି ଘଟୁଛି ସବୁକିଛି ମା ଶ୍ରୀଅରବିନ୍ଦଙ୍କ ଦ୍ୱାରା ପ୍ରଣୋଦିତ – ଉଦାର ଏକଥା ଅନୁଭବ କରିଥିଲେ । ତାଙ୍କ ପାଇଁ ଅଦିତି ଏବଂ ଅବତାର – ପରମଙ୍କର ଦୁଇ ସ୍ୱରୂପ ମାତ୍ର । ଯେମିତି ସାବିତ୍ରୀରେ ବର୍ଣ୍ଣନା ରହିଛି –

> "There are Two who are One
> and play in many worlds;"
>
> (*Savitri* - 61)

> ''ସେମାନେ ଦୁଇ ଜଣ ମାତ୍ର ଏକ ଓ
> ଅଭିନ୍ନ, ବହୁ ଜଗତରେ ସେମାନଙ୍କର ଲୀଳା ।''

(*Mother India* ପତ୍ରିକାରେ ପ୍ରକାଶିତ 'Udar Remembers'ରୁ କିଛି ଅଂଶ ସଂଗୃହୀତ) ✣

ପ୍ରାଚୀନ ପରମ୍ପରା

# ବୌଦ୍ଧମାର୍ଗରେ ଶ୍ୱାସ-ପ୍ରଶ୍ୱାସର ସାଧନା

ସାଢ଼େ ତିନି ହାତ ପରିମାଣ ଏହି ଶରୀରରେ ଯେଉଁଠି ଚୈତନ୍ୟ ଓ ମନ ରହିଛି, ସେଇ ସ୍ଥାନରେ ଜଗତର ସୃଷ୍ଟି, ସ୍ଥିତି ଓ ପ୍ରଳୟ ହେଉଛି ଏବଂ ଏହି ସଂସାର ଆବର୍ତ୍ତ ଭିତରୁ ପରିନିର୍ବାଣର ପଥ ମଧ୍ୟ ରହିଛି ।

ସାଧକ ଅରଣ୍ୟରେ, ବୃକ୍ଷ ମୂଳରେ ଅଥବା କୌଣସି ଉପାଧିଶୂନ୍ୟ ନିର୍ଜନ ସ୍ଥାନରେ ବସି ପଦ୍ମାସନରେ ଦେହ ସରଳ ଓ ସିଧା ରଖି ନାସିକାର ଅଗ୍ରଭାଗରେ ଚିତ୍ତ ସ୍ଥିର କରି ସାଧନର ବିଷୟ ବା ଧ୍ୟେୟ ବସ୍ତୁରେ ମନ ସଂଯୋଗ କରିବେ । ତା'ପରେ ବିଶେଷ ଧୈର୍ଯ୍ୟର ସହ ଅଭିନିବେଶ ପୂର୍ବକ ପ୍ରତ୍ୟେକଟି ଶ୍ୱାସ ପ୍ରଶ୍ୱାସ ଦିଗରେ ଲକ୍ଷ୍ୟ ରଖି ନିମ୍ନ ପ୍ରକାରରେ ସାଧନା କରିବେ ।

(୧) ସେ ସ୍ମୃତିଶୀଳ ହୋଇ ଶ୍ୱାସ ଗ୍ରହଣ ଓ ପ୍ରଶ୍ୱାସ ତ୍ୟାଗ କରନ୍ତି । ଅର୍ଥାତ୍ ଶ୍ୱାସ ଗ୍ରହଣ ସମୟରେ ତାଙ୍କର ପରିଷ୍କାର ଅନୁଭୂତି ହେବ ଯେ ସେ ଶ୍ୱାସ ଗ୍ରହଣ କରୁଛନ୍ତି, ଏବଂ ପ୍ରଶ୍ୱାସ ତ୍ୟାଗ ସମୟରେ ସେ ଜାଣୁଥିବେ ଯେ ସେ ପ୍ରଶ୍ୱାସ ତ୍ୟାଗ କରୁଛନ୍ତି । ଏହି ଭାବରେ ସ୍ମୃତିଶୀଳ ହୋଇ ଅର୍ଥାତ୍ ଅତୀତ ଓ ଭବିଷ୍ୟତ୍ ପ୍ରତି ଦୃଷ୍ଟି ନ ରଖି କେବଳ ବର୍ତ୍ତମାନ ଉପରେ ଏକାଗ୍ର ହୋଇ ଶ୍ୱାସ ଗ୍ରହଣ ଓ ତ୍ୟାଗ କରିବେ ।

(୨) ଶ୍ୱାସ ପ୍ରଶ୍ୱାସର ଟାଣ ଯଦି ଲମ୍ବାହୁଏ, ତେବେ ସେ ଜାଣିବେ ସେ ଦୀର୍ଘ ଶ୍ୱାସ ପ୍ରଶ୍ୱାସ ଗ୍ରହଣ ଓ ତ୍ୟାଗ କରୁଛନ୍ତି । ହ୍ରସ୍ୱ ହେଲେ ମଧ୍ୟ ସେସମ୍ପର୍କରେ ସେ ଅବହିତ ରହିବେ ।

(୩) ସେ ସର୍ବାଙ୍ଗରେ ଶ୍ୱାସ ପ୍ରଶ୍ୱାସର ସ୍ପନ୍ଦନ ବା କମ୍ପନ ବା ଟାଣ ଅନୁଭବ କରୁଛନ୍ତି, ଏହି ଭାବରେ ଶ୍ୱାସ ଗ୍ରହଣ ଓ ପ୍ରଶ୍ୱାସ ତ୍ୟାଗକୁ ଅନୁଭବ କରିବେ । ଏଠାରେ ସର୍ବାଙ୍ଗର ଅର୍ଥ ବୁଦ୍ଧ ଘୋଷଙ୍କ ମତରେ ନାଭିଠାରୁ ନାସାଗ୍ର ପର୍ଯ୍ୟନ୍ତ । ଯେହେତୁ ଶ୍ୱାସ ପ୍ରଶ୍ୱାସର ଉତ୍ପତ୍ତି ଓ ଅବସାନ ନାଭିଠାରୁ ନାସାଗ୍ର ପର୍ଯ୍ୟନ୍ତ ।

(୪) ଶ୍ୱାସ ପ୍ରଶ୍ୱାସ ପ୍ରତି ଲକ୍ଷ୍ୟ ରଖି ଦେହର ସଂସ୍କାର ପ୍ରଶ୍ରମିତ ବା ବିଲୁପ୍ତ ହେଉ, ଏହି ଭାବରେ ଶ୍ୱାସ ଗ୍ରହଣ ଓ ପ୍ରଶ୍ୱାସ ତ୍ୟାଗ କରିବେ ଏହି ଚାରିଟି ଶ୍ଳୋକ ହେଲା ପ୍ରଥମ ଚତୁଷ୍କ । ଏହାର ପ୍ରଥମଟିରେ ଶ୍ୱାସ ପ୍ରଶ୍ୱାସ ଚଳିବାର ଜ୍ଞାନ, ୨ୟଟିରେ ଶ୍ୱାସ ପ୍ରଶ୍ୱାସ ଦୀର୍ଘ ଓ ହ୍ରସ୍ୱ ହେବାର ଜ୍ଞାନ, ତୃତୀୟରେ ସର୍ବ ଶରୀର ବ୍ୟାପୀ ଶ୍ୱାସ ପ୍ରଶ୍ୱାସର କାର୍ଯ୍ୟ ହେବାର ଜ୍ଞାନ ଏବଂ ଚତୁର୍ଥଟିରେ ଦେହ ସଂସ୍କାର ତ୍ୟାଗ ନେଇ ନିରୋଧାଭିମୁଖି ହୋଇବାର ଜ୍ଞାନ ସୂଚିତ ହେଉଛି ।

(୫) ପ୍ରତି ଶ୍ୱାସ ପ୍ରଶ୍ୱାସହିଁ ପ୍ରୀତି ଉନ୍ମେଷକ, ଏହି ଭାବରେ ଶ୍ୱାସ ପ୍ରଶ୍ୱାସ ଗ୍ରହଣ ଓ ତ୍ୟାଗ କରିବେ ।

(୬) ପ୍ରତି ଶ୍ୱାସ ପ୍ରଶ୍ୱାସରେ ସୁଖ ଉତ୍ପତ୍ତି ହେଉଛି ଏହି ଭାବ ନେଇ ଶ୍ୱାସ ପ୍ରଶ୍ୱାସ ଗ୍ରହଣ ଓ ତ୍ୟାଗ କରିବେ ।

(୭) ପ୍ରତି ଶ୍ୱାସ ପ୍ରଶ୍ୱାସରେହିଁ ଚିତ୍ତ ସଂସ୍କାରର ଅର୍ଥାତ୍ ଉପେକ୍ଷା ବେଦନା ଇତ୍ୟାଦିର ଉନ୍ମେଷ ହେଉଛି ଏହି ପ୍ରକାର ଅନୁଭବ କରିବାକୁ ଚେଷ୍ଟା କରିବେ ।

(୮) ଚିତ୍ତ ସଂସ୍କାର ପ୍ରଶମିତ, ଦମିତ, ଶାନ୍ତ ଓ ନିରୋଧ କରି କରି ଶ୍ୱାସ ଗ୍ରହଣ ଓ ପ୍ରଶ୍ୱାସ ତ୍ୟାଗ କରିବେ ।

ପଞ୍ଚମରୁ ଅଷ୍ଟମ ପର୍ଯ୍ୟନ୍ତ ଚାରିଟି ସୂତ୍ର ନେଇ ଦ୍ୱିତୀୟ ଚତୁଷ୍କ କରାହୋଇଛି । ଏହି ଦ୍ୱିତୀୟ ଚତୁଷ୍କରେ କୁହାଯାଇଛି ଦେହର ସଂସ୍କାର ତ୍ୟାଗ କରିପାରିଲେ ମନ ଅନ୍ତର୍ମୁଖି ହୁଏ, ବିକ୍ଷିପ୍ତତା କମିଯାଏ, ଏକାଗ୍ରତା ବୃଦ୍ଧି ପାଏ ଓ ତହିଁରେ ପ୍ରୀତି, ସୁଖ ପ୍ରଭୃତି ଭାବର ଉଦ୍ରେକ ହୁଏ । ତା'ପରେ ପୁଣି ଏହି ଚତୁଷ୍କର ଶେଷ ଭାଗରେ ଏହି ଚିତ୍ତବୃତ୍ତିଗୁଡ଼ିକର ନିରୋଧ କରିବା କଥା କୁହାଯାଇଛି । ଶ୍ୱାସ ପ୍ରଶ୍ୱାସ ଅବଲମ୍ବନରେ ଭିତରର ପ୍ରତ୍ୟେକଟି ଭାବ ପ୍ରଥମେ ଜାଗ୍ରତ୍ କରି ତା'ପରେ ତଦ୍ଦ୍ୱାରା ସମୂଳ ଉତ୍ପାଟନର କୌଣସି କଥା କୁହାଯାଇଛି ।

(୯) ଉପରୋକ୍ତ ଉପାୟରେ ଚିତ୍ତ ବୃତ୍ତିହୀନ ହେଲେ ପ୍ରତି ଶ୍ୱାସ ପ୍ରଶ୍ୱାସରେ ସେହି ଚିତ୍ତର ବିକାଶ ହୁଏ । ଏହି ଭଳି ବୃତ୍ତିବିହୀନ ଚିତ୍ତକୁ ପ୍ରକଟ କରି କରି ଶ୍ୱାସ ଗ୍ରହଣ ଓ ପ୍ରଶ୍ୱାସ ତ୍ୟାଗ କରିବାକୁ ହେବ ।

(୧୦) ପ୍ରତି ଶ୍ୱାସ ପ୍ରଶ୍ୱାସରେ ଚିତ୍ତ ଅତି ପ୍ରମୋଦିତ ଅର୍ଥାତ୍ ଆନନ୍ଦମୟ ହେଉଛି ଏହି ଭାବରେ ଶ୍ୱାସ ଗ୍ରହଣ ଓ ପ୍ରଶ୍ୱାସ ତ୍ୟାଗ କରିବାକୁ ଶିକ୍ଷା କରିବାକୁ ହେବ ।

(୧୧) ପ୍ରତି ଶ୍ୱାସ ପ୍ରଶ୍ୱାସରେ ଚିତ୍ତ ସମଭାବାପନ୍ନ ଓ ସମାହିତ ହେଉଛି ଏହି ଭାବରେ ଚିତ୍ତକୁ ସମ୍ୟକ୍ ସମାନ ଭାବରେ ସ୍ଥାପନ କରି କରି ସମାହିତ ବା ସମାଧିଯୁକ୍ତ କରି କରି ଶ୍ୱାସ ଗ୍ରହଣ ଓ ପ୍ରଶ୍ୱାସ ତ୍ୟାଗ କରିବାକୁ ଦେବ ।

(୧୨) ପ୍ରତି ଶ୍ୱାସ ପ୍ରଶ୍ୱାସକୁ 'ପଞ୍ଚ ନିବାରକ' ଅର୍ଥାତ୍

ନିର୍ବାଣର ପାଞ୍ଚଟି ପ୍ରତିବନ୍ଧକ ଅବିଦ୍ୟା, ଅସ୍ମିତା, ଆନନ୍ଦ ପ୍ରଭୃତି ପଞ୍ଚଭାବରୁ ସମ୍ପୂର୍ଣ୍ଣ ବିମୁକ୍ତ ହୋଇ ଶୁଦ୍ଧ, ବୁଦ୍ଧାବସ୍ଥାପନ୍ନ ହେଉଛି, ଏହି ଭାବରେ ସାଧକ ଶ୍ୱାସ ଗ୍ରହଣ ଓ ପ୍ରଶ୍ୱାସ ତ୍ୟାଗ କରିବାକୁ ଶିକ୍ଷା କରିବେ ।

ନବମରୁ ଦ୍ୱାଦଶ ପର୍ଯ୍ୟନ୍ତ, ଏହି ଚାରିଟି ସୂତ୍ର ନେଇ ତୃତୀୟ ଚତୁଷ୍କ କରାହୋଇଛି । ତୃତୀୟ ଚତୁଷ୍କରେ ଏହା ବିଶେଷ ଭାବରେ କୁହାଯାଇଛି ଯେ ଚିତ୍ତର ବୃତ୍ତି ନିରୋଧ ହେଲେ ମଧ୍ୟ ମୂଳ ଚିତ୍ତଟି ରହିଯାଏ । ସୁତରାଂ ପ୍ରଥମରେ ତାହାକୁ ଆହୁରି ପରିସ୍ଫୁଟ କରି ନେବାକୁ ହେବ, ତହିଁରେ ଆନନ୍ଦ ଅବସ୍ଥା ଲାଭ ହେବ । ଆନନ୍ଦର ଆତିଶଯ୍ୟରେ ଚିତ୍ତ ସମ୍ପୂର୍ଣ୍ଣ ଏକାଗ୍ର ହେବ । ଏହା ପରେ ତୀକ୍ଷ୍ଣ ଏକାଗ୍ରତା ସହକାରେ ପରୀକ୍ଷା କରି, ଚିତ୍ତର ଗୁପ୍ତ ସଂସ୍କାର ଆଦି ଯାହା କିଛି ଥିବ, ସେଗୁଡ଼ିକୁ ଦୂରୀଭୂତ କରିବାକୁ ହେବ । ସୁଖ, ପ୍ରୀତି, ଆନନ୍ଦ ସବୁ କିଛିହିଁ ନିର୍ବାଣର ବିରୋଧୀ । ଏହି ସମସ୍ତକୁ ନିର୍ମୂଳ କରି ଶୁଦ୍ଧ, ବୁଦ୍ଧ, ମୁକ୍ତ ଅବସ୍ଥାରେ ଉପନୀତ ହେବାକୁ ହେବ ।

ସର୍ବଶେଷରେ 'ଚତୁର୍ଥ ଚତୁଷ୍କ'ରେ 'ଆନା ପାନା ସତି' ଅର୍ଥାତ୍ ଶ୍ୱାସ ପ୍ରଶ୍ୱାସ ଅବଲମ୍ବନରେ ସାଧନାର ସହିତ 'ବିଦର୍ଶନ ଭାବନା' କରିବା ପାଇଁ ଉପଦେଶ ଦିଆଯାଇଛି । ପୂର୍ବୋକ୍ତ ପ୍ରଣାଳୀରେ ସାଧନ ଦ୍ୱାରା ଚିତ୍ତର ଯେଉଁ ବିଶୁଦ୍ଧ ଆସେ ତାହା ସାମୟିକ ଓ ଅସମ୍ପୂର୍ଣ୍ଣ । ଯେପରି ପୁଷ୍କରିଣୀରେ ଢେଲାଟିଏ ନିକ୍ଷେପ କଲେ କିଛି ସମୟ ପାଇଁ ତାହା ଏକ ଶୂନ୍ୟ ସ୍ଥାନ ସୃଷ୍ଟି କରି ପରେ ପୁଣି ତାହା ଲୋପ ହୋଇଯାଏ, ସାଧନା ଦ୍ୱାରା ଚିତ୍ତ ସର୍ବସଂସ୍କାର ରହିତ ହେଲେ ମଧ୍ୟ ସଂସ୍କାରର ମୂଳ ରହିଯାଏ । ସୁଯୋଗ ପାଇଲେ ଏହା ପୁଣି ଉଠିଆସି ଚେତନାକୁ ଆଚ୍ଛନ୍ନ କରି ଦିଏ । ଏହାକୁ ସମ୍ପୂର୍ଣ୍ଣ ନିର୍ମୂଳ କରିବାକୁ ହେଲେ ଶ୍ୱାସ ପ୍ରଶ୍ୱାସରେ 'ଅନିତ୍ୟ, ଦୁଃଖ, ଅନ୍ୟତମ' ବୋଲି ପ୍ରତ୍ୟୟ ଆଣିବାକୁ ହେବ । ସେତେବେଳେ ବୈରାଗ୍ୟର ଉଦୟ ହେବ । କୌଣସି ଅବସ୍ଥାରେ ଆବଦ୍ଧ ରହିବାକୁ ଇଚ୍ଛା ହେବ ନାହିଁ । ଏହି ଭାବରେ ନିରୋଧ ଦିଗରେ ଯେତେ ଅଗ୍ରସର ହେବ, ସେତେହିଁ ସମସ୍ତ ସଂସ୍କାର ନିସର୍ଜିତ ବା ପରିତ୍ୟକ୍ତ ହେବ । ସେତେବେଳେ ନିର୍ବାଣ ଲାଭ ହେବ ।

ସାଧକ ତୃତୀୟ ଚତୁଷ୍କର ଅବସ୍ଥାରେ ପହଞ୍ଚିବା ପୂର୍ବରୁ 'ବିଦର୍ଶନ ଭାବନା' ସମ୍ଭବପର ହୁଏ ନାହିଁ । ନାନାପ୍ରକାର କଳ୍ପନା-ଜଳ୍ପନା, ବିବାଦ-ବିତର୍କ, ଭୁଲ୍‌ଭ୍ରାନ୍ତି, ସୁଖ ସମୃଦ୍ଧି ଆମୋଦ ପ୍ରମୋଦ ପ୍ରଭୃତି ମନର ଭାବ ରହିଥିବାରୁ ସଂସାର ଚକ୍ରରେ ପୁନଃ ପୁନଃ ଜନ୍ମ, ମୃତ୍ୟୁ ଜରା, ବ୍ୟାଧିର ଯନ୍ତ୍ରଣା ଭୋଗ କରିବାକୁହିଁ ହେବ । ସତ୍ୟମିଥ୍ୟା, ପାପ-ପୁଣ୍ୟ, କର୍ତ୍ତବ୍ୟାକର୍ତ୍ତବ୍ୟ ବୁଦ୍ଧି ସଂସ୍କାର ମାତ୍ର । ବାସ୍ତବିକ ଏଗୁଡ଼ିକର କୌଣସି ଅସ୍ତିତ୍ୱ ନାହିଁ । କାରଣ ମୁଁ ଯାହାକୁ ପାପ ବୋଲି ମନେ କରେ, ଅନ୍ୟ ଜଣେ ଠିକ୍ ତାହାକୁହିଁ ପୁଣ୍ୟ ବୋଲି ମନେ କରେ । ଏହି ସମସ୍ତ ସଂସ୍କାର ଯୋଗୁଁ ଆମର ମିଥ୍ୟା ଧାରଣା ଜନ୍ମିଛି । ଆମେ କ୍ଷଣସ୍ଥାୟୀ ସଂସାରକୁ ସତ୍ୟ ବୋଲି ଭାବୁଛୁ । ଅନିତ୍ୟ, ଦୁଃଖଦ, ଅନାତ୍ମ ଜଗତକୁ ନିତ୍ୟ, ସୁଖପ୍ରଦ ଓ ପରମାତ୍ମାର ପ୍ରକାଶମାନ ଅବସ୍ଥା ବୋଲି ମନେ କରୁଛୁ । ଏହି ସମସ୍ତ ଭ୍ରାନ୍ତି ଦୂର ନ ହେଲେ ଶୁଦ୍ଧ, ବୁଦ୍ଧ ଓ ମୁକ୍ତ ଅବସ୍ଥା ଲାଭ ହୁଏ ନାହିଁ । ତେଣୁ ବଡ଼ ଗଛର ପ୍ରଥମେ ଡାଳ କାଟି, ଗଣ୍ଡି କାଟି ଶେଷରେ ମାଟିତଳୁ ଚେର ମୂଳ ଉପାଡ଼ି ଦେଉ, ସେହିପରି ପ୍ରଥମେ ଉପରର ଭସା ଭସା ସଂସ୍କାର-ଗୁଡ଼ି ଲୋପ କରି କ୍ରମେ ଅନ୍ତରର ଅନ୍ତସ୍ଥଳରେ ପ୍ରବେଶ କରି ସମସ୍ତ ସଂସ୍କାର ଉଚ୍ଛେଦ ଅନ୍ତସ୍ଥଳରେ ପ୍ରବେଶ କରି ସମସ୍ତ ସଂସ୍କାର ଉଚ୍ଛେଦ କରି ପାରିଲେ ପୂର୍ବୋକ୍ତ 'ବିଦର୍ଶନ ଭାବନା' ସ୍ୱତଃ ଜାଗ୍ରତ୍ ହୁଏ । କାରଣ ସେତେବେଳେ କେବଳ ଶ୍ୱାସ ପ୍ରଶ୍ୱାସହିଁ ଅନୁଧ୍ୟାନର ବିଷୟ ହୋଇଥାଏ । କିନ୍ତୁ ଏହି ଶ୍ୱାସ ପ୍ରଶ୍ୱାସ କୌଣସି ମୁହୂର୍ତ୍ତରେ ସ୍ଥିର ରହେ ନାହିଁ । ଏହା ନିୟତ ଗତିମାନ ଓ ପରିବର୍ତ୍ତନଶୀଳ ବୋଲି ସମସ୍ତହିଁ ଅନିତ୍ୟ ବୋଧହୁଏ ।

ଏହି ସମୟରେ ଶ୍ୱାସ ପ୍ରଶ୍ୱାସହିଁ ସମସ୍ତ ଦୁଃଖର କାରଣ ଓ ଏହା ଆତ୍ମା ନୁହେଁ, ଏହି ବିଶ୍ୱାସ ଆସିବ । ଏଥିପାଇଁ ଶ୍ୱାସ ପ୍ରଶ୍ୱାସହିଁ ଅନିତ୍ୟ, ଦୁଃଖଦ ଓ ଅନାତ୍ମ ବୋଲି ପ୍ରତୀତି ଆସେ । କିନ୍ତୁ 'ବିଦର୍ଶନ ଭାବନା' ସ୍ଥାନରେ ଆମେ ପ୍ରଥମରୁ ଗୁରୁଦତ୍ତ ଅପାକୃତ ଶକ୍ତିଯୁକ୍ତ ନାମ କରୁ । ସର୍ବସଂସ୍କାର ରହିତ ହୋଇଥିବାରୁ ଶ୍ୱାସ ପ୍ରଶ୍ୱାସରେ ଏକାଗ୍ରତା ସମ୍ପୂର୍ଣ୍ଣ ରୂପେ ନିବଦ୍ଧ ହୋଇଥାଏ । ସେତେବେଳେ 'ବିଦର୍ଶନ ଭାବନା' ହେଉ ବା ନାମ ହେଉ ତାହା ଶ୍ୱାସ ପ୍ରଶ୍ୱାସରେ ମିଳି ଏକ ହୋଇଯାଏ । 'ବିଦର୍ଶନ ଭାବନା' ବେଳେ ସବୁକିଛି ଅନିତ୍ୟ ମନେ ହୁଏ । ଶ୍ୱାସ ପ୍ରଶ୍ୱାସକୁ ଲକ୍ଷ୍ୟ ରଖି ନାମ କରିଲେ ଧ୍ୟାନର ଚରମ ଅବସ୍ଥାରେ ଶ୍ୱାସ ପ୍ରଶ୍ୱାସହିଁ ନାମ, ନାମହିଁ ଶ୍ୱାସ ପ୍ରଶ୍ୱାସ ଏହି ପରି ଅନୁଭୂତି ଜନ୍ମିଥାଏ । ସେତେବେଳେ ନାମରେ କୌଣସି ଅର୍ଥବୋଧ ଜନ୍ମାଏ ନାହିଁ, କୌଣସି ରୂପ ସଂସ୍କାର ଆସେ ନାହିଁ । ସ୍ୱାଭାବିକ ଭାବରେ ନାମ ଆପଣାଛାଏଁ ହୁଏ, ସାଧକ ନିଶ୍ଚେଷ୍ଟ ଦର୍ଶକ ଭାବରେ ତାହା କେବଳ ଅନୁଭବ ମାତ୍ର କରେ । ଏହି

ଅବସ୍ଥାକୁ ଭାଷାରେ ପ୍ରକାଶ କରିବା ଅସମ୍ଭବ । ଆର୍ଯ୍ୟଋଷିମାନେ ଏହାକୁ 'ଅବାଙ୍ ମାନସ ଗୋଚର' କହିଛନ୍ତି । ବୁଦ୍ଧଦେବ କହିଛନ୍ତି 'ଅଚିନ୍ତେୟାନି ଓ ଅଚିନ୍ତିତ ବ୍ୟାନି' ଚିନ୍ତାର ବିଷୟ ନୁହେଁ, ଚିନ୍ତା କରି ମଧ ହୁଏ ନାହିଁ ଆହୁରି ମଧ କହିଛନ୍ତି ରାଗଦ୍ୱେଷଯୁକ୍ତ ଅଜ୍ଞାନ ବ୍ୟକ୍ତି ସୃଷ୍ଟି ପ୍ରବାହର ଅନ୍ତର୍ନିହିତ ସୂକ୍ଷ୍ମ ଗଭୀର ସତ୍ୟ ଦେଖି ପାରନ୍ତି ନାହିଁ । ଜ୍ଞାନୀମାନେ ଦେଖିଲେ ମଧ ପ୍ରକାଶ କରିପାରନ୍ତି ନାହିଁ ।

— କୁଳଦାନନ୍ଦ ✣

# ଅନିମେଷଙ୍କ ସ୍ମରଣରେ

(୦୮.୦୬.୧୯୫୦ - ୧୦.୦୩.୨୦୦୮)

ଅନିମେଷ ଯେ ଆମ ସଙ୍ଗରେ ଆଉ ଦେହ ଧରି ରହି ନାହାନ୍ତି, ଏହା ବିଶ୍ୱାସ କରି ହେଉ ନାହିଁ । ଆଶ୍ରମର ନବଜ୍ୟୋତି କାର୍ଯ୍ୟାଳୟରେ ଯୋଗଦେବା ଦିନଠାରୁ ତାଙ୍କୁ ବରାବର ଆମ ସଙ୍ଗରେ ଏକତ୍ର ଦେଖି ଆସିଛି । ଓଡ଼ିଶାରୁ ଯୋଗ ଦେଇଥିବା ପ୍ରଥମ ଛାତ୍ରମାନଙ୍କ ଭିତରୁ ସେ ଥିଲେ ଅନ୍ୟତମ । ପୂର୍ବରୁ ମଧ କଟକରେ ତାଙ୍କୁ ଛୋଟ ପିଲା ବୟସରେ ଦେଖିଥିଲି ଓ ତାଙ୍କ ପରିବାର ସହ ନବଜ୍ୟୋତି କାର୍ଯ୍ୟାଳୟର ଘନିଷ୍ଠ ସମ୍ପର୍କ ଥିବାରୁ ଓ ଆଶ୍ରମ ତଥା ନବଜ୍ୟୋତିର ବିଭିନ୍ନ କାମରେ ସେ ବରାବର ସକ୍ରିୟ ଭାଗ ନେଉଥିବା ଯୋଗୁଁ ତାଙ୍କ ସହ ଘନିଷ୍ଠତା ଅବିଚ୍ଛେଦ୍ୟ ଥିଲା । ସେ ଆମ ସମସ୍ତଙ୍କର ସ୍ନେହଭାଜନ ଥିଲେ ଓ ବୟସର ତାରତମ୍ୟ ସତ୍ତ୍ୱେ ତାଙ୍କ ସହ ମୋର ଏକ ବନ୍ଧୁତାର ଭାବ ମଧ ଗଢ଼ି ଉଠିଥିଲା । ପଣ୍ଡିଚେରୀରେ ତାଙ୍କ ଘରଟି ଆମ କାର୍ଯ୍ୟାଳୟର ସଂଲଗ୍ନ ଥିବାରୁ ତାଙ୍କର ସାନ୍ନିଧ ତଥା ତାଙ୍କ ସହ ବହୁ ବିଭିନ୍ନ ବିଷୟରେ ମତ ବିନିମୟ ଓ ଆଳାପ ଆଲୋଚନାର ସୁଯୋଗ ମିଳୁଥିଲା । ଓଡ଼ିଶାର ବିଭିନ୍ନ କାମରେ, ଚମ୍ପକଲାଲଙ୍କ ଗସ୍ତଠାରୁ ଆରମ୍ଭ କରି ପାଠଚକ୍ର ସମ୍ମିଳନୀ, ମାତୃଭବନର କାମ ଓ ବିଶେଷ କରି ସମାଧି ମନ୍ଦିରସବୁର ସ୍ଥାପନ ଓ ପ୍ରତିଷ୍ଠାରେ ସେ ଅତ୍ୟନ୍ତ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ ଓ ବାବାଜି ମହାରାଜ ଏବଂ ପ୍ରପତ୍ତି ମଧ ଏହିସବୁ କାମ ସମ୍ପର୍କରେ ତାଙ୍କର ମତାମତ ଓ ସହଯୋଗ ଉପରେ ଖୁବ୍ ଗୁରୁତ୍ୱ ଦେଉଥିଲେ ।

କେବଳ ଆଶ୍ରମ କାମ ନୁହେଁ, ପ୍ରଦେଶ, ଦେଶ ତଥା ଆନ୍ତର୍ଜାତିକ ନାନା ପ୍ରଶ୍ନ ଓ ସମସ୍ୟା ଉପରେ ତାଙ୍କ ସହ ଆଲୋଚନା ବେଳେ ତାଙ୍କର ବିଚାରରେ ବୁଦ୍ଧିମତ୍ତା ଓ ବିଚକ୍ଷଣତାର ପରିଚୟ ମିଳୁଥିଲା । ବନ୍ଧୁ ଭଳି ବିଭିନ୍ନ ବିଷୟରେ ତାଙ୍କ ସହ ଆଳାପ ଆଲୋଚନାରୁ ମୁଁ ଖୁବ୍ ଆନନ୍ଦ ପାଉଥିଲି । ମା'ଶ୍ରୀଅରବିନ୍ଦଙ୍କ ପ୍ରତି ତାଙ୍କର ଅନନ୍ୟ ନିଷ୍ଠା ଓ ଆନୁଗତ୍ୟ ଥିଲା ଓ ଆଶ୍ରମ ସମ୍ପର୍କରେ ମଧ କୌଣସି ସମାଲୋଚନାକୁ ସେ ସହ୍ୟ କରିପାରୁ ନ ଥିଲେ ଯଦିଓ ବିଭିନ୍ନ ବିଷୟରେ ଏକ ଉଦାରତା ଓ ସହିଷ୍ଣୁତାର ଭାବ ପୋଷଣ କରିବା ଥିଲା ତାଙ୍କର ସ୍ୱଭାବ । କେବଳ ଆଳାପ ଆଲୋଚନା ନୁହେଁ, ତାଙ୍କ ସହ ଦେଖା ହେବାରେ ମଧ ମୁଁ ଏକ ଆନନ୍ଦ ପାଉଥିଲି ଓ ଆଜି ତାଙ୍କର ସଙ୍ଗଲାଭ ଓ ସାନ୍ନିଧ୍ୟରୁ ବଞ୍ଚିତ ହେବା ମୋ ଭିତରେ ଏକ ବିରାଟ ଅଭାବର ଅନୁଭୂତି ଆଣିଦେଇଛି ।

— ବିଶ୍ୱମ୍ଭର ସାମନ୍ତ

# ଗୁହ୍ୟବିଦ୍ୟା ସମ୍ବନ୍ଧରେ ଗଳ୍ପ

## ଶ୍ରୀମା

ଅନ୍ୟାନ୍ୟ ବହୁ ଦୃଷ୍ଟାନ୍ତ ମଧ୍ୟରେ ମୋର ନିର୍ଦ୍ଦିଷ୍ଟ ଭାବରେ ଦୁଇଟି ବିପରୀତ ଘଟଣାର ବିଷୟମାନଙ୍କ ସମ୍ବନ୍ଧରେ ଦୁଇଟି ଅତୀବ ଚିତ୍ତାକର୍ଷକ ଅନୁଭୂତି ରହିଥିଲା, କେବଳ ଏହା ଏକାଭଳି ସତ୍ତା ନ ଥିଲେ... ପରୀମାନଙ୍କ ଭଳି ଅନେକ ଛୋଟ ଛୋଟ ସତ୍ତା ରହିଛନ୍ତି, ଯେଉଁମାନେ କି ଖୁବ୍ ସୁନ୍ଦର, ଖୁବ୍ ସାହାଯ୍ୟକାରୀ, କିନ୍ତୁ ସେମାନେ ସର୍ବଦା ସେଠାରେ ନ ଥା'ନ୍ତି, ଯେତେବେଳେ ସେମାନଙ୍କୁ ଭଲ ଲାଗେ ସେମାନେ ଥରକୁ ଥର ଆସିଥାଆନ୍ତି । ମୁଁ ସେହି ସମୟ କଥା ସ୍ମରଣ କରୁଛି ଯେତେବେଳେ ମୁଁ ଶ୍ରୀଅରବିନ୍ଦଙ୍କ ନିମନ୍ତେ ରନ୍ଧାରନ୍ଧି କରୁଥିଲି; ସେହି ସମୟରେ ମୁଁ ଅନ୍ୟାନ୍ୟ ଅନେକ କାର୍ଯ୍ୟ ମଧ୍ୟ କରୁଥିଲି, ତେଣୁ ସମୟ ସମୟରେ ଦୁଧକୁ ଚୁଲ୍ଲୀ ଉପରେ ବସାଇ ଦେଇ ମୋତେ ଅନ୍ୟ କାର୍ଯ୍ୟ ପାଇଁ କିଂବା ଶ୍ରୀଅରବିନ୍ଦଙ୍କ ସଙ୍ଗରେ କିଛି ଦେଖିବା ପାଇଁ କିଂବା କାହା ସହିତ ଆଲୋଚନା କରିବା ପାଇଁ ଯିବାକୁ ପଡୁଥିଲା, ଏବଂ ପ୍ରକୃତରେ ମୁଁ ସେତେବେଳେ ସମୟ ବିଷୟରେ ଆଦୌ ସଚେତନ ରହିପାରୁ ନ ଥିଲି, ମୁଁ ଚୁଲ୍ଲୀ ଉପରେ ବସିଥିବା ଦୁଧ ବିଷୟରେ ଭୁଲିଯାଉଥିଲି; ଏବଂ ମୁଁ ଯେତେବେଳେ ଚୁଲ୍ଲୀ ଉପରେ ଦୁଧ ବସିଥିବାର ଭୁଲି ଯାଉଥିଲି, ହଠାତ୍ ମୁଁ ଅନୁଭବ କରୁଥିଲି (ସେସମୟରେ ମୁଁ ଶାଢ଼ି ପିନ୍ଧୁଥିଲି) ଗୋଟିଏ ଛୋଟ ହାତ ମୋ ଶାଢ଼ିର କାନିକୁ ଧରି ଏହିପରି ଭାବରେ ଟାଣୁଥିଲା । ତା'ପରେ ମୁଁ ସଙ୍ଗେ ସଙ୍ଗେ ଦଉଡ଼ି ଯାଉଥିଲି ଓ ଦେଖୁଥିଲି ଯେ ଦୁଧ ଠିକ୍ ଉତୁରି ଯିବା ଅବସ୍ଥାରେ ଥିଲା । ଏହା କେବଳ ଥରେ ଘଟି ନ ଥିଲା, କିନ୍ତୁ ଅନେକ ବାର ଘଟିଥିଲା । ଏବଂ ଗୋଟିଏ ଛୋଟ ପିଲାର ହାତ ମୋ କାନିକୁ ଧରି ଟାଣୁଥିଲା ପରି ଖୁବ୍ ସ୍ପଷ୍ଟ ଭାବରେ ଜଣା ପଡୁଥିଲା ।

ଅନ୍ୟ ଏକ ଗଳ୍ପକଥା ମୁଁ ଏଠାରେ ଉଲ୍ଲେଖ କରୁଛି; ଯେଉଁସମୟରେ କି ଶ୍ରୀଅରବିନ୍ଦ ତାଙ୍କ ରୁମ୍‌ମାନଙ୍କରେ ପଦଚାରଣା କରିବାର ଅଭ୍ୟାସ ଥିଲା । ସେ ସେହିଭଳି ବହୁତ ସମୟ ପର୍ଯ୍ୟନ୍ତ ପଦଚାରଣା କରୁଥିଲେ, ତାଙ୍କର ଧ୍ୟାନ କରିବାର ଏହାହିଁ ଥିଲା ପନ୍ଥା । କେବଳ ସେ ସମୟ ଜାଣିବାକୁ ଚାହୁଁଥିଲେ, ତେଣୁ ଯେକୌଣସି ମୁହୂର୍ତ୍ତରେ ତାଙ୍କର ସମୟ ଜାଣିବା ପାଇଁ ପ୍ରତ୍ୟେକ ରୁମ୍‌ରେ ଗୋଟିଏ ଲେଖାଏଁ ଘଣ୍ଟା ରଖାଯାଇଥିଲା । ଏହିପରି ଭାବରେ ତିନୋଟି ଘଣ୍ଟା ରହିଥିଲା । ମୁଁ ଯେଉଁଠାରେ କାମ କରୁଥିଲି ସେଥିମଧ୍ୟରୁ ଗୋଟିଏ ଘଣ୍ଟା ସେଠାରେ ରହିଥିଲା; କହିବାକୁ ଗଲେ ଏହିଠାରୁହିଁ ସେ ପଦଚାରଣା ଆରମ୍ଭ କରୁଥିଲେ । ଦିନେ ସେ ଆସି ମୋତେ ପଚାରିଲେ ''ବର୍ତ୍ତମାନ କେତେଟା ବାଜିଛି ?'' ସେ ଘଣ୍ଟାକୁ ଚାହିଁଲେ ଏବଂ ତାହା ବନ୍ଦ ହୋଇଥିବାର ଦେଖିବାକୁ ପାଇଲେ । ''ମୁଁ ସେଠାରେ ସମୟ ଦେଖିବି'' ଏ କଥା କହି ସେ ଅନ୍ୟ ରୁମ୍‌କୁ ଗଲେ – ସେ ଘରେ ମଧ୍ୟ ଘଣ୍ଟାଟି ବନ୍ଦ ହୋଇ ଯାଇଥିଲା । ଏବଂ ସେ ଘଣ୍ଟାଟି ଠିକ୍ ଏକ ସମୟରେ କେବଳ କେତେ ସେକେଣ୍ଡ୍ ତଫାତରେ ଅନ୍ୟ ଘଣ୍ଟା ଭଳି ବନ୍ଦ ହୋଇ ଯାଇଥିଲା, ତୁମେ ବୁଝି ପାରୁଛ ତ ? ସେ ତୃତୀୟ ରୁମ୍‌କୁ ଗଲେ... ସେଠାରେ ମଧ୍ୟ ଘଣ୍ଟାଟି ବନ୍ଦ ଥିଲା । ସେ ଏହି ଭାବରେ ତିନିଥର ପଦଚାରଣା କରିଥିଲେ – ସମସ୍ତ ଘଣ୍ଟାଗୁଡ଼ିକ ବନ୍ଦ ରହିଥିଲା ! ତା'ପରେ ସେ ମୋ ରୁମ୍‌କୁ ଫେରି ଆସିଥିଲେ ଏବଂ କହିଥିଲେ, ''କିନ୍ତୁ ଏହା ଅସମ୍ଭବ ! ଏହା ଏକ ମନ୍ଦ ପରିହାସ !'' ଏବଂ ସବୁ ଘଣ୍ଟାଗୁଡ଼ିକ, ଗୋଟିକ ପରେ ଗୋଟିଏ, ପୁନରାୟ ଚାଲିବାକୁ ଆରମ୍ଭ କରିଥିଲେ । ମୁଁ ଏହାକୁ ସ୍ୱଚକ୍ଷୁରେ ଦେଖିଛି, ତୁମେ ଜାଣିଛ, ଏହା ଏକ ଆନନ୍ଦଦାୟକ ଘଟଣା ଥିଲା । ଶ୍ରୀଅରବିନ୍ଦ ରାଗିଯାଇ କହିଥିଲେ ''ଏହା ଏକ ମନ୍ଦ ପରିହାସ !'' ଏବଂ ସବୁ ଘଣ୍ଟାଗୁଡ଼ିକ ପୁନର୍ବାର ଚାଲିବାକୁ ଆରମ୍ଭ କଲା ।

(କ୍ରମଶଃ)

ଅନୁବାଦ : ପ୍ରୀତି ପଟ୍ଟନାୟକ ✣

# ସଂପାଦକୀୟ ....

୧୯୫୬ ଫେବ୍ରୁଆରି ୨୯ ରେ ଅତିମାନସ-ଚେତନା ପୃଥିବୀପୃଷ୍ଠରେ ଅବତରଣ କରିଥିଲା । ଚଳିତ ବର୍ଷ ସେହି ତାରିଖଟି ପୁଣି ପଡୁଥିବା ହେତୁ ଆମ ମନରେ ଏହି ଆଗ୍ରହ ଓ କୌତୂହଳ ଆସିବା ସ୍ୱାଭାବିକ ଯେ ଗତ ୫୨ ବର୍ଷ ଧରି ଅତିମାନସ କିପରି ଭାବରେ କ୍ରିୟା କରିଛି ଓ ପୃଥିବୀ ତଥା ମାନବସମାଜ ଉପରେ ସେହି କ୍ରିୟାର ପ୍ରଭାବ ଓ ଫଳାଫଳ କ'ଣ ହୋଇଛି । ଜାଣିବାର ଏହି ଇଚ୍ଛା ସଙ୍ଗକୁ ମଧ୍ୟ ହୁଏତ ଆମ ଅଜାଣତରେ ଅଭିଯୋଗର ଏକ ଭାବ ମିଶିଯାଏ ଯେ ଅତିମାନସ ଅବତରଣ ଫଳରେ ଏତେ କିଛି ପରିବର୍ତ୍ତନ ଆସିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା, କାହିଁ ଆମେ ତ କିଛି ଦେଖିପାରୁ ନାହୁଁ, ବରଂ ପୃଥିବୀ ଓ ମାନବସମାଜର ଚେତନା ଆହୁରି ଅଧଃପତନ ଦିଗରେ ଚାଲିଥିବା ଭଳି ମନେ ହେଉଛି ।

କିନ୍ତୁ ଏହି ସମସ୍ତ କଥା ଆମ ମନରେ ଉଠୁଥିବା ବେଳେ ଆମେ ଗୋଟିଏ କଥା ଭୁଲିଯାଉ ଯେ ଅତିମାନସର ପ୍ରଭାବ ଓ କ୍ରିୟାକଳାପକୁ ଲକ୍ଷ୍ୟ କଲା ଭଳି ବା ବୁଝିପାରିବା ଭଳି ଚେତନାର ସାମର୍ଥ୍ୟ ଆମର ଅଛି କି ? ଯଦି ନାହିଁ ତେବେ ତାହା ଲାଭ କରିବା ଦିଗରେ ଆଗେଇଯିବା ପାଇଁ ଆମେ କେଉଁ ପଦକ୍ଷେପ ସବୁ ନେଉଛୁ ? 'ମା'ଙ୍କର ଏହି କଥାଗୁଡ଼ିକ ଉପରେ ଆମେ କେତେ ଧ୍ୟାନ ଦେଇଛୁ, ଯେଉଁଠି ସେ କହିଛନ୍ତି, ପ୍ରଥମେ ଆବଶ୍ୟକ ଚେତନାର ନବଜନ୍ମର ଅନୁଭୂତି । ତା' ନ ହେବାପର୍ଯ୍ୟନ୍ତ, "...one must not cherish any illusions and fancy that one can begin to know what the supermind is and form any idea of it or assess it in any way, however minimal, before having had *that* experience.''

''... କେହି ମନରେ ଏପରି ଭ୍ରମ ଓ ସୌଖୀନ ଇଚ୍ଛା ପୋଷଣ କରିବା ଉଚିତ ନୁହେଁ ଯେ ସେହି ଅନୁଭୂତିଟି ଆସିବା ପୂର୍ବରୁ ଜଣେ ଅତିମାନସ କ'ଣ ତାହା ବୁଝିପାରିବ ଏବଂ ଏପରିକି ସେ ସଂପର୍କରେ ସର୍ବନିମ୍ନ କିଛି ଧାରଣା କରିପାରିବ, ବା ତାହାର କଳନା କରିପାରିବ ।''

ତେଣୁ ଅତିମାନସ ଚେତନାର କ୍ରିୟାକଳାପ ସଂପର୍କରେ ଜାଣିବା ପାଇଁ ଅଯଥା ମୁଣ୍ଡ ନ ଖେଳାଇ, ଆମକୁ ପ୍ରଥମେ ଯେଉଁ ବିଷୟ ଉପରେ ଗୁରୁତ୍ୱ ଦେବାକୁ ହେବ ତା' ହେଉଛି ନିଜ ଚେତନାର ନବଜନ୍ମ ଉପରେ, ନିଜ ସତ୍ତାର ସତ୍ୟ ସଂପର୍କରେ ସଚେତ ହେବା ଉପରେ । ମା'ଙ୍କ କହିବାନୁସାରେ ''Therefore, if you want to advance on the path, you must very modestly start on your way towards the new birth, first, and realise it before cherishing the illusion that you can have supramental experiences.''

''ତେଣୁ ତୁମେ ଯଦି ଏହି ପଥରେ ଆଗେଇ ଯିବାକୁ ଚାହଁ, ଖୁବ୍ ନମ୍ରଭାବରେ ତୁମର ଯାତ୍ରାରମ୍ଭ କରିବାକୁ ହେବ ପ୍ରଥମେ ନବଜନ୍ମ ଦିଗରେ ଏବଂ ତାହାର ଉପଲବ୍ଧି ପାଇବାକୁ ହେବ, ଯଦି ତୁମେ ତାହା ପୂର୍ବରୁ ଅତିମାନସର ଅନୁଭୂତି ଲାଭ କରିବାର ଭ୍ରମ ପୋଷଣ କରିବାକୁ ନ ଚାହଁ ।''

ତେବେ ଆମେ ଅତିମାନସର ଚେତନା ସଂପର୍କରେ, ତା'ର କ୍ରିୟା କଳାପ ସଂପର୍କରେ କିଛି ଜାଣୁ ବା ନ ଜାଣୁ, ବର୍ତ୍ତମାନ ପୃଥିବୀ ଉପରେ ସେହି ଦିବ୍ୟଚେତନାର ଉପସ୍ଥିତି ଆମକୁ ସାହାଯ୍ୟ କରି ଚାଲିଛି ଏବଂ ଆମେ ଯେତେ ଅଧିକ ସଚେତ ହେବୁ ତା'ର ସହାୟତା ସେତେ ଅଧିକ ବାସ୍ତବ ଭାବରେ କ୍ରିୟାଶୀଳ ହେବ । ମା' ଆମକୁ ଏ ସଂପର୍କରେ ଆଶ୍ୱାସନା ଦେଇ କହିଛନ୍ତି,

"To console you I may tell you that by the very fact that you live on earth at this time – whether you are conscious of it or not, even whether you want it or not – you are absorbing with the air you breathe this new supramental substance which is now spreading in the earth atmosphere. And it is preparing things in you which will manifest *very suddenly*, as soon as you have taken the decisive step."

''ତୁମକୁ ସାନ୍ତ୍ୱନା ଦେବାକୁ ମୁଁ କହିପାରେ, ଏହି ସମୟରେ ତୁମେ ଯେ ପୃଥିବୀରେ ବାସ କରୁଛ – ତୁମେ ଏହା ସଂପର୍କରେ ସଚେତ ହୁଅ ବା ନ ହୁଅ, ଏପରିକି ତୁମେ ଜାଣ

ବା ନ ଜାଣ, ତୁମେ ତୁମର ଶ୍ୱାସ ପ୍ରଶ୍ୱାସରେ ଏହି ନୂତନ ଅତିମାନସ ଉପାଦାନକୁ ଗ୍ରହଣ କରୁଛ, ଯାହା ବର୍ତ୍ତମାନ ପୃଥିବୀ ବାତାବରଣରେ ବିସ୍ତୃତ ହୋଇ ଚାଲିଛି । ଏବଂ ଏହା ତୁମ ଭିତରେ ଏପରି ସବୁ ଜିନିଷ ପ୍ରସ୍ତୁତ କରି ଚାଲିଛି, ଯାହା ଖୁବ୍ ତତ୍କ୍ଷଣାତ୍ ଅଭିବ୍ୟକ୍ତ ହେବ, ଯେଉଁ ମୁହୂର୍ତ୍ତରେ ତୁମେ ସେହି ନିଷ୍ପତ୍ତିମୂଳକ ପଦକ୍ଷେପଟି ନେଇ ସାରିବ ।'' ✢

I shall save earth, if earth consents to be saved.

(Savitri) – Sri Aurobindo

*With best compliments from :*

**SRI HANUMAN FLOUR MILL**

**CHARAMPA, BHADRAK (ORISSA)**

Statement about ownership and other particulars about the newspaper (NAVAJYOTI) to be published in the first issue of every year after the last day of February.

## Form – IV

(See Rule 8)

| | | | |
|---|---|---|---|
| 1. | Place of Publication | ··· | Sri Aurobindo Ashram, Pondicherry - 605 002 |
| 2. | Periodicity of its Publication | ··· | Quarterly |
| 3. | Printer's Name | ··· | Amiyo Ranjan Ganguli |
| | Nationality | ··· | Indian |
| | Address | ··· | Sri Aurobindo Ashram Press, Pondicherry - 605 002 |
| 4. | Publisher's Name | ··· | Manoj Das Gupta |
| | Nationality | ··· | Indian |
| | Address | ··· | Sri Aurobindo Ashram, Pondicherry - 605 002 |
| 5. | Editor's Name | ··· | Biswambhara Samanta |
| | Nationality | ··· | Indian |
| | Address | ··· | Sri Aurobindo Ashram, Pondicherry - 605 002 |
| 6. | Name and Address of individuals who own the newspaper and partners or shareholders holding more than one percent of the total capital. | ··· | Sri Aurobindo Ashram Trust, Pondicherry - 605 002 |

I, Sri Manoj Das Gupta, hereby declare that the particulars given above are true to the best of my knowledge and belief.

(Sd/) Manoj Das Gupta

*Date : 25.4.2008* *Signature of Publisher*

Vol. LI, No. 2, NAVAJYOTI – 24 April 2008, R. N. 8889/63

ନିମ୍ନଲିଖିତ ପୁସ୍ତକାବଳି ତଥା ଅନ୍ୟ ପୂର୍ବପ୍ରକାଶିତ ପୁସ୍ତକମାନ ଓ ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।

## ମାତୃରଚନାବଳି (ଶ୍ରୀମା)

୧ମ : ଧ୍ୟାନ ଓ ପ୍ରାର୍ଥନା : ୭୫ ଟଙ୍କା; ୩ୟ : ପ୍ରଶ୍ନ ଓ ଉତ୍ତର(୧୯୨୯ ରୁ ୩୧) : ୬୦ ଟଙ୍କା; ୫ମ : ପ୍ରଶ୍ନ ଓ ଉତ୍ତର (୧୯୫୩) : ୬୦ ଟଙ୍କା; ୬ଷ୍ଠ : ପ୍ରଶ୍ନ ଓ ଉତ୍ତର(୧୯୫୪) : ୮୫ ଟଙ୍କା; ୭ମ : ପ୍ରଶ୍ନ ଓ ଉତ୍ତର (୧୯୫୫) : ୮୫ ଟଙ୍କା; ୮ମ : ପ୍ରଶ୍ନ ଓ ଉତ୍ତର (୧୯୫୬) : ୬୦ ଟଙ୍କା; ୯ମ : ପ୍ରଶ୍ନ ଓ ଉତ୍ତର (୧୯୫୭ ଓ ୫୮) : ୨୦୦ ଟଙ୍କା; ୧୦ମ : 'ଚିନ୍ତାବଳି ଓ ସୂତ୍ରାବଳି' ସମ୍ବନ୍ଧରେ (୧୯୫୮-୭୦) : ୨୦୦ ଟଙ୍କା; ୧୧ଶ : 'ମାର୍ଗର ଟିପ୍ପଣୀ' : ୨୦୦ ଟଙ୍କା; ୧୩ଶ : 'ମାତୃବାଣୀ' : ୨୦୦ ଟଙ୍କା; ୧୫ଶ : ଚିଠିପତ୍ର (୨ୟ ଭାଗ) : ୬୦ ଟଙ୍କା ।

## ନୂତନ ପ୍ରକାଶନ

| | | |
|---|---|---|
| ମାନବ ଏକତାର ଆଦର୍ଶ, ଯୁଦ୍ଧ ଓ ଆତ୍ମ-ନିୟନ୍ତ୍ରଣ | ··· ଶ୍ରୀଅରବିନ୍ଦ | ··· ୨୦୦ ଟଙ୍କା |
| ଅଗ୍ନିମନ୍ତ୍ରମାଳା | ··· ଶ୍ରୀଅରବିନ୍ଦ | ··· ୧୦୦ ଟଙ୍କା |
| 'ଯୋଗାଧାର' ପ୍ରସଙ୍ଗରେ | ··· ଶ୍ରୀମା | ··· ୧୦୦ ଟଙ୍କା |
| ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ ''ଧମ୍ମପଦ'' | ··· ଶ୍ରୀମା | ··· ୧୦୦ ଟଙ୍କା |
| ପୂର୍ଣ୍ଣଯୋଗ : ବାସ୍ତବ ଦିଗ୍‌ଦର୍ଶନ | ··· ଶ୍ରୀମା ଶ୍ରୀଅରବିନ୍ଦ | ··· ୭୦ ଟଙ୍କା |
| ତ୍ରିବିଧ ରୂପାନ୍ତର | ··· ଶ୍ରୀଅରବିନ୍ଦ | ··· ୭୦ ଟଙ୍କା |
| ବିଶ୍ୱାସର ବିସ୍ମୟ | ··· ନିରଂଜନ ନାୟକ | ··· ୬୦ ଟଙ୍କା |
| ଆଲୋକ ଓ ଆନନ୍ଦୋଚ୍ଛ୍ୱାସ | ··· ଅମଲ କିରଣ ଓ ନୀରଦବରଣ | ··· ୫୦ ଟଙ୍କା |
| ଧ୍ୟାନ | ··· ଶ୍ରୀମା ଶ୍ରୀଅରବିନ୍ଦ | ··· ୧୫ ଟଙ୍କା |
| ଅଭୀପ୍ସା | ··· ଶ୍ରୀମା ଶ୍ରୀଅରବିନ୍ଦ | ··· ୧୫ ଟଙ୍କା |

## ପୁନର୍ମୁଦ୍ରଣ

| | | |
|---|---|---|
| ସାବିତ୍ରୀ (ଗଦ୍ୟାନୁବାଦ) | ··· ଶ୍ରୀଅରବିନ୍ଦ | ··· ୨୨୦ ଟଙ୍କା |
| ଚିରନ୍ତନୀ | ··· ଶ୍ରୀମା | ··· ୧୨୦ ଟଙ୍କା |
| ଶ୍ୱେତ ଗୋଲାପ | ··· ଶ୍ରୀମା | ··· ୮୦ ଟଙ୍କା |
| ମା' ବହି ପ୍ରସଙ୍ଗରେ | ··· ଶ୍ରୀମା | ··· ୭୦ ଟଙ୍କା |
| ମାତୃବାଣୀ (୧ମ ଭାଗ) | ··· ଶ୍ରୀମା | ··· ୫୦ ଟଙ୍କା |
| ଶିକ୍ଷା | ··· ଶ୍ରୀଅରବିନ୍ଦ ଓ ଶ୍ରୀମା | ··· ୭୦ ଟଙ୍କା |
| ଭକ୍ତଚରିତ ମାଳା | ··· ରାମକୃଷ୍ଣ ଦାସ | ··· ୬୦ ଟଙ୍କା |
| ତପୋଭୂମି ପଣ୍ଡିଚେରୀ | ··· ପଞ୍ଚାନନ ମହାନ୍ତି | ··· ୬୦ ଟଙ୍କା |

Published by Manoj Das Gupta on behalf of Sri Aurobindo Ashram Trust from Navajyoti Publication, Sri Aurobindo Ashram, Pondicherry - 2 and Printed by Amiyo Ranjan Ganguly at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୧୫ ଟଙ୍କା, ବାର୍ଷିକ ଚାନ୍ଦା : ୬୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୬୦୦ ଟଙ୍କା**

**Single Copy : Rs. 15.00 Annual Subscription : Rs. 60.00 Life Member (20 years) : Rs. 600.00**